# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୨/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, April 22/2025 | Page 14 | ₹ 7.00

୫୧ଶ ଭାଗ ୧୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 147 | ମୂଲ୍ୟ ₹୭/-





## ସଂକ୍ଷେପରେ

### ‘ଘୃଣା ରାଜନୀତିରେ ବିଶ୍ୱାସ ରଖେନାହିଁ’

**ନିଶିକାନ୍ତ ଦୁବେଙ୍କୁ ଜବାବ ଦେଲେ କୁରେଶୀ**


ଏସ୍. ୱାଇ କୁରେଶୀ

ନୂଆଦିଲ୍ଲୀ, ୨୧।୪

ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ସମ୍ପ୍ରତି ନିଜର ବିବାଦୀୟ ବୟାନକୁ ନେଇ ଚର୍ଚ୍ଚାରେ ରହିଛନ୍ତି। ରବିବାର ସେ ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏସ୍. ୱାଇ କୁରେଶୀଙ୍କୁ ଟାର୍ଗେଟ କରି କହିଥିଲେ, କୁରେଶୀ ନିର୍ବାଚନ କମିଶନର ନୁହେଁ ବରଂ ମୁସଲିମ କମିଶନର ଥିଲେ। ସୋମବାର କୁରେଶୀ ଏହି ଆକ୍ଷେପର ଜବାବ ରଖିଛନ୍ତି। ସେ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି କହିଛନ୍ତି, ଭାରତରେ ସେ ଏପରି ବିଚାରକୁ ବିଶ୍ୱାସ କରନ୍ତି, ଯେଉଁଥିରେ କୌଣସି ବ୍ୟକ୍ତିଙ୍କୁ ତାଙ୍କ ଅବଦାନ ଦ୍ୱାରା ଚିହ୍ନଟ କରାଯାଇଥାଏ। ନିଶିକାନ୍ତଙ୍କୁ ଟାର୍ଗେଟ କରି ସେ କହିଛନ୍ତି, କିଛି ବ୍ୟକ୍ତି ନିଜ ଧାର୍ମିକ ପରିଚୟକୁ ବ୍ୟବହାର କରି ନିଜ ନିଜର ଘୃଣା ରାଜନୀତିକୁ ଚମକାଇବାରେ ବ୍ୟସ୍ତ ଅଛନ୍ତି। ଭାରତ ସବୁବେଳେ ନିଜର ସାମ୍ବିଧାନିକ ସଂସ୍ଥା ଓ ନୀତି ସହ ଠିଆ ହୋଇ ଆସିଛି ଏବଂ ଆଗକୁ ମଧ୍ୟ ଠିଆ ହୋଇରହିବ।

### ଏନ୍‌କାଉଣ୍ଟରରେ ୮ ମାଓବାଦୀ ନିହତ

ବୋକାରୋ, ୨୧।୪

ଝାଡ଼ଖଣ୍ଡର ବୋକାରୋ ଜିଲାରେ ସୋମବାର କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ)ର କୋବ୍ରା କମାଣ୍ଡୋ ଏବଂ ଝାଡ଼ଖଣ୍ଡ ପୋଲିସ ପକ୍ଷରୁ କରାଯାଇଥିବା ମିଳିତ ଅପରେସନକୁ ସଫଳତା ମିଳିଛି। ଗୁଳି ବିନିମୟ ବେଳେ ୮ ମାଓବାଦୀଙ୍କର ମୃତ୍ୟୁ ହୋଇଛି। ମୃତ ମାଓବାଦୀଙ୍କ ମଧ୍ୟରେ ଶୀର୍ଷ ମାଓବାଦୀ କେନ୍ଦ୍ରୀୟ କମିଟିର ସଦସ୍ୟ ପ୍ରୟାଗ ମାଝୀ ଓରଫ ବିବେକ ରହିଛନ୍ତି। ତାଙ୍କୁ ଧରାଇବା ପାଇଁ ୧ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସୋମବାର ଭୋର୍ ୫.୩୦ ସମୟରେ ବୋକାରୋ ଜିଲାର ଲାଲ୍‌ପନିଆ ଅଞ୍ଚଳରେ ମାଓବାଦୀ ଓ ସୁରକ୍ଷା ବଳ ମଧ୍ୟରେ ଗୁଳି ବିନିମୟ ଆରମ୍ଭ ହୋଇଥିଲା। ଘଟଣାସ୍ଥଳରୁ ଗୋଟିଏ ଏକେ ସିରିଜ୍ ରାଇଫଲ,୩ଟି ଇନ୍‌ସାସ୍ ରାଇଫଲ, ଗୋଟିଏ ସେଲ୍ଫ ଲୋଡିଂ ରାଇଫଲ(ଏସ୍‌ଏଲ୍‌ଆର୍), ୮ଟି ଦେଶୀ ବନ୍ଧୁକ ଓ ଗୋଟିଏ ପିସ୍ତଲ ଜବତ ହୋଇଛି। ଏହି ଏନ୍‌କାଉଣ୍ଟରକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସୁରକ୍ଷା ବଳକୁ ପ୍ରଶଂସା କରିବା ସହ କହିଛନ୍ତି, ମାଓବାଦର ମୂଳୋତ୍ପାଟନ ପାଇଁ ନରେନ୍ଦ୍ର ମୋଦି ସରକାରଙ୍କ ପ୍ରତିବଦ୍ଧତା ରହିଛି। ଏଥିପାଇଁ ସୁରକ୍ଷା ବଳ ପକ୍ଷରୁ କରାଯାଉଥିବା ବିଭିନ୍ନ ଅଭିଯାନ ସଫଳ ହେଉଛି।

# ନାଇଟ୍ କ୍ଲବ୍ ବାଉନ୍ସରରୁ କାଥୋଲିକ୍ ଧର୍ମଗୁରୁ

ନୂଆଦିଲ୍ଲୀ, ୨୧।୪

ଦୀର୍ଘଦିନ ହେଲା ଅସୁସ୍ଥ ଥିବା ପୋପ୍ ଫ୍ରାନ୍ସିସ୍‌ଙ୍କର ସୋମବାର ୮୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ପୋପ୍ ଭାବେ ଅଧିଷ୍ଠିତ ହେବା ଏବଂ ଫ୍ରାନ୍ସିସ୍ ନାମ ଗ୍ରହଣ କରିବା ପୂର୍ବରୁ ତାଙ୍କ ନାମ ଜର୍ଜ ମାରିଓ ବେର୍ଗୋଗ୍ଲିଓ ଥିଲା। ୧୯୩୬ ଡିସେମ୍ବର ୧୭ରେ ଆର୍ଜେଣ୍ଟିନାର ବୁଏନ୍ସ ଏୟାର୍ସରେ ତାଙ୍କର ଜନ୍ମ। ତାଙ୍କ ବାପା ମାରିଓ ଜୋସ୍ ବେର୍ଗୋଗ୍ଲିଓ ଇଟାଲୀର ଜଣେ ଆକାଉଣ୍ଟାଣ୍ଟ ହୋଇଥିବାବେଳେ ମାଆ ରେଗିନା ମାରିଆ ସିଭୋରି ଜଣେ ଇଟାଲୀୟ ପ୍ରବାସୀଙ୍କ ଝିଅ। କାଥୋଲିକ୍ ଚର୍ଚ୍ଚର ନେତୃତ୍ୱ ନେବାର ବହୁ ପୂର୍ବରୁ ଜର୍ଜ ମାରିଓ ବେର୍ଗୋଗ୍ଲିଓ ଏକ ନାଇଟ୍‌କ୍ଲବ୍‌ର ବାଉନ୍ସର ଭାବେ କାର୍ଯ୍ୟ କରିବା ସହ ଜଣେ ଚୌକିଦାର, କେମିକାଲ ଟେକ୍‌ନିସିଆନ୍ ଏବଂ ହାଇସ୍କୁଲ୍ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ବାଉନ୍ସର ଭାବେ ସେ କେତେଦିନ କାର୍ଯ୍ୟ କରିଥିଲେ, ତାହା ଜଣାଇ ନ ଥିଲେ। ତେବେ ଭାଷା ଏବଂ ମନସ୍ତତ୍ତ୍ୱରେ ଶିକ୍ଷାଦାନ ତାଙ୍କୁ ଚର୍ଚ୍ଚର ଲୋକଙ୍କ ସମର୍ଥନ ହାସଲ କରିବାରେ ସହାୟକ ହୋଇଥିଲା ବୋଲି ଭାଟିକାନ୍‌ର ଏକ ଖବରକାଗଜ ରିପୋର୍ଟରୁ ଜଣାପଡ଼ିଛି। ପାଦ୍ରୀ ହେବା ପୂର୍ବରୁ ସେ ରସାୟନରେ ଶିକ୍ଷାଲାଭ


ପୋପ୍ ଫ୍ରାନ୍ସିସ

କରିବା ସହ ପ୍ରଯୁକ୍ତି କ୍ଷେତ୍ରରେ ଡିପ୍ଲୋମା କରିଥିଲେ। ହଠାତ୍ ତାଙ୍କ ହୃଦୟରେ ଏକ ପରିବର୍ତ୍ତନ ଆସିଥିଲା, ଯାହା ତାଙ୍କୁ ଆଧ୍ୟାତ୍ମିକତା ଆଡ଼କୁ ନେଇଯାଇଥିଲା। ଜଣେ ପାଦ୍ରୀଙ୍କୁ ଭେଟିବା ପରେ ତାଙ୍କ ଜୀବନରେ ଏହି ପରିବର୍ତ୍ତନ ଆସିଥିଲା ଏବଂ ପାଦ୍ରୀତ୍ୱ ଗ୍ରହଣ କରିବା ଲାଗି ତାଙ୍କୁ ଆହ୍ୱାନ ଆସୁଥିବା ସେ ଅନୁଭବ କରିଥିଲେ। ସେ ଆମେରିକାର ପ୍ରଥମ ପୋପ୍ ହେବା ସହ ଏହି ଭାର ଗ୍ରହଣ କରିବାରେ ଯିଶୁ ସୋସାଇଟିର ପ୍ରଥମ ସଦସ୍ୟ ଏବଂ ସେଣ୍ଟ ଫ୍ରାନ୍ସିସ୍ ଅଫ୍ ଆସିସିଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଫ୍ରାନ୍ସିସ୍ ନାମ ଗ୍ରହଣ କରିବାରେ ପ୍ରଥମ।

## କିପରି ହୁଏ ନୂଆ ପୋପ୍ ନିର୍ବାଚନ

୧୪୦ କୋଟି କାଥୋଲିକ୍‌ଙ୍କର ଧର୍ମୀୟ ମୁଖ୍ୟ ଥିବା ପୋପ୍ ଫ୍ରାନ୍ସିସଙ୍କ ପରଲୋକ ପରେ ଭାଟିକାନ୍ ନେତୃତ୍ୱବିହୀନ ହୋଇଛି। ନୂଆ ନେତା ନିର୍ବାଚନ ହେବା ପର୍ଯ୍ୟନ୍ତ ଏହା ଏକ ଅନ୍ତରାଳ ସମୟ ମଧ୍ୟରେ ଗତି କରିବ। କାମେରଲେଙ୍ଗୋ (ଭାଟିକାନ୍‌ର ସମ୍ପତ୍ତି ଓ ରାଜସ୍ୱ ପ୍ରଶାସକ) ପ୍ରଥମେ ତାଙ୍କ ମୃତ୍ୟୁକୁ ଯାଞ୍ଚ କରିବେ। ଏଥିପାଇଁ ସେ ପୋପ୍‌ଙ୍କ ନାମକୁ ୩ ଥର ଡାକିବେ। ଯଦି କୌଣସି ଉତ୍ତର ନ ଆସେ ତେବେ ସେ ମୃତ ବୋଲି ଘୋଷଣା କରାଯିବ। ପୋପ୍‌ଙ୍କ ମୃତ୍ୟୁ ପରେ ଏକ ଛୋଟ ରୁପା ହାତୁଡ଼ିରେ ତାଙ୍କ କପାଳରେ ମୃଦୁ ଆଘାତ ଦିଆଯାଉଥିଲା। ଏହି ପରମ୍ପରାକୁ ୧୯୬୩ରେ ଉଠାଇ ଦିଆଯାଇଥିଲା। ପୋପ୍ ମୃତ୍ୟୁ ଘୋଷିତ ହେବା ପରେ କାମେରଲେଙ୍ଗୋଙ୍କ ଦ୍ୱାରା ପାପାଲ ଆପାର୍ଟମେଣ୍ଟକୁ ବନ୍ଦ କରିଦିଆଯିବ। ଏହା ପରେ ଫିସରମ୍ୟାନ୍‌ଙ୍କ ରିଙ୍ଗ୍ ଏବଂ ପୋପ୍‌ଙ୍କ ସିଲ୍‌କୁ ଭଙ୍ଗାଯିବାର ଆୟୋଜନ ହେବ। ଏହା ପୋପ୍‌ଙ୍କ ଶାସନ ଅନ୍ତ ହେବାର ପ୍ରତୀକ। ପରଲୋକର ୪ରୁ ୬ ଦିନ ମଧ୍ୟରେ ପୋପ୍‌ଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଅନୁଷ୍ଠିତ ହେବ। ଏହା ପରେ ତାଙ୍କ ମରଶରୀରକୁ ସେଣ୍ଟ ପିଟର୍ସ ବାସିଲିକା କିମ୍ବା ତାଙ୍କ ପୂର୍ବ ଇଚ୍ଛା ଅନୁଯାୟୀ ଅନ୍ୟତ୍ର ସମାଧି ଦିଆଯିବା ସହ ୯ ଦିନିଆ ଶୋକ ପାଳନ ହେବ।

ପୋପ୍‌ଙ୍କ ମୃତ୍ୟୁର ୧୫ରୁ ୨୦ ଦିନ ମଧ୍ୟରେ ପରବର୍ତ୍ତୀ ପୋପ୍ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବ। ଏହି ଗୋପନ ପ୍ରକ୍ରିୟା ପାଇଁ ୮୦ ବର୍ଷରୁ କମ୍ ବୟସର କାର୍ଡିନାଲମାନେ ଭାଟିକାନ୍‌ରେ ଏକତ୍ର ହେବେ। ସେମାନଙ୍କୁ ସିଷ୍ଟାଇନ ଚାପେଲ୍‌ରେ ବନ୍ଦ କରି ରଖାଯିବା ସହ ବାହାର ଦୁନିଆ ସହ ଯୋଗାଯୋଗ ବିଚ୍ଛିନ୍ନ କରିଦିଆଯିବ। ନୂଆ ପୋପ୍ ନିର୍ବାଚନରେ ଭାରତରୁ ୪ ଜଣ କାର୍ଡିନାଲ ସାମିଲ ହେବେ। ସେମାନେ ହେଲେ ଜର୍ଜ ଜାକୋବ କୁଭାକାଡ୍, ଫିଲିପେ ନେରି ଆଣ୍ଟୋନିଓ ସେବାଷ୍ଟିଓ ଡୋ ରୋସାରିଓ ଫେରାଓ, ଆନ୍ଥୋନୀ ପୂଲା ଏବଂ ବାସେଲିଓସ୍ କ୍ଲିମିସ୍ ଥୋଟ୍ଟୁଙ୍କଲ। ପ୍ରାର୍ଥୀ ଦୁଇତୃତୀୟଂଶ ସଂଖ୍ୟାଗରିଷ୍ଠତା ହାସଲ କରିବା ପର୍ଯ୍ୟନ୍ତ ସେମାନେ ଏକାଧିକ ଥର ଭୋଟ ଦେବେ। ପ୍ରତ୍ୟେକ ଭୋଟ ପରେ ବାଲଟକୁ ଜାଳିଦିଆଯିବ। ଭାଟିକାନ୍‌ରୁ କଳାଧୂଆଁ ଉଠିଲେ, ନିଷ୍ପତ୍ତି ହୋଇପାରି ନ ଥିବା ସଙ୍କେତ ମିଳିଥାଏ ଏବଂ ଧଳା ଧୂଆଁ ଉଠିଲେ ନୂଆ ପୋପ୍ ନିର୍ବାଚିତ ହୋଇଥିବା ଜଣାପଡ଼ିଥାଏ। ନିର୍ବାଚିତ ନୂଆ ନେତା ପୋପ୍ ପଦ ଗ୍ରହଣ କରିବାକୁ ଆନୁଷ୍ଠାନିକ ଭାବେ ରାଜି ହେବା ପରେ ନିଜ ପାଇଁ ନୂଆ ନାଁ ବାଛିବାକୁ କୁହାଯିବ। ଏହା ପରେ ସେଣ୍ଟ ପିଟର୍ସ ବାସିଲିକା ବାଲ୍‌କୋନିରୁ ବରିଷ୍ଠ କାର୍ଡିନାଲ ଡିକନ୍ ଲାଟିନ୍ ଭାଷାରେ ‘ହାବେମସ୍ ପାପାମ୍’ (ଆମେ ପୋପ୍ ପାଇଲୁ) ବୋଲି ଘୋଷଣା କରିବେ। ସେଣ୍ଟ ପିଟର୍ସ ସ୍କୋୟାରରେ ନୂଆ ପୋପ୍ ଲୋକମାନଙ୍କୁ ଅଭିନନ୍ଦନ ଜଣାଇବେ ଓ ପ୍ରଥମ ଆଶୀର୍ବାଦ ଦେବେ।

୨୦୧୩ରେ ପୋପ୍ ଭାବେ ନିର୍ବାଚିତ ହେବା ପୂର୍ବରୁ ସେ ଆର୍କବିଶପ୍ ଅଫ୍ ବୁଏନ୍ସ ଏୟାର୍ସର କାର୍ଡିନାଲ ଭାବେ କାର୍ଯ୍ୟ କରୁଥିଲେ। ବହୁ ଶତାବ୍ଦୀ ପରେ ସେ ପ୍ରଥମ ଅଣୟୁରୋପୀୟ ପୋପ୍ ହୋଇଥିଲେ। ଏହା ପୂର୍ବରୁ ୭୩୧ରୁ ୭୪୧ ପର୍ଯ୍ୟନ୍ତ ସିରିଆର ଗ୍ରେଗୋରି ତୃତୀୟ ରୋମାନ କାଥୋଲିକ୍ ଚର୍ଚ୍ଚର ମୁଖ୍ୟ ରହିଥିଲେ।

### ଆଇଇଡି ବିସ୍ଫୋରଣରେ ଯବାନ ମୃତ

ବିଜାପୁର, ୨୧।୪

ଛତିଶଗଡ଼ର ବିଜାପୁର ଜିଲାରେ ସୋମବାର ମାଓବାଦୀମାନେ ବିଛାଇଥିବା ଆଇଇଡି ବିସ୍ଫୋରଣରେ ଛତିଶଗଡ଼ ସଶସ୍ତ୍ର ବାହିନୀ (ସିଏଏଫ୍)ର ଜଣେ ଯବାନଙ୍କ ମୃତ୍ୟୁ ଘଟିଛି। ରାସ୍ତା ନିର୍ମାଣ ପାଇଁ ସୁରକ୍ଷା ଦାୟିତ୍ୱରେ ଥିବା ସିଏଏଫ୍ ଟିମ୍‌ର ପାଟ୍ରୋଲିଂ ବେଳେ ଟଏନାର ଏବଂ ଫର୍ସେଗଡ଼ ଗ୍ରାମ ମଧ୍ୟରେ ଏହି ବିସ୍ଫୋରଣ ଘଟିଛି। ମୃତ କନ୍‌ଷ୍ଟେବଲ୍ ମନୋଜ ପୂଜାରୀ(୨୬) ହେଉଛନ୍ତି ସିଏଏଫ୍ ୧୯ତମ ବାଟାଲିୟନ୍‌ର ଯବାନ। ସେ ଅଜାଣତରେ ଆଇଇଡି ଉପରେ ଗୋଡ଼ ପକାଇଦେବାରୁ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ସମ୍ପୃକ୍ତ ମାଓବାଦୀଙ୍କୁ ଧରିବା ପାଇଁ ତଲାସି ଅଭିଯାନ ଜାରି ରହିଛି। ବସ୍ତର ଅଞ୍ଚଳର ବିଜାପୁର ସମେତ ୭ ଜିଲାରେ ମାଓବାଦୀ ସକ୍ରିୟ ରହିଛନ୍ତି। ସୁରକ୍ଷା ଯବାନଙ୍କୁ ଟାର୍ଗେଟ କରି ସେମାନେ ବସ୍ତର ଅଞ୍ଚଳର ରାସ୍ତା ପାର୍ଶ୍ୱ ଓ ଘାସପତ୍ରରେ ଘୋଡ଼ାଇ ହୋଇ ରହିଥିବା ଜଙ୍ଗଲୀ ରାସ୍ତାରେ ଆଇଇଡି ଖଞ୍ଜୁଥିବାବେଳେ ଅନେକ ସମୟରେ ସାଧାରଣ ଲୋକେ ଏହାର ଶିକାର ହେଉଛନ୍ତି। ଗତ ୯ ତାରିଖରେ ବିଜାପୁରରେ ଏକ ବିସ୍ଫୋରଣରେ ସିଆର୍‌ପିଏଫ୍‌ର ଜଣେ ଯବାନ ଆହତ ହୋଇଥିବାବେଳେ ଏପ୍ରିଲ ୪ରେ ନାରାୟଣପୁରରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା।


ଚାରିଦିନିଆ ଭାରତ ଗସ୍ତରେ ଆସିଥିବା ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ, ତାଙ୍କ ସ୍ତ୍ରୀ ତଥା ସେକେଣ୍ଡ ଲେଡି ଉଷା ଭାନ୍ସ ଏବଂ ସେମାନଙ୍କ ୩ ପିଲା ଏୱାନ୍, ବିବେକ ଓ ମୀରାବେଲ୍ ସୋମବାର ଦିଲ୍ଲୀର ଅକ୍ଷରଧାମ ମନ୍ଦିର ପରିଦର୍ଶନ କରୁଛନ୍ତି।

## ଜଷ୍ଟିସ୍ ଶ୍ରୀପଦ ହେବେ ଓଡ଼ିଶା ହାଇକୋର୍ଟ ବିଚାରପତି

**୭ ବିଚାରପତିଙ୍କ ବଦଳି ପାଇଁ କଲେଜିୟମ୍‌ର ସୁପାରିସ**

ନୂଆଦିଲ୍ଲୀ, ୨୧।୪

କର୍ନାଟକ ହାଇକୋର୍ଟର ୪ ବିଚାରପତିଙ୍କ ସମେତ ୭ ଜଣ ବିଚାରପତିଙ୍କ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ୍ ସୁପାରିସ୍ କରିଛନ୍ତି। ତଦନୁଯାୟୀ କର୍ନାଟକ ହାଇକୋର୍ଟର ବିଚାରପତି ଥିବା ଜଷ୍ଟିସ୍ ଦୀକ୍ଷିତ କୃଷ୍ଣ ଶ୍ରୀପଦ ଓଡ଼ିଶା ହାଇକୋର୍ଟର ବିଚାରପତି ହେବାକୁ ଯାଉଛନ୍ତି।

ଉଚ୍ଚ ଅଦାଲତ ସ୍ତରରେ ସମାବେଶୀ


ଜଷ୍ଟିସ୍ ଦୀକ୍ଷିତ କୃଷ୍ଣ ଶ୍ରୀପଦ

ଓ ବିବିଧତାକୁ ସାମିଲ କରିବା ଏବଂ ନ୍ୟାୟିକ ପ୍ରଶାସନର ମାନ ସୁଦୃଢ଼ କରିବା ଲକ୍ଷ୍ୟରେ ଭାରତର ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନାଙ୍କ ଅଧ୍ୟକ୍ଷତାରେ ଗତ ୧୫ ଏବଂ ୧୯ ତାରିଖରେ କଲେଜିୟମ ବୈଠକ ବସି ଉପରୋକ୍ତ ସୁପାରିସ କରାଯାଇଛି। ତଦନୁଯାୟୀ କର୍ନାଟକ ହାଇକୋର୍ଟର ଜଷ୍ଟିସ୍ ହେମନ୍ତ ଚନ୍ଦନଗୌଦରଙ୍କୁ ମାଡ୍ରାସ୍ ହାଇକୋର୍ଟ, ଜଷ୍ଟିସ୍ କ୍ରିଷ୍ଣନ ନଟରଜନଙ୍କୁ କେରଳ ହାଇକୋର୍ଟ, ଜଷ୍ଟିସ୍ ନେରାନହାଲି ଶ୍ରୀନିବାସନ ସଞ୍ଜୟ ଗୌଡ଼ାଙ୍କୁ ଗୁଜରାଟ ଏବଂ ଜଷ୍ଟିସ୍ ଶ୍ରୀପଦଙ୍କୁ ଓଡ଼ିଶା ହାଇକୋର୍ଟକୁ ବଦଳି ପାଇଁ ସୁପାରିସ କରାଯାଇଛି। ସେହିପରି ତେଲଙ୍ଗାନା ହାଇକୋର୍ଟ ବିଚାରପତି ପେରୁଗୁ ଶ୍ରୀ ସୁଧାଙ୍କୁ କର୍ନାଟକ, କାସୋଜୁ ସୁରେନ୍ଦ୍ରଙ୍କୁ ମାଡ୍ରାସ ହାଇକୋର୍ଟ ଏବଂ ଆନ୍ଧ୍ରପ୍ରଦେଶ ହାଇକୋର୍ଟର ଜଷ୍ଟିସ୍ କେ.ଏମ୍. ରାଓଙ୍କୁ କର୍ନାଟକ ହାଇକୋର୍ଟକୁ ବଦଳି ପାଇଁ ସୁପାରିସ ହୋଇଛି।

## ବିକଶିତ ରାଷ୍ଟ୍ର ହେବା ପାଇଁ ବର୍ଷକୁ ୮ ନିୟୁତ ନିଯୁକ୍ତି ସୃଷ୍ଟି ଆବଶ୍ୟକ: ସିଇଏ

ନୂଆଦିଲ୍ଲୀ, ୨୧।୪

୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ହାସଲ କରିବାକୁ ହେଲେ ବର୍ଷକୁ ୮ ନିୟୁତ ହିସାବରେ ଅନ୍ୟୁନ ପରବର୍ତ୍ତୀ ୧୦ରୁ ୧୨ ବର୍ଷ ପର୍ଯ୍ୟନ୍ତ ନିଯୁକ୍ତି ସୃଷ୍ଟି କରିବାକୁ ହେବ। ଏଥିସହିତ ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ଉତ୍ପାଦନ କ୍ଷେତ୍ରର ଶେୟାର ବଢ଼ାଇବାକୁ ପଡ଼ିବ ବୋଲି କେନ୍ଦ୍ର ସରକାରଙ୍କ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ୍ ପ୍ରସ୍ତାବ ଦେଇଛନ୍ତି। ଆଗାମୀ ୧୦ରୁ ୨୦ ବର୍ଷ ପାଇଁ ବାହ୍ୟ ପରିବେଶ ଏତେଟା ଉଦାର ହେବ ନାହିଁ ବୋଲି ସେ ସତର୍କ କରାଇ ଦେଇଛନ୍ତି। ଅନ୍ୟୁନ ୩୦ ବର୍ଷ ପୂର୍ବରୁ ଅର୍ଥାତ୍ ୧୯୯୦ରୁ ଉଦ୍ୟମ ଆରମ୍ଭ ହେବା ଆବଶ୍ୟକ ଥିଲା। ବିକଶିତ ରାଷ୍ଟ୍ର ନିଜର ବିକାଶ ଯାତ୍ରାରେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଭଳି


ଭି. ଅନନ୍ତ ନାଗେଶ୍ୱରନ୍

କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ପ୍ରଯୁକ୍ତି ଓ ରୋବୋଟିକ୍ ଚ୍ୟାଲେଞ୍ଜଗୁଡ଼ିକର ସମ୍ମୁଖୀନ ହେବା ଉଚିତ ନୁହେଁ। ପ୍ରାରମ୍ଭିକ ସ୍ତରର ନିଯୁକ୍ତି କିମ୍ବା ନିମ୍ନ ସ୍ତରର ଆଇଟିଯୋଗ୍ୟ ସେବା ନିଯୁକ୍ତି ଛଡ଼ାଇ ନେବାରେ ଏଆଇର ବଡ଼ ଭୂମିକା ରହିପାରେ। ତେଣୁ ଶ୍ରମକୈନ୍ଦ୍ରିକ ନୀତି ଏବଂ ପ୍ରଯୁକ୍ତି ମଧ୍ୟରେ ଉପଯୁକ୍ତ ସନ୍ତୁଳନ ବାହାର କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ସିଇଏ କହିଛନ୍ତି।

# ନିର୍ବାଚନ କମିଶନ ସାଲିସ୍ କରିଛନ୍ତି

- ଆମେରିକାରେ ରାହୁଲଙ୍କ ଅଭିଯୋଗ
- ଦେଶଦ୍ରୋହୀ କହିଲା ଭାଜପା

ବାଷ୍ଟନ/ନୂଆଦିଲ୍ଲୀ, ୨୧।୪

ଆମେରିକା ଗସ୍ତରେ ଯାଇଥିବା କଂଗ୍ରେସ ନେତା ତଥା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସେଠାର ଏକ କାର୍ଯ୍ୟକ୍ରମରେ ଭାରତର ନିର୍ବାଚନ କମିଶନଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ମହାରାଷ୍ଟ୍ର ନିର୍ବାଚନରେ ମତଦାନ ସଂଖ୍ୟାକୁ ନେଇ ସେ ପ୍ରଶ୍ନ ଉଠାଇବା ସହ ନିର୍ବାଚନ କମିଶନ ସାଲିସ୍ କରିଥିବା କହିଛନ୍ତି। ବିଦେଶ ମାଟିରେ ତାଙ୍କର ଏଭଳି ଅଭିଯୋଗକୁ ନେଇ ଭାଜପା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ତାଙ୍କୁ ଦେଶଦ୍ରୋହୀ କହିଛି।

ରବିବାର ବୋଷ୍ଟନ୍‌ରେ ଏକ କାର୍ଯ୍ୟକ୍ରମରେ ରାହୁଲ କହିଥିଲେ, ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଯେତିକି ଲୋକ ଭୋଟ ଦେଇଛନ୍ତି, ତାହା ରାଜ୍ୟର ବୟସ୍କମାନଙ୍କ ସଂଖ୍ୟାଠାରୁ ଅଧିକ। ନିର୍ବାଚନ ଦିନ ଅପରାହ୍ଣ ୫ଟା ୩୦ ସୁଦ୍ଧା ୬୫ ଲକ୍ଷ ଭୋଟର ମତଦାନ କରିଥିବା ନିର୍ବାଚନ କମିଶନ ତଥ୍ୟ ଦେଇଥିଲେ। ତେବେ ଏହା ବାସ୍ତବତା ଦୃଷ୍ଟିରୁ ଅସମ୍ଭବ। କାରଣ ଜଣେ ଭୋଟର ଭୋଟ ଦେବା ପାଇଁ ୩ ମିନିଟ୍ ସମୟ ଲାଗିବ। ତାହା ହୋଇଥିଲେ ଏତେସଂଖ୍ୟାରେ ମତଦାନ ପାଇଁ ରାତି ୨ଟା ପର୍ଯ୍ୟନ୍ତ ଭୋଟରମାନଙ୍କୁ ଲାଇନ୍‌ରେ ଛିଡ଼ାହେବାକୁ ପଡ଼ିଥାନ୍ତା, ଯାହା ହୋଇନାହିଁ। ମତଦାନ ବେଳର ଭିଡିଓଗ୍ରାଫି ଦେବାକୁ ନିର୍ବାଚନ କମିଶନ ମନା କରିଦେଇ ସେଥିପାଇଁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ଆଇନରେ ପରିବର୍ତ୍ତନ କରାଇଥିବା ରାହୁଲ କହିଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ, ନିର୍ବାଚନ କମିଶନ ସାଲିସ୍ କରିଛନ୍ତି ଓ ବ୍ୟବସ୍ଥାରେ ତ୍ରୁଟି ରହିଛି, ଯାହାକୁ ମୁଁ ଅନେକ ବାର କହିଆସୁଛି କଂଗ୍ରେସ ନେତା କହିଛନ୍ତି।

ରାହୁଲଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ଭାଜପା ଏମ୍‌ପି ତଥା ଦଳର ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି, ନ୍ୟାଶନାଲ ହେରାଲ୍ଡ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାନୁଷ୍ଠାନ ଯୋଗୁ କ୍ଷୁବ୍ଧ ଥିବା ରାହୁଲ ବିଦେଶରେ ନିର୍ବାଚନ କମିଶନଙ୍କ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ବିଦେଶ ମାଟିରେ ଦେଶର ଅନୁଷ୍ଠାନକୁ ରାହୁଲ ଅପମାନିତ କରିଛନ୍ତି। ଦୁର୍ନୀତିରେ ସମ୍ପୃକ୍ତ ରାହୁଲ ଓ ତାଙ୍କ ମାଆ ସୋନିଆଙ୍କୁ ସମ୍ପତ୍ତି ହେରଫେର ମାମଲାରେ ଜେଲ ପଠାଯିବ ବୋଲି ଭାଜପା କହିଛି। ରାହୁଲ ଯେତେବେଳେ ବିଦେଶ ଯାଉଛନ୍ତି, ଭାରତ ଓ ଏହାର ଗଣତାନ୍ତ୍ରିକ ବ୍ୟବସ୍ଥା ବିରୋଧରେ ଘୃଣିତ ଚିନ୍ତାଧାରା ଶେୟାର କରିବାକୁ ଭୁଲୁନାହାନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।


ଆମେରିକାର ବୋଷ୍ଟନ ସହରରେ ରାହୁଲ ଗାନ୍ଧୀଙ୍କୁ ସ୍ୱାଗତ କରାଯାଉଛି।

**ଫୁରସତ୍**

# ୫୬ ଲକ୍ଷରେ ନିଲାମ ହେଲା ଭଙ୍ଗା ଫୁଲଦାନି

ଲଣ୍ଡନ

ବ୍ରିଟେନ୍‌ର ଏକ ଭଙ୍ଗା ଏବଂ ପୁରୁଣା ଫୁଲଦାନି ନିଲାମରେ ଏହା ୫୬ ଲକ୍ଷ ଟଙ୍କା (ପ୍ରାୟ ୬୬ ହଜାର ଡଲାର)ରେ ବିକ୍ରି ହୋଇ ଚର୍ଚ୍ଚାରେ ରହିଛି। ଏହି ଫୁଲଦାନିଟି ପ୍ରସିଦ୍ଧ ଜର୍ମାନ-ବ୍ରିଟିଶ ମୃତ୍ତିକା ଶିଳ୍ପୀ ହାନ୍ସ କୋପରଙ୍କ ଏକ ବିରଳ କଳାକୃତି ହୋଇଥିବା ନେଇ ଜଣାପଡ଼ିବା ପରେ ନିଲାମରେ ଏହାକୁ କିଣିବାକୁ ପ୍ରତିଯୋଗିତା ବଢ଼ିଥିଲା। ୧୯୬୪ ମସିହାରେ ନିର୍ମିତ ହୋଇଥିବା ଏହି ୪ ଫୁଟ ଉଚ୍ଚତା ବିଶିଷ୍ଟ ଫୁଲଦାନି ଲଣ୍ଡନର ଏକ ବଗିଚାରେ ଅନେକ ବର୍ଷ ଧରି ପଡ଼ି ରହିଥିଲା।

ହାନ୍ସ ୧୯୩୯ରେ ଜର୍ମାନୀରୁ ବ୍ରିଟେନ୍ ଆସିଥିଲେ। ନିଜର ଜଣେ ମହିଳା ଗ୍ରାହକଙ୍କ ଅନୁରୋଧ କ୍ରମେ




ସେ ଏହି ଫୁଲଦାନିଟିକୁ ତିଆରି କରି ତାଙ୍କୁ ଦେଇଥିଲେ। ମହିଳା ଜଣକ ଏହି ଫୁଲଦାନିକୁ ବହୁ ବର୍ଷ ଧରି ସାଇତି ରଖିଥିଲେ, କିନ୍ତୁ ସମୟ କ୍ରମେ ଏହା ନଷ୍ଟ ହୋଇଯାଇଥିଲା। ମହିଳାଙ୍କ ମୃତ୍ୟୁର ଦୀର୍ଘବର୍ଷ ପରେ ଏକଦା ଉକ୍ତ ବଗିଚାରୁ ତାଙ୍କ ନାତି ଏବଂ ନାତୁଣୀ ଏହି ଫୁଲଦାନିଟିକୁ ଭାଙ୍ଗିଯାଇଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଏହା କୌଣସି ବିଶେଷ ବସ୍ତୁ ହୋଇଥିବା ନେଇ ସେମାନେ ଅନୁଭବ କରିଥିଲେ। ତେଣୁ ସେମାନେ ଏହାର ମୂଲ୍ୟକୁ ଯାଞ୍ଚ କରିବା ପାଇଁ ଲଣ୍ଡନସ୍ଥିତ ଚିସ୍‌ୱିକ୍ ଅକ୍ସନ ସହ ଯୋଗାଯୋଗ କରିଥିଲେ। ସେଠାରେ ମୃତ୍ତିକା ବିଶେଷଜ୍ଞ ଜୋ ଲୟଡ୍ ଏହି ଫୁଲଦାନିକୁ ଯାଞ୍ଚ କରିଥିଲେ। ଏହି ଫୁଲଦାନିଟି କୌଣସି ସାଧାରଣ ବସ୍ତୁ ନୁହେଁ ବୋଲି ସେ ଜାଣିପାରିଥିଲେ। ଏହା ବିଶିଷ୍ଟ କୁମ୍ଭକାର ଶିଳ୍ପୀ ହାନ୍ସ କୋପରଙ୍କ ନିର୍ମିତ ଏକ ଐତିହାସିକ କଳାକୃତି ବୋଲି ସେ କହିଥିଲେ। ଫଳରେ ଫୁଲଦାନିଟିକୁ ନିଲାମ କରିବାକୁ ମହିଳାଙ୍କ ନାତି ଏବଂ ନାତୁଣୀ ନିଷ୍ପତ୍ତି ନେଇଥିଲେ। ନିଲାମ ପୂର୍ବରୁ ଏହି ଫୁଲଦାନିଟି ୬.୭ରୁ ୧୧ ଲକ୍ଷ ଟଙ୍କା ମଧ୍ୟରେ ବିକ୍ରି ହେବ ବୋଲି ଚିସ୍‌ୱିକ୍ ଅକ୍ସନ ପକ୍ଷରୁ ଅନୁମାନ କରାଯାଇଥିଲା।

## କାନାଡାର ହିନ୍ଦୁ ମନ୍ଦିର, ଗୁରୁଦ୍ୱାରାରେ ଖଲିସ୍ତାନୀଙ୍କ ଆକ୍ରମଣ

ଓଟ୍ଟାୱା, ୨୧।୪

କାନାଡାର ଖଲିସ୍ତାନୀ ଉଗ୍ରବାଦୀମାନେ ରବିବାର ରାତିରେ ଭାଙ୍କୋଭରସ୍ଥିତ ଖାଲ୍‌ସା ଦ୍ୱିୱାନ୍ ସୋସାଇଟି (କେଡିଏସ୍) ଗୁରୁଦ୍ୱାରାରେ ଭଙ୍ଗାରୁଜା କରିବା ସହ ଏହାର କାନ୍ଥରେ ବିଭିନ୍ନ ପ୍ରକାରର ଚିତ୍ର ଆଙ୍କିଛନ୍ତି। ଏନେଇ ଗୁରୁଦ୍ୱାରା ପ୍ରଶାସନ ପକ୍ଷରୁ ସୋମବାର ସୂଚନା ଦିଆଯିବା ସହ କିଛି ଫଟୋକୁ ଶେୟାର କରାଯାଇଛି। ସ୍ପ୍ରେ ପେଣ୍ଟକୁ ବ୍ୟବହାର କରାଯାଇ ଗୁରୁଦ୍ୱାରାର କାନ୍ଥରେ ବିଭିନ୍ନ ଆପତ୍ତିଜନକ ଶବ୍ଦ ସହ ଖଲିସ୍ତାନ ଲେଖା ହୋଇଥିବା ନେଇ ଦେଖିବାକୁ ମିଳିଛି। ଖଲିସ୍ତାନକୁ ସମର୍ଥନ କରୁଥିବା ଏକ ସଙ୍ଗଠନର କେତେଜଣ ସଦସ୍ୟ ଖଲିସ୍ତାନ ଜିନ୍ଦାବାଦ ଭଳି ବିଭାଜନକାରୀ ସ୍ଲୋଗାନ୍ ସହ ଗୁରୁଦ୍ୱାରାର ପବିତ୍ର କାନ୍ଥକୁ ବିକୃତ କରିଥିବା ନେଇ ଗୁରୁଦ୍ୱାରା ପ୍ରଶାସନ କହିଛି। କାନାଡାର ସ୍ଥାନୀୟ ମିଡିଆରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ, ଭାଙ୍କୋଭର ପୋଲିସ ଘଟଣାକୁ ନେଇ ତଦନ୍ତ ଜାରି ରଖିଛି। ଗତ ସପ୍ତାହରେ କେଡିଏସ୍ ଗୁରୁଦ୍ୱାରାରେ ହୋଇଥିବା ସବୁଠାରୁ ବଡ଼ ବୈଶାଖୀ ପରେଡ୍‌ରେ ଭାଗ ନେବା ପାଇଁ ଖଲିସ୍ତାନୀ ସଙ୍ଗଠନଗୁଡ଼ିକ ଉପରେ କଟକଣା ଜାରି କରାଯାଇଥିଲା। ଏହାର ପ୍ରତିକ୍ରିୟା ସ୍ୱରୂପ ଗୁରୁଦ୍ୱାରାରେ ଭଙ୍ଗାରୁଜା କରାଯାଇଥିବା ନେଇ ଅନୁମାନ କରାଯାଉଛି। ସେହିପରି ବ୍ରିଟିଶ୍ କଲମ୍ବିଆ ରାଜ୍ୟର ଲକ୍ଷ୍ମୀ ନାରାୟଣ ମନ୍ଦିରରେ ମଧ୍ୟ ଖାଲିସ୍ତାନୀ ଉଗ୍ରବାଦୀମାନେ ଆକ୍ରମଣ କରିଛନ୍ତି। ଉଗ୍ରବାଦୀମାନେ ମନ୍ଦିରର କାନ୍ଥରେ ଖଲିସ୍ତାନୀ ସମର୍ଥିତ ସ୍ଲୋଗାନ୍ ଲେଖିଥିଲେ। କାନାଡାଇ ହିନ୍ଦୁ ଚାମ୍ବର ଅଫ୍ କମର୍ସ ପକ୍ଷରୁ ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରାଯିବା ସହ ଘଟଣାକୁ ନେଇ ଖଲିସ୍ତାନୀ ଉଗ୍ରବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରାଯାଇଛି।


କେଡିଏସ୍ ଗୁରୁଦ୍ୱାରାର କାନ୍ଥରେ ଖଲିସ୍ତାନୀ ସମର୍ଥିତ ସ୍ଲୋଗାନ ଲେଖାଯାଇଛି।

DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୨/୨୦୨୫ | Bhubaneswar, Tuesday, April 22/2025 | ପୃଷ୍ଠା-୧



**ଓଡ଼ିଶାର ଅନିମେଷଙ୍କୁ ରୌପ୍ୟ**

ନ୍ୟାଶନାଲ ଫେଡେରେଶନ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଅନିମେଶ କୁଜୁର ପୁରୁଷ ୧୦୦ ମିଟର ରେସ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି।

**୧୨ | ୦୨**

**'ଷ୍ଟାର୍ କିଡ୍‌ଙ୍କୁ ଅଧିକ ସୁଯୋଗ ମିଳେ'**

ବଲିଉଡ୍‌ରେ ଷ୍ଟାର୍ କିଡ୍‌ଙ୍କୁ ଅଧିକ ସୁଯୋଗ ମିଳେ ବୋଲି ସୋମବାର ଏକ ପୋଡ୍‌କାଷ୍ଟରେ ସାକ୍ଷାତ୍‌କାର ଦେଇ ଅଭିନେତ୍ରୀ ନୁଶ୍‌ରତ ଭରୁଚା କହିଛନ୍ତି।





ଝାରସୁଗୁଡ଼ା ସହରରେ ସୋମବାର ମଧ୍ୟାହ୍ନରେ ମୁଣ୍ଡରେ ଗାମୁଛା ଗୁଡ଼ାଇ ଜଣେ ସାଇକେଲ ଆରୋହୀ ଯାଉଛନ୍ତି। (ଫଟୋ: ଆଶିଷ ରଞ୍ଜନ ଦାଶ)

**ଝାରସୁଗୁଡ଼ା**

# ୪୫° ଡେଇଁଲା ତାତି

**ଭୁବନେଶ୍ୱର,୨୧।୪(ଅନୁରାଧା ମହାରଣା)**

ରାଜ୍ୟରେ ଚଳିତବର୍ଷ ପ୍ରଥମଥର ତାପମାତ୍ରା ୪୫ ଡିଗ୍ରୀ ଅତିକ୍ରମ କରିଛି। କାଳବୈଶାଖୀ ଜାରି ରହିଥିବାବେଳେ ପଶ୍ଚିମ ଓଡ଼ିଶାରେ ଡହଡହ ଖରା ଓ ଉପକୂଳରେ ପ୍ରବଳ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ସୋମବାର ଝାରସୁଗୁଡ଼ାରେ ଦିନ ତାପମାତ୍ରା ସର୍ବାଧିକ ୪୫.୪ ଡିଗ୍ରୀ ଛୁଇଁଥିବାବେଳେ ସମ୍ବଲପୁରରେ ୪୩, ହୀରାକୁଦରେ ୪୨.୪ ଓ ରାଉରକେଲା ୪୨ ଡିଗ୍ରୀ ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ କେନ୍ଦୁଝରରେ ତାପମାତ୍ରା ୩୮.୩ ଡିଗ୍ରୀ, ଚାନ୍ଦବାଲି ୩୮.୨, ବାଲେଶ୍ୱର ୩୭ ଓ ଭୁବନେଶ୍ୱରରେ ୩୬ ଡିଗ୍ରୀ ରହିଥିଲେ ମଧ୍ୟ ବାୟୁମଣ୍ଡଳରେ ଅଧିକ ଆର୍ଦ୍ରତା ଯୋଗୁ ଗୁଳୁଗୁଳି ଅନୁଭୂତ ହୋଇଥିଲା। ରାତି ପର୍ଯ୍ୟନ୍ତ ଗରମ ପବନ ଭିନ୍ନ ବାତାବରଣ ସୃଷ୍ଟି କରିଥିଲା। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାର, ପୁରୀ ଓ ଗୋପାଳପୁରରେ ୭୨%, ପାରାଦୀପରେ ୭୦%, ବାଲେଶ୍ୱର ଓ ଭୁବନେଶ୍ୱରରେ ୬୨% ଏବଂ ଚାନ୍ଦବାଲିରେ ୫୯% ଆର୍ଦ୍ରତା ରହିଥିଲା। ଆସନ୍ତା ୩ଦିନ ପର୍ଯ୍ୟନ୍ତ ରାଜ୍ୟ ପାଣିପାଗରେ ବିଶେଷ ପରିବର୍ତ୍ତନ ନ ହେଲେ ମଧ୍ୟ ଅନୁଗୋଳ, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର, ସୋନପୁର, ବୌଦ୍ଧ, ବରଗଡ଼, କଳାହାଣ୍ଡି ଓ ନୂଆପଡ଼ା ଆଦି ଜିଲାରେ ୪୨ ଡିଗ୍ରୀ ଉପରେ ତାପମାତ୍ରା ରହିବ। ଅନ୍ୟପଟେ ସୋମବାର ରାଜ୍ୟର ବିଭିନ୍ନ ଜିଲାରେ କାଳବୈଶାଖୀଜନିତ ବର୍ଷା ହୋଇଛି। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଝଡ଼ବର୍ଷା ନେଇ ବିଭିନ୍ନ ଜିଲାକୁ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

# ଗରମ, ଗୁଳୁଗୁଳିରେ ୫୦ ଅସୁସ୍ଥ, ସମ୍ବଲପୁରରେ ସର୍ବାଧିକ

**ଭୁବନେଶ୍ୱର,୨୧।୪(ବନ୍ଦନା ସେଠୀ)**

ଗତ ଦୁଇଦିନ ହେବ ହଠାତ୍ ତାପମାତ୍ରାରେ ବଡ଼ ବୃଦ୍ଧି ହେବା ସହ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ତେବେ ରାଜ୍ୟରେ ଅଂଶୁଘାତଜନିତ ଘଟଣା ଘଟି ନ ଥିଲେ ମଧ୍ୟ ମାତ୍ରାଧିକ ଗରମ ଓ ଗୁଳୁଗୁଳିରେ ରାଜ୍ୟରେ ୫୦ଜଣ ଅସୁସ୍ଥ ହୋଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ଅସୁସ୍ଥଙ୍କ ମଧ୍ୟରୁ ସମ୍ବଲପୁରରେ ସର୍ବାଧିକ ୪୦ଜଣ ରହିଥିବାବେଳେ ଦେବଗଡ଼ରେ ୬ଜଣ, ଖୋର୍ଦ୍ଧା, ମୟୂରଭଞ୍ଜ, କେନ୍ଦୁଝର ଜିଲାରେ ମଧ୍ୟ ଏଭଳି ଅସୁସ୍ଥ ଲୋକ ଚିକିତ୍ସା ପାଇଁ ଡାକ୍ତରଖାନା ଆସୁଛନ୍ତି। ଏବେସୁଦ୍ଧା ଅଂଶୁଘାତରେ ଆକ୍ରାନ୍ତ କୌଣସି ରୋଗୀ ଡାକ୍ତରଖାନାରେ ଭର୍ତ୍ତି ହୋଇନାହାନ୍ତି କି ଏଥିରେ କାହାର ମୃତ୍ୟୁ ହୋଇ ନାହିଁ। ତଥାପି ଅଂଶୁଘାତଜନିତ ସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଏଥିପାଇଁ ସମସ୍ତ ଜିଲା ହେଡ୍‌କ୍ୱାର୍ଟର, ସବ୍‌ଡିଭିଜନାଲ୍ ହସ୍ପିଟାଲ୍, ପିଏଚ୍‌ସି, ସିଏଚ୍‌ସିକୁ ସ୍ୱତନ୍ତ୍ର ରୁମ୍ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାବାଦ୍ ସବୁଠି ଥଣ୍ଡାପାଣି, ଆଇସୋଲେଶନ୍ ରୁମ୍‌ର ବ୍ୟବସ୍ଥା କରିବାକୁ କୁହାଯାଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ୍‌ରେ ଅଂଶୁଘାତର ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି ହୋଇଥିବା ସୁପରିଣ୍ଟେଣ୍ଡେଣ୍ଟ୍ ଡା. ଧନଞ୍ଜୟ ଦାସ ସୂଚନା ଦେଇଛନ୍ତି। ଗତ ୧୫ଦିନ ମଧ୍ୟରେ ଗରମ ଗୁଳୁଗୁଳିଜନିତ ଅସୁସ୍ଥତା କାରଣରୁ ଜଣେ ରୋଗୀ ହସ୍ପିଟାଲକୁ ଆସିଛନ୍ତି। ତେବେ ହସ୍ପିଟାଲ ପକ୍ଷରୁ ଅଂଶୁଘାତଜନିତ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଏସି ୱାର୍ଡର ବ୍ୟବସ୍ଥା କରାଯାଇଛି। ଏଠାରେ ୯ଟି ଶଯ୍ୟା ରହିଥିବାବେଳେ ଜରୁରିକାଳୀନ ଚିକିତ୍ସା ପାଇଁ ୪ଟି ବେଡ୍ ସଂରକ୍ଷିତ ରଖାଯାଇଥିବା ସେ କହିଛନ୍ତି।

# ପୋପ୍ ଫ୍ରାନ୍ସିସ୍‌ଙ୍କ ପରଲୋକ

**ଭାଟିକାନ୍ ସିଟି,୨୧।୪**



ରୋମାନ୍ କାଥୋଲିକ୍ ଚର୍ଚ୍ଚର ସର୍ବୋଚ୍ଚ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍‌ଙ୍କର ସୋମବାର ସକାଳେ ୮୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଇତିହାସରେ ପ୍ରଥମ ଥର ପାଇଁ ଦକ୍ଷିଣ ଆମେରିକାରୁ ଖ୍ରୀଷ୍ଟିଆନ୍ ଧର୍ମର ସର୍ବୋଚ୍ଚ ପଦବୀରେ ଅଧିଷ୍ଠିତ ହୋଇଥିବା ଫ୍ରାନ୍ସିସ୍ ଦୀର୍ଘବର୍ଷ ହେଲା ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ସହ ନିକଟରେ ଡବଲ ନିମୋନିଆରୁ ସୁସ୍ଥ ହୋଇଥିଲେ। ଇଷ୍ଟର ରବିବାର ପାଳନର ଗୋଟିଏ ଦିନ ପରେ ତାଙ୍କର ଦେହାନ୍ତ ସାରା ବିଶ୍ୱରେ ଶୋକର ଛାୟା ଖେଳାଇଦେଇଛି। ପୋପ୍ ଫ୍ରାନ୍ସିସ୍‌ଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବିଶ୍ୱନେତାମାନେ ଶୋକବ୍ୟକ୍ତ କରିଛନ୍ତି। କରୁଣା, ବିନମ୍ରତା ଏବଂ ଆଧ୍ୟାତ୍ମିକ ସାହସର ଆଲୋକ ବର୍ତ୍ତିକା ଭାବେ ପୋପ୍ ଫ୍ରାନ୍ସିସ ସ୍ମରଣୀୟ ହୋଇ ରହିବେ ବୋଲି ମୋଦି ତାଙ୍କ ଶୋକବାର୍ତ୍ତାରେ ଲେଖିଛନ୍ତି। ଗତବର୍ଷ ଇଟାଲୀରେ ଅନୁଷ୍ଠିତ ଜି୭ ସମିଟ୍ ଅବସରରେ ପ୍ରଧାନମନ୍ତ୍ରୀ ପୋପ୍‌ଙ୍କୁ ଭେଟିବା ସମୟକୁ ମନେପକାଇ କହିଛନ୍ତି, ଭାରତୀୟମାନଙ୍କ ପ୍ରତି ଏହି ଧାର୍ମିକ ନେତାଙ୍କର ସ୍ନେହଶ୍ରଦ୍ଧା ରହିଥିଲା। ସମାବେଶୀ ଏବଂ ସାମଗ୍ରିକ ବିକାଶ ଲାଗି ବିଶ୍ୱବ୍ୟାପୀ କାଥୋଲିକ୍ ଚର୍ଚ୍ଚ ମୁଖ୍ୟଙ୍କ ପ୍ରତିଶ୍ରୁତିରେ ସେ ଅନୁପ୍ରାଣିତ ହୋଇଥିଲେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ତାଙ୍କର ବିନମ୍ର ଶୈଳୀ ଏବଂ ଗରିବଙ୍କ ପରି ଚିନ୍ତା ସାରା ବିଶ୍ୱକୁ ପ୍ରଭାବିତ କରିଥିଲା।

ସୋମବାର ସକାଳ ୭ଟା ୩୫ ମିନିଟ୍‌ରେ ତାଙ୍କର ଦେହାନ୍ତ ହୋଇଥିବା ନେଇ କାର୍ଡିନାଲ କେଭିନ୍ ଫାରେଲ୍ ଭାଟିକାନ୍ ଟିଭି ଚ୍ୟାନେଲରେ ଘୋଷଣା କରିଛନ୍ତି। ଇଷ୍ଟର ରବିବାର ସେ ସେଣ୍ଟ ପିଟର୍ସ ବାସିଲିକାର ବାଲ୍‌କୋନିରେ ଶ୍ରଦ୍ଧାଳୁମାନଙ୍କ ଗହଣରେ ଉପସ୍ଥିତ ରହିଥିଲେ। ଦୀର୍ଘବର୍ଷ ଧରି ଫୁସ୍‌ଫୁସ୍‌ଜନିତ ରୋଗରେ ପୀଡ଼ିତ ଥିବା ଫ୍ରାନ୍ସିସ୍ ଗତ ଫେବୃଆରୀ ୧୪ରେ ଜେମେଲି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେ ଡବଲ୍ ନିମୋନିଆରେ ପୀଡ଼ିତ ଥିବା ଜଣାପଡ଼ିଥିଲା ଓ ୩୮ ଦିନ ହସ୍ପିଟାଲରେ ରହିବା ପରେ ଭାଟିକାନ୍ ସିଟିକୁ ଫେରିଥିଲେ। ପୂର୍ବତନ ପୋପ୍ ବେନେଡିକ୍ଟ ଷୋଡ଼ଶଙ୍କ ଇସ୍ତଫା ପରେ ଆର୍ଜେଣ୍ଟିନାରେ ଜନ୍ମିତ ଜର୍ଜ ମାରିଓ ବେଗୋଗ୍ଲିଓ ୨୦୧୩ ମାର୍ଚ୍ଚ ୧୩ରେ ଫ୍ରାନ୍ସିସ୍ ନାମରେ ନୂଆ ପୋପ୍ ଭାବେ ଅଧିଷ୍ଠିତ ହୋଇଥିଲେ।

# ଇସ୍ରାଏଲରେ ଚାକିରି ନାଁରେ ଠକେଇ

**ଇସ୍ରାଏଲରେ ଚାକିରି କରାଇଦେବା ନେଇ ଠକମାନେ ସୋସିଆଲ ମିଡିଆରେ ବିଜ୍ଞାପନ ଦେଇ କେତେଜଣଙ୍କୁ ଠକିଥିବା ଖବର ସାମ୍ନାକୁ ଆସିଛି। ତିନିଜଣ ମୁମ୍ବାଇରୁ ଆସି ଭୁବନେଶ୍ୱରର ଏକ ହୋଟେଲରେ ଆଶାୟୀଙ୍କ ସାକ୍ଷାତ୍‌କାର ନେଇଛନ୍ତି। କେତେଜଣଙ୍କଠାରୁ ଅଗ୍ରୀମ ୫ହଜାର ଟଙ୍କା ନିଆଯାଇଥିବା କୁହାଯାଉଥିଲେ ମଧ୍ୟ ବଡ଼ଧରଣର ଠକେଇ ହେବା ପୂର୍ବରୁ ସେମାନଙ୍କ କାରନାମାର ପର୍ଦ୍ଦାଫାଶ କରିଛି ପୋଲିସ। ବୈଦେଶିକ ମନ୍ତ୍ରଣାଳୟର ଅଭିଯୋଗ ପରେ ପୋଲିସ ଟିମ୍ ଚଢ଼ାଉ କରି ସମ୍ପୃକ୍ତ ତିନିଠକଙ୍କୁ ଗିରଫ କରିଛି।**

**ଭୁବନେଶ୍ୱର,୨୧।୪(ସତ୍ୟଜିତ୍ ରାଉତ)**



ଗିରଫ ତିନି ଦଲାଲ

ଇସ୍ରାଏଲରେ ଚାକିରି ଦେବା ନାଁରେ ଚାଲିଥିଲା ବଡ଼ ଠକେଇ ର୍‍ୟାକେଟ। ଭାରତ ସରକାରଙ୍କ ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ନାଁରେ ଫେକ୍ ବିଜ୍ଞପ୍ତି ଦେଖାଇ ଆଶାୟୀଙ୍କୁ ଫସାଉଥିଲେ। ଭୁବନେଶ୍ୱର ମାଷ୍ଟରକାଣ୍ଟିନସ୍ଥିତ ହୋଟେଲ ରାଜ୍ ଇନ୍‌ରେ ସାକ୍ଷାତ୍‌କାର କରାଇ ଟଙ୍କା ନେଉଥିବା ବେଳେ କମିଶନରେଟ୍ ପୋଲିସ ଚଢ଼ାଉ କରି ଏହି ର୍‍ୟାକେଟର ୩ ଦଲାଲଙ୍କୁ ଗିରଫ କରିଛି। ସେମାନେ ହେଲେ ମୁମ୍ବାଇ କୁର୍ଲା ଥାନା ଅନ୍ତର୍ଗତ ବିଦ୍ୟାବିହାର ରୋଡ୍‌ରେ ରହୁଥିବା ଗଞ୍ଜାମ ଜିଲା ହିଞ୍ଜିଳିକାଟୁର ବାବୁଲାହରି ଗୌଡ଼, ମୁମ୍ବାଇ ରାଇଗଡ ଅଞ୍ଚଳର ମହେଶ ରାମଚନ୍ଦ୍ର ଲାଖଣ୍ଡେ ଏବଂ କିରନ ଶଶିକାନ୍ତ ଘୁମ୍‌ରେ। ଅଭିଯୁକ୍ତଙ୍କଠାରୁ ୪ଟି ମୋବାଇଲ, କେତେକ ନକଲି ଦସ୍ତାବିଜ୍ ଓ ୧୨ଜଣ ଆଶାୟୀଙ୍କ ରିଜ୍ୟୁମ୍ ଜବତ କରିଛି। ଅଭିଯୁକ୍ତମାନଙ୍କୁ ସୋମବାର ଖାରବେଳନଗର ଥାନା ପକ୍ଷରୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ଅଧିକ ତଦନ୍ତ ଚାଲୁ ରହିଥିବା ଡିସିପି ଜଗମୋହନ ମୀନା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଇସ୍ରାଏଲରେ ଏକ ସରକାରୀ ପ୍ରୋଜେକ୍ଟରେ ଚାକିରି ଦିଆଯିବ ଦର୍ଶାଇ ବିଭିନ୍ନ ସୋସିଆଲ୍ ମିଡିଆରେ ବିଜ୍ଞାପନ ଛାଡ଼ିଥିଲେ। ବହୁ ସଂଖ୍ୟକ ପଦବୀ ଖାଲିଥିବା ଓ ଉଚ୍ଚ ଦରମା ରହିଥିବା ଦର୍ଶାଇଥିଲେ। ଏପରିକି ଫ୍ରେସର/ରିଟର୍ନି ଆଶାୟୀ ମଧ୍ୟ ଆବେଦନ କରିପାରିବେ ବୋଲି ଉଲ୍ଲେଖ କରିଥିଲେ। ହେଲ୍ପର, ପାଇପ୍ ଫିଟର, ଫେବ୍ରିକେଟର, ଷ୍ଟିଲ୍ ଫିକ୍ସର, ଷ୍ଟୋର କିପର, ଟାଇମ୍ କିପର ଆଦିରେ ନିଯୁକ୍ତି ଦିଆଯିବା ସହ ଏଥିରେ ଆମେରିକାନ ଡଲାର ଭାବେ ବଡ଼ ପରିମାଣର ଟଙ୍କା ମିଳିବ ବୋଲି ଲୋଭ ଦେଖାଇଥିଲେ। ରବିବାର ହୋଟେଲ ରାଜ ଇନ୍‌ର କନ୍‌ଫରେନ୍ସ ହଲ୍‌ରେ ୩ ଅଭିଯୁକ୍ତ ସାକ୍ଷାତ୍‌କାର ନେଉଥିବା ବେଳେ ଖୋର୍ଦ୍ଧା ଓ ଗଞ୍ଜାମ ଆଦି ଅଞ୍ଚଳର ୧୫ରୁ ଊର୍ଦ୍ଧ୍ୱ ଆଶାୟୀ ଯୋଗଦେଇଥିଲେ। ଆଶାୟୀଙ୍କଠାରୁ ପ୍ରଥମେ ଅଗ୍ରୀମ ଭାବେ ୫ ହଜାର ଟଙ୍କା ଲେଖାଏ ନିଆଯାଇଥିଲା। ଏଥିସହ ଅଫର ଲେଟର ଦିଆଯିବା ବେଳେ ୭୦ ହଜାର ଟଙ୍କା ଦେବାକୁ ପଡ଼ିବ ବୋଲି କୁହାଯାଇଥିଲା। ତେବେ ବିଦେଶରେ ଚାକିରି ଦେବାକୁ ବୈଦେଶିକ ମନ୍ତ୍ରଣାଳୟର ସ୍ୱୀକୃତି ନିଆଯାଇ ନ ଥିଲା କି ଏନେଇ କୌଣସି ନିଯୁକ୍ତି ଏଜେନ୍ସି ମଧ୍ୟ ପଞ୍ଜୀକୃତ କରାଇ ନ ଥିଲେ। ଖବର ପାଇବା ପରେ ବୈଦେଶିକ ମନ୍ତ୍ରଣାଳୟର ଭୁବନେଶ୍ୱର ଅଫିସର (ଇମିଗ୍ରାଣ୍ଟସ ପ୍ରୋଟେକ୍ଟର) ସୁନିଲ କୁମାର ଶା ପୋଲିସକୁ ଫୋନ୍ କରି ଜଣାଇବା ସହ ଖାରବେଳନଗର ଥାନାରେ ଲିଖିତ ଏତଲା ଦେଇଥିଲେ। ପୋଲିସ ଇମିଗ୍ରେଶନ୍ ଆକ୍ଟ ସହ ବିଏନ୍‌ଏସ୍‌ର ବିଭିନ୍ନ ଦଫାରେ ମାମଲା (ନଂ.୧୭୮/୨୦୨୫) ରୁଜୁ କରିବା ସହିତ ଅପରାହ୍ଣ ପ୍ରାୟ ୩ଟାରେ ସେଠାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଉଠାଇ ଆଣିଥିଲା। ଚଢ଼ାଉ ବେଳେ ପ୍ରାୟ ୬ରୁ ୭ଜଣ ଆଶାୟୀ ଥିବାବେଳେ ଅନ୍ୟମାନେ ଘରକୁ ଫେରିଯାଇଥିଲେ। ତେବେ ଜଣେ କିମ୍ବା ଦୁଇ ଜଣଙ୍କଠାରୁ ୫ ହଜାର ନେଇଥିବା ଅଭିଯୁକ୍ତମାନେ କହିଥିଲେ। ତେବେ ଖୋର୍ଦ୍ଧା ଅଞ୍ଚଳର ଚାକିରି ଆଶାୟୀ ଚିତ୍ତରଞ୍ଜନ ସାମଲଙ୍କ କହିବା କଥା, ହ୍ୱାଟ୍‌ସଆପ୍‌ରେ ବିଜ୍ଞାପନ ଦେଖି ଇଣ୍ଟରଭିୟୁ ପାଇଁ କିଛି ସାଙ୍ଗଙ୍କ ସହ ଯାଇଥିଲି। ଷ୍ଟୋର କିପର ପାଇଁ ସାକ୍ଷାତ୍‌କାର ଦେଇଥିଲି। ତେବେ ସେମାନଙ୍କ ବ୍ୟବହାରରୁ ଠକ ବୋଲି ଜାଣିବାକୁ ପାଇ ଟଙ୍କା ଦେଇ ନ ଥିଲୁ। ଅନ୍ୟ କେହି ଦେଇପାରିଥାନ୍ତି ବୋଲି ସେ କହିଛନ୍ତି। ଅନ୍ୟଜଣେ ଆଶାୟୀ ଲଳିତ କୁମାର ମାଝୀ କହିଛନ୍ତି, ବିଜ୍ଞାପନ ଦେଖି ଷ୍ଟୋର କିପର ପାଇଁ ସାକ୍ଷାତ୍‌କାର ଦେଇଥିଲି। ୧୫ଦିନ ପରେ ଫଳାଫଳ ଜଣାଯିବ ଓ ଅଫର ଲେଟର ଦିଆଯିବ ବୋଲି କୁହାଯାଇଥିଲା। ତେବେ ଏହି ର୍‍ୟାକେଟର ଚେର ମୁମ୍ବାଇ ପର୍ଯ୍ୟନ୍ତ ଲମ୍ବିଥିବାରୁ ପୋଲିସ ଗୁରୁତ୍ୱର ସହ ନେଇଛି। ଏଥିରେ ସମ୍ପୃକ୍ତ ଅନ୍ୟ ସହଯୋଗୀଙ୍କୁ ଧରିବାକୁ ଖୋଳତାଡ ଚଳାଇଥିବା ସୂଚନା ଦିଆଯାଇଛି।

# ପିଅନ ନିଯୁକ୍ତି ପାଇଁ ଆବେଦନ କରିଛନ୍ତି ପିଏଚ୍. ଡି., ଏମ୍‌ବିଏ, ଲ' ଗ୍ରାଜୁଏଟ

**ଜୟପୁର, ୨୧।୪**

ରାଜସ୍ଥାନ ସରକାରଙ୍କ ଅଧୀନ ରାଜସ୍ଥାନ ସବ୍‌ଅର୍ଡିନେଟ ଆଣ୍ଡ ମିନିଷ୍ଟ୍ରିଆଲ ଷ୍ଟାଫ୍ ସିଲେକ୍ସନ ବୋର୍ଡ (ଆର୍‌ଏସ୍‌ଏମ୍‌ଏସ୍‌ଏସ୍‌ବି) ଦ୍ୱାରା ଜାରି ହୋଇଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ନିଯୁକ୍ତି ପାଇଁ ରେକର୍ଡ ସଂଖ୍ୟକ ଆବେଦନ ହୋଇଛି। ମୋଟ ୫୩,୭୪୯ ପଦବୀ ପାଇଁ ହେଉଥିବା ଏହି ନିଯୁକ୍ତିର ଆବେଦନ ପ୍ରକ୍ରିୟା ଶନିବାର ଶେଷ ହୋଇଛି। ତେବେ ଏହି ନିଯୁକ୍ତି ପାଇଁ ମୋଟ ୨୪ ଲକ୍ଷ ୭୬ ହଜାର ୩୮୩ ଜଣ ଆବେଦନ କରିଥିବା ନେଇ ଆର୍‌ଏସ୍‌ଏମ୍‌ଏସ୍‌ଏସ୍‌ବି ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ଚତୁର୍ଥ ଶ୍ରେଣୀ ପଦବୀ ପାଇଁ ହେଉଥିବା ଏହି ନିଯୁକ୍ତି ପ୍ରକ୍ରିୟାରେ ଗୋଟିଏ ପଦ ପାଇଁ ୪୬ ଜଣ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ସେହିପରି ଏହି ନିଯୁକ୍ତି ପାଇଁ ପିଏଚ୍.ଡି., ଏମ୍‌ବିଏ, ଲ' ଗ୍ରାଜୁଏଟ ପରି ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀ ମଧ୍ୟ ବହୁସଂଖ୍ୟାରେ ଆବେଦନ କରିଛନ୍ତି। ସିଭିଲ ସର୍ଭିସ୍ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଅନେକ ଛାତ୍ରୀଛାତ୍ର ମଧ୍ୟ ଏହି ନିଯୁକ୍ତି ପାଇଁ ଆବେଦନ କରିଛନ୍ତି। ଜୟପୁରସ୍ଥିତ ଗୋପାଳପୁରା ଅଞ୍ଚଳରେ ଥିବା କୋଚିଂ ସେଣ୍ଟର ସାହାଯ୍ୟରେ ସିଭିଲ ସର୍ଭିସ୍ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଅନେକ ଛାତ୍ରୀଛାତ୍ର ଏହି ନିଯୁକ୍ତିରେ ଆବେଦନ କରିବାର କାରଣ ସମ୍ପର୍କରେ ଏକ ଜାତୀୟ ଗଣମାଧ୍ୟମରେ ନିଜ ମତ ରଖିଛନ୍ତି। ଏମ୍.ଏ, ବି.ଇଡି ଶିକ୍ଷାଗତ ଯୋଗ୍ୟତା ଥିବା ସହ ବିଭିନ୍ନ ଆଇଟି କୋର୍ସ କରିଥିବା ଛାତ୍ର କମଲ କିଶୋର କହିଛନ୍ତି, ୨୦୧୮ରୁ ସେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ତାଙ୍କୁ ସଫଳତା ମିଳିନାହିଁ। ତେଣୁ ସାମ୍ପ୍ରତିକ ସ୍ଥିତିରେ ବେରୋଜଗାର ରହିବା ଅପେକ୍ଷା ପିଅନ ଭାବେ ଚାକିରି କରିବା ତାଙ୍କ ପାଇଁ ଢେର ଗୁଣା ଭଲ। ବିଜ୍ଞାନରେ ସ୍ନାତକୋତ୍ତର କରିଥିବା ତନୁଜା ଯାଦବ ଏବଂ ଏମ୍.ଏ, ବି.ଇଡି ପାଠ୍ୟକ୍ରମ ଶେଷ କରିଥିବା ସୁମିତ୍ରା ଚୌଧୁରୀ ମଧ୍ୟ ସମାନ ମତ ରଖିଛନ୍ତି। ଉଭୟେ ରାଜସ୍ଥାନ ପ୍ରଶାସନିକ ସେବା ପାଇଁ ପ୍ରସ୍ତୁତି କରୁଥିଲେ ମଧ୍ୟ ଏହି ସରକାରୀ ନିଯୁକ୍ତି ସୁଯୋଗକୁ ହାତଛଡ଼ା କରିବାକୁ ଚାହିଁନାହାନ୍ତି।

# ଗୁଳି ବିନିମୟ: ୨ ମାଓବାଦୀ ନିହତ

**ମାଲକାନଗିରି,୨୧।୪(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ନାରାୟଣପୁର ଜିଲା କୋଣ୍ଡାଗାଁ ନିକଟ କିଲମ ବାରଗୁମ୍ ମାର୍କମ ପାଲ ଜଙ୍ଗଲରେ ସୋମବାର ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୨ ହାର୍ଡକୋର ମାଓବାଦୀ ନିହତ ହୋଇଛନ୍ତି। ଉକ୍ତ ଅଞ୍ଚଳରେ ଯବାନମାନେ ସର୍ଚ୍ଚ ସମୟରେ ଗୁଳି ବିନିମୟ ଘଟିଥିଲା। ଦୁଇ ମାଓବାଦୀଙ୍କ ଉପରେ ୧୩ ଲକ୍ଷ ଟଙ୍କା ପୁରସ୍କାର ରାଶି ଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଉକ୍ତ ଅଞ୍ଚଳରେ ବନ୍ଧୁକ ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ କରାଯାଇଛି।

**ଆଜିର ସମ୍ପାଦକୀୟ**

ଫ୍ରାନ୍ସିସ୍‌ଙ୍କ ଯୁଗ

# ଲୋକଙ୍କ ସମସ୍ୟା ଅଣଦେଖା ନ ହେବା ଆମ ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର/ସମ୍ବଲପୁର, ୨୧।୪ (ସୁନିତ୍ ମିଶ୍ର/ପ୍ରମୋଦ ବହିଦାର)**

**ସମ୍ବଲପୁରରେ ଜନଅଭିଯୋଗ ଶୁଣାଣି**

ସୋମବାର ସକାଳୁ ସକାଳୁ ସମ୍ବଲପୁର ମହାନଗର ନିଗମ(ଏସ୍‌ଏମ୍‌ସି) କାର୍ଯ୍ୟାଳୟ ପରିସର ଲୋକାରଣ୍ୟ ହୋଇଉଠିଥିଲା। ସକାଳ ୮ଟାରେ ସେଠାରେ ଆୟୋଜିତ ହୋଇଥିଲା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ। ମୁଖ୍ୟମନ୍ତ୍ରୀଙ୍କ ସମେତ ୧୦ ଜଣ ମନ୍ତ୍ରୀ ଓ ରାଜ୍ୟ ପ୍ରଶାସନର ବିଭିନ୍ନ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ ସଚିବସ୍ତରୀୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାଜ୍ୟ ସରକାର ୨୪୦୦ ଆବେଦନକାରୀଙ୍କ ଅଭିଯୋଗ ଗ୍ରହଣ କରିଛନ୍ତି। ସେଥିମଧ୍ୟରୁ ହଜାରେ ଜଣ ଅନ୍‌ଲାଇନରେ ଏବଂ ୧୪୦୦ ଜଣ ଅଫ୍‌ଲାଇନରେ ଅଭିଯୋଗ ଦାଖଲ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ସମ୍ବଲପୁରରେ ଏ ଜନଶୁଣାଣି କାର୍ଯ୍ୟକ୍ରମ ସମସ୍ତଙ୍କ ପାଇଁ ଶୁଭଙ୍କର। ସରକାର, ଲୋକ, ଓଡ଼ିଶା ଓ ଗଣତନ୍ତ୍ର ପାଇଁ ଏହା ଏକ ସକାରାତ୍ମକ ବାର୍ତ୍ତା ଦେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଜନଶୁଣାଣି କାର୍ଯ୍ୟକ୍ରମକୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଆମକୁ ଲୋକଙ୍କ ଆହୁରି ନିକଟତର ହେବାକୁ ପ୍ରେରଣା ଦେଇଛି। ଆମ ଉଦ୍ଦେଶ୍ୟ ହେଉଛି ରାଜ୍ୟର ବୃହତ୍ତର ବିକାଶର ଲକ୍ଷ୍ୟ ପୂରଣ ଭିତରେ ଗରିବ, ଅସହାୟ ଲୋକଙ୍କ ସମସ୍ୟା ଯେପରି ଅଣଦେଖା ନ ହେବ। ସେମାନେ ଯେପରି ଅନୁଭବ ନ କରନ୍ତି, ସେମାନଙ୍କ ଦୁଃଖ ଶୁଣିବା ପାଇଁ କେହି ନାହାନ୍ତି। ପୂର୍ବ ସରକାର ଏଥିପ୍ରତି ଉଦାସୀନ ମନୋଭାବ ପୋଷଣ କରୁଥିଲେ। ଭାଜପା ସରକାର କିନ୍ତୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜନଶୁଣାଣି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏବେ ସମ୍ବଲପୁରରେ ହୋଇଛି, ଆଗକୁ ରାଜ୍ୟର ଅନ୍ୟ ସ୍ଥାନରେ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କ୍ଷେତ୍ରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଦ୍ୱାରା ଅଧିକାରୀମାନେ ସେମାନଙ୍କ ସ୍ତରରେ ହିଁ ଯେତେଦୂର ସମ୍ଭବ ଲୋକଙ୍କ ସମସ୍ୟା ସମାଧାନ କରିବାକୁ ତତ୍ପର ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସମସ୍ତ ଅଭିଯୋଗର ଶୀଘ୍ର ସମାଧାନ ପାଇଁ ଅଧିକାରୀମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି। ଆଗରୁ ଭୁବନେଶ୍ୱରରେ ୯ଟି ଜନଶୁଣାଣି ହୋଇଛି। ଏଥିରେ ମୋଟ୍ ୯,୩୭୭ ଲୋକଙ୍କ ଅଭିଯୋଗ ଗ୍ରହଣ କରାଯିବା ସହ ସେଥିରୁ ପ୍ରାୟ ୮୮% ଅଭିଯୋଗର ସମାଧାନ କରାଯାଇଛି। ଅବଶିଷ୍ଟ ପ୍ରକ୍ରିୟା ଭିତରେ ରହିଛି। ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମରେ ଅସାଧ୍ୟ ଓ ଦୁରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ସହାୟତା ଯୋଗାଇ ଦିଆଯାଉଛି।

ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମନ୍ତ୍ରୀ ସୁରେଶ ପୂଜାରୀ, ମୁକେଶ ମହାଲିଙ୍ଗ, ରବି ନାରାୟଣ ନାୟକ, ବିଭୂତି ଭୂଷଣ ଜେନା, ସୂର୍ଯ୍ୟବଂଶୀ ସୂରଜ, କୃଷ୍ଣଚନ୍ଦ୍ର ମହାପାତ୍ର, ଗଣେଶ ରାମସିଂ ଖୁଣ୍ଟିଆ, କୃଷ୍ଣଚନ୍ଦ୍ର ପାତ୍ର, ସମ୍ପଦ ସ୍ୱାଇଁ, ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ଏବଂ ଅନ୍ୟ ବିଭାଗର ସଚିବସ୍ତରୀୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଏହି କାର୍ଯ୍ୟ ପରିଚାଳନା କରିଥିଲେ।



ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଭିଯୋଗ ଶୁଣୁଛନ୍ତି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ତ୍ରିଭାଷୀ କବି ସମ୍ମିଳନୀ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ନ୍ୟାଶନାଲ ଓମେନ୍‌ସ ବିଜନେସ୍ ମେଳା ୨.୦ର ଖବରଦାତା ସମ୍ମିଳନୀ, ସ୍ଥାନ: ଲାଇଫ୍ ହୋଟେଲ, ସମୟ: ଅପରାହ୍ନ ୫ଟା।
- ୨୩ତମ ଏକାମ୍ର ନୃତ୍ୟ ମହୋତ୍ସବ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ବାଞ୍ଛାର ବଗିଚା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

## କଟକ

- ବ୍ଲକସ୍ତରୀୟ ଦିନଦୟାଲ ଉପାଧ୍ୟାୟ ନିଯୁକ୍ତି ମେଳା, ସ୍ଥାନ: ତିଗିରିଆ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।

## ଖୋର୍ଦ୍ଧା

- ଶିରିଡି ସାଇବାବାଙ୍କ ୧୮ତମ ବାର୍ଷିକ ଉତ୍ସବ ଅବସରରେ ଅଙ୍କୁରାରୋପଣ, ସ୍ଥାନ: ଟ୍ରାଫିକ କଲୋନୀ, ଜଟଣୀ, ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର

- ବିଧାୟକଙ୍କ ଜନଶୁଣାଣି ଶିବିର, ସ୍ଥାନ: କଷାଫଳ ବାତ୍ୟା ଆଶ୍ରୟସ୍ଥଳୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ

- ଶ୍ରୀରାମ ଚନ୍ଦ୍ରଙ୍କ ଭବ୍ୟଆଳୟ, ଦିବ୍ୟ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବାଇପୁର, ବନ୍ତ, ସମୟ: ସକାଳ ୯ଟା।
- ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବାସୁଦେବପୁର, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ମା' ଗ୍ରାମ ଦେବତୀ ମଙ୍ଗଳଙ୍କ ପୀଠରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଆଡ଼ହୁରିଆ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।
- ମା' ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ, ସ୍ଥାନ: ଶିଙ୍ଗଡ଼ୋବ, ଛେନାପଦି, ସମୟ: ସକାଳ ୭ ଟା ଓ ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ୍ ପ୍ରଶିକ୍ଷଣ ଶିବିର,ସ୍ଥାନ:ଷ୍ଟାଡ଼ିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା,ସମୟ: ସକାଳ ୯ଟା।
- ବେତନଟୀ ବ୍ଲକ ଅଧୀନ ରଘୁପୁର ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ, ସ୍ଥାନ: ରଘୁପୁର ପଞ୍ଚାୟତ ଅଫିସ,ସମୟ: ପୂର୍ବାହ୍ନ ୧୧ଟା।
- ଶିଶୁ ବିଦ୍ୟାମନ୍ଦିରରେ ତ୍ରୀଦିବସୀୟ କର୍ମଶାଳା,ସ୍ଥାନ:ଉଦଳା ଶିଶୁ ବିଦ୍ୟାମନ୍ଦିର ପରିସର,ସମୟ: ଅପରାହ୍ନ ୨ଟା।

## ବ୍ରହ୍ମପୁର

- ସିପିଆଇ(ଏମଏଲ)ରେଡ ଷ୍ଟାର ପକ୍ଷରୁ ବିକ୍ଷୋଭ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ଅବସରପ୍ରାପ୍ତ କର୍ମଚାରୀ ସଂଘର ଧାରଣା, ସ୍ଥାନ: ଆର୍‌ଡିସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ନାଟ୍ୟ ଉତ୍ସବ ଉଦ୍‌ଘାଟନୀ, ସ୍ଥାନ: ସଂସ୍କୃତି ଭବନ, ସମୟ: ସନ୍ଧ୍ୟା ୬ଟା।

## କନ୍ଧମାଳ

- ଜିଲା ସାମ୍ବାଦିକ ସଂଘର ବାର୍ଷିକୋତ୍ସବ, ସ୍ଥାନ: ଗାନ୍ଧୀସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ

- ପୋଖରୀ ସୁରକ୍ଷା ପାଇଁ ସୁରକ୍ଷା ସମିତିର ଜିଲାପାଳଙ୍କ ସହ ଆଲୋଚନା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ସାଢେ ୮ଟା।

## ଅନୁଗୋଳ

- ଅନୁଗୋଳ ଜିଲା ମହୋତ୍ସବ ପାଇଁ ମଶାଲ ଶୋଭାଯାତ୍ରା, ସ୍ଥାନ: ଆଠମଲ୍ଲିକ ଦେଉଳଝରି ଶୈବପୀଠ, ସମୟ: ସକାଳ ୬ଟା ୩୦।
- ଅନୁଗୋଳ ଜିଲା ମହୋତ୍ସବ ମଶାଲ ପୂଜାର୍ଚ୍ଚନା, ସ୍ଥାନ: ଆଠମଲ୍ଲିକ ମାହେଶ୍ୱରୀ ମନ୍ଦିର, ସମୟ: ସକାଳ ୭ଟା ୩୦।

## କେନ୍ଦ୍ରାପଡ଼ା

- ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଜିଲା କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ଗଣଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।

## ନୟାଗଡ଼

- ବିଶ୍ୱ ହାସ୍ୟ ଦିବସ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନୟାଗଡ଼ ମହର୍ଷି ସ୍କୁଲ ସମ୍ମୁଖ ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଐତିହାସିକ ଲଙ୍କାପୋଡ଼ ଯାତ୍ରାର ୧୭ତମ ଦିବସରେ ରାବଣ ବଧ, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ରାତି ୧୧ଟା।

## ନବରଙ୍ଗପୁର

- କୋଷାଗୁମୁଡ଼ା ସରକାରୀ ଉଚ୍ଚବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ସକାଳ ୭ଟା।
- ପୋଷଣ ପୋଖୱାଡା କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ନାଟ୍ୟ ମହୋତ୍ସବର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ ନାଲକୋ ଟାଉନଶିପ, ଦାମନଯୋଡି, ସମୟ: ସନ୍ଧ୍ୟା ୭ଟା ୩୦।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଶ୍ରୀଶ୍ରୀ ପଣ୍ଡିତ ମହାସଭା ଆୟୋଜିତ ଶ୍ରୀଶ୍ରୀ ଶତଚଣ୍ଡି ମହାଯଜ୍ଞ ଶୁଭାରମ୍ଭ, ସ୍ଥାନ : ମନ୍ଦଲିଆ ସମଲେଶ୍ୱରୀ ମହାବିଦ୍ୟାଳୟ ପରିସର, ସମୟ : ସକାଳ ୮ଟା।
- ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଆନ୍ଦୋଳନ, ସ୍ଥାନ : ମୋତିଝରଣ ସ୍ଥିତ ଡିଏଫଓ କାର୍ଯ୍ୟାଳୟ, ସମୟ : ସକାଳ ୯ଟା।

## ରାଉରକେଲା

- ନିଃଶୁଳ୍କ ସ୍ୱାସ୍ଥ୍ୟ ପରାମର୍ଶ ଶିବିର, ସ୍ଥାନ: ମା' ବାଟମଙ୍ଗଳା ଶକ୍ତିପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀପଞ୍ଚଦେବ କଲଚରାଲ ଟ୍ରଷ୍ଟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଉଦିତନଗର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବୁରୋମୁଣ୍ଡା, ଗାଇସିଲେଟ୍, ସମୟ: ସକାଳ ୭ଟା।
- ଜିଲା ଉନ୍ନୟନ ସମନ୍ୱୟ ଓ ନିରୀକ୍ଷଣ କମିଟିର ସଭା, ସ୍ଥାନ:ସମ୍ମିଳନୀ କକ୍ଷ, ଜିଲା ପରିଷଦ, ବରଗଡ଼, ସମୟ:ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ଖାଦ୍ୟ ଆୟୋଗଙ୍କ ସମୀକ୍ଷା ବୈଠକ, ସ୍ଥାନ: ପଞ୍ଚାୟତ ସମିତି କକ୍ଷ, ସୋହେଲା, ସମୟ:ପୂର୍ବାହ୍ନ ୧୧ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଧୂମାଭଟା(ଲଖମରା), ପଦ୍ମପୁର, ସମୟ: ସନ୍ଧ୍ୟା ୫ଟା ୩୦।

## ବୌଦ୍ଧ

- ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ସପ୍ତଦଶ ଦିବସ ନାଟକ ନରାନ୍ତକ ବଧ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ରାତି ୯ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ତରଭା ଶନିଶ୍ଚର ମନ୍ଦିରରେ ପ୍ରତିଷ୍ଠା ଉତ୍ସବ ଓ ଅଷ୍ଟ ପ୍ରହର ନାମଯଜ୍ଞ, ସ୍ଥାନ: ଶନି ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ସୁବର୍ଣ୍ଣପୁର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୧୫।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ଗାଁ, ସମୟ: ପ୍ରାତଃ ୫ଟା ୧୫।
- ନୂଆପଡ଼ା ଜିଲା ଗଠନର ମୁଖ୍ୟ ପୁରୋଧା ସ୍ୱର୍ଗତ ଘାସିରାମ ମାଝିଙ୍କ ତିରୋଧାନ ଦିବସ ପାଳନ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଆବ୍ୟାହତ, ସ୍ଥାନ: କୋମନା ବ୍ଲକ ବିରୁନପଦର ଗାଁ, ସମୟ: ପ୍ରାତଃ ୫ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଓ ଅଧିବାସ, ସ୍ଥାନ: ନୂଆପଡ଼ା ସଦର ବ୍ଲକ କୋଦୋମେରୀ ଗାଁ, ସମୟ: ଅପରାହ୍ନ ୪ଟା।

## ଝାରସୁଗୁଡ଼ା

- ରତୁସ୍ରାବଜନିତ କିଟ ବଣ୍ଟନ, ସ୍ଥାନ: ତିଳେଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୮ଟା।
- ପଞ୍ଚ ଉପଚାର ପୂଜା ଓ ଚାଳିଶାପଠନ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ସହସ୍ର ନାମ ପାଠ ଓ ପଞ୍ଚ ଉପଚାର ପୂଜା, ସ୍ଥାନ: ବେହେରାମାଲ ଦୁର୍ଗା ମନ୍ଦିର, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବହୁଦିନରୁ ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସହ ମନୋମାଳିନ୍ୟ ଘଟିବା ସୂଚନା ରହିଛି। ବୃହସ୍ପତିଙ୍କ ପ୍ରଭାବରୁ ନୂଆ ଯୋଜନାଟିଏ କରିବା ସକାଶେ ମନ ବଳାଇପାରନ୍ତି। ପୂର୍ବ ସ୍ଥିରୀକୃତ ପ୍ରତ୍ୟୁଷ ଯାତ୍ରା ଆଜି ଆକସ୍ମିକ ସମସ୍ୟା କାରଣରୁ ସ୍ଥଗିତ ରହିପାରେ। ନିକଟ ସମ୍ପର୍କୀୟମାନଙ୍କ ଉପରେ ଭରସାକରି କୌଣସି କାମ କରିପାରିବେ ନାହିଁ।

**ବୃଷ** ଆପଣ ଯାହା ପାଇଁ କଷ୍ଟ ସ୍ୱୀକାରକରି ସାହାଯ୍ୟ କରିଥିଲେ ସେହି ବ୍ୟକ୍ତି ହିଁ ଆପଣଙ୍କ ଶତ୍ରୁ ସାଜିପାରେ। ବିନା କାରଣରେ ଘରର ସଦସ୍ୟମାନେ ଆପଣଙ୍କ ଉପରେ ବିରକ୍ତ ହୋଇପାରନ୍ତି। କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ। ସଙ୍କଟ ସ୍ଥିତିରେ ପଡ଼ୋଶୀ ସହାୟତା ଆଶା କରିପାରନ୍ତି।

**ମିଥୁନ** ଉଚ୍ଚସ୍ଥ ରବିଙ୍କ କାରଣରୁ ରାଜକୀୟ ସମ୍ମାନ, ପ୍ରଶାସନିକ ଅଧିକାର ସାଙ୍ଗକୁ ବୁଦ୍ଧିଜୀବୀଙ୍କ ସାନ୍ନିଧ୍ୟ ଲାଭକରିବେ। କର୍ମକ୍ଷେତ୍ରରେ ସହକର୍ମୀମାନେ ଅତିଷ୍ଠହୋଇ ବିଭିନ୍ନ ସମସ୍ୟା ସୃଷ୍ଟି କରିପାରନ୍ତି। ବ୍ୟବସାୟରେ ଟଙ୍କା ପଇସାକୁ କେନ୍ଦ୍ରକରି କଳହ ଆଶଙ୍କା ରହିଛି। ପାରିବାରିକ ସମର୍ଥନରେ ନୂତନ ଯୋଜନାରମ୍ଭ କରିପାରନ୍ତି।

**କର୍କଟ** ପାରିବାରିକ ଓ କର୍ମକ୍ଷେତ୍ରର ସମସ୍ୟା ବିଷୟ ଚିନ୍ତାକରି ମନରେ ଅସ୍ଥିରତା ସୃଷ୍ଟିହେବ। ନିଜେ ଅସୁବିଧାରେ ଚଳୁଥିଲେ ମଧ୍ୟ ବନ୍ଧୁଙ୍କ କାମରେ ଯଥାସାଧ ସାହାଯ୍ୟ କରିପାରନ୍ତି। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। କୌଣସି ଜିନିଷ କିଣିବା ପାଇଁ ଆପଣଙ୍କ ଇଚ୍ଛା ନ ଥାଇ ମଧ୍ୟ ବାଧହୋଇପାରନ୍ତି।

**ସିଂହ** ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ ଏବଂ ବନ୍ଧୁଙ୍କ ଡାକରା ପାଇ ଯାତ୍ରା କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ଆଶ୍ୱସ୍ତି ସୂଚକ କଥା ଶୁଣି ମନ ହାଲୁକା ହୋଇଯିବ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜ କାମଟି ଅଟକି ରହିଯିବାରୁ ଘରୁ ଅଭିଯୋଗ ପାଇପାରନ୍ତି। ବାଣିଜ୍ୟ ସାଙ୍ଗକୁ କଚେରି ମାମଲା ଟେନ୍‌ସନଯୁକ୍ତ ରହିବ।

**କନ୍ୟା** ବନ୍ଧୁ କୌଣସି ଜିନିଷ ଦେବା ପାଇଁ ପ୍ରତିଶ୍ରୁତି ଦେଇ ଶେଷରେ ମନା କରିଦେଇପାରନ୍ତି। ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ଯୋଜନାକରି ଶେଷରେ ନିରାଶ ହୋଇପାରନ୍ତି। ସମସ୍ୟା ଥିବା ଘଟଣାରେ ମୁଣ୍ଡ ନ ପୂରାଇବା ଭଲ। ବ୍ୟବସାୟ, ପରିବହନ, ମାଲି ମକଦ୍ଦମା, ରାଜନୀତି, ସଙ୍ଗଠନରେ କ୍ରମଶଃ ଉନ୍ନତି କରିବେ।

**ତୁଳା** ଆଜି କାମ ସହଜରେ ହାସଲ କରି ନ ପାରନ୍ତି। ଅନ୍ୟମାନଙ୍କ କାର୍ଯ୍ୟକଳାପ ମନକୁ ନ ପାଇଲେ ମଧ୍ୟ କିଛି କରିବାର ଉପାୟ ପାଇବେ ନାହିଁ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ। ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା କାମ ହାସଲ କରିବାରେ ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା** ବନ୍ଧୁଙ୍କୁ ଦେଇଥିବା ଅର୍ଥକୁ ନେଇ ବିବାଦ ଲାଗିପାରେ। କୌଣସି ମନ୍ତବ୍ୟକୁ କେନ୍ଦ୍ରକରି ଅଭିଯୋଗର ସମ୍ମୁଖୀନ ହୋଇପାରନ୍ତି। ବିଭିନ୍ନ କୌଶଳ ଅବଲମ୍ବନକରି ଆଶା ପୂରଣ ଲାଗି ଚେଷ୍ଟା କରିବେ। ସାହିତ୍ୟ, ସଂଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ବିଶ୍ୱାସର ସହ କାମ କଲେ ବନ୍ଧୁମାନଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ।

**ଧନୁ** ଆପଣଙ୍କ କାର୍ଯ୍ୟଦକ୍ଷତା ଓ ସମୟାନୁବର୍ତ୍ତିତା ଯୋଗୁ କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧିପାଇବ। ଆନୁଷ୍ଠାନିକ କାମର ପ୍ରସ୍ତୁତିରେ ବ୍ୟତିକ୍ରମ ଜନିତ ବିଚଳିତ ରହିବା ଆଶଙ୍କା ରହିଛି। ବିବାଦୀୟ ଘଟଣାରେ ନୀରବ ରହିଯିବା ଏକ ପ୍ରକାର ଭଲ ହେବ। ଅତୀତ କଥାକୁ କେନ୍ଦ୍ରକରି ନିଜ ନିଜ ଭିତରେ ଟଣାଓଟରା ଲାଗିପାରନ୍ତି।

**ମକର** ସ୍ୱାସ୍ଥ୍ୟ ଖରାପ ନ ଥିଲେ ମଧ୍ୟ ପୁରୁଣା ରୋଗ ଦୁଶ୍ଚିନ୍ତାର କାରଣ ହେବ। କୀଡ଼ା, ସଙ୍ଗୀତଚର୍ଚ୍ଚା, ସାହିତ୍ୟ, ସାମ୍ବାଦିକତା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ବୁଝି ଓଲଟି ଦୋଷାରୋପ କରିପାରନ୍ତି। ଭୁଲ୍ ବୁଝାମଣା ଯୋଗୁ ପରିବାର ଭିତରେ ଅଶାନ୍ତ ପରିସ୍ଥିତି ସୃଷ୍ଟିହେବ।

**କୁମ୍ଭ** ମନ ଭଲ ନ ଥିଲେ ମଧ୍ୟ ହାତରେ ଥିବା କାମ କରିବାକୁ ବାଧ ହେବେ। ପାରିବାରିକ ଶୃଙ୍ଖଳା ରକ୍ଷା କରିବାକୁ ଯାଇ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ଆଲୋଚନା ପରିସରରେ କେତେକ କଥା ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହୋଇପାରନ୍ତି। ଯାତ୍ରା ସମୟରେ କୌଣସି ବ୍ୟକ୍ତିଙ୍କ ସହାୟତାରୁ ଉପକୃତହେବା ସୂଚନା ରହିଛି।

**ମୀନ** କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବୃଦ୍ଧି ପାଇବାରୁ ବ୍ୟସ୍ତତା ବୃଦ୍ଧିପାଇବ । ଅଧୈର୍ଯ୍ୟ ନ ହୋଇ ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବା ପାଇଁ ପ୍ରଯତ୍ନ କରିବା ଭଲ ହେବ। ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ ଓ ବନ୍ଧୁ ସମ୍ପର୍କରେ ଆଶାଜନକ ଫଳ ପାଇବେ। ସାମାଜିକ ସ୍ତରରେ ବନ୍ଧୁମିଳନରୁ ଉପକୃତ ହୋଇପାରନ୍ତି।

ଆଜି ଏପ୍ରିଲ ୨୨ ତାରିଖ, ଧରିତ୍ରୀ ଦିବସ, ବୈଶାଖ କୃଷ୍ଣ ନବମୀ ମଙ୍ଗଳବାର। ରାଶିନକ୍ଷତ୍ର-ଦିବା ଘ.୧୨।୪୨ ମ. ପର୍ଯ୍ୟନ୍ତ ଶ୍ରବଣା/ମକର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ଦିବା ଘ.୦୮।୩୬ ଗତେ, ଘ.୧୦।୨୯ ମଧ୍ୟେ, ଘ.୦୧।୦୦ ଗତେ, ଘ. ୦୧।୧୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୪୫ ଗତେ, ଘ. ୦୧।୧୯ ମଧ୍ୟେ ରାହୁକାଳ ।

# ଇପିଏଫଓରେ ଯୋଡ଼ିହେଲେ ୧୬.୧୦ ଲକ୍ଷ ସଦସ୍ୟ

**ଭୁବନେଶ୍ୱର,୨୧।୪(ଅନୁରାଧା ମହାରଣା)**

କର୍ମଚାରୀ ଭବିଷ୍ୟ ପାଣ୍ଠି ସଂଗଠନ (ଇପିଏଫଓ) ଫେବୃଆରୀରେ ନେଟ୍ ୧୬.୧୦ ଲକ୍ଷ ସଦସ୍ୟ ଯୋଡିଛି। ସୋମବାର ପ୍ରକାଶିତ ସର୍ବଶେଷ ବେତନ ତଥ୍ୟ ଅନୁଯାୟୀ, ଗତ ବର୍ଷ ସମାନ ମାସ ତୁଳନାରେ ଏହି ସଂଖ୍ୟା ୩.୯୯% ଅଧିକ ରହିଛି। ଶ୍ରମ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି ଯେ, ୨୦୨୫ ଫେବୃଆରୀରେ ଇପିଏଫଓ ପ୍ରାୟ ୭.୩୯ ଲକ୍ଷ ନୂତନ ସଦସ୍ୟ ଯୋଡିଛି। ନୂତନ ସଦସ୍ୟଙ୍କ ମଧ୍ୟରେ ୧୮-୨୫ ବର୍ଷ ବୟସର ଲୋକଙ୍କ ସଂଖ୍ୟା ସର୍ବାଧିକ ରହିଥିବାବେଳେ ଫେବୃଆରୀରେ ଯୋଡି ହୋଇଥିବା ସଦସ୍ୟମାନଙ୍କ ଅଂଶ ହେଉଛି ୪.୨୭ ଲକ୍ଷ ଅଥାତ୍ ୫୭.୭୧%। ୧୮-୨୫ ବର୍ଷ ବୟସର ମୋଟ ସଦସ୍ୟଙ୍କ ସଂଖ୍ୟା ଫେବୃଆରୀରେ ପ୍ରାୟ ୬.୭୮ ଲକ୍ଷ ବୃଦ୍ଧି ପାଇଛି। ଏହା ଗତବର୍ଷ ତୁଳନାରେ ୩.୦୧% ଅଟେ। ୧୩.୧୮ ଲକ୍ଷ ସଦସ୍ୟ, ଯେଉଁମାନେ ପୂର୍ବରୁ ଇପିଏଫ୍‌ଓରୁ ବାହାରି ଯାଇଥିଲେ ସେମାନେ ଫେବୃଆରୀରେ ଯୋଗଦେଇଛନ୍ତି। ୨୦୨୫ ଫେବୃଆରୀରେ ପ୍ରାୟ ୨.୦୮ ଲକ୍ଷ ମହିଳା ସଦସ୍ୟ ପ୍ରଥମ ଥର ପାଇଁ ଇପିଏଫ୍‌ଓରେ ଯୋଗ ଦେଇଥିଲେ। ବାର୍ଷିକ ଭିତ୍ତିରେ ଏହି ସଂଖ୍ୟାରେ ୧.୨୬% ବୃଦ୍ଧି ଘଟିଛି।

# ଡାକ୍ତର ନ ଦେଖାଇପାରି ଆଖିବୁଜିଲେ ରୋଗୀ

**କଟକ,୨୧।୪(ଶିଳ୍ପା ପ୍ରିୟଦର୍ଶିନୀ)**

ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ନନ୍‌ଟ୍ରମା କାଜୁଆଲ୍‌ଟିରେ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ନନ୍‌ଟ୍ରମା କାଜୁଆଲ୍‌ଟିକୁ ଆସୁଥିବା ଗୁରୁତର ରୋଗୀଙ୍କୁ ଡାକ୍ତର ଦେଖାଇବା ପାଇଁ ଠିକ୍ ସମୟରେ ଟିକେଟ କାଉଣ୍ଟରରୁ ଟିକେଟ ମିଳିପାରୁନାହିଁ। ଫଳରେ ରୋଗୀଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡ଼ିବା ସହ ଜୀବନ ମଧ୍ୟ ଯାଉଛି। ଏଭଳି ଏକ ଘଟଣା ରବିବାର ସନ୍ଧ୍ୟାରେ ଘଟିଛି।

ସୂଚନାନୁଯାୟୀ, ଜଗତ୍‌ସିଂହପୁର ଅଞ୍ଚଳର ଜଣେ ରୋଗୀ ଗୁରୁତର ଅବସ୍ଥାରେ ରବିବାର ସନ୍ଧ୍ୟାରେ ଏସ୍‌ସିବିର ନନ୍‌ଟ୍ରମା କାଜୁଆଲ୍‌ଟିକୁ ଆସିଥିବାବେଳେ ତାଙ୍କ ସମ୍ପର୍କୀୟ ଟିକେଟ ପାଇଁ କାଉଣ୍ଟରକୁ ଯାଇଥିଲେ। ତେବେ ସେଠାରେ ବିଳମ୍ବ ହେବାରୁ ଉକ୍ତ କାଜୁଆଲ୍‌ଟି ପରିସରରେ ଥିବା ଜଣେ କର୍ମଚାରୀଙ୍କ ସାହାଯ୍ୟ ଲୋଡ଼ିଥିଲେ। ସମ୍ପୃକ୍ତ କର୍ମଚାରୀ ବହୁ ସମୟ ଛିଡ଼ା ହୋଇ ରହିଥିଲେ ମଧ୍ୟ କାଉଣ୍ଟରରୁ ତୁରନ୍ତ ଟିକେଟ ପାଇ ନ ଥିଲେ। ଫଳରେ ରୋଗୀ ଜଣକ ଡାକ୍ତର ଦେଖାଇ ପାରି ନ ଥିଲେ ଏବଂ ପ୍ରାୟ ଅଧଘଣ୍ଟା ମଧ୍ୟରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ଏହି ଘଟଣାକୁ ନେଇ ମୃତକଙ୍କ ସମ୍ପର୍କୀୟଙ୍କୁ ସହାୟତାର ହାତ ବଢାଇଥିବା କର୍ମଚାରୀ ଜଣକ ଟିକେଟ କାଉଣ୍ଟର କର୍ମଚାରୀଙ୍କୁ ବିଳମ୍ବ ସମ୍ପର୍କରେ ପଚାରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଘଟଣା ସମ୍ପର୍କରେ କର୍ମଚାରୀ ଜଣକ ନନ୍‌ଟ୍ରମା କାଜୁଆଲ୍‌ଟି ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ଅଭିଯୋଗ କରିଥିବା ଜଣାପଡ଼ିଛି। ସେହିପରି ଉକ୍ତ କାଜୁଆଲ୍‌ଟିକୁ ସୋମବାର ଯାଜପୁରରୁ ନିର୍ମଳ ଚନ୍ଦ୍ର ଧଳ ଆସିଥିବାବେଳେ ତାଙ୍କ ସମ୍ପର୍କୀୟଙ୍କୁ ମଧ୍ୟ ବିଳମ୍ବରେ ଟିକେଟ ମିଳିଥିଲା। ଏହାକୁ ନେଇ କାଉଣ୍ଟର କର୍ମଚାରୀଙ୍କ ସହ ନିର୍ମଳଙ୍କର ବଚସା ହୋଇଥିଲା। ଏଠାରେ କେବଳ ଟିକେଟ ସମସ୍ୟା ନୁହେଁ, ରୋଗୀଙ୍କୁ ଅନ୍ୟ ୱାର୍ଡକୁ ସ୍ଥାନାନ୍ତର କରିବା ମାତ୍ରେ ହିଁ ବାହାରକୁ ତଡ଼ି ଦିଆଯାଉଛି। ବାଲେଶ୍ୱର ଅଞ୍ଚଳର ମନୋଜ ବିଶ୍ୱାଳ ଉକ୍ତ କାଜୁଆଲ୍‌ଟିକୁ ରବିବାର ବିଳମ୍ବିତ ରାତିରେ ଚିକିତ୍ସା ପାଇଁ ଆସିଥିବାବେଳେ ତାଙ୍କୁ ସୋମବାର ସକାଳୁ ବିଭିନ୍ନ ପରୀକ୍ଷା ପାଇଁ କୁହାଯାଇଥିଲା। ଏପରି କି ପରୀକ୍ଷା କରାଇବା ପରେ ଟିବି ୱାର୍ଡରେ ଭର୍ତ୍ତି ହେବାକୁ ଡାକ୍ତର କହିଥିଲେ। ରୋଗୀ ଜଣକ ପରୀକ୍ଷା କରାଇବା ପରେ ଉକ୍ତ ନନ୍‌ଟ୍ରମାକୁ ଫେରିଥିଲେ। ତେବେ ସେଠାରେ ଥିବା ସୁରକ୍ଷାକର୍ମୀ ମନୋଜଙ୍କ ସମସ୍ତ ସାମଗ୍ରୀ କାଜୁଆଲ୍‌ଟିରୁ ବାହାର କରିଦେଇଥିଲେ। ପରୀକ୍ଷା ରିପୋର୍ଟ ଆସିବା ପରେ ୱାର୍ଡକୁ ଯିବୁ ବୋଲି ରୋଗୀଙ୍କ ସମ୍ପର୍କୀୟ କହିବା ସତ୍ତ୍ୱେ ସୁରକ୍ଷାକର୍ମୀ ଗାଳିଗୁଲଜ କରି ତାଙ୍କୁ ବିଦା କରିଦେଇଥିଲେ। ଏ ନେଇ ମନୋଜଙ୍କ ସ୍ତ୍ରୀ ଚୁମ୍ମି ବିଶ୍ୱାଳ ଅଭିଯୋଗ କରିଛନ୍ତି ଯେ, ରୋଗୀଙ୍କ ପରୀକ୍ଷା ରିପୋର୍ଟ ଆସି ନ ଥିଲା, କିନ୍ତୁ ଏଠାରେ ସୁରକ୍ଷାକର୍ମୀ ଧକ୍କା ମାରି ବିଦା କରିବାକୁ ଧମକ୍ ଦେଲେ। ଯେତେ ଅନୁରୋଧ କଲେ ମଧ୍ୟ ଶୁଣିଲେ ନାହିଁ। ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ କର୍ମଚାରୀମାନେ ଉତ୍ତମ ବ୍ୟବହାର କରିବା ନିମନ୍ତେ ମେଡିକାଲ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେବା ଆବଶ୍ୟକ। ସେହିପରି ନିର୍ମଳଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି ଯେ, ଟିକେଟ ଦେବା ପାଇଁ ୨୦ ମିନିଟ୍ ଅପେକ୍ଷା କରାଇଲେ ଓ ବିଭିନ୍ନ ତଥ୍ୟ ପଚାରିଲେ। ଏହାପରେ ଟିକେଟ ଦିଆଯିବ ନାହିଁ କହି ଫେରାଇଦେଲେ। ମେଡିକାଲରେ କର୍ମଚାରୀଙ୍କ ଗୁଣ୍ଡାରାଜ ଚାଲିଛି। କର୍ମଚାରୀଙ୍କୁ କର୍ତ୍ତୃପକ୍ଷ ବ୍ୟବହାର ଶିଖାଇବା ଆବଶ୍ୟକ। ଅନ୍ୟପକ୍ଷରେ ଏ ସମ୍ପର୍କରେ ମେଡିକାଲ୍‌ର କୁଳସଚିବ ସୁବାସ ରାୟ କହିଛନ୍ତି, ଆମ ନିକଟକୁ ଏଭଳି କୌଣସି ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ସମସ୍ତ କର୍ମଚାରୀଙ୍କୁ ରୋଗୀସେବା ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି ବୋଲି ରାୟ ପ୍ରକାଶ କରିଛନ୍ତି।

# ବ୍ୟାଙ୍କରୁ ୮.୧ କୋଟି ଠକେଇ ମାମଲାରେ ୪ ଗିରଫ






**ଭୁବନେଶ୍ୱର,୨୧।୪(ସୂର୍ଯ୍ୟକାନ୍ତ ବେହେରା)**

ନକଲି କାଗଜପତ୍ର ସହ ଚଞ୍ଚକତା କରି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସବିଆଇ)ରୁ ୮.୧ କୋଟି ଋଣ ଠକେଇରେ ସଂପୃକ୍ତ ଥିବା ୪ ମଧ୍ୟସ୍ଥିଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ସୋମବାର ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଜଗତ୍‌ସିଂହପୁରର ସ୍ମୃତି ରଞ୍ଜନ ସେଠୀ ଓ ଏମ୍. ଦିବ୍ୟଶ୍ରୀ ଜ୍ୟୋତି ରଞ୍ଜନ ଏବଂ ଭୁବନେଶ୍ୱରର ନିରଞ୍ଜନ ବେହେରା ଓ ଦେବାଶିଷ ବେହେରା। ସେମାନଙ୍କଠାରୁ ଗୋଟିଏ ଲାପ୍‌ଟପ୍ ଓ ୫ଟି ମୋବାଇଲ ଫୋନ ସମେତ ବହୁ ଆପରାଧିକ ସାମଗ୍ରୀ ଜବତ କରାଯାଇଛି। ଏପ୍ରିଲ ୭ରେ ଏସ୍‌ବିଆଇର ଆଞ୍ଚଳିକ ପରିଚାଳକ ଶିବ ସୁନ୍ଦରା ସାହୁଙ୍କ ଲିଖିତ ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁ ମାମଲା ରୁଜୁ କରି ଏହି ପଦକ୍ଷେପ ଗ୍ରହଣ କରିଛି। ତେବେ ଗିରଫ ପରେ ଅଭିଯୁକ୍ତମାନଙ୍କୁ କଟକସ୍ଥିତ ଯୁପିଆଇଡି କୋର୍ଟକୁ ଚାଲାଣ କରାଯାଇଛି। ଜାମିନ ନ ମିଳିବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଲାପ୍‌ଟପ୍, ମୋବାଇଲ ଜବତ

ଅଭିଯୋଗନୁସାରେ, ଅଭିଯୁକ୍ତମାନେ ଷଡ଼ଯନ୍ତ୍ର କରି ୧.୫ଲକ୍ଷ ଟଙ୍କା ଲେଖାଏ ୨୩୪ଟି ଏକ୍ସପ୍ରେସ କ୍ରେଡିଟ ଲୋନ୍ ନେଇଥିଲେ। ନକଲି କାଗଜପତ୍ର ବ୍ୟବହାର କରି ୨୦୨୧ ଏବଂ ୨୦୨୩ରେ ବ୍ୟାଙ୍କର ବିଭିନ୍ନ ଶାଖାରୁ ୮.୧ କୋଟି ଟଙ୍କା ଠକେଇ କରିଥିଲେ। କାଗଜପତ୍ରରେ ଋଣ ଗ୍ରହୀତାଙ୍କୁ କ୍ୟାପିଟାଲ ଟ୍ରଷ୍ଟ ଲିମିଟେଡ, କର୍ପୋରେଟ ଇନ୍‌ଫୋଟେକ ପ୍ରାଇଭେଟ୍ ଲିମିଟେଡ, ଫାଲକନ ମେରାଇନ ଏକ୍ସପୋର୍ଟ୍ସ ଲିମିଟେଡ, ଜି୪ଏସ୍‌ସିକ୍ୟୁର ସଲ୍ୟୁଶନ୍ସ ପ୍ରାଇଭେଟ ଲିମିଟେଡ, ଗ୍ଲୋବାଲ ଇନୋଭସୋର୍ସ ସଲ୍ୟୁଶନ୍ସ, ଇନୋଭସୋର୍ସ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡ, ମୁଥୁଟ ମାଇକ୍ରୋଫିନ ଲିମିଟେଡ୍, ନାରାୟଣ ହୃଦୟାଳୟ ଲିମିଟେଡ୍, ଓରିଅନ ସିକ୍ୟୁରିଟି ସର୍ଭିସେସ ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡର କର୍ମଚାରୀ ଭାବେ ଦର୍ଶାଯିବା ସହ ଜାଲ ନିଯୁକ୍ତି ରେକର୍ଡ ଦାଖଲ କରାଯାଇଥିଲା। ଋଣ ପାଇବା ପରେ କୌଣସି ବ୍ୟକ୍ତି ଋଣ ପରିଶୋଧ କରି ନ ଥିଲେ। ଏହା ଜଣାପଡିବା ପରେ ବ୍ୟାଙ୍କ୍ ପକ୍ଷରୁ ଖୋଳତାଡ଼ ହୋଇଥିଲା। ତେବେ ଏହି ଋଣ ଟଙ୍କା ଅଭିଯୁକ୍ତ ସ୍ମୃତି ରଞ୍ଜନଙ୍କ ଆକାଉଣ୍ଟକୁ ୧୯ ଲକ୍ଷରୁ ଅଧିକ ଟଙ୍କା ଯାଇଥିବା ବେଳେ ଦିବ୍ୟଶ୍ରୀଙ୍କ ଆକାଉଣ୍ଟକୁ ୨.୪୨ ଲକ୍ଷ ଟଙ୍କା, ନିରଞ୍ଜନଙ୍କ ଆକାଉଣ୍ଟକୁ ୯୪ ହଜାର ଟଙ୍କା ଓ ଦେବାଶିଷଙ୍କ ଆକାଉଣ୍ଟକୁ ୫୦ ହଜାର ଟଙ୍କା ଯାଇଥିବା ଜଣାପଡିଥିଲା। ସେହିପରି ଅନ୍ୟ ଋଣଗ୍ରହୀତାଙ୍କ ଆକାଉଣ୍ଟ ଯାଞ୍ଚ ଚାଲିଥିବାବେଳେ ଅଭିଯୁକ୍ତମାନେ ବେଆଇନ ଭାବେ ଆର୍ଥିକ ଲାଭ ପାଇଁ ମଧ୍ୟସ୍ଥି ସାଜି ଜାଲ କାଗଜପତ୍ର ପ୍ରସ୍ତୁତ କରୁଥିଲେ ବୋଲି ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି।

# 'ଷ୍ଟାର୍ କିଡ୍‌ଙ୍କୁ ଅଧିକ ସୁଯୋଗ ମିଳେ'



ନୁଶ୍‌ରତ ଭରୁଚା

**ମୁମ୍ବାଇ**

ଅନେକ ବଲିଉଡ୍ ଚଳଚ୍ଚିତ୍ରରେ ଅଭିନେତ୍ରୀ ନୁଶ୍‌ରତ ଭରୁଚା ନିଜ ଅଭିନୟ ମାଧ୍ୟମରେ ଦର୍ଶକଙ୍କର ଢେର ପ୍ରଶଂସା ସାଉଣ୍ଟିଛନ୍ତି। ସେ ସୋମବାର ଏକ ପୋଡ୍‌କାଷ୍ଟରେ ସାକ୍ଷାତ୍‌କାର ଦେଇ କହିଛନ୍ତି, କେତେକ ଫିଲ୍ମରେ ଦକ୍ଷତାର ସହ ଅଭିନୟ ସତ୍ତ୍ୱେ ମଧ୍ୟ ତାଙ୍କୁ ବଲିଉଡ୍ ଇଣ୍ଡଷ୍ଟ୍ରିରେ ପର୍ଯ୍ୟାପ୍ତ ସୁଯୋଗ ମିଳିନାହିଁ। ତେଣୁ ବଲିଉଡ୍‌ର ଜଣେ ସଫଳ ଅଭିନେତ୍ରୀ ଭାବେ ତାଙ୍କୁ ବିବେଚନା କରାଯାଏ ନାହିଁ। ଏଥିପାଇଁ ସେ ଦୁଃଖ ପ୍ରକାଶ କରିଛନ୍ତି। ନୁଶ୍‌ରତ କହିଛନ୍ତି, ବଲିଉଡ୍‌ରେ ନିଶ୍ଚିତ ଭାବେ ନେପୋଟିଜମ ରହିଛି। ଏହି ଇଣ୍ଡଷ୍ଟ୍ରିରେ ଷ୍ଟାର୍ କିଡ୍‌ଙ୍କ ତୁଳନାରେ ଇଣ୍ଡଷ୍ଟ୍ରି ବାହାରୁ ଆସି ଅଭିନୟରେ କ୍ୟାରିୟର୍ କରିବାକୁ ଚାହୁଁଥିବା କଳାକାରଙ୍କୁ ପର୍ଯ୍ୟାପ୍ତ ସୁଯୋଗ ମିଳି ନ ଥାଏ। ତେଣୁ ବଲିଉଡ୍‌ରେ ଦୀର୍ଘ ୨ ଦଶନ୍ଧି ଧରି କାର୍ଯ୍ୟ କରିବା ସତ୍ତ୍ୱେ ମଧ୍ୟ ତାଙ୍କୁ ଅଧିକ ଫିଲ୍ମରେ ଅଭିନୟ କରିବାର ସୁଯୋଗ ମିଳିନାହିଁ। ସାଧାରଣତଃ ଷ୍ଟାର୍ କିଡ୍‌ମାନେ ନିଜ ପରିବାର ସାହାଯ୍ୟରେ ନିର୍ଦ୍ଦେଶକ ଏବଂ ଫିଲ୍ମ ପ୍ରଯୋଜକଙ୍କ ସହ ଅତି ସହଜରେ ସମ୍ପର୍କ ସ୍ଥାପନ କରିପାରିଥାନ୍ତି, ଯାହା ତାଙ୍କ ଭଳି ଇଣ୍ଡଷ୍ଟ୍ରି ବାହାରୁ ଆସିଥିବା କଳାକାରଙ୍କ ପାଇଁ କଷ୍ଟସାଧ ହୋଇଥାଏ ବୋଲି ନୁଶ୍‌ରତ କହିଛନ୍ତି।




# ୩୦ ସୁଦ୍ଧା ନଦୀବନ୍ଧର ସ୍ଥିତି ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ

## ଜଳସମ୍ପଦ ବିଭାଗର ସମ୍ଭାବ୍ୟ ବନ୍ୟା ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୨୧।୪ (ରବିନାରାୟଣ ଜେନା)

ସଂପ୍ରତି ଗ୍ରୀଷ୍ମପ୍ରବାହରେ ସାରା ଓଡ଼ିଶା କଳବଲ ହେଉଛି। କେଉଁଠି କାଳବୈଶାଖୀର ତାଣ୍ଡବରେ ଧନସମ୍ପତ୍ତି କ୍ଷୟକ୍ଷତି ହେଉଛି ତ ଆଉ କେଉଁଠି ଜୀବନ ଯାଉଛି। ତେବେ ଆଗକୁ ବର୍ଷାଋତୁ ଆସୁଥିବାରୁ ରାଜ୍ୟଗୁଡ଼ିକ କିଭଳି ସ୍ଥିତିରେ ଅଛି ସେନେଇ ଜଳସମ୍ପଦ ବିଭାଗ ପକ୍ଷରୁ ସମୀକ୍ଷା ପର୍ବ ଆରମ୍ଭ ହୋଇଛି। ଏହିକ୍ରମରେ ସବୁ ଜିଲାପାଳ, ମୁଖ୍ୟଯନ୍ତ୍ରୀଙ୍କୁ ନିଜସ୍ୱ ଅଞ୍ଚଳରେ ଥିବା ନଦୀବନ୍ଧର ସ୍ଥିତାବସ୍ଥା ଜଣାଇବାକୁ ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି। ଏପରି କି ନଦୀବନ୍ଧର ସ୍ଥିତାବସ୍ଥା କାର୍ଯ୍ୟ ଚଳିତମାସ ଶେଷ ସୁଦ୍ଧା ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ସର୍ବୋଚ୍ଚଯନ୍ତ୍ରୀ ଡ. ଚନ୍ଦ୍ରଶେଖର ପାଢ଼ୀ ସମସ୍ତ ମୁଖ୍ୟଯନ୍ତ୍ରୀ ଓ ଜିଲାପାଳଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ଡ. ପାଢ଼ୀ ପତ୍ରରେ ଦର୍ଶାଇଛନ୍ତି, ମୌସୁମୀ-୨୦୨୫କୁ ଦୃଷ୍ଟିରେ ରଖି ପ୍ରତି ଡିଭିଜନସ୍ତରରେ ସମ୍ଭାବ୍ୟ ବନ୍ୟା ମୁକାବିଲା ଲାଗି କ'ଣ ସବୁ ସରଞ୍ଜାମ ଆବଶ୍ୟକ ଏବେଠାରୁ ତାହାର ଆକଳନ କରି ଅବଗତ କରାଅ। ନଦୀବନ୍ଧର କେଉଁ ସ୍ଥାନରେ ଦୁର୍ବଳ ରହିଛି ସେଥିପାଇଁ ମରାମତି ଲାଗି କି ପ୍ରକାର ପଦକ୍ଷେପ ନେବା ଆବଶ୍ୟକ ତାହା ଉପରେ ବିଭାଗକୁ ଅବଗତ କରାଅ। ସେହିପରି କେଉଁଠାରେ ନଦୀବନ୍ଧ ଫାଟକ ଠିକ୍ ଅଛି କିମ୍ବା ଖରାପ ଅଛି ତା' ଉପରେ ଜଣାଇବାକୁ ପାଢ଼ୀ ପତ୍ରରେ କହିଛନ୍ତି।

ଡ. ପାଢ଼ୀ ପତ୍ରରେ ଅଧୀକ୍ଷଣଯନ୍ତ୍ରୀଙ୍କଠାରୁ ଆରମ୍ଭ କରି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପର୍ଯ୍ୟନ୍ତ ଦର୍ଶାଇଛନ୍ତି, କେଉଁଦିନ କେଉଁ ନଦୀବନ୍ଧ ପରିଦର୍ଶନରେ ଯିବେ ତା'ର କାର୍ଯ୍ୟସୂଚୀ ପ୍ରସ୍ତୁତ କର। ନିଜ ଅଞ୍ଚଳରେ ନଦୀବନ୍ଧର ସ୍ଥିତି ପରଖ ଏବଂ ତା'ର ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଥମେ ସ୍ଥାନୀୟ ଜିଲାପାଳଙ୍କୁ ପ୍ରଦାନ କର। ଏପରି କି ପରିଦର୍ଶନ ସମୟରେ ସ୍ଥାନୀୟ ବିଡିଓ, ତହସିଲଦାର, ଆର୍‌ଆଇ ଓ ପଞ୍ଚାୟତ ସେକ୍ରେଟାରୀଙ୍କୁ ସଙ୍ଗରେ ନେଇ ଯାଅ। ଆବଶ୍ୟକସ୍ଥଳେ ମୋଟରସାଇକେଲ କିମ୍ବା ପାଦରେ ଚାଲି ଚାଲି ଯାଅ। ଅଧୀକ୍ଷଣ ଯନ୍ତ୍ରୀ ଓ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀମାନେ ୫୦ପ୍ରତିଶତ କ୍ଷେତ୍ର ପରିଦର୍ଶନ କରିବାକୁ ରହିଥିବାବେଳେ ମୁଖ୍ୟଯନ୍ତ୍ରୀଙ୍କ ସ୍ତରରେ ଶତପ୍ରତିଶତ ନଦୀବନ୍ଧ ଅନୁଧ୍ୟାନ କରିବାକୁ ଡ.ପାଢ଼ୀ କହିଛନ୍ତି। ମେ' ୫ ସୁଦ୍ଧା ଯେପରି ରାଜ୍ୟର ସମସ୍ତ ନଦୀବନ୍ଧର ରିପୋର୍ଟ ସରକାରଙ୍କ ନିକଟରେ ପହଞ୍ଚିବ ତାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବାକୁ ଡ. ପାଢ଼ୀ ପତ୍ରରେ ଉଲ୍ଲେଖ କରିଛନ୍ତି।

# ପଶ୍ଚିମବଙ୍ଗ ହିଂସାର ଝାରସୁଗୁଡ଼ା ଲିଙ୍କ୍

## ମୁଖ୍ୟ ଅଭିଯୁକ୍ତଙ୍କ ୨ପୁଅ ସମେତ ୮ ଗିରଫ

ଝାରସୁଗୁଡ଼ା/ଲଖନପୁର,୨୧।୪ (ଆଶିଷ ରଞ୍ଜନ ଦାଶ/ଗୌତମ ସାହୁ)

ପଶ୍ଚିମବଙ୍ଗ ମୁର୍ଶିଦାବାଦରେ ଘଟିଥିବା ହିଂସାରେ ସମ୍ପୃକ୍ତି ଅଭିଯୋଗରେ ସୋମବାର ପଶ୍ଚିମବଙ୍ଗ ଏସ୍‌ଟିଏଫ୍ ଟିମ୍ ଓ ଝାରସୁଗୁଡ଼ା ପୋଲିସ ମିଳିତ ଭାବେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ବନହରପାଲି ଥାନା ବନ୍ଧବାହାଲ ଅଞ୍ଚଳରୁ ୨ ମୁଖ୍ୟ ଅଭିଯୁକ୍ତ ସେଫୁଲ ହକ ଓ ବାନି ଇଶ୍ରାଏଲ (୨୪)ଙ୍କ ସହ ସହଯୋଗ କରୁଥିବା ୬ଜଣଙ୍କୁ ଗିରଫ କରିଛି। ଗିରଫ ଅନ୍ୟ ୬ଜଣ ହେଲେ ମୁର୍ଶିଦାବାଦ ଜିଲା ସମସେରଗଞ୍ଜ ଥାନା ଅଞ୍ଚଳର ସବା କରିମ (୨୫), ବବୁଲ ଶେକ (୨୪), ଅବଦୁଲ ଖଲେକ (୨୪), ରୋନି ଏସ୍‌କେ (୨୩), ମନରୁଲ ସେକ (୫୪), ଅଜାଫରୁଲ ସେକ (୨୧)। ସେମାନଙ୍କଠାରୁ ୨ଟି ୭.୬୨ ଏମ୍‌ଏମ୍‌ର ଦେଶୀ ବନ୍ଧୁକ ଓ ଜୀବନ୍ତ ଗୁଳି ମଧ୍ୟ ଜବତ କରାଯାଇଛି ବୋଲି ଝାରସୁଗୁଡ଼ା ଏସ୍‌ପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଓ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ଝାରସୁଗୁଡ଼ା ପୋଲିସ ଅଭିଯୁକ୍ତଙ୍କୁ ହାଜର କରିଛି।

ପୋଲିସ ସୂଚନା ଅନୁସାରେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲା ସମସେରଗଞ୍ଜଠାରେ ହରଗୋବିନ୍ଦ ଦାସ ଓ ତାଙ୍କ ପୁଅ ଚନ୍ଦନଙ୍କୁ ହତ୍ୟାକରି ମୁଖ୍ୟ ଅଭିଯୁକ୍ତ ଜିଆଉଲ ଓ ତା'ର ୨ ପୁଅ ସେଫୁଲ ଏବଂ ସମସ୍ତ ସହଯୋଗକାରୀ ଫେରାର ହୋଇଥିଲେ। ପଶ୍ଚିମବଙ୍ଗର ଏସ୍‌ଟିଏଫ୍ ଟିମ୍ କୌଣସି ସୂତ୍ରରୁ ଖବର ପାଇ ରବିବାର ବିଳମ୍ବିତ ରାତ୍ରିରେ ବନହରପାଲି ଥାନାରେ ପହଞ୍ଚି ଥିଲେ। ସୋମବାର ସକାଳୁ ଅଭିଯୁକ୍ତମାନେ ଏହି ଥାନା ଅଧୀନ ବନ୍ଧବାହାଲ ଅଞ୍ଚଳରେ ରହୁଥିବା ୨ ଅଭିଯୁକ୍ତ ସେଫୁଲ, ବାନିଙ୍କ ସହ ତାଙ୍କୁ ସହଯୋଗ କରୁଥିବା ଆଉ ୬ଜଣଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଅଣାଯାଇ ଅଧିକ ପଚରାଉଚରା କରାଯାଇଥିଲା। ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଧାରା ୧୩୨, ୨୬୨, ୩୫୧(୩), ୩(୫), ୧(ଏ), ୨୭(୧) ସହିତ ବେଆଇନ ବନ୍ଧୁକ ତଥା ଅସ୍ତ୍ରଶସ୍ତ୍ର ପାଇଁ ଆର୍ମ ଆକ୍ଟରେ ଏକ ମାମଲା (ନଂ. ୮୮/୨୦୨୫) ରୁଜୁ ହୋଇଛି।

# ତାଳଚେର ରାଜା ରାଜେନ୍ଦ୍ର ଚନ୍ଦ୍ର ଦେବ ବୀରବର ହରିଚନ୍ଦନଙ୍କ ପରଲୋକ

ତାଳଚେର,୨୧।୪ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରର ରାଜା ସାହେବ ରାଜେନ୍ଦ୍ର ଚନ୍ଦ୍ର ଦେବ ବୀରବର ହରିଚନ୍ଦନ (୭୫)ଙ୍କ ସୋମବାର ପୂର୍ବାହ୍ନ ୧୧ଟା ୪୫ରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ରାୟପୁରଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ଦେହାନ୍ତ ହୋଇଯାଇଥିଲା। ସେ ଜଣେ ପ୍ରଜାବତ୍ସଳ, ମିଷ୍ଟଭାଷୀ, ପରୋପକାରୀ, ମେଳାପି ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଳଚେରର ୨୫ତମ ରାଜା ଭାବେ ୪୪ ବର୍ଷ ବୟସରେ ୧୯୯୬ ଜୁଲାଇ ୧୮ରେ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ସ୍ୱର୍ଗତ ରାଜା ରାଜେନ୍ଦ୍ର ୧୯୫୨ ମସିହା ଏପ୍ରିଲ ୭ ତାରିଖରେ



ଜନ୍ମ ଗ୍ରହଣ କରିଥିଲେ। ଛତିଶଗଡ଼ ରାଜ୍ୟ ବସ୍ତର ରାଜା ବିଜୟ ଚନ୍ଦ୍ର ଭଞ୍ଜଦେଓଙ୍କ କନ୍ୟା ରାଜକୁମାରୀ ପୁଷ୍ପାକୁମାରୀ ଦେବୀଙ୍କୁ ସେ ବିବାହ କରିଥିଲେ। ତାଙ୍କର ଦୁଇ ପୁତ୍ର ବିଜୟେନ୍ଦ୍ର ଚନ୍ଦ୍ର ଓ ଶୈଳେନ୍ଦ୍ର ଚନ୍ଦ୍ର ଅଛନ୍ତି। ସ୍ୱର୍ଗତ ରାଜା ଛତିଶଗଡ଼ ରାଜକୁମାର କଲେଜର ଅନ୍ୟତମ ଟ୍ରଷ୍ଟି ସହ ସର୍ବପୁରାତନ ତାଳଚେର କିଶୋର କ୍ଲବର ସ୍ଥାୟୀ ସଭାପତି ଓ ତାଳଚେର ରାଇଫଲ କ୍ଲବର ସଭାପତି ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନର ପୃଷ୍ଠପୋଷକ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ। ରାଜା ସାହେବଙ୍କ ମୃତ୍ୟୁଖବର ଜଣାପଡ଼ିବା ପରେ ଅନୁଗୋଳ ଜିଲା ସହ ତାଳଚେର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି, ବରିଷ୍ଠ ଭାଜପା ନେତା କାଳନ୍ଦୀ ସାମଲ, ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକ, ଜୋନାଲ ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

# ମହାପ୍ରଭୁଙ୍କର ହେଲା ବଡ଼ମହାସ୍ନାନ

## ଶ୍ରୀମନ୍ଦିରରେ ରକ୍ତଛିଟା

ପୁରୀ,୨୧।୪ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କର ବଡ଼ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଏଥିଯୋଗୁ ଅନ୍ୟାନ୍ୟ ନୀତି ବିଳମ୍ବ ହୋଇଥିବା ବେଳେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇଁ ଭକ୍ତଙ୍କୁ ଦୀର୍ଘ ସମୟ ଧରି ଧାଡ଼ିରେ ଅପେକ୍ଷା କରିବାକୁ ପଡ଼ିଥିଲା। ସୂଚନା ଅନୁଯାୟୀ, ସକାଳ ପ୍ରାୟ ୮ଟାରେ ଶ୍ରୀବିଗ୍ରହଙ୍କ ଅବକାଶ ପୂଜା ଶେଷ ହୋଇ ମଇଲମ ନୀତି ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ବାହାରକାଠ ନିକଟରେ ଜଣେ ଓଏସ୍‌ଏପି ଯବାନଙ୍କ ପାଦରେ କାଚ ପଶିଯାଇ ରକ୍ତ ବୋହିଥିଲା। ସେଠାରେ ରକ୍ତ ପଡ଼ିଥିବା ଦେଖିବାକୁ ମିଳିବା ପରେ ତୁରନ୍ତ ନୀତି ବନ୍ଦ ରଖାଯିବା



ସହ ଭକ୍ତଙ୍କ ଦର୍ଶନ ବନ୍ଦ କରାଯାଇଥିଲା। ପରେ ବଡ଼ମହାସ୍ନାନ ନୀତି ଆରମ୍ଭ ହୋଇଥିଲା। ସମ୍ପୃକ୍ତ ସ୍ଥାନ ଧୁଆଧୋଇ ହୋଇ ଚୂନପାଣି ପଡ଼ିଥିଲା। ପରେ ସିଂହାସନ ଧୁଆଯାଇ ବଡ଼ମହାସ୍ନାନ ନୀତି ସମ୍ପନ୍ନ କରାଯାଇଥିଲା। ଏଥିପାଇଁ ଅନ୍ୟାନ୍ୟ ନୀତିରେ ପ୍ରାୟ ୨ଘଣ୍ଟା ବିଳମ୍ବ ଘଟିଥିଲା। ବଡ଼ମହାସ୍ନାନ ପରେ ଅନ୍ୟାନ୍ୟ ନୀତି ବଢ଼ିବା ସହ ଦର୍ଶନ ପୁଣି ଆରମ୍ଭ ହୋଇଥିଲା।

# ସରକାରୀ କଲେଜ ଶିକ୍ଷକ ସଂଘ ବୈଠକ

ଭଦ୍ରକ,୨୧।୪(ସନାତନ ରାଉତ)

ଭଦ୍ରକ କଲେଜରେ ରବିବାର ଓଡ଼ିଶା ସରକାରୀ କଲେଜ ଶିକ୍ଷକ ସଂଘ (ଓଜିସିଟିଏ)ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ସରକାରୀ କଲେଜର ଶିକ୍ଷକ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବିଦାୟୀ ସାଧାରଣ ସମ୍ପାଦକ ଡ. ଦେବାଶିଷ ମହାନ୍ତି ଯୋଗଦେଇ ୨୦୨୨ରେ ସେବା କାଳ ସମାପ୍ତ ହୋଇଥିବା ସେଣ୍ଟ୍ରାଲ କାଉନସିଲର ନିର୍ବାଚନ କମିଶନ ଗଠନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହି କ୍ରମରେ ଡ. ବିଶ୍ୱଜିତ୍ ମହାପାତ୍ରଙ୍କୁ କମିଶନ ଅଧ୍ୟକ୍ଷ,



ବୈଠକରେ କଲେଜ ଶିକ୍ଷକମାନେ।

ଡ. ପଦ୍ମନାଭ ପତ୍ରୀ ଓ ଡ. ସୁବ୍ରତ କୁମାର ସାମଲଙ୍କୁ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। ସମ୍ବିଧାନ ଅନୁସାରେ ଶୀଘ୍ର ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ସଦସ୍ୟମାନେ ଅନୁରୋଧ କରିଥିଲେ। ନିଯୁକ୍ତ କମିଶନ ଅଧ୍ୟକ୍ଷ ସମୟସୀମା ମଧ୍ୟରେ ଠିକ୍ ଏବଂ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟା କରାଯିବ ବୋଲି କହିଥିଲେ।

# ୪ ମାଓବାଦୀ ଗିରଫ

ମାଲକାନଗିରି,୨୧।୪(ନୃସିଂହ ଚରଣ ମହାନ୍ତି)

ଛତିଶଗଡ ସକ୍‌ମା ଜିଲା ପୋଲିସ ୪ ସକ୍ରିୟ ମାଓବାଦୀଙ୍କୁ ସୋମବାର ଗିରଫ କରିଛି। ମାନେ ଆଇଇଡି ଲଗାଇବା ପାଇଁ ଉଦ୍ୟମ କରୁଥିବା ସମୟରେ ପୋଲିସ ଗିରଫ କରିଥିଲା। ସୁକ୍‌ମା ଜିଲା କେର୍ଲାପାଲ ଥାନା ଅଞ୍ଚଳ ସିରସେଟି ଓ ଗୋଗୁଣ୍ଡା ଜଙ୍ଗଲରେ ଯବାନମାନେ ସର୍ଚ୍ଚ ସମୟରେ ଏହି ୪ ଜଣ ପଳାଇବାକୁ ଚେଷ୍ଟା କରୁଥିଲେ। ସେହି ସମୟରେ ଯବାନମାନେ ତାଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଡିଟୋନେଟର, ତାର, ଜିଲୋଟିନ ରଡ୍ ସହ ବିସ୍ଫୋଟକ ଜବତ କରିଥିଲେ। ଏମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ସୁକ୍‌ମା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରାପ୍ୟ ପ୍ରଦାନ ଉପରେ ହାଇକୋର୍ଟଙ୍କ ଅଙ୍କୁଶ ବଳବତ୍ତର

## ଦଳିତ ମହିଳାଙ୍କ ୨୮ କୋଟି କ୍ଷତିପୂରଣ ଅର୍ଥ ହଡ଼ପ ମାମଲା

କଟକ,୨୧।୪(କାର୍ତ୍ତିକ ସାହୁ)

କେନ୍ଦୁଝର ଜିଲା ଜାତୀୟ ରାଜପଥ-୬ ଅଧୀନ ସିଙ୍ଗରା-ବିଞ୍ଜାବାହାଲ ୪ ଲେନ୍ ରାସ୍ତା ସମ୍ପ୍ରସାରଣରେ ଜମି ଅଧିଗ୍ରହଣ ପରେ ଜମି ହରାଇଥିବା ଦଳିତ ପରିବାରର ୨୮ କୋଟି ଟଙ୍କା କ୍ଷତିପୂରଣ ଅର୍ଥ ହଡ଼ପ ନେଇ ରୁଜୁ ମାମଲାର ଶୁଣାଣି ସୋମବାର ହାଇକୋର୍ଟରେ ହୋଇଛି। ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ବଳକା ପ୍ରାପ୍ୟ ପ୍ରଦାନ ଉପରେ ପୂର୍ବରୁ ଜାରି ହୋଇଯାଇଥିବା ଅଙ୍କୁଶକୁ ବଳବତ୍ତର ରଖିଛନ୍ତି। ଏପ୍ରିଲ ୨୩ରେ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରିବାକୁ ହାଇକୋର୍ଟ ସମୟ ଧାର୍ଯ୍ୟ କରିଛନ୍ତି।

# ଆମ କ୍ଷମତା, ଆମ ଗ୍ରହ

## ଆଜି ଧରିତ୍ରୀ ଦିବସ



ଆମେ ପୃଥିବୀ କୋଳରେ ଜନ୍ମ ନେଇଛୁ। ପୃଥିବୀର ପାଣି ପବନ ଆମକୁ ବଞ୍ଚେଇ ରଖିଛି। ଗଛଲତା ଆମକୁ ଖାଦ୍ୟ ଦେଉଛି। ମାଟିପଥର ବାସସ୍ଥାନ ଦେଇଛି। ଖଣିଜଦ୍ରବ୍ୟ ଆମର ସଭ୍ୟତାକୁ ଉନ୍ନତ କରିଛି। ତେଣୁ ଯଥାର୍ଥରେ ପୃଥିବୀ ଆମର ମାଆ। ସେ ଆମକୁ କୋଳରେ ଧରି ରଖିଛି ବୋଲି ତାକୁ ଆମେ 'ଧରିତ୍ରୀ' ଆଖ୍ୟା ଦେଇଛୁ। ଶିଳ୍ପବିପ୍ଳବ ଓ ସହରୀକରଣ ଆଜି ପୃଥିବୀର ବାୟୁ-ପାଣି-ମାଟି-ଆକାଶ (ବା-ପା-ମା-ଆ)କୁ ମୁମୂର୍ଷୁ ଅବସ୍ଥାକୁ ନେଇଯାଇଛି। ଆଜି ପୃଥିବୀ ବାସୋପଯୋଗୀ ହୋଇ ରହିନାହିଁ। ତେଣୁ ପୃଥିବୀ ମାଆକୁ ସବୁଜ, ସୁନ୍ଦର ଓ ବାସୋପଯୋଗୀ କରି ରଖିବାର ପ୍ରୟାସ ଆରମ୍ଭ ହୋଇଛି। ଏହାର ପରିବେଶକୁ ସୁରକ୍ଷିତ ରଖିବା ପାଇଁ ୧୯୭୦ ମସିହାରୁ ଆଜି ପର୍ଯ୍ୟନ୍ତ ପ୍ରତିବର୍ଷ ଏପ୍ରିଲ ୨୨ ତାରିଖକୁ 'ଧରିତ୍ରୀ ଦିବସ' ରୂପରେ ପାଳନ କରାଯାଉଛି। ଏ ବର୍ଷର ସନ୍ଦେଶ ରହିଛି - 'ଆମ କ୍ଷମତା, ଆମ ଗ୍ରହ'। ଏଠାରେ କ୍ଷମତା କହିଲେ ଆମେ ବ୍ୟବହାର କରୁଥିବା ଶକ୍ତିକୁ ବୁଝାଉଛି ଏବଂ ଗ୍ରହ କହିଲେ 'ଧରିତ୍ରୀ'କୁ ବୁଝାଉଛି। ତେଣୁ ଏହି ସନ୍ଦେଶ ମାଧ୍ୟମରେ ଜନସାଧାରଣଙ୍କୁ ଶକ୍ତିର ଗୁରୁତ୍ୱ ଓ ପୃଥିବୀ ଗ୍ରହର ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ସଚେତନ କରାଯାଇପାରିବ।

ପ୍ରକୃତି ଆମର ଆବଶ୍ୟକତାକୁ ପୂରଣ କରିପାରିବ, ଆମର ଲୋଭକୁ ନୁହେଁ। କିନ୍ତୁ ଆମେ ଲୋଭକୁ ଚରିତାର୍ଥ କରିବାକୁ ଯାଇ ପରିବେଶକୁ କଳୁଷିତ କରଛୁ। ଇଚ୍ଛାନୁଯାୟୀ ଜଳସ୍ଥଳକୁ ଓଲଟ ପାଲଟ କରିଚାଲିଛୁ। ଅନ୍ୟ ଜୀବସମାଜ ଓ ଆମର ଭବିଷ୍ୟତ ପିଢ଼ିଙ୍କର କଥା ଚିନ୍ତା ନ କରି ପ୍ରକୃତିକୁ ଶୋଷଣ କରିଚାଲିଛୁ। ଜଙ୍ଗଲ ସଫା କରି ଚାଷଜମି ଓ ସହର ସୃଷ୍ଟି କରିଛୁ। ବିକାଶ ନାମରେ ମାଳ ମାଳ କଳକାରଖାନା ଓ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଗଢ଼ିଉଠିଛି। ଯାନବାହନର ସଂଖ୍ୟା ତଦନୁରୂପ ବୃଦ୍ଧି ପାଉଛି। କଳକାରଖାନାରୁ ନିର୍ଗତ ଧୂଆଁ, ପାଉଁଶ ଓ ଆବର୍ଜନା ଆମର ଜଳ, ସ୍ଥଳ ଓ ଆକାଶକୁ ପ୍ରଦୂଷିତ କରୁଛି। ବିଷାକ୍ତ କୁହୁଡ଼ି ସ୍ମଗ୍ ଓ ଅମ୍ଳବୃଷ୍ଟି ସୃଷ୍ଟି ହେଉଛି, ଯାହା ମାଟି ଓ ଜଳାଶୟକୁ ଦୂଷିତ କରୁଛି। ପ୍ରଦୂଷିତ ପରିବେଶରେ ପୃଥିବୀରୁ ଅନେକ ପ୍ରଜାତିର ଜଳଜୀବ ଓ ବୃକ୍ଷଲତା ଲୋପପାଉଛି। ଫସଲ ହେଉ ନାହିଁ। ଖରାଦିନେ ପ୍ରଚଣ୍ଡ ଖରା ଅଂଶୁଘାତର କାରଣ ହେଉଛି। ଆମର ଅବିବେକୀ କାର୍ଯ୍ୟକଳାପ ଦ୍ୱାରା ଜଳବାୟୁର ପରିବର୍ତ୍ତନହେବା ସହ ବୃଷ୍ଟି ଅନିୟମିତ ହେଉଛି। ତେଣୁ ଧରିତ୍ରୀ ସମ୍ପର୍କରେ ସମସ୍ତେ ଭାବିବାର ବେଳ ଆସିଛି।

-ଡ. କମଳାକାନ୍ତ ଜେନା,
ଓଇଏସ୍, ପ୍ରାଧାପକ, ଭଦ୍ରକ ସରକାରୀ ମହାବିଦ୍ୟାଳୟ, ମୋ : ୯୪୩୯୫୦୧୬୫୧

### ଜୀବାଶ୍ମ ଇନ୍ଧନ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଉ

ପୃଥିବୀର ତାପମାତ୍ରା ବୃଦ୍ଧି ପାଇବା ଦ୍ୱାରା ଜଳବାୟୁ ପରିବର୍ତ୍ତନ ଘଟୁଛି। ଫଳରେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ବଢ଼ିବା ସହିତ କ୍ଷୟକ୍ଷତି ହେବାରେ ଲାଗିଛି। କଳକାରଖାନାଠାରୁ ଆରମ୍ଭ କରି ଯାନବାହନ, ବ୍ୟବସାୟିକ ସଂସ୍ଥା ଆଦି ବିଭିନ୍ନ କାର୍ଯ୍ୟରେ ଶକ୍ତିର ବିନିଯୋଗ ବିପୁଳ ମାତ୍ରାରେ ହେଉଛି। କୋଇଲା, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ବାଷ୍ପ (ଜୀବାଶ୍ମ ଇନ୍ଧନ)ର ବ୍ୟବହାର ବଢୁଥିବାରୁ ବିପୁଳ ପରିମାଣର କାର୍ବନ ଡାଇଅକ୍ସାଇଡ୍ ନିର୍ଗତ ହୋଇ ପରିବେଶକୁ ବିଷାକ୍ତ କରୁଛି। ସେହିପରି ମିଥେନ୍, ନାଇଟ୍ରସ୍ ଅକ୍ସାଇଡ୍, କ୍ଲୋରୋଫ୍ଲୋର କାର୍ବନ ଆଦି ସବୁଜଗୃହ ବାଷ୍ପ ନିର୍ଗତ ହେବା ଦ୍ୱାରା ବାୟୁମଣ୍ଡଳରେ ଉତ୍ତାପକୁ ଟାଣି ରଖୁଛନ୍ତି ଏବଂ ପୃଥିବୀର ତାପମାତ୍ରା ବୃଦ୍ଧି ପାଉଛି। ତେଣୁ ଏହାର ସମାଧାନ ପାଇଁ ଜୀବାଶ୍ମ ଇନ୍ଧନର ବ୍ୟବହାର କମାଇ ସମ୍ପୂର୍ଣ୍ଣ ବନ୍ଦ କରିବା ଆବଶ୍ୟକ। ଅପରପକ୍ଷେ ବିକଳ୍ପ ଶକ୍ତିର ଉତ୍ସ ଭାବେ ଅକ୍ଷୟ ଶକ୍ତିର ଉତ୍ସ ବା ନବୀକରଣୀୟ ଶକ୍ତିର ଉତ୍ସ ଭାବେ ସୌର ଆଲୋକ, ପବନ ଶକ୍ତି, ସମୁଦ୍ରଢେଉ ଶକ୍ତି, ଭୂ-ଉତ୍ତାପ ଶକ୍ତି, ଜୈବିକ ଶକ୍ତି, ନ୍ୟୁକ୍ଲିୟର ଶକ୍ତି ଆଦିର ବ୍ୟବହାର କରିବା ଆବଶ୍ୟକ।

- ଡ. ଜୟକୃଷ୍ଣ ପାଣିଗ୍ରାହୀ, ପରିବେଶବିତ୍

### ପୃଥିବୀର ତାପମାତ୍ରା ବଢ଼ିବା ବଡ଼ ବିପଦର ସଙ୍କେତ

ଜଳବାୟୁ ପରିବର୍ତ୍ତନ ଫଳରେ ଏବେ ଉତ୍କଟ ପରିସ୍ଥିତି ଦେଖିବାକୁ ମିଳୁଛି। ମାର୍ଚ୍ଚଠାରୁ ମେ' ହେଉଛି ବାସ୍ତବରେ ଗ୍ରୀଷ୍ମ ସମୟ। ମାତ୍ର ଗତ କିଛି ବର୍ଷ ହେବ ଫେବୃଆରୀରୁ ଗରମ ଆରମ୍ଭ ହେଉଛି। ଶୀତଦିନ ଏବେ ବହୁ ସଂକୁଚିତ ହୋଇଗଲାଣି। ଏହି ସମୟରେ ଖରା କିମ୍ବା ବର୍ଷା ଅଧିକ ପରିମାଣର ରହୁଛି। ବଙ୍ଗୋପସାଗରରେ ପ୍ରତିବର୍ଷ ମେ' ବେଳକୁ ବାତ୍ୟା ସୃଷ୍ଟି ହେଉଛି। ଏଥିସହ ପୃଥିବୀର ତାପମାତ୍ରା ୧.୫ ଛୁଇଁବା ସହ ୨ଡିଗ୍ରୀ ଆଡକୁ ଗତି କରୁଛି, ଯାହା ବଡ଼ ବିପଦର ସଙ୍କେତ। ତେଣୁ ଏହାକୁ ଗୁରୁତ୍ୱର ସହ ନେଇ ସବୁଜଗୃହ ବାଷ୍ପକୁ କମାଇବା, ସହରୀକରଣ ନାମରେ କଂକ୍ରିଟ୍ ନିର୍ମାଣ ରୋକିବା, ଅକ୍ଷୟଶକ୍ତିର ବ୍ୟାପକ ବ୍ୟବହାର ଆଦି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।

- ଡ. ସନ୍ଦୀପ ପଟ୍ଟନାୟକ, ଆସୋସିଏଟ୍ ପ୍ରଫେସର, ଆଇଆଇଟି, ଭୁବନେଶ୍ୱର

# ଶ୍ରଦ୍ଧା: ମା' ଧରିତ୍ରୀଙ୍କୁ ସୁସ୍ଥ କରିବା ପାଇଁ ଭୁଲିଯାଇଥିବା ଚାବି

ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର

ଧରିତ୍ରୀ କେବଳ ଗୋଟିଏ ଶୁଷ୍କ ପଥର ନୁହେଁ, ଯାହା ଶୂନ୍ୟରେ ଭାସୁଛି। ଏହା ଜୀବନ୍ତ, ଶ୍ୱାସ ନେଉଥିବା ଏକ ଜୀବ। ପ୍ରାଚୀନ ଓ ଜନଜାତି ଧର୍ମସମୂହ ଏହି ଗୁପ୍ତ ରହସ୍ୟକୁ ଜାଣିଥିଲେ। ସେଥିପାଇଁ ହିନ୍ଦୁ ଧର୍ମଶାସ୍ତ୍ରରେ ମଧ୍ୟ ଧରିତ୍ରୀକୁ କେବଳ 'ଭୂମି' ବୋଲି ନୁହେଁ, ଭୂଦେବୀ-ଦିବ୍ୟ ମା' ଧରିତ୍ରୀ ବୋଲି ସମ୍ବୋଧନ କରାଯାଉଥିଲା। ନଦୀମାନେ କେବଳ ଜଳରାଶି ନୁହଁନ୍ତି, ସେମାନେ ପବିତ୍ର, ସର୍ବଦା ଦେବୀରୂପେ ପୂଜିତ ହୁଅନ୍ତି। ବୃକ୍ଷ, ପର୍ବତ, ଜୀବଜନ୍ତୁ, ପଥର- ପ୍ରକୃତିର ପ୍ରତ୍ୟେକ ପଦାର୍ଥକୁ ପବିତ୍ର ଭାବି ସମ୍ମାନ ଦିଆଯାଇଥିଲା।

ଆମେ ଆମ ପାରମ୍ପରିକ ଧାର୍ମିକ ମୂଳଦୁଆକୁ ସ୍ମରଣ କରିବା ଆବଶ୍ୟକ। ଏହି ସଚେତନତାକୁ ଆଉଥରେ ଜଗାଇବା ଦରକାର। ପ୍ରକୃତି ପ୍ରତି ସମ୍ବେଦନଶୀଳତା ବଢ଼ିବା ପାଇଁ ଆମକୁ ପୃଥିବୀ ସହିତ ଏକ ଆତ୍ମୀୟତାର ଭାବ ବିକଶିତ କରିବାକୁ ପଡ଼ିବ। ପୃଥିବୀ, ବୃକ୍ଷ, ଜନଜୀବନ , ନଦୀମାନେ ଆମର ଅଂଶ ବୋଲି ଭାବିବାକୁ ପଡ଼ିବ- ପ୍ରକୃତି ଓ ମନୁଷ୍ୟରେ ଈଶ୍ୱରଙ୍କୁ ଦେଖିବାକୁ ଶିଖିବାକୁ ପଡ଼ିବ। ଜଣେ ସମ୍ବେଦନଶୀଳ ବ୍ୟକ୍ତି ପ୍ରକୃତି ପ୍ରତି ଅନାଗ୍ରହୀ ହୋଇପାରିବେ ନାହିଁ। ଯିଏ ନଦୀକୁ ପୂଜେ, ସେ ତାହାକୁ ଦୂଷିତ କରିବ ନାହିଁ। ଯିଏ ବୃକ୍ଷକୁ ନମସ୍କାର କରେ, ସେ ତାହାକୁ କାଟିବ ନାହିଁ।

ଶ୍ରଦ୍ଧା ହେଉଛି ସେହି ଶକ୍ତି, ଯାହା ଜ୍ଞାନକୁ କାର୍ଯ୍ୟରେ ପରିଣତ କରେ। ଯେତେବେଳେ ବ୍ୟକ୍ତି ମାନସିକ, ଭାବନାତ୍ମକ ଓ ଆଧାତ୍ମିକ ଭାବରେ ସମ୍ବେଦନଶୀଳ ହୁଅନ୍ତି, ସେମାନେ ସହଜ ଭାବେ ଠିକ୍ ବ୍ୟବହାର କରନ୍ତି। ଆମେ ଯେତେବେଳେ ଏହି ପବିତ୍ର ପୃଥିବୀକୁ ବଞ୍ଚେଇବା ପାଇଁ କାମ କରୁଛୁ, ସେତେବେଳେ ପ୍ରକୃତି ଆମକୁ ବହୁତ କିଛି ଶିଖାଏ। ଆପଣ ଯେତେ ଅଧିକ ପ୍ରକୃତିକୁ ସମ୍ମାନ କରିବେ, ସେତେ ଅଧିକ ଶିଖିବେ। ଦେଖନ୍ତୁ ଜଙ୍ଗଲରେ ଏତେ ପଶୁପକ୍ଷୀ ଅଛନ୍ତି, କିନ୍ତୁ ସେମାନେ ମନୁଷ୍ୟଙ୍କ ପରି ଖରାପ କରନ୍ତିନାହିଁ। ପ୍ରକୃତି ଭିତରେ ଅଗ୍ନି, ଜଳ, ପୃଥିବୀ, ବାୟୁ, ଆକାଶ-ପଞ୍ଚତତ୍ତ୍ୱ ନିଜେ ଅପରକୁ ବିପରୀତ, ତଥାପି ସମତୁଳ ରହିଛି। ପୃଥିବୀ କୀଟ ହେଉଛି ଏକ ଉଦାହରଣ-ସେମାନେ ବ୍ୟର୍ଥକୁ ପାଚନ କରି ନୂଆ ଚିଜ ତିଆରି କରନ୍ତି। କିନ୍ତୁ ଆମେ ଏହି ସମତୁଳକୁ ଅନ୍ଧ ବ୍ୟବହାର, ଜଙ୍ଗଲକାଟ ଓ ଅତି ଶୋଷଣ ଦ୍ୱାରା ଭାଙ୍ଗିଲେ, ତାହା ପ୍ରକୃତି ପ୍ରତି ବିପଦ ଦେଖାଏ-ବନ୍ୟା, ଖରା ଓ ଜଳବାୟୁ ପରିବର୍ତ୍ତନ ଆକାରରେ।

ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। -ଶ୍ରୀମା



# ଫ୍ରାନ୍ସିସ୍‌ଙ୍କ ଯୁଗ

୨୧ ଏପ୍ରିଲରେ ପୋପ୍ ଫ୍ରାନ୍ସିସଙ୍କର ୮୮ ବର୍ଷ ବୟସରେ ଦେହାନ୍ତ ହୋଇଛି। ରୋମାନ କାଥୋଲିକ ଚର୍ଚ୍ଚର ୨୦୦୦ ବର୍ଷ ପୁରୁଣା ପୋପ୍ ଇତିହାସରେ ଏକ ବିରଳ ବ୍ୟକ୍ତିତ୍ୱର ଅନ୍ତ ଘଟିଛି। ଫ୍ରାନ୍ସିସଙ୍କ ପରେ ଅନ୍ୟ ନଅ ଜଣ ବ୍ୟକ୍ତିଙ୍କର ନାମ ଏବେ ପରବର୍ତ୍ତୀ ପୋପ୍ ଭାବେ ଚର୍ଚ୍ଚାକୁ ଆସିଛି। ଫ୍ରାନ୍ସିସ୍‌ଙ୍କ ଜୀବନ ଇତିହାସକୁ ଦେଖିଲେ ଜନ୍ମଠାରୁ ଆରମ୍ଭ କରି କର୍ମ ଜୀବନର ଅବସାନ ଯାଏ ଥିଲା ଅତ୍ୟନ୍ତ ପ୍ରେରଣାଦାୟକ। ସେ ୧୭ ଡିସେମ୍ବର ୧୯୩୬ରେ ଆର୍ଜେଣ୍ଟିନାର ବୁଏନେସ୍‌ଆରିସରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପ୍ରଥମ ନାମ ଥିଲା ଜର୍ଜ ମାରିଓ ବର୍ଗୋଗଲିଓ। ତାଙ୍କର ପିତା ମାରିଓ ଜୋସେ ବର୍ଗୋଗଲିଓ ଜଣେ ଇଟାଲୀୟ ଆକାଉଣ୍ଟାଣ୍ଟ ଥିବାବେଳେ ମା ରେଗିନା ମାରିଆ ସିଭୋରି ଥିଲେ ଜଣେ ଇଟାଲୀୟ ପ୍ରବାସୀଙ୍କ ଝିଅ। ପ୍ରଥମ ଲାଟିନ ଆମେରିକୀୟ ଓ ରୋମାନ କ୍ୟାଥୋଲିକ ଧର୍ମୀୟ ବ୍ୟବସ୍ଥାର ସଦସ୍ୟ ରୂପେ ସେ ପୋପ୍ ଭାବେ ନିର୍ବାଚିତ ହୋଇଥିଲେ। ଫ୍ରାନ୍ସିସ ଥିଲେ ଜେସୁଇଟି ଧାରାର ପାଦ୍ରୀ। ସେ ଏହି ଦାୟିତ୍ୱ ଗ୍ରହଣ କରିବା ପରେ ନିଜକୁ ଜଣେ ଭିନ୍ନ ବ୍ୟକ୍ତିତ୍ୱ ଭାବେ ପ୍ରତିପାଦନ କରିଥିଲେ। ଯେତେବେଳେ ପ୍ରଥମ ପୋପ୍ ହୋଇଥିଲେ ସେ ନିଜର ପଦବୀ ପରିବର୍ତ୍ତେ ଫ୍ରାନ୍ସିସ ଭାବେ ପରିଚିତ ହେବାକୁ ପସନ୍ଦ କରୁଥିଲେ। ସେ ଦାୟିତ୍ୱ ଗ୍ରହଣ କରିବା ପରେ ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କ ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ନିଆରା ଥିଲା। ନୂଆ ବିଚାରଧାରାକୁ ସେ ଗୁରୁତ୍ୱ ଦେଉଥିଲେ ଏବଂ ସହଯୋଗୀ ଭାବନା ଥିଲା ତାଙ୍କ ଆନ୍ତରିକ ସିଦ୍ଧାନ୍ତ। ସେ ମାନବୀୟ ସଙ୍କଟ ଉପରେ ସ୍ୱର ଉଠାଇବାକୁ ପଛାଉ ନ ଥିଲେ। ବିଶ୍ୱରେ ଯୁଦ୍ଧ ସଙ୍କଟ ଟାଳିବାକୁ ଆହ୍ୱାନ ଦେବା ସହ ଜଳବାୟୁ ପରିବର୍ତ୍ତନର ମୁକାବିଲା କ୍ଷେତ୍ରରେ ସ୍ୱରକୁ ଶାଣିତ କରିଆସିଥିଲେ। ଯେତେବେଳେ ଚର୍ଚ୍ଚ ଉପରେ ଦୁର୍ନୀତି ଅଭିଯୋଗ ଉଠିଥିଲା ସେତେବେଳେ ସେ ଏହାର ପୁନର୍ଗଠନ କରିବାକୁ ଜୋର ଦେଇଥିଲେ ଓ ପ୍ରତିଷ୍ଠିତ ପାଦ୍ରୀ ଗୋଷ୍ଠୀର ସିଧାସଳଖ ମୁକାବିଲା କରିଥିଲେ। ଫ୍ରାନ୍ସିସ ମଧ୍ୟ ବିବାହ ବିଚ୍ଛେଦ ହୋଇଥିବା ଲୋକ ଏବଂ ସମଲିଙ୍ଗୀ କ୍ୟାଥୋଲିକଙ୍କ ପ୍ରତି ସମବେଦନା ତଥା ଦୟାଭାବ ପ୍ରଦର୍ଶନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ତାଙ୍କ ମତରେ ଚର୍ଚ୍ଚର ଦ୍ୱାର ସମସ୍ତଙ୍କ ପାଇଁ ଉନ୍ମୁକ୍ତ। ଦେଖିବାକୁ ଗଲେ ଏହା ତାଙ୍କ ପାଇଁ ସହଜ ନ ଥିଲା। କ୍ୟାଥୋଲିକ ସଂସ୍ଥାରେ ଚରମ ରଢ଼ିବାଦୀ ତତ୍ତ୍ୱମାନେ ତାଙ୍କ ନୂତନ ଦୃଷ୍ଟିକୋଣକୁ ଘୃଣା ଦୃଷ୍ଟିରେ ଦେଖୁଥିଲେ। କିନ୍ତୁ ସେ କୌଣସି ପ୍ରକାରେ ସେମାନଙ୍କ ସହ ସାଲିସ କରିନଥିଲେ କିମ୍ବା ସେମାନଙ୍କ କଥାକୁ ଭ୍ରୁକ୍ଷେପ କରୁ ନଥିଲେ। ବରଂ ଭାଟିକାନାରେ ଚାଲିଥିବା ଆର୍ଥିକ ଅନିୟମିତତାକୁ ଶେଷ କରିବା ପାଇଁ ସେ ଅନେକ ପଦକ୍ଷେପ ଗ୍ରହଣ କରିଥିଲେ। ଏହା ସହ ପାଦ୍ରୀମାନଙ୍କ ଯୌନ ନିର୍ଯାତନା ବିରୋଧରେ ଦୃଢ ଭାବେ ଲଢେଇ କରିଥିଲେ ଏବଂ ଉଚ୍ଚପଦବୀରେ ଥିବା ପାଦ୍ରୀମାନଙ୍କୁ ଉତ୍ତରଦାୟୀ କରିବା ଲାଗି ନୂତନ ଆଇନ ଆଣିଥିଲେ। କେବଳ ଏତିକି ନୁହେଁ ଫ୍ରାନ୍ସିସ ଭାଟିକାନାରେ କାର୍ଯ୍ୟରତ ମହିଳାଙ୍କୁ ଅଧିକ ଦାୟିତ୍ୱ ଦେବା ଲାଗି ପଦକ୍ଷେପ ନେଇଥିଲେ। ଏହା ବ୍ୟତୀତ ସମଲିଙ୍ଗୀ ଦମ୍ପତିଙ୍କୁ ଆଶୀର୍ବାଦ ଦେବା ପାଇଁ ପାଦ୍ରୀମାନଙ୍କୁ ଅଧିକାର ଦେଇଥିଲେ।

ବିଶ୍ୱରେ ଲାଗି ରହିଥିବା ଧର୍ମୀୟ ଯୁଦ୍ଧ ଓ ଏକଛତ୍ରବାଦୀମାନେ ବେପରୁଆ ଭାବେ ସୃଷ୍ଟି କରିଥିବା ଯୁଦ୍ଧ ପରିସ୍ଥିତିରେ ଫ୍ରାନ୍ସିସ ଜଣେ ଶାନ୍ତିଦୂତ ଭାବେ ଉଭା ହୋଇଥିଲେ। ୟୁକ୍ରେନ ଯୁଦ୍ଧ ଓ ମଧ୍ୟପ୍ରାଚ୍ୟ ସଂଘର୍ଷକୁ ବିରାମ ଦେବା ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଫ୍ରାନ୍ସିସ୍‌ଙ୍କ ସରଳ ଜୀବନଶୈଳୀ ତାଙ୍କ ମହାନ ଉଦାରତାର ପରିଚୟ ଦିଏ। ତାଙ୍କ ପୂର୍ବରୁ ପୋପ୍‌ମାନେ ଯେଭଳି ରାଜକୀୟ ପ୍ୟାଲେସ ଆପୋଷ୍ଟୋଲିକରେ ରହି ଜୀବନ ବିତାଉଥିଲେ ସେ ତାହାକୁ କେବେ ବି ଗ୍ରହଣ କରି ନଥିଲେ। ସେ ତାଙ୍କ ଚିନ୍ତାଧାରାର ଲୋକଙ୍କ ସହ ରହିବାକୁ ପସନ୍ଦ କରୁଥିଲେ। ଏହାଥିଲା ତାଙ୍କ ନେତୃତ୍ୱର ପରାକାଷ୍ଠା ଯେଉଁଥିପାଇଁ ସେ ପୂର୍ଣ୍ଣ ବହୁମତରେ ନିର୍ବାଚିତ ହୋଇଥିଲେ। ବହୁ ଆଧ୍ୟାତ୍ମିକ ଗୁଜବ ସହ ତାଙ୍କୁ ରୂଢ଼ିବାଦୀଙ୍କ ପକ୍ଷରୁ ତୀବ୍ର ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ତଥାପି ସେ ନିର୍ବିକାର ଚିତ୍ତରେ ସେସବୁର ସାମ୍ନା କରିଥିଲେ। ସେ ତାଙ୍କ ଅନ୍ତରଆତ୍ମାର ସ୍ୱରକୁ ଅନୁସରଣ କରି ଲକ୍ଷ୍ୟପଥରେ ଆଗେଇ ଚାଲିଥିଲେ, ଯାହା ତାଙ୍କୁ ବାସ୍ତବରେ ବିଶ୍ୱରେ ଜଣେ ସୁପରଷ୍ଟାର କରିପାରିଥିଲା। ଏଥିପାଇଁ ଫ୍ରାନ୍ସିସ ବିଶ୍ୱର ଯେଉଁ ଆଡ଼େ ଯାଉଥିଲେ ସେଠାରେ ପ୍ରବଳ ଜନସମାଗମ ହେଉଥିଲା। ସେ ସବୁ ଧର୍ମର ବିଶ୍ୱାସ, ଶାନ୍ତିକୁ ଉତ୍ସାହିତ କରୁଥିଲେ । ଫ୍ରାନ୍ସିସ ଅସହାୟ ବିଶେଷକରି ପ୍ରବାସୀଙ୍କ ଆଶାବାଡ଼ି ଥିଲେ। ଅନେକ କଠିନ ସମସ୍ୟାର ସମ୍ମୁଖୀନ ହୋଇ ସେ କ୍ୟାଥୋଲିକ ଚର୍ଚ୍ଚରେ ଶିଶୁ ଯୌନ ନିର୍ଯାତନାକୁ ରୋକିପାରିଥିଲେ। ଏହା ସହ ଯେତେବେଳେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରବାସୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କଲେ ସେତେବେଳେ ପୋପ ନିରବଚ୍ଛିନ୍ନ ଭାବେ ଅସହାୟଙ୍କ ପାଇଁ ସ୍ୱର ଉଠାଇଥିଲେ। ଜାତୀୟତାବାଦ ତଥା ଏକଛତ୍ରବାଦ ବିରୋଧରେ ସେ ଦୃଢ଼ ଭାବେ ଠିଆ ହୋଇଛନ୍ତି। ଫ୍ରାନ୍ସିସ ହେଉଛନ୍ତି ଗରିବଙ୍କ ପୋପ ଓ ଏହା ହିଁ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ସେ ସାରା ଜୀବନ ସାଧାରଣ ଲୋକଙ୍କ ପାଇଁ କାମ କରିଛନ୍ତି ଓ ସାମାଜିକ ନ୍ୟାୟ ପାଇଁ ମଧ୍ୟ ସ୍ୱର ଉଠାଇଛନ୍ତି।



# ଆପେ ବଞ୍ଚିଲେ ବାପର ନାଁ

ବିଚିତ୍ର ବିଶ୍ୱାଳ

ଗୋଟେ କଥା ଅଛି 'ଆପେ ବଞ୍ଚିଲେ ବାପର ନାଁ'। ଅନେକ ସମୟରେ ମଣିଷ ଯେତେବେଳେ ସ୍ୱାର୍ଥସର୍ବସ୍ୱ ହୁଅନ୍ତି, ସେତେବେଳେ ଏହି ଉକ୍ତିଟି ବ୍ୟବହାରକରି ନିଜ କାମର ଔଚିତ୍ୟ ପ୍ରଦର୍ଶନ କରିବାକୁ ଚେଷ୍ଟା କରିଥାନ୍ତି। କିନ୍ତୁ ଟିକେ ଭଲ ଭାବେ ଚିନ୍ତା କରନ୍ତୁ ତ, ସତରେ କ'ଣ କେବଳ ଆପେ ବଞ୍ଚିବା ବା ନିଜେ ବଞ୍ଚିବାଟା ହିଁ ଆମ ଜୀବନର ଦର୍ଶନ ହେବା ଉଚିତ! ମଣିଷ ଗୋଟେ ସାମାଜିକ ପ୍ରାଣୀ। ତେଣୁ କେବଳ ନିଜେ ବଞ୍ଚିବାକୁ ଚାହିଁଲେ ବି ମଣିଷ ବଞ୍ଚିପାରିବ ନାହିଁ। ଆମେ ସମସ୍ତେ ପରିବାର, ଗୋଷ୍ଠୀ, ଗାଁ ଓ ସମାଜ ହୋଇ ବଞ୍ଚିଥାଉ। ଜଣେ ଆଉ ଜଣକ ଉପରେ ଏକାନ୍ତ ଭାବେ ନିର୍ଭରଶୀଳ। ଏହି ନିର୍ଭରଶୀଳତା କେବଳ ମଣିଷ ମଧ୍ୟରେ ସୀମିତ ନାହିଁ। ସମଗ୍ର ଜୀବଜଗତ ପରସ୍ପରଙ୍କ ଉପରେ ନିର୍ଭରଶୀଳ। ଏହା ବ୍ୟତୀତ ମଣିଷ ବି ପ୍ରକୃତି ଓ ଅନେକ ନିର୍ଜୀବ ବସ୍ତୁ ଉପରେ ମଧ୍ୟ ନିର୍ଭରଶୀଳ। କୌଣସି ଗୋଟିଏ ବି ଊଣା ହୋଇଗଲେ ମଣିଷର ବଞ୍ଚିବା ସମ୍ଭବ ହେବ ନାହିଁ। ତା'ହେଲେ କିପରି ଆମେ କହିପାରିବା ଆପେ ବଞ୍ଚିଲେ ବାପର ନାଁ!

ସମାଜରେ ଯଦି ସନ୍ତୁଳନ ରହିବ ନାହିଁ, ଯଦି ଗୋଟିଏ ଗୋଷ୍ଠୀ ବହୁ ଉପରକୁ ଉଠିଯିବ ଓ ଆଉ ଗୋଟିଏ ଗୋଷ୍ଠୀ ନିର୍ଯାତିତ ହୋଇ ତଳେ ରହିବେ, ତା'ହେଲେ କ'ଣ ଆମେ ଶାନ୍ତିର ସହ ବଞ୍ଚିପାରିବା? ଏପରି ପରିସ୍ଥିତି ପରିଣାମରେ କିଛି ଲୋକଙ୍କୁ ପ୍ରତିକ୍ରିୟାଶୀଳ କରିବା ସହ ଅପରାଧପ୍ରବଣ କରିବ। ଗୋଟିଏ ଅପରାଧପ୍ରବଣ ଓ ସାମାଜିକ ସ୍ଥିରତା ନ ଥିବା ସମାଜରେ ଆମେ ଯେତେ ଚାହିଁଲେ କ'ଣ ଆପେ ବଞ୍ଚିବା ନ୍ୟାୟରେ ସୁଖ ଶାନ୍ତିରେ ରହିପାରିବା! ଯଦି ଆମ ଦେଶରେ ସ୍ୱେଚ୍ଛାଚାରିତା ଥିବ, ହିଂସା ଥିବ, ଥୋକେ ଲୋକ ଭୋକ ଉପାସରେ ରହିବାକୁ ବାଧ୍ୟ ହେଉଥିବେ, ତା'ହେଲେ ଆମେ କେମିତି ବଞ୍ଚିପାରିବା! ସମସ୍ତଙ୍କୁ ସମ୍ମାନର ସହ ବଞ୍ଚିରହିବା ପାଇଁ ଏକ ସନ୍ତୁଳିତ ଓ ନ୍ୟାୟପୂର୍ଣ୍ଣ ସମାଜ ଆବଶ୍ୟକ। ଯଦି ସମାଜ ଏହି ରାସ୍ତାରେ ଯାଉନାହିଁ, ତା'ହେଲେ ସେପରି ସମାଜକୁ ପରିବର୍ତ୍ତନ କରିବା ସମସ୍ତଙ୍କ କର୍ତ୍ତବ୍ୟ ହେବା ଉଚିତ। ନଚେତ୍ ତା'ର ପ୍ରଭାବ ସମସ୍ତଙ୍କ ଉପରେ ପଡ଼ିବାକୁ ବାଧ୍ୟ। ଆଜି ହୁଏତ କିଏ ଟିକିଏ ଭଲରେ ବଞ୍ଚିପାରେ, କିନ୍ତୁ ଆସନ୍ତାକାଲି ତାକୁ ପରିଣାମ ଭୋଗିବାକୁ ହିଁ ହେବ। ତେଣୁ ଆମ ଜୀବନର ଧ୍ୟେୟ 'ଆପେ ବଞ୍ଚିଲେ ବାପର ନାଁ' ନ ହୋଇ ସାମୂହିକ ସହଯୋଗ ଓ ସନ୍ତୁଳିତ ସମାଜ ହେବା ଉଚିତ। ସମାଜରେ ଏକ ବୃହତ୍ ଭାଗ ଲୋକଙ୍କ ପାଇଁ ଯଦି ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ନିଯୁକ୍ତିର ସୁଯୋଗ ଆଦି ସମ୍ମାନର ସହ ପ୍ରାପ୍ତି ହେବନାହିଁ, ତା'ହେଲେ ଆମେ କିପରି ଭଲରେ ବଞ୍ଚିପାରିବା! ଏପରି ସ୍ଥଳେ ସମାଜକୁ



ସନ୍ତୁଳିତ କରିବା ପାଇଁ ତଥା ସମସ୍ତଙ୍କ ପାଇଁ ସର୍ବନିମ୍ନ ମୌଳିକ ଆବଶ୍ୟକତା ସମ୍ମାନର ସହ ଉପଲବ୍ଧ ହେବା ପାଇଁ ଆମ ସମସ୍ତଙ୍କର ପ୍ରୟାସ ହେବା ଉଚିତ। ଜାତି ଭିତ୍ତିକ ଭେଦଭାବ, ଧର୍ମଭିତ୍ତିକ ବିଦ୍ୱେଷ, ଧନୀ ଗରିବ ମଧ୍ୟରେ ବିରାଟ ପ୍ରଭେଦ ଥିବା ଗୋଟେ ସମାଜରେ ଜଣେ ଯେତେ ଚାହିଁଲେ ବି ଶାନ୍ତିରେ ବଞ୍ଚିପାରିବ ନାହିଁ। ଏସବୁର ପ୍ରଭାବ ତା' ଉପରେ ପଡ଼ିବ ନିଶ୍ଚିତ। ତେଣୁ କେବଳ ସ୍ୱାର୍ଥ ସର୍ବସ୍ୱ ହୋଇ ବଞ୍ଚିବାକୁ ଚାହିଁବା ଓ ସେଥିରେ ସଫଳ ହେବା କେବଳ ଏକ ଭ୍ରମ ଛଡ଼ା କିଛି ନୁହେଁ। ଆଜି ଯେପରି ଭାବେ ଚାଷୀ ଆତ୍ମହତ୍ୟା ବୃଦ୍ଧି ପାଉଛି, ନାରୀମାନଙ୍କ ଉପରେ ନିର୍ଯାତନା ସୀମା ଲଙ୍ଘୁଛି, ଗରିବ ଲୋକମାନଙ୍କ ଜୀବନ ଧାରଣ କ୍ରମାଗତ ଭାବେ ଦୁଃସହ ହୋଇଚାଲିଛି, ଉନ୍ନତମାନର ଶିକ୍ଷା ଓ ସ୍ୱାସ୍ଥ୍ୟ ସାଧାରଣ ଲୋକମାନଙ୍କର ହାତପାହାନ୍ତାର ବାହାରକୁ ଚାଲିଯାଉଛି, ସେତେବେଳେ ଆମେ କିପରି ନିଜର ସୁବିଧାକୁ ଦେଖି ଚୁପ୍‌ଚାପ ବସିଯାଇପାରିବା! ସମାଜରେ ଥିବା ବିଭିନ୍ନ ପ୍ରକାର ଅବ୍ୟବସ୍ଥାରେ ସୁଧାର ଆଣିବାର ପ୍ରୟାସ ହିଁ ପ୍ରତ୍ୟେକ ମଣିଷଙ୍କର ଲକ୍ଷ୍ୟ ହେବା ଉଚିତ। କାରଣ ଆପେ ବଞ୍ଚିଲେ ବାପର ନାଁ ହେବା ତ ଦୂରର କଥା, ବଞ୍ଚିବା ବି ସମ୍ଭବ ନୁହେଁ।

ଟିକିଏ ନିରିଖେଇ ଦେଖିଲେ ଆମେ ବୁଝିପାରିବା ଯେ, ଆମେ ବଞ୍ଚିବା ପାଇଁ ଖାଉଥିବା ଖାଦ୍ୟ, ଚାଲୁଥିବା ରାସ୍ତା, ପଢୁଥିବା ବିଦ୍ୟାଳୟ, ଚିକିତ୍ସା ହେଉଥିବା ଡାକ୍ତରଖାନା, ରହୁଥିବା ଘର ଆଦି ଆମ ପାଇଁ ଆଉ କିଏ ତିଆରି କରିଛି। ନିଃଶ୍ୱାସ ନେଉଥିବା ପବନ, ପିଉଥିବା ପାଣି, ଛାଇ ଦେଉଥିବା ଗଛ, ପାଦ ଥୋଉଥିବା ମାଟି ଆଦି ଆମକୁ ପ୍ରକୃତି ଦେଇଛି। କେବଳ ବିଭିନ୍ନ ଜିନିଷର ପ୍ରାପ୍ତି ପାଇଁ ନୁହେଁ, ମାନସିକ ଭାବେ ସୁସ୍ଥ ରହିବା ପାଇଁ ମଧ୍ୟ ମଣିଷ ପରସ୍ପର ଉପରେ ନିର୍ଭରଶୀଳ। ମନ କଥା କାହାକୁ କହିବା ପାଇଁ ଯଦି ଆମ ପାଖରେ କେହି ଲୋକ ନ ଥିବେ ତା'ହେଲେ ଆମେ କେବେ ବି ମାନସିକ ଭାବେ ସୁସ୍ଥ ରହିପାରିବା ନାହିଁ। ଆମେ ଏକୁଟିଆ ଚାହିଁଲେ ଗୋଟିଏ ମୁହୂର୍ତ୍ତ ବି ବଞ୍ଚିପାରିବା ନାହିଁ। ତା'ହେଲେ କାହିଁକି ବାରମ୍ବାର ଆମେ ଘୋଷି ହେବା, ଆପେ ବଞ୍ଚିଲେ ବାପର ନାଁ? ଏହା ଆଦୌ ବି ସତ୍ୟ ନୁହେଁ। ସମଗ୍ର ସଂସାର ଏକ ଶୃଙ୍ଖଳରେ ବନ୍ଧାହୋଇଛି। ଗୋଟିଏ ଛିଣ୍ଡିଗଲେ ଅନ୍ୟଟି ବି ଭୁଶୁଡ଼ିପଡ଼ିବ। ଏପରିକି ଗୋଟିଏ ଛୋଟ ପୋକର ବି ଜୀବନ ଶୃଙ୍ଖଳାରେ ସେତିକି ଭୂମିକା ଅଛି, ଯେତିକି ମଣିଷର ଅଛି। ଆମେ ଏବେ ନିଶ୍ଚୟ ଅନୁଭବ କରୁଥିବା ଯେ, ମଣିଷ ସ୍ୱାର୍ଥସର୍ବସ୍ୱ ହୋଇ ପ୍ରକୃତିକୁ ଯେତେ ଯେତେ କ୍ଷତି ପହଞ୍ଚାଇ ଚାଲୁଛି ତା'ର ୨ଗୁଣ କ୍ଷତି ନିଜେ ବି ସହୁଛି। ମଣିଷ ଯେଉଁ ହାରରେ ସୃଷ୍ଟିର ଅନ୍ୟ ଜୀବମାନଙ୍କ ଉପରେ ଦାଉ ସାଧୁଛି, ସେହି ହାରରେ ଭିନ୍ନ ଭିନ୍ନ ବାଟରେ ତା'ର ଫଳ ବି ଭୋଗୁଛି। ସେଇଥିପାଇଁ ତ କୁହାଯାଏ ବସୁଧୈବ କୁଟୁମ୍ବକମ୍। ତା'ହେଲେ ଏ ଆପେ ବଞ୍ଚିଲେ ବାପର ନାଁ ପରି ନ୍ୟୂନ ଚିନ୍ତାଧାରାକୁ ବୋହିବା କାହିଁକି?

ବିଭିନ୍ନ ପ୍ରକାର ସାମାଜିକ ଲକ୍ଷ୍ୟ ଯଥା ଜନସ୍ୱାସ୍ଥ୍ୟ, ଶିକ୍ଷା, ପରିବେଶ ସ୍ଥିରତା ଆଦି ଏକୁଟିଆ ବ୍ୟକ୍ତି ଦ୍ୱାରା ସମ୍ଭବ ନୁହେଁ। ଏଥିପାଇଁ ଭିନ୍ନ ଭିନ୍ନ ବର୍ଗଙ୍କ ମଧ୍ୟରେ ସହଯୋଗ ଏକାନ୍ତ କାମ୍ୟ। ଜଣେ ଲୋକ ଅପେକ୍ଷା ଗୋଷ୍ଠୀ ସବୁବେଳେ ଅଧିକ ପ୍ରଭାବଶାଳୀ। ପାରସ୍ପରିକ ସହଯୋଗ ତଥା ଗୋଷ୍ଠୀ ଦ୍ୱାରା ହିଁ ମଣିଷ ବିକାଶ ଦିଗରେ ଗତି କରିବାକୁ ସକ୍ଷମ ହୋଇଥାଏ। ସହଯୋଗ ଦ୍ୱାରା ଜୀବନ ସୁଗମ ହେବା ସହ ଉଭୟଙ୍କ ଭିତରେ ଥିବା ସୀମିତତା ଦୂରହୋଇ ଶକ୍ତିରେ ପରିଣତ ହୋଇଥାଏ। ପ୍ରତ୍ୟେକ ମଣିଷକୁ କେବେ ନା କେବେ ଇମୋସନାଲ ସହାୟତା ଆବଶ୍ୟକ ହୋଇଥାଏ। ସେହି ସମୟରେ ଆମକୁ ଆଉ ଜଣେ ମଣିଷ ନିହାତି ଆବଶ୍ୟକ ହୋଇଥାଏ। ସେଇଥିପାଇଁ ଆମ ସମାଜରେ ସମ୍ପର୍କର ମୂଲ୍ୟ ବହୁ ଅଧିକ। ମଣିଷ ଭିତରେ ସକାରାତ୍ମକ ସହ ନକାରାତ୍ମକ ଶକ୍ତି ଥାଏ। କେବଳ ପାରସ୍ପରିକ ସମ୍ପର୍କ ଓ ସହଯୋଗ ମଣିଷ ଭିତରୁ ନକାରାତ୍ମକତା ଦୂରକରିବାରେ ସହାୟକ ହୋଇଥାଏ।

ସାମ୍ପ୍ରତିକ ସମୟରେ ଆମ ସାମ୍ନାରେ ଯେପରି ଆହ୍ୱାନ ସବୁ ଠିଆ୍ହୋଇଛନ୍ତି, ତାହା ଜଳବାୟୁ ପରିବର୍ତ୍ତନଜନିତ ବିପର୍ଯ୍ୟୟ ହେଉ ବା ଦ୍ରୁତଗତିରେ ବଢୁଥିବା ଧନୀ ଗରିବ ମଧ୍ୟରେ ଅସମାନତା ହେଉ, ଏସବୁକୁ ସମାଧାନ କରିବା ପାଇଁ କେଉଁ ଗୋଟିଏ ମଣିଷ ତ ଛାଡ଼ ଗୋଟିଏ ଦେଶ ପାଇଁ ବି ସମ୍ଭବ ନୁହେଁ। ଏଥିପାଇଁ ସୀମାରେଖା ଡେଇଁ ରାଷ୍ଟ୍ର ଓ ରାଷ୍ଟ୍ର ମଧ୍ୟରେ ସହଯୋଗ ଓ ସମନ୍ୱୟ ଆବଶ୍ୟକ ବୋଲି ସମସ୍ତଙ୍କୁ ଅନୁଭବ ହେଲାଣି। ଗୋଟେ ସାମୂହିକ ପ୍ରୟାସରେ ହିଁ ବିଶ୍ୱକୁ ରକ୍ଷା କରାଯାଇପାରିବ। ସ୍ୱାର୍ଥ କେନ୍ଦ୍ରିକ ମାନସିକତାକୁ ମୁକୁଳି ସାମୂହିକ ଭଲ ଦିଗରେ କାର୍ଯ୍ୟରତ ହେବା ହିଁ ପ୍ରକୃତ ମଣିଷର ପରିଚୟ ଓ ଏହା ଦ୍ୱାରା ହିଁ ସମସ୍ତେ ଭଲରେ ଓ ଶାନ୍ତିରେ ବଞ୍ଚିପାରିବେ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ: ୯୪୩୮୪୬୮୪୭୪**



# ଉଦ୍‌ଘାଟନୀ ଉପକଥା

ଡ. ସୁବାସ ସାହୁ

ଗୋଟିଏ ଘଟଣା ବିଷୟରେ ଚିନ୍ତା କରାଯାଉ। ପରିବେଶ ସୁରକ୍ଷା ଉପରେ ରାଜ୍ୟସ୍ତରୀୟ କର୍ମଶାଳା ହେଉଥିବ। ଆବଦ୍ଧ ସଭାଗୃହ ମଧ୍ୟରେ ଭରି ରହିଥିବେ ଦର୍ଶକ। ସାଜସଜ୍ଜା ବେଶ୍ ମନଲୋଭା ହୋଇଥିବ। ରଙ୍ଗବେରଙ୍ଗର ଫୁଲରେ ସଜେଇ ହୋଇଥିବ ସଭାମଞ୍ଚ। ସମ୍ମିଳନୀ କକ୍ଷର ପରିବେଶକୁ ଶୀତଳ ରଖିବା ପାଇଁ ପ୍ରାୟ କୋଡ଼ିଏଟି ଶୀତତାପ ନିୟନ୍ତ୍ରଣ ଯନ୍ତ୍ର (ଏସି) ଚାଲିଥିବ। ଠିକ୍ ସମୟରେ ଅତିଥିମାନେ ସଭାମଞ୍ଚକୁ ଆସିବେ। ଆବହ ସଂଗୀତ ଗାନ ପରେ ସଂଯୋଜକ ଘୋଷଣା କରିବେ, କର୍ମଶାଳାକୁ ଉଦ୍‌ଘାଟନ କରିବା ପାଇଁ ମୁଁ ଅତିଥିମାନଙ୍କୁ ଅନୁରୋଧ ଜଣାଉଛି। ସଭାମଞ୍ଚର ଗୋଟିଏ ପାଖରେ ବୃହଦାକାର ଦୀପ ଷ୍ଟାଣ୍ଡ ରଖାଯାଇଥିବ। ଅତିଥିମାନେ ପ୍ରଦୀପ ନିକଟକୁ ଯାଇ ଦୀପ ପ୍ରଜ୍ୱଳନ କରି କର୍ମଶାଳାକୁ ଉଦ୍‌ଘାଟନ କରିବେ। ସୁରୁଖୁରୁରେ ସଭାକାର୍ଯ୍ୟ ଚାଲିବ। ପ୍ରାୟ ଦୁଇ ଘଣ୍ଟା ଧରି ପରିବେଶ ସୁରକ୍ଷା ଉପରେ ଆଲୋଚନା ହେବ। ବକ୍ତାମାନେ ପରିବେଶ ଉପରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିବେ। ତଥାପି ଶେଷ ଯାଏ ଜଳୁଥିବ ପ୍ରଦୀପ। ସତେ ଯେମିତି ନିଜ ଜ୍ୟୋତି ଦ୍ୱାରା ସଭାଗୃହରେ ଜ୍ଞାନର ଆଲୋକ ବାଣ୍ଟି ଚାଲିଥିବ।

ଏହା ଏକ କାଳ୍ପନିକ ଘଟଣା ହୋଇପାରେ। କିନ୍ତୁ ଏମିତି ଦୃଷ୍ଟାନ୍ତର ଅଭାବ ନାହିଁ। ଆଜିକାଲି ଅନେକ ସ୍ଥାନରେ ଏହିଭଳି ଢଙ୍ଗରେ ସଭାକାର୍ଯ୍ୟ ଆରମ୍ଭ କରାଯାଉଛି। ଏସବୁ ସଭାରେ ବହୁ ବିଜ୍ଞ ବ୍ୟକ୍ତି ଉପସ୍ଥିତ ଥାଆନ୍ତି। ବିଜ୍ଞାନକୁ ଭଲ ଭାବେ ବୁଝିଥିବା ଲୋକମାନେ ଥାଆନ୍ତି। କିନ୍ତୁ କେହି ହେଲେ ଏ ବିଷୟରେ ଚିନ୍ତା କରନ୍ତି ନାହିଁ। ଏହି କାର୍ଯ୍ୟର ପ୍ରତିବାଦ ବି କରନ୍ତି ନାହିଁ। ଶୀତତାପ ନିୟନ୍ତ୍ରିତ ସଭାଗୃହ ମଧ୍ୟରେ ପ୍ରଦୀପ ପ୍ରଜ୍ୱଳନ କରିବା ଯେ କ୍ଷତିକାରକ, ଏକଥା କାହା ମନକୁ ଆସି ନ ଥାଏ।

କାର୍ଯ୍ୟକ୍ରମ ଆରମ୍ଭ ପାଇଁ ପ୍ରଦୀପ ପ୍ରଜ୍ୱଳନ କରିବାରେ କିଛି ମନା ନାହିଁ। କିନ୍ତୁ ଆବଦ୍ଧ ସଭାଗୃହ ମଧ୍ୟରେ ଅନେକ ସଂଖ୍ୟାରେ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ଚାଲୁଥିବା ସତ୍ତ୍ୱେ ଦୀର୍ଘ ସମୟ ଧରି ଦୀପ ଜଳାଇବା ଆଦୌ ପ୍ରାସଙ୍ଗିକ ମନେହୁଏ ନାହିଁ। ଆମେ ଜାଣୁ, ଦୀପ ଜଳିବା ଦ୍ୱାରା ଗୋଟିଏ ସ୍ଥାନର ଉତ୍ତାପ ବୃଦ୍ଧି ପାଇଥାଏ। ଏହି ଉତ୍ତାପକୁ କମାଇବା ପାଇଁ ଏସି ବ୍ୟବହାର କରାଯାଏ। ଏସି ଚଳାଇବା ପାଇଁ ବିଦ୍ୟୁତ୍ ଶକ୍ତି ଆବଶ୍ୟକ ହୋଇଥାଏ। ଦୀପ ଦ୍ୱାରା ସୃଷ୍ଟି ହେଉଥିବା ଉତ୍ତାପ ହ୍ରାସ କରିବା ନିମନ୍ତେ ଏସି ଦ୍ୱାରା ଅଧିକ ପରିମାଣରେ ବିଦ୍ୟୁତ୍ ଶକ୍ତି ବ୍ୟବହାର କରାଯାଇଥାଏ। ଏହାଛଡ଼ା ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ଚଳାଇବା ଦ୍ୱାରା କେତେକ କ୍ଷତିକାରକ ଗ୍ୟାସ୍ ନିର୍ଗତ ହୋଇଥାଏ। ସେସବୁ ମଧ୍ୟରେ ହାଇଡ୍ରୋଫ୍ଲୁରୋକାର୍ବନ, ହାଇଡ୍ରୋକ୍ଲୋରୋଫ୍ଲୁରୋକାର୍ବନ ଆଦି ପ୍ରମୁଖ। ବେଶି ସମୟ ଧରି ଏସି ଚାଲିଲେ ନିର୍ଗତ ହେଉଥିବା ଗ୍ୟାସ୍‌ର ପରିମାଣ ବୃଦ୍ଧି ପାଇଥାଏ। ଏହା ପରିବେଶ ପାଇଁ ଆଦୌ ଅନୁକୂଳ ନୁହେଁ। ସେହିପରି ଦୀପ



ଜଳାଇବା ପାଇଁ ଘିଅ ବା ତେଲ ଦରକାର ହୁଏ। ଏହାଦ୍ୱାରା କେତେକ ଗ୍ୟାସ୍ ନିର୍ଗତ ହୋଇଥାଏ। ଘିଅ ଏବଂ ବାଦାମ ତେଲ ଦ୍ୱାରା ଜଳା ଯାଉଥିବା ଦୀପ ଉପରେ ହରିଦ୍ୱାରଠାରେ ରହିଥିବା ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଏକ ଗବେଷଣା କରାଯାଇଥିଲା। ଏହାର ଫଳାଫଳରୁ ଜଣାଯାଏ ଯେ ଦୀପ ଜଳିବା ଦ୍ୱାରା ଅଙ୍ଗାରକାମ୍ଳ, କାର୍ବନ ମନୋକ୍‌ସାଇଡ୍, ସଲଫର ଡାଇଅକ୍‌ସାଇଡ୍ ଆଦି ଗ୍ୟାସ୍ ନିର୍ଗତ ହୋଇଥାଏ।

ଦୀପ ଜଳାଇବା ଏକ ପବିତ୍ର ପରମ୍ପରା ବୋଲି ଆମର ବିଶ୍ୱାସ ରହିଛି। କେବଳ ଭାରତ ନୁହେଁ; ଚାଇନା, ନେପାଳ, ଶ୍ରୀଲଙ୍କା, ଇଣ୍ଡୋନେସିଆ, ଥାଇଲାଣ୍ଡ ଆଦି ଦେଶରେ ମଧ୍ୟ ପୂଜାର୍ଚ୍ଚନା କରିବାବେଳେ ଦୀପ ଜଳା ଯାଇଥାଏ। କେତେକଙ୍କର ଯୁକ୍ତି ହେଉଛି ଦୀପ ଜଳାଇବା ଦ୍ୱାରା କାର୍ଯ୍ୟରେ ଶୁଭ ଘଟିଥାଏ। ଏକଥା ଠିକ୍। କିନ୍ତୁ ଏହି ପରମ୍ପରା ଆରମ୍ଭ ହେବାବେଳେ ଆଜି ଭଳି ପରିସ୍ଥିତି ନ ଥିଲା। ସେତେବେଳେ ଆବଦ୍ଧ କୋଠରିରେ ସଭାକାର୍ଯ୍ୟ ହେଉ ନ ଥିଲା। ସଭାଗୃହ ମଧ୍ୟରେ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ବ୍ୟବହାରର ବ୍ୟବସ୍ଥା ହିଁ ନ ଥିଲା। ତେଣୁ ପ୍ରଦୀପ ପ୍ରଜ୍ୱଳନ ଦ୍ୱାରା ଏସବୁ ସମସ୍ୟା ଉପୁଜିବାର ଆଶଙ୍କା ନ ଥିଲା। ସମୟ ଅନୁସାରେ ଆମ ପରମ୍ପରାକୁ ବଦଳାଇବାକୁ ପଡ଼ିବ। ବଦଳି ଯାଉଥିବା ପାରିପାର୍ଶ୍ୱିକ ଅବସ୍ଥାରେ ପୁରାତନ ପରମ୍ପରାକୁ ଧରି ରଖିବା ସମୀଚୀନ ହେବ ନାହିଁ। ବେଳେବେଳେ ଏହା ପ୍ରାସଙ୍ଗିକ ମନେ ହୋଇ ନ ଥାଏ। ଚଟାଣକୁ ଗୋବରରେ ଲିପିବା ଦ୍ୱାରା ଏହା ପବିତ୍ର ହୋଇଥାଏ। କିନ୍ତୁ ଦାମୀ ଟାଇଲ ବିଛା ଯାଇଥିବା ଘରର ଚଟାଣକୁ ଗୋବରରେ ଲିପା ଯିବାକୁ କେହି ହୁଏତ ପସନ୍ଦ କରି ନ ପାରନ୍ତି। ତେଣୁ ପୁରାତନ ପରମ୍ପରା ବଜାୟ ରଖିବାବେଳେ ଆମକୁ ଏ ବିଷୟରେ ଗଭୀର ଭାବେ ଚିନ୍ତା କରିବାକୁ ହେବ।

ସମୟକ୍ରମେ ବଦଳି ଯାଇଛି ଆମ ଜୀବନଯାପନ ପ୍ରଣାଳୀ। ସ୍ୱଚ୍ଛନ୍ଦରେ ବଞ୍ଚିବା ପାଇଁ ଆମ ପାରିପାର୍ଶ୍ୱିକ ଅବସ୍ଥାରେ ପରିବର୍ତ୍ତନ ଘଟିଛି। ଏହି ପରିବର୍ତ୍ତିତ ପରିସ୍ଥିତି ଯୋଗୁ ଆମ ପରମ୍ପରାରେ ପରିବର୍ତ୍ତନ ଘଟିବା ଆବଶ୍ୟକ। ଆବଦ୍ଧ ଗୃହରେ କରାଯାଉଥିବା କୌଣସି କାର୍ଯ୍ୟର ଶୁଭାରମ୍ଭ ପାଇଁ ଦୀପ ଜଳାଇବା ବଦଳରେ ଅନ୍ୟାନ୍ୟ ଉପାୟ ଅବଲମ୍ବନ କରାଯାଇପାରେ। ମନ୍ତ୍ର ଉଚ୍ଚାରଣ, ଠାକୁରଙ୍କ ଫଟୋ ନିକଟରେ ପୁଷ୍ପ ଅର୍ପଣ, ବୃକ୍ଷ ଚାରାରେ ଜଳଦାନ, ଫିତା କଟାଯିବା, ସାମୂହିକ କରତାଳି ଅଥବା ଅତିଥିଙ୍କ ଦ୍ୱାରା ଘୋଷଣା କରି ସଭାକାର୍ଯ୍ୟ ଆରମ୍ଭ କରାଯାଇପାରେ। ଏହାଛଡ଼ା ବେଲୁନ୍ ଉଡ଼ାଯାଇ ଅଥବା ସାଙ୍କେତିକ ଭାବେ ପୁଷ୍ପ ବୃଷ୍ଟି କରାଯାଇ କୌଣସି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇପାରିବ। ଅବଶ୍ୟ ଖୁସିର କଥା, କେତେକ ସ୍ଥାନରେ ଆୟୋଜକମାନେ ଏକଥା ହୃଦୟଙ୍ଗମ କଲେଣି। ସଭାକାର୍ଯ୍ୟ ଆରମ୍ଭ ପାଇଁ ପ୍ରଦୀପ ପ୍ରଜ୍ୱଳନ ବଦଳରେ ଅନ୍ୟାନ୍ୟ ଉପାୟ ଅବଲମ୍ବନ କରାଗଲାଣି। ଆମ ପରିବେଶ ଏବଂ ଆମର ହିତ ଦୃଷ୍ଟିରୁ ଏ ଦିଗରେ ବ୍ୟାପକ ଭାବେ ଚିନ୍ତା କରିବାର ଆବଶ୍ୟକତା ରହିଛି।

**ଶତାବ୍ଦୀ ନଗର, ଭୁବନେଶ୍ୱର**
**ମୋ: ୯୪୩୭୪୪୫୧୮୪**

## ଏଇ ଭାରତରେ

ପେସାରେ ସାମ୍ବାଦିକ ହେଲେ ମଧ୍ୟ ଚାଷରେ ଏକ ନମ୍ବର। ଏମିତି ଜଣେ ସାମ୍ବାଦିକ ହେଉଛନ୍ତି କେରଳର ୫୪ ବର୍ଷୀୟ ନାରାୟଣନ୍ କନାଲୟାମ। ତାଙ୍କ ଫାର୍ମରେ ୮୭ ପ୍ରକାରର ବିହ୍ନ ଉତ୍ପାଦନ କରୁଛନ୍ତି। ପୁରୁଣା ପ୍ରଜାତିର ଶସ୍ୟ ସଂରକ୍ଷଣ କରିବା ଲକ୍ଷ୍ୟରେ ସେ ଏହି ଚାଷ ଜାରି ରଖିଛନ୍ତି। ୨୦୧୬ରୁ ନାରାୟଣନ୍ ଚାଷ ଆରମ୍ଭ କରିଥିଲେ। ୱାୟନାଡ଼ସ୍ଥିତ ଏମ୍. ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେଶନସ୍ କମ୍ୟୁନିଟି ଆଗ୍ରୋବାୟୋଡାଇଭର୍ସିଟି ସେଣ୍ଟରରୁ ୨୭ ପ୍ରକାର ବିହ୍ନ ବିହନ ଆଣି ପ୍ରଥମେ ୭ ଏକର ଜମିରେ ଚାଷ କରିଥିଲେ। ଏହାପରେ ସେ ରାଜସ୍ଥାନ ଏବଂ ଆସାମର ଚାଷୀମାନଙ୍କଠାରୁ ଅବଶିଷ୍ଟ ବିହ୍ନର ବିହନ ସଂଗ୍ରହ କରିଛନ୍ତି। ନାରାୟଣନ୍‌ଙ୍କ ମା' ଓ ତାଙ୍କ ସ୍ତ୍ରୀ ତାଙ୍କୁ କୃଷିରେ ସହଯୋଗ କରୁଛନ୍ତି। ସେ ସକାଳ ୫ଟାରୁ ୭ଟା ଯାଏ କ୍ଷେତରେ କାମ କରି ତା'ପରେ ଅଫିସ ବାହାରିଯାଆନ୍ତି। ପୁଣି ଅପରାହ୍ନ ୪ଟାରେ ଫେରି ତାଙ୍କ ମା'ଙ୍କ ସହ କାର୍ଯ୍ୟରେ ଯୋଗଦିଅନ୍ତି। ବିହ୍ନରୁ ସେ ମାସକୁ ୩୫,୦୦୦ରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରୁଛନ୍ତି। ସ୍ଥାନୀୟ ଚାଷୀମାନଙ୍କୁ ସେ ବିହ୍ନ ବିହନ ବି ଯୋଗାଇ ଦେଉଛନ୍ତି। କେବଳ ଏତିକି ନୁହେଁ, ତାଙ୍କ ଅଞ୍ଚଳରେ ପ୍ରାୟ ୧୧୦ ଜଣ ମହିଳାଙ୍କୁ କିଚେନ ଗାର୍ଡେନରେ ପରିବା ଉତ୍ପାଦନ କରିବା ଲାଗି ଉତ୍ସାହିତ କରିପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୨ ଏପ୍ରିଲ ୧୯୭୬

- କେନ୍ଦ୍ର ବିଜ୍ଞାନ ଓ ବୈଷୟିକ ବିଭାଗ ସେକ୍ରେଟାରୀ ଡକ୍ଟର ଏ. ରାମଚନ୍ଦ୍ରନ ଶିକ୍ଷା ଓ ବୈଷୟିକ ଆନ୍ତର୍ଜାତିକ ସମ୍ମିଳନୀର ଚେୟାରମ୍ୟାନ୍ ନିର୍ବାଚିତ।
- ପୂର୍ବତନ ବହିର୍ବ୍ୟାପାର ଉପମନ୍ତ୍ରୀ ଅନିଲ କୁମାର ଚନ୍ଦ୍ରଙ୍କ ଶାନ୍ତିନିକେତନଠାରେ ପରଲୋକ ହୋଇଯାଇଛି।
- ଶଙ୍କର ଘୋଷ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଯୋଗଦେଇ ଯୋଜନା ବିଭାଗ ରାଷ୍ଟ୍ର ମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଛନ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | | | 3 | | | |
| | | | 4 | 1 | | | 9 | 7 |
| | | | 9 | | 7 | | | |
| | | | 5 | | | 8 | 2 | |
| | 9 | | | | 4 | | | |
| | 8 | 4 | 7 | | | | | 5 |
| | 4 | | | | | | | |
| 6 | 1 | | | 8 | | 4 | | |
| | | 9 | | | | 5 | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 9 | 2 | 1 | 5 | 8 | 6 | 4 |
| 6 | 4 | 1 | 9 | 8 | 3 | 5 | 2 | 7 |
| 5 | 2 | 8 | 7 | 4 | 6 | 3 | 9 | 1 |
| 8 | 1 | 3 | 6 | 9 | 4 | 7 | 5 | 2 |
| 2 | 6 | 5 | 8 | 3 | 7 | 1 | 4 | 9 |
| 7 | 9 | 4 | 5 | 2 | 1 | 6 | 8 | 3 |
| 9 | 8 | 7 | 1 | 6 | 2 | 4 | 3 | 5 |
| 4 | 5 | 6 | 3 | 7 | 9 | 2 | 1 | 8 |
| 1 | 3 | 2 | 4 | 5 | 8 | 9 | 7 | 6 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ରାଜନୈତିକ ଉଦ୍ଦେଶ୍ୟରେ ମିଶନ ଶକ୍ତି ପୁନର୍ଗଠନ ନ ହେଉ

ମହାଶୟ,

ରାଜ୍ୟରେ ମିଶନ ଶକ୍ତିର ପୁନର୍ଗଠନ ନିଷ୍ପତ୍ତି ମହିଳାଙ୍କ ସହ ବିଶ୍ୱାସଘାତକତା। ବିଭାଗୀୟ ସଚିବ ପ୍ରତ୍ୟେକ ଜିଲାପାଳଙ୍କୁ ମିଶନ ଶକ୍ତିର ପୁନର୍ଗଠନ ପାଇଁ ପତ୍ର ଲେଖିଛନ୍ତି। ଯେକୌଣସି ସଙ୍ଗଠନର କାର୍ଯ୍ୟକାରୀ କମିଟି ପୁନର୍ଗଠନରେ ଉକ୍ତ ସଙ୍ଗଠନର ସାଧାରଣ ସଭ୍ୟମାନେ ସର୍ବେସର୍ବା। ହେଲେ ଏ କ୍ଷେତ୍ରରେ ପୁରୁଣା କର୍ମକର୍ତ୍ତା ଆଉ ରହିପାରିବେ ନାହିଁ ନିଷ୍ପତ୍ତିକୁ ସଙ୍ଗଠନର ସଭ୍ୟମାନଙ୍କ ଉପରେ ଲଦିଦିଆଯାଉଛି। ଭୁବନେଶ୍ୱରରେ ଆନ୍ଦୋଳନରତ ମିଶନ ଶକ୍ତିର ମହିଳାମାନେ ଆନ୍ଦୋଳନ ପ୍ରତ୍ୟାହାର କରିବା ପରଦିନ ଏଭଳି ଚିଠି ପ୍ରଦାନ କରାଯିବା ଦୁର୍ଭାଗ୍ୟଜନକ। ବିଜେଡି ସରକାରରେ ମିଶନ ଶକ୍ତି କାର୍ଯ୍ୟରେ ହୋଇଥିବା ଦୁର୍ନୀତି ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଏ କ୍ଷେତ୍ରରେ ପ୍ରଥମେ ଆକ୍ରମଣାତ୍ମକ ହେବା ଭବିଷ୍ୟତ ପାଇଁ ବିପଦ । ଏଥିନେଇ ସକାରାତ୍ମକ ଦିଗରେ କାର୍ଯ୍ୟକଲେ ସରକାର ଅଧିକ ଗ୍ରହଣୀୟ ହେବେ। ତେବେ ମିଶନ ଶକ୍ତିର ପୁନର୍ଗଠନ ନିଷ୍ପତ୍ତି ପ୍ରଚାରହେବା ପରେ ବିଭିନ୍ନ ଗାଁରେ କ୍ଷମତାସୀନ ଦଳର କର୍ମୀମାନେ ନୂଆ କର୍ମକର୍ତ୍ତାଙ୍କୁ ମାସିକ ଆକାରରେ ଏବେ ଅର୍ଥ ପ୍ରଦାନ କରାଯିବା ମିଛ ପ୍ରଚାର ଚଳାଇଛନ୍ତି।

**-ସତୀଶ ବିଶ୍ୱାଳ, ଧର୍ମଶାଳା, ଯାଜପୁର**

## ଚିରନ୍ତନୀ

ସେ ଗୀତେ ମୁଁ ତ ଯାଇନି ହଜି
ନିଜକୁ ତହିଁ ପାଇଲି ଖୋଜି,
ସେ ଗୀତେ ମୋର ପରାଣ ଭରି
ଝରିଲା କି ଅମିଅ,
ମରଣ ହେଲା ମଧୁରତର
ଜୀବନ ହେଲା ପ୍ରିୟ।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପାଇଖାନା ଟାଙ୍କିରୁ ମିଳିଲା ନିଖୋଜ ନାବାଳକଙ୍କ ମୃତଦେହ

**ବୟସ ୧୧ ବର୍ଷ। କପଟ କ'ଣ ବୋଲି ତାଙ୍କ ମନରେ କିଛି ନ ଥିଲା। ହେଲେ ଅନ୍ୟ ଜଣଙ୍କ ପିଶାଚ ମନୋବୃତ୍ତିରୁ ଚାଲିଗଲା ଜୀବନ। ନିଖୋଜ ହେବାର ୬ଦିନ ପରେ ଘରଠାରୁ ୨୦୦ ମିଟର ଦୂରରେ ଥିବା ଏକ ପାଇଖାନା ଟାଙ୍କିରୁ ନାବାଳକ ଆଶୀର୍ବାଦ ସାହୁଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ଏଭଳି ଏକ ଘଟଣା ଘଟିଛି ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ରତନପୁର ଗ୍ରାମରେ। ଅପ୍ରାକୃତିକ ଯୌନ ସମ୍ପର୍କକୁ ବିରୋଧ କରିବାରୁ ଆଶୀର୍ବାଦଙ୍କୁ ହତ୍ୟା ପରେ ପାଇଖାନା ଟାଙ୍କିରେ ପକାଇ ଦେଇଥିବା ଅଭିଯୋଗରେ ପୋଲିସ ସେହି ଗ୍ରାମର ପ୍ରଭାକର ସାହୁ ନାମକ ଜଣେ ଯୁବକଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି।**


ପ୍ରଭାକର ସାହୁ

- ଆଶୀର୍ବାଦଙ୍କ ହତ୍ୟା ପରେ ନିର୍ଭୟରେ ବୁଲୁଥିଲେ ଅଭିଯୁକ୍ତ
- ଅପ୍ରାକୃତିକ ଯୌନ ସମ୍ପର୍କରୁ ହତ୍ୟା ସନ୍ଦେହ

ଡେଲାଙ୍ଗ,୨୧।୪
(ରଶ୍ମିରଞ୍ଜନ ପ୍ରଧାନ)

ଗତ ୧୫ତାରିଖରେ ରତନପୁର ଗ୍ରାମର ନାବାଳକ ଆଶୀର୍ବାଦ ନିଖୋଜ ହୋଇଯାଇଥିଲେ। ପୁଅର ନିଖୋଜ ସମ୍ପର୍କରେ ପରିବାର ଲୋକେ ଡେଲାଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣା ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିବାବେଳେ ରବିବାର ବିଳମ୍ବିତ ରାତିରେ ଘରଠାରୁ ୨ଶହ ମିଟର ଦୂର ଏକ ପାଇଖାନା ଟାଙ୍କିରୁ ଆଶୀର୍ବାଦଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ପ୍ରଭାକର ସାହୁ ଓରଫ ବାପି(୩୪)ଙ୍କୁ ପୋଲିସ ଖୋର୍ଦ୍ଧା ଜିଲା ଟାଙ୍ଗୀ-ଚାନ୍ଦପୁରସ୍ଥିତ ତାଙ୍କ ଶ୍ୱଶୁର ଘରୁ ଗିରଫ କରିବା ସହ ପଚରାଉଚରା ପରେ ସେ ନାବାଳକଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ପ୍ରାଥମିକ ତଦନ୍ତ ଏବଂ ସ୍ଥାନୀୟ ଅଞ୍ଚଳବାସୀଙ୍କଠାରୁ ମିଳିଥିବା ତଥ୍ୟ ଅନୁସାରେ, ଅପ୍ରାକୃତିକ ଯୌନ ସମ୍ପର୍କକୁ ଆଶୀର୍ବାଦ ବିରୋଧ କରିବାରୁ ଅଭିଯୁକ୍ତ ତାଙ୍କୁ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଉଲଗ୍ନ ଅବସ୍ଥାରେ ଗଳିତ ଶବ ପାଇଖାନା ଟାଙ୍କିରୁ ଉଦ୍ଧାର ହୋଇଥିବାବେଳେ ଏହାର ଗୁପ୍ତାଙ୍ଗ ଖଣ୍ଡିଆ ହୋଇଥିବା ଦେଖିବାକୁ ମିଳିଥିଲା। ପୁରୀ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଅଭିଯୁକ୍ତ ପ୍ରଭାକର ମୃତକ ଆଶୀର୍ବାଦଙ୍କ ସମ୍ପର୍କୀୟ ଦାଦା ଅଟନ୍ତି। ଛୋଟପିଲାମାନଙ୍କ ସାଙ୍ଗରେ ମିଳାମିଶା କରିବା ସହିତ ଖେଳିବା ଓ ଭୋଜି କରିବା ଅଭିଯୁକ୍ତ ବାପିଙ୍କ ଏକପ୍ରକାର ସଉକ ଥିଲା। ଗତ ୧୫ତାରିଖରେ ଆଶୀର୍ବାଦ ଗାଁ ପଡିଆରେ ପିଲାମାନଙ୍କ ସହିତ ଖେଳକୁଦ ସାରି ଘରକୁ ଫେରିଥିଲେ। ସାନଭଉଣୀକୁ ସାଇକେଲରେ ନିକଟସ୍ଥ ଗ୍ରାମକୁ ନେଇ ଟିଉଶନରେ ଛାଡ଼ିଥିଲେ। ପରେ ମା' ଆଶୀର୍ବାଦଙ୍କୁ ଖାଇବାକୁ ଡାକିଥିଲେ। ହେଲେ କାଳବୈଶାଖୀ ଆସିବାରୁ ମା' ତରବର ହୋଇ ଛାତ ଉପରକୁ ଲୁଗାପଟା ଆଣିବାକୁ ଚାଲିଯାଇଥିଲେ। ତଳକୁ ଆସି ପୁଅକୁ ଖୋଜିବାରୁ ପାଇ ନ ଥିଲେ। ବର୍ଷାପବନରେ ପୁଅ କେଉଁଆଡ଼େ ଗଲା ବୋଲି ସ୍ୱାମୀଙ୍କୁ ଫୋନ୍ କରି ଜଣାଇଥିଲେ। ପରିବାରର ସମସ୍ତ ସଦସ୍ୟ ଏବଂ ସାହିପଡ଼ିଶା ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ଆଶୀର୍ବାଦଙ୍କୁ ପାଇ ନ ଥିଲେ। ପୁଅ ନିଖୋଜ ନେଇ ପରିବାର ଲୋକେ ପୋଲିସରେ ଅଭିଯୋଗ କରିଥିଲେ। ଖବରପାଇ ପୋଲିସ ବିଭିନ୍ନ ସ୍ଥାନ ଖୋଜାଖୋଜି କରିଥିଲେ ମଧ୍ୟ ରାତିରେ ପାଇ ନ ଥିଲା। ୧୬ ତାରିଖ ସକାଳୁ ଡେଲାଙ୍ଗ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ନିଖୋଜ ନାବାଳକଙ୍କ ବାଡିପଟେ ଯାଇଥିବା ଲୁଣାନଦୀ, ଜଙ୍ଗଲିଆ ସ୍ଥାନ, ଗହୀର, ବାଉଁଶବଣ ଆଦି ସ୍ଥାନରେ ଖୋଜାଖୋଜି କରିଥିଲେ। ହେଲେ ନିଖୋଜ ଆଶୀର୍ବାଦଙ୍କ ସନ୍ଧାନ ପାଇବାରେ ବିଫଳ ହୋଇଥିଲେ। ଅନ୍ୟପଟେ ଅପହରଣକୁ ୫ ଦିନ ବିତିଯିବା ପରେ ପିଲାକୁ କେହି ଗାଁ ଦାଣ୍ଡରୁ ଅପହରଣ କରିନେଇଥିବା ପୋଲିସ ସନ୍ଦେହ କରିବା ସହ ବିଭିନ୍ନ ସ୍ଥାନରେ ନାବାଳକଙ୍କ ପୋଷ୍ଟର ଲଗାଇ ଖବର ଦେବାକୁ ନିବେଦନ କରିଥିଲା। ନାବାଳକଙ୍କ କୌଣସି ପତ୍ତା ନ ମିଳିବାରୁ ପରିବାର ଏବଂ ସ୍ଥାନୀୟ ଲୋକେ ରବିବାର ରାସ୍ତା ଅବରୋଧ କରିବା ସହିତ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟା କିପରି କରାଯାଇଛି ତାହା ସାମ୍ନାକୁ ଆସିବ ବୋଲି ଅତିରିକ୍ତ ଏସ୍‌ପି ବିଷ୍ଣୁଚରଣ ପତି କହିଛନ୍ତି। ଅଭିଯୁକ୍ତ ପ୍ରଭାକରଙ୍କୁ ଗିରଫ କରାଯାଇ ପଚରାଉଚରା ପରେ ସେ ହତ୍ୟା କରିଥିବା ନେଇ ସ୍ୱୀକାର କରିଛନ୍ତି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ଆବଶ୍ୟକ ପଡ଼ିଲେ ତାଙ୍କୁ ରିମାଣ୍ଡରେ ଅଣାଯିବ। ଏହି ହତ୍ୟାକାଣ୍ଡରେ ଆଉ କିଏ ସମ୍ପୃକ୍ତ ରହିଛନ୍ତି କି ନାହିଁ ତାର ସମସ୍ତ ଦିଗକୁ ନେଇ ତଦନ୍ତ କରାଯିବ ବୋଲି ଅତିରିକ୍ତ ଏସ୍‌ପି ପତି କହିଛନ୍ତି। ଅପରପକ୍ଷରେ ମୃତ ଆଶୀର୍ବାଦଙ୍କ ପିତା ମାନସ ସାହୁଙ୍କ କହିବା ହେଲା ତାଙ୍କ ପୁଅକୁ ଅଭିଯୁକ୍ତ ପ୍ରଭାକର ଏମିତି ହତ୍ୟା କରିବେ ବୋଲି ସେ କେବେ ଭାବି ନ ଥିଲେ। ପୁଅକୁ ଯେମିତି ନିର୍ଦ୍ଦୟ ଭାବେ ପ୍ରଭାକର ହତ୍ୟା କରିଛନ୍ତି, ଅଦାଲତ ତାଙ୍କୁ ଯେତେ ଦଣ୍ଡ ଦେଲେ ବି କମ୍ ହେବ ବୋଲି ମାନସ କହିଛନ୍ତି।

# ଖଟ ବାକ୍ସରୁ ମିଳିଲା ମହିଳାଙ୍କ ମୃତଦେହ

## ସ୍ତ୍ରୀଙ୍କୁ ହତ୍ୟାକରି ସ୍ୱାମୀ ଫେରାର ଅଭିଯୋଗ

ଚନ୍ଦାହାଣ୍ଡି/ଉମରକୋଟ,୨୧।୪
(ଦିଲୀପ ଦାଶ/ସନ୍ତୋଷ ଶତପଥୀ)

ଖଟ ବାକ୍ସରୁ ମିଳିଛି ମହିଳାଙ୍କ ମୃତଦେହ। ସ୍ତ୍ରୀଙ୍କୁ ହତ୍ୟାକରି ମୃତଦେହକୁ ଖଟର ବାକ୍ସରେ ରଖି ସ୍ୱାମୀ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ହଳଦୀ ଗ୍ରାମରୁ ଏହି ଘଟଣା ସୋମବାର ସାମ୍ନାକୁ ଆସିଛି। ମୃତକ ହେଲେ ହଳଦୀ ଗାଁର ଯୁଦ୍ଧାର ସିଂ ନାୟକଙ୍କ ସ୍ତ୍ରୀ ଅନୀତା। ନବରଙ୍ଗପୁରରୁ ସାଇଣ୍ଟିଫିକ୍ ଟିମ୍ ସୋମବାର ସନ୍ଧ୍ୟାରେ ପହଞ୍ଚି ଯାଞ୍ଚ କରୁଛି। ଚନ୍ଦାହାଣ୍ଡି ପୋଲିସ ମୃତ ମହିଳାଙ୍କ ଶ୍ୱଶୁରଙ୍କୁ ଅଟକ ରଖି ପଚରାଉଚରା କରୁଛି।

ପୋଲସ ସୂଚନାନୁଯାୟୀ ହଳଦୀ ଗ୍ରାମର ଯୁଦ୍ଧାର ସିଂ ନାୟକ ଛତିଶଗଡ଼ ଦେଭୋଗ ଥାନା ଭତରାବାହାଳୀ ଗ୍ରାମର କମଳାକାନ୍ତ ସୋରିଙ୍କ ଝିଅ ଅନୀତାଙ୍କୁ ପ୍ରାୟ ୩ ବର୍ଷ ତଳେ ବୈଦିକ ରୀତିରେ ବାହା ହୋଇଥିଲେ। ସେମାନଙ୍କର ଦେଢ଼ ବର୍ଷର ଝିଅଟିଏ ଅଛି। କିଛିଦିନ ତଳେ ଅନୀତା ଭତ୍ରାବାହାଲସ୍ଥିତ ବାପଘରକୁ ଯାଇଥିଲେ। ସେଠାରୁ ୪ ଦିନ ତଳେ ଯୁଦ୍ଧାର ତାଙ୍କୁ ଘରକୁ ଆଣିଥିଲେ। ତେବେ ଶନିବାରଠାରୁ ଉଭୟ ସ୍ୱାମୀ ସ୍ତ୍ରୀ ନିଖୋଜ ଥିବା ନେଇ ଯୁଦ୍ଧାରଙ୍କ ପରିବାର ଲୋକେ ଅନୀତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ। ଅନୀତାଙ୍କ ପରିବାର ଲୋକେ ସବୁଠି ଖୋଜାଖୋଜି କରିଥିଲେ। ତାଙ୍କ ଘର ବାହାରପଟରୁ ତାଲା ପଡ଼ିଥିବାବେଳେ ଉଭୟଙ୍କ କୌଣସି ସନ୍ଧାନ ମିଳି ନ ଥିଲା। ବାଧହୋଇ ଅନୀତାଙ୍କ ଭାଇ ରବିବାର ଚନ୍ଦାହାଣ୍ଡି ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ତେବେ ସୋମବାର ବନ୍ଦଘରୁ ଦୁର୍ଗନ୍ଧ ବାହାରିବାରୁ ପଡ଼ୋଶୀ ଲୋକେ ପୋଲିସକୁ ଏ ସମ୍ପର୍କରେ ଜଣାଇଥିଲେ। ଚନ୍ଦାହାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘର ତାଲା ଭାଙ୍ଗିଥିଲେ। ଘରେ ତଦନ୍ତ କରିବାବେଳେ ମୃତଦେହ ଖଟ ବାକ୍ସରୁ ମିଳିଥିଲା। ଖବରପାଇ ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ ଶବର ପହଞ୍ଚିଥିଲେ। ସାଇଣ୍ଟିଫିକ୍ ଟିମ୍‌ର ଯାଞ୍ଚ ସରିବା ପରେ ମୃତଦେହ ବାହାର କରାଯିବ। ହତ୍ୟାର କାରଣ ଏବେ ସୁଦ୍ଧା ସ୍ପଷ୍ଟ ହୋଇ ନ ଥିବା ପୋଲିସ ସୂଚନା ଦେଇଛନ୍ତି। ଶିଶୁ କନ୍ୟା ଜଣଙ୍କ ଏବେ ତାଙ୍କ ଜେଜେମା'ଙ୍କ ପାଖରେ ଅଛନ୍ତି। ଯୁଦ୍ଧାର ଅନୀତାଙ୍କୁ ହତ୍ୟା କରିଥିବା ନେଇ ମୃତକଙ୍କ ଭାଇ ସୋମବାର ଚନ୍ଦାହାଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ. ୫୯/୨୫ରେ ମାମଲା ରୁଜୁ କରିଛି। ଚନ୍ଦାହାଣ୍ଡି ଏସ୍‌ଆଇ ବିଜୁରାମ ବାଗ ଘଟଣାର ତଦନ୍ତ କରୁଛନ୍ତି।

# ସ୍ତ୍ରୀ ହତ୍ୟା ମାମଲାରେ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

ଜଗତ୍‌ସିଂହପୁର, ୨୧।୪
(ପ୍ରମୋଦ କୁମାର ନାୟକ)

୨୦୨୦ରେ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଜଗତ୍‌ସିଂହପୁର ଜିଲା ଓ ଦୌରାଜଜ୍ ଶ୍ରୀନିବାସ ପ୍ରତିହାରୀ ଏହି ମାମଲାର ବିଚାର କରି ତିର୍ତ୍ତୋଲ ଥାନା ପିପଲମାଧବ ବତିଲୋ ଗ୍ରାମର ପ୍ରକାଶ ନାଥଶର୍ମା ଓରଫ ବଲିଆଙ୍କୁ ଆଜୀବନ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦେୟ ହେଲେ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ପବ୍ଲିକ ପ୍ରସିକ୍ୟୁଟର (ପିପି) ନଳିନୀକାନ୍ତ ମହାରଣା କହିଛନ୍ତି, ଜଗତ୍‌ସିଂହପୁର ଥାନା ରସଲପୁର ଗ୍ରାମର କଣ୍ଠୁରି ନାଥଙ୍କ ଅଭିଯୋଗ ଆଧାରରେ ୧୫ ଜୁନ୍ ୨୦୨୦ରେ ଏକ ମାମଲା (ନଂ.୧୮୬/୨୦) ରୁଜୁ କରାଯାଇଥିଲା। ଅଭିଯୋଗ ଅନୁଯାୟୀ, ଏହି ଘଟଣାର ୪ ବର୍ଷ ପୂର୍ବରୁ କଣ୍ଠୁରିଙ୍କ ଝିଅ ଝୁନା ନାଥଙ୍କ ସହ ବତିଲୋ ଗ୍ରାମର ପ୍ରକାଶଙ୍କ ବୈଦିକ ରୀତିରେ ବିବାହ ହୋଇଥିଲା। ବିବାହର କିଛିଦିନ ପରେ ଝୁନାଙ୍କୁ ସ୍ୱାମୀ ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେଇଥିଲେ। ଏପରିକି ସେ ଗର୍ଭବତୀ ଥିଲାବେଳେ ତାଙ୍କ ତଳିପେଟକୁ ଗୋଇଠା ମାରି ଗର୍ଭନଷ୍ଟ କରିଦେଇଥିଲେ। ଝୁନାଙ୍କ ବାପା କଣ୍ଠୁରି ଏହା ଜାଣିବା ପରେ ତାଙ୍କୁ ଘରକୁ ନେଇ ଚିକିତ୍ସା କରାଇଥିଲେ। ସୁସ୍ଥ ହେବା ପରେ ପୁଣି ଶ୍ୱଶୁର ଘରକୁ ପଠାଇ ଦେଇଥିଲେ। ଏହାପରେ ଝୁନାଙ୍କୁ ପୁଣି ନିର୍ଯାତନା ଦିଆଯାଇଥିଲା। ୧୫ ଜୁନ୍ ୨୦୨୦ରେ ଝିଅଙ୍କୁ ହାଣିଦିଆଯାଇଥିବା ନେଇ ଜ୍ୱାଇଁଙ୍କ ପଡ଼ୋଶୀ ଫୋନ କରି କଣ୍ଠରିଙ୍କୁ ସୂଚନା ଦେଇଥିଲେ। ଖବରପାଇ ସେ ତୁରନ୍ତ ସେଠାରେ ପହଞ୍ଚିବାବେଳକୁ ଝିଅଙ୍କୁ ମଣିଜଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରୁ ଆମ୍ବୁଲାନ୍ସରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଉଥିଲା। ଏହି ସମୟରେ ଝିଅ ଦେହରେ କଟାଦାଗ ଦେଖି କୁଣ୍ଡରି ଅବାକ୍ ହୋଇଯାଇଥିଲେ। ଏ ବିଷୟରେ ଝିଅର ଶାଶୁଘରକୁ ଯାଇ ତାଙ୍କ ୱାର୍ଡ ସଭ୍ୟ ଓ ପଡ଼ୋଶୀଙ୍କୁ ପଚାରିବାରେ, ପ୍ରକାଶଙ୍କ ଘରେ ଜୋର୍‌ରେ ପାଟିତୁଣ୍ଡ ଶୁଣି ସେମାନେ ଆସି ସେଠାରେ ପହଞ୍ଚିଥିଲେ। ସେତେବେଳକୁ ଝୁନା ରକ୍ତାକ୍ତ ଅବସ୍ଥାରେ ଚଟାଣରେ ପଡ଼ିଥିଲେ। ଏହି ସମୟରେ ପ୍ରକାଶ ଶାବଳ ଧରି ପଡ଼ୋଶୀଙ୍କୁ ଗୋଡ଼ାଇବାରୁ ସେମାନେ ଭୟଭୀତ ହୋଇ ପଳାଇଥିଲେ। କେତେଜଣ ସାହସ ବାନ୍ଧି ଝୁନାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନେବା ନିମନ୍ତେ ବ୍ୟବସ୍ଥା କରିଥିଲେ। ଏନେଇ ପ୍ରକାଶ ସେମାନଙ୍କୁ ଧମକ ଦେବା ସହ ପରେ ଫେରାର ହୋଇଯାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ୨୦ ଜୁନ୍ ୨୦୨୦ରେ ଝୁନାଙ୍କ ମୃତ୍ୟୁ ଘଟିଥିଲା। ଏହି ମାମଲାର ବିଚାର କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଥିବା ପିପି ମହାରଣା ସୂଚନା ଦେଇଛନ୍ତି।

## ଗୁଳିମାଡ଼ ପରେ ପଥରରେ ଛେଚି ଯୁବକଙ୍କୁ ହତ୍ୟା ମାମଲା

# ବାଲି ବ୍ୟବସାୟକୁ ନେଇ ହତ୍ୟାକାଣ୍ଡ, ୭ ଅଟକ

ଢେଙ୍କାନାଳ,୨୧।୪
(ରତନ ନାୟାର)

ଢେଙ୍କାନାଳ ସହର ଜୟଗୋପାଳ ସାହି ଓ କାରୀଗର ସାହିରେ ଥିବା ଏକ ସ୍କୁଲ ସମ୍ମୁଖରେ ରବିବାର ରାତି ପ୍ରାୟ ସାଢେ ୧୧ଟା ସମୟରେ କେତେଜଣ ଯୁବକ ମହେଶ୍ୱର ବେହେରା (୩୫) ଓରଫ୍ ଟିଟନଙ୍କୁ ପ୍ରଥମେ ଗୁଳିମାଡ଼ ଓ ପରେ ପଥରରେ ଛେଚି ହତ୍ୟା କରିଥିଲେ। ବାଲି ବ୍ୟବସାୟକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏହି ଘଟଣାରେ ପୋଲିସ ୭ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ୨ ଜଣଙ୍କୁ ଢେଙ୍କାନାଳ ଜିଲା ସଦର ଥାନା ତରଭା ଅଞ୍ଚଳରୁ ଓ ଅନ୍ୟ ୫ ଜଣଙ୍କୁ ପୁରୀରୁ ପୋଲିସ ଧରିଥିବା ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ କହିଛନ୍ତି। ଅପରପକ୍ଷରେ ସୋମବାର ଅପରାହ୍ନରେ ଟିଟନଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ସହିତ ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡ ଦାବିରେ ସହରର ପ୍ରମୁଖ ରାସ୍ତାରେ ମୃତଦେହ ରଖି ଅଞ୍ଚଳବାସୀ ରାସ୍ତାରୋକୋ କରିଥିଲେ।


ମୃତ ମହେଶ୍ୱର ବେହେରା

ପ୍ରକାଶ ଯେ, ବାଲି ବ୍ୟବସାୟ ଅର୍ଥକୁ ନେଇ ଟିଟନ ଏବଂ ଅଭିଯୁକ୍ତମାନଙ୍କ ମଧ୍ୟରେ କିଛିଦିନ ହେବ ବିବାଦ ଲାଗି ରହିଥିଲା। ରବିବାର ରାତିରେ ଟିଟନ ଓ ଅଭିଯୁକ୍ତଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଟିଟନ ସେଠାରୁ କାରୀଗର ସାହିସ୍ଥିତ ତାଙ୍କ ଘରକୁ ପଳାଇ ଆସିଥିଲେ। ଅଭିଯୁକ୍ତଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିବା ନେଇ ସେ ସ୍ତ୍ରୀଙ୍କୁ କହିଥିଲେ। ହେଲେ କିଛି ସମୟ ପରେ ପୁଣିଥରେ ସେ ଅଭିଯୁକ୍ତମାନଙ୍କ ନିକଟକୁ ଯାଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତମାନେ ଟିଟନଙ୍କ ଦୁଇ ଗୋଡ଼କୁ ଦୁଇ ରାଉଣ୍ଡ ଗୁଳିମାଡ଼ କରିଥିଲେ। ଗୁରତର ଅବସ୍ଥାରେ ଟିଟନ ଘର ଆଡ଼କୁ ଆସି ସ୍ତ୍ରୀଙ୍କୁ ଡାକ ପକାଇଥିଲେ। ଟିଟନଙ୍କ ପାଟି ଶୁଣି ସ୍ତ୍ରୀ ଘର ବାହାରକୁ ଆସିଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଘର ସମ୍ମୁଖରେ ଟିଟନଙ୍କୁ ଘୋଷାରି ନେଇ ପଥରରେ ଛେଚି ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଟିଟନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ସକାଳେ ସାଇଣ୍ଟିଫିକ୍ ଦଳ ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତଭିଜା ସ୍ଥାନରେ ତଦନ୍ତ କରିବା ସହ ଘଟଣା ସ୍ଥଳରୁ ଦୁଇଟି ଫୁଟାଗୁଳି ଜବତ କରିଥିଲା।



ପୋଲିସ ଓ ସାଇଣ୍ଟିଫିକ ଦଳ ଘଟଣାସ୍ଥଳରେ ତଦନ୍ତ କରୁଛି ଏବଂ ମୃତଦେହ ରଖି ଶାସନ ଛକରେ ରାସ୍ତା ଅବରୋଧ।

## ମୃତଦେହ ରଖି ରାସ୍ତା ଅବରୋଧ

ମୃତଦେହ ବ୍ୟବଚ୍ଛେଦ ପରେ ଅଞ୍ଚଳବାସୀ ଓ ସମ୍ପର୍କୀୟମାନେ ମୃତଦେହକୁ ଶାସନ ଛକଠାରେ ରଖି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଖବରପାଇ ସଦର ତହସିଲଦାର ସ୍ୱାଧୀନ ବେହେରା ଓ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଟିଟନଙ୍କ ସ୍ତ୍ରୀ ପୂଜା ବେହେରାଙ୍କ ଅଭିଯୋଗ କ୍ରମେ ଟାଉନ ଥାନାରେ ବିଏନ୍‌ଏସ୍ ଦଫା ୧୯୧, ୧୦୩, ୧୧୧, ୧୯୦ ଏବଂ ୨୫ ଓ ୨୭ ଆର୍ମସ ଆକ୍ଟରେ ଏକ ମାମଲା(ନଂ.୨୪୭/୨୫) ରୁଜୁ କରାଯାଇଛି। ଘଟଣାରେ ୧୨ଜଣ ଅଭିଯୁକ୍ତ ରହିଥିବା ପୋଲିସ ସୂତ୍ରରୁ ଜଣାପଡିଛି। ରବିବାର ବିଳମ୍ବିତ ରାତିରେ ପୋଲିସ ଚଢ଼ାଉ କରି ଚନ୍ଦନ ବଜାର ଓ ବାଜିଚୌକ ଅଞ୍ଚଳରୁ ୨ ଜଣଙ୍କୁ ଧରିଥିବାବେଳେ ଅନ୍ୟ ୫ଜଣଙ୍କୁ ପୁରୀରୁ ଧରିଛି। ଏହି ଘଟଣାରେ ୧୨ଜଣ ଅଭିଯୁକ୍ତ ରହିଛନ୍ତି। ଅନ୍ୟମାନଙ୍କୁ ଧରିବା ପାଇଁ ସଦର ଏସ୍‌ଡିପିଓ ରମେଶ ଚନ୍ଦ୍ର ଦୋରା ଓ ଟାଉନ ଥାନା ଅଧିକାରୀ ପ୍ରଭାତ ସାହୁଙ୍କ ନେତୃତ୍ୱରେ ଦୁଇଟି ଟିମ୍ ଗଠନ କରାଯାଇଛି ବୋଲି ଅତିରିକ୍ତ ଏସ୍‌ପି ପ୍ରଧାନ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ପୋଥି ବାଇଗଣ
ବାଡ଼ି ବାଇଗଣ।**

ପୋଥି ବାଇଗଣ ବା ଚିତ୍ର ବାଇଗଣରେ ପେଟ ପୂରି ନ ଥାଏ। ବହିରୁ ବାଇଗଣ ଚାଷ ଶିଖି କାମରେ ନ ଲଗାଇଲେ ଲାଭ ମିଳି ନ ଥାଏ। ଜ୍ଞାନ ତଥା ଅଭିଜ୍ଞତା ନ ଥିଲେ ଫଳ ମିଳି ନ ଥାଏ। ଚିତ୍ରଠାରୁ ବାସ୍ତବର ମୂଲ୍ୟ ଢେର୍ ଅଧିକ ବା ଶ୍ରେୟସ୍କର ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଫଟା ରସିକ
ପିକ ଖାଉ ଖାଉ ଗଲା ଓଲିକା।**

ରସିକ ପଣକୁ ଠିକ୍ ମାତ୍ର ଦୃଷ୍ଟିକୋଣ ଖୁବ୍ ନିରସ। ରସିକିଆ ଟୋକାର ରଙ୍ଗଢଙ୍ଗ ପ୍ରତି ଏଭଳି ଉକ୍ତି ପ୍ରଦାନ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପୂର୍ବ ଶତ୍ରୁତାରୁ ଜଣଙ୍କୁ ହତ୍ୟା

ଜଗନ୍ନାଥ ପ୍ରସାଦ,୨୧।୪
(ବିଭୁ ପ୍ରସାଦ ପଟ୍ଟନାୟକ)

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅଧୀନ କୁମୁଣ୍ଡା ଗ୍ରାମରେ ରବିବାର ସନ୍ଧ୍ୟାରେ ଏକ ହତ୍ୟାକାଣ୍ଡ ଘଟିଛି। ପୂର୍ବ ଶତ୍ରୁତାରୁ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ସେ ହେଲେ କୁମୁଣ୍ଡା ଗ୍ରାମର ହାଡ଼ିବନ୍ଧୁ ଗୌଡ଼ (୫୫)। ହାଡିବନ୍ଧୁ ରବିବାର ଅପରାହ୍ନରେ ଗୋଡ଼ାଭଙ୍ଗାଠାରେ ଥିବା ଜମିକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିପାରି ନ ଥିଲା। ସନ୍ଧ୍ୟାରେ ନିଜ ଜମି ନିକଟକୁ ଖୋଜିବାକୁ ଗଲାବେଳେ ଛାମୁଣ୍ଡା କୁମୁଣ୍ଡା କେନାଲ ପାର୍ଶ୍ୱରେ ହାଡିବନ୍ଧୁଙ୍କ ସାଇକେଲ ଓ ସେଥିରେ କାଠବିଡ଼ା ବନ୍ଧା ହୋଇ ରହିଥିବା ଦେଖାଯାଇଥିଲା। କିଛି ବାଟ ଗଲାପରେ ପାର୍ଶ୍ୱରେ ଥିବା କେନାଲ ଭିତରେ ହାଡିବନ୍ଧୁଙ୍କ ରକ୍ତ ଜୁଡୁବୁଡୁ ଶରୀର ପଡି ରହିଥିଲା। ଏ ନେଇ ରାତିରେ ପରିବାର ଲୋକେ ଥାନାରେ ଖବର ଦେଇଥିଲେ। ଜଗନ୍ନାଥ ପ୍ରସାଦ ପୋଲିସ ପହଞ୍ଚି ହାଡ଼ିବନ୍ଧୁଙ୍କୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ହାଡ଼ିବନ୍ଧୁଙ୍କ ସ୍ତ୍ରୀ ଧୋବଣୀ ଗୌଡ଼ଙ୍କ ଏତଲା କ୍ରମେ ପୋଲିସ ମାମଲା ରୁଜୁ କରି ସୋମବାର ମୃତଦେହ ବ୍ୟବଚ୍ଛେଦ କରାଇଛି। ଏତଲା ଆଧାରରେ ଗ୍ରାମର ୪ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା ଜାରିରଖିଛି।


**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୫-୦୬ ତାରିଖ: ୨୧।୦୪।୨୦୨୫

ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଖଡ଼୍ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି। ଇ-ନିଲାମର ବିବରଣୀ ନିମ୍ନ ଅନୁଯାୟୀ ଅଟେ: **କ୍ର.ସଂ.:** (୧), **ବର୍ଗ:** ପାର୍ସଲ, **କାଟାଲଗ୍ ନଂ.:** ଲିଜ୍-କେଜିପି-୨୫-୦୬, **ଇ-ନିଲାମ ତାରିଖ:** ୦୨।୦୫।୨୦୨୫। **ନିଲାମ ଆରମ୍ଭ ସମୟ:** ୧୧.୦୦ ଘଣ୍ଟିକା। **ନିଲାମ ସମାପ୍ତି ସମୟ:** ୧୫.୧୦ ଘଣ୍ଟିକା। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-65) **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ଖଡ଼୍ଗପୁର**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ



**राँची समाहरणालय, राँची
(सामाजिक सुरक्षा कोषांग)
(जिला बाल संरक्षण इकाई)**

**गुमशुदा बालिका की सूचना**
(बाल कल्याण समिति, रांची के आदेशानुसार)

. नाम– शोभा कुमारी (काल्पनिक नाम)
. लिंग– बालिका
. पिता का नाम– अज्ञात
. माता का नाम– अज्ञात
. पता– अज्ञात
. उम्र – 05 माह (लगभग)
. रंग – सांवला



एतद् द्वारा सर्वसाधारण को सूचित किया जाता है कि बाल कल्याण समिति, राँची के आदेशानुसार एक बालिका भोभा कुमारी (काल्पनिक नाम) को करूणा एन०एम०ओ०, राँची में आवासित किया गया है। जिसके जैविक एवं विधिक संरक्षक का पता लगाने हेतु राज्य स्तरीय एवं स्थानीय अखबार में विज्ञापन प्रकाशित की गयी है। उक्त बालिका के जैविक एवं विधिक संरक्षक का विज्ञापन प्रकाशन के 60 दिनों (दो माह) तक कोई दावा प्रस्तुत नहीं होने पर दत्तक ग्रहण मार्गदर्शिका 2017 के नियम, 6 के उपनियम, 13 के अन्तर्गत बालिका को दत्तक ग्रहण हेतु बाल कल्याण समिति, राँची द्वारा कानुनी रूप से मुक्त किया जा सकेगा।

**दावा प्रस्तुत करने का पता एवं संपर्क नम्बर–**
1. बाल कल्याण समिति, राँची राँची समाहरणालय, राँची, भवन–ब्लॉक बी, कमरा संख्या–110
2. जिला बाल संरक्षण इकाई, राँची।
राँची समाहरणालय, राँची, भवन–ब्लॉक बी,कमरा संख्या–111
सम्पर्क सूत्र–6513505516

जिला बाल संरक्षण पदाधिकारी, राँची। सहायक निदेशक, सामाजिक सुरक्षा, राँची।

PR.NO.350721 District(25-26):D



**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha

**Advertisement for Administrative Positions
Advt. No.: NLUO/NTR-01/22.04.2025**

National Law University Odisha, a premier Law University in India inviting applications in the prescribed format for the post of Assistant Section Officer on one year contract basis. The details of the post are as follows.

| Administrative Positions | | | | | |
|---|---|---|---|---|---|
| S.No. | Position | Noof Posts | Reservation | Pay Level | Nature of Appointment |
| 1 | Assistant Section Officer** | 03 | UR | Consolidated Pay of Rs. 20,000/- or adopting the methodology of "pay minus pension" scheme if recommended by the selection committee. No other allowances will be paid. | One year Contract |

****The post of Assistant Section Officer will be filled only from the Retired Employees (not exceeding 65 years of age) of Government of Odisha / Government of India / Reputed Autonomous Institutions.**

The intending candidates are requested to apply using the available details on the Career section of the University website: **www.nluo.ac.in** latest by **06.05.2025** by **5.00 P.M.**

**Note:**
1. The filled-in application form along with the Demand Draft, all proof of qualifications, experiences should reach the Registrar, National Law University Odisha, Kathjodi Campus, C.D.A., Sector-13, Cuttack-753 015 by the last date.
2. Other details of the post sand relevant information can be accessed from the Career section of the University website **www.nluo.ac.in.**
3. The applicants have to pay a non-refundable application fee of Rs. 500/- for administrative post in the form of Demand Draft in favour of Registrar, National Law University Odisha payable at Cuttack.
4. Only short-listed candidates will be called for Interview.
5. No TA/DA will be given for attending the Interview.
6. For any updates please visit University website regularly, no separate communication will be made to the candidates.

**Sd/- Registrar**



**Malkangiri Rural Producer Company Limited (MRPCL)**

**Invites Applications from Candidates for
Contractual Engagement for the following Posts**

*Performance incentive will be given based on the achievement of targets and profit of Producer Company.

| Positions | Total Nos. | Qualification | Age Limit | Experience in Yrs. | Pay Range (Rs. per Month) |
|---|---|---|---|---|---|
| Chief Executive Officer (CEO) | 01 | MBA (Marketing) or Master's Degree or Post Graduation Diploma or equivalent Degree in Rural Management/ Fashion Management /Development Management/ Social Entrepreneurship or other related fields. | 40 | 5-7 Years | 20,000-25,000 |
| Cluster Coordinator | 02 | 10+2 or equivalent | 40 | 2-3 Years | 8,000 |

1. Details of role, responsibilities, qualifications and other eligibility criteria for each position and application forms are available in ORMAS office which may be collected personally.
2. Documents in support of identity, qualifications, experience etc. must be produced in 'original' as and when required.
3. The selection process will consist of shortlisting candidates based on academic qualifications, experience & skills, followed by a personal interview.
4. The prescribed eligibility conditions, viz. age, qualifications, experience etc. should have been acquired as on the application closing date.
5. Only shortlisted candidates will be informed about the further selection process through text messages and email. Applicants should ensure that the mobile number and email-id given in the application form is active.
6. The eligibility criteria for selection may be changed based on the number of applications received, without assigning any reason thereof.
7. Authority reserves the right either to cancel/to reject or to amend the clauses.
8. The last date of receipt of the application is 30.04.25
9. Candidates can email us at **malkangiriruralproducercompany@gmail.com** if they have any queries

**Sd./- Managing Director, MRPCL**

## ସଂକ୍ଷେପରେ

### ଜଳଖିଆ ଟଙ୍କାକୁ କେନ୍ଦ୍ରକରି ମାରପିଟ୍, ୨ ଗିରଫ

ରସୁଲପୁର,୨୧।୪(ରଞ୍ଜିତ ରାଉତ) କୁଆଖିଆ ଥାନା କଲଣ ହାଟସ୍ଥିତ ଅଜୟ ସାହୁଙ୍କ ଜଳଖିଆ ଦୋକାନରେ ଜଳଖିଆ ଟଙ୍କାକୁ କେନ୍ଦ୍ରକରି ଦୋକାନୀ ଓ ଗ୍ରାହକଙ୍କ ପରିବାର ଲୋକଙ୍କ ମଧ୍ୟରେ ମାରପିଟ୍ ହୋଇଛି। ଏ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ୨ ମାମଲା(ନଂ,୧୪୭,୧୪୮/୨୫) ରୁଜୁ କରିଛି । ପୋଲିସ ନିରଞ୍ଜନ ସ୍ୱାଇଁ ଓ ମନୋଜ ସାହୁଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ଅଜୟଙ୍କ ଜଳଖିଆ ଦୋକାନକୁ ରବିବାର ସିଂହାପୁର ପଞ୍ଚାୟତ ସରବଣା ଗ୍ରାମର ନିରଞ୍ଜନ ସ୍ୱାଇଁ(୫୫) ଜଳଖିଆ ଖାଇବାକୁ ଯାଇଥିଲେ । ଜଳଖିଆ ଖାଇସାରି ଟଙ୍କା ଦେବାକୁ କହିଥିଲେ । ହେଲେ ହିସାବରେ ତ୍ରୁଟି ହେବାରୁ ଅଜୟ ସାହୁଙ୍କ ପୁଅ ମନୋଜ ଓ ଗ୍ରାହକ ନିରଞ୍ଜନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏ ସମ୍ପର୍କରେ ଖବର ପାଇ ଉଭୟ ପରିବାର ଲୋକେ ପହଞ୍ଚି ଥିଲେ । ଏହାପରେ ସେମାନଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା । ଏଥିରେ ଉଭୟ ପକ୍ଷରୁ ୨ଜଣ ଆହତ ହୋଇଥିଲେ ।

### ବ୍ଲକ୍ ପରିସରରେ ଥିବା ଆମ୍ବୁଲାନ୍ସ ଜଳିଗଲା

ଧର୍ମଶାଳା,୨୧।୪(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ପରିସରରେ ରହିଥିବା ଏକ ଆମ୍ବୁଲାନ୍ସ ସର୍ଟସକ୍ରିଟ୍ ଯୋଗୁ ସୋମବାର ମଧ୍ୟାହ୍ନରେ ସମ୍ପୂର୍ଣ୍ଣ ପୋଡ଼ିଯାଇଛି । ଓଡି୦୨ ଡିଏ୯୫୫୧ ନମ୍ବର ଆମ୍ବୁଲାନ୍ସ ଆଜି କଟକ ବଡ଼ ମେଡ଼ିକାଲରେ ଏକ ରୋଗୀକୁ ଛାଡ଼ି ୩ଟା୨୦ମିନିଟ୍‌ରେ ବ୍ଲକ କ୍ୟାମ୍ପସ୍‌ରେ ପହଁଞ୍ଚି ଥିଲା । ଡ୍ରାଇଭର୍ ଗାଡ଼ି ରଖି ବାହାରକୁ ଆସିଥିବା ବେଳେ ସେହି ଗାଡ଼ିରେ ହଠାତ୍ ନିଆଁଲାଗି ଯାଇଥିଲା । ଖବରପାଇ ଚଣ୍ଡିଖୋଲ ଦମକଳ ବାହିନୀ ଆସି ନିଆଁକୁ ଆୟତ କରିଥିଲେ ମଧ୍ୟ ଗାଡ଼ିଟି ସମ୍ପୂର୍ଣ୍ଣ ପୋଡ଼ିଯାଇଛି ।

### ଆଞ୍ଚଳିକ କୃଷକ କମିଟି ସଂଗଠକଙ୍କ ପରଲୋକ



ଧର୍ମଶାଳା,୨୧।୪ (ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଅଧୀନ ଇମାମନଗର ଗ୍ରାମର ଅଗ୍ରଣୀ ଚାଷୀ ତଥା ଓଡ଼ଙ୍ଗ ଆଞ୍ଚଳିକ କୃଷକ କମିଟିର ଅଗ୍ରଣୀ ସଂଗଠକ ବିଦ୍ୟାଧର ରାଉତଙ୍କ ୭୧ ବର୍ଷ ବୟସରେ ସୋମବାର ହୃଦଘାତରେ ପରଲୋକ ହୋଇଯାଇଛି । ସେ ଗ୍ରାମର ଜଣେ ଧର୍ମ ପରାୟଣ ବ୍ୟକ୍ତି ଭାବେ ଅନେକ ସାମାଜିକ, ସାଂସ୍କୃତିକ ଓ ଧାର୍ମୀୟ ଅନୁଷ୍ଠାନରେ ସକ୍ରିୟ ଥିଲେ । ତାଙ୍କ ପରଲୋକ ଖବର ଜଣାପଡିବା ପରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା କଂଗ୍ରେସ ନେତା କିଶାନ ପଣ୍ଡା, ସ୍ଥାନୀୟ ସରପଞ୍ଚ ତ୍ରିଲୋଚନ ଜେନା, ଯୁବ ସଙ୍ଗଠକ ଦେବବ୍ରତ ରାଉତ, ଓଡ଼ଙ୍ଗ ଆଞ୍ଚଳିକ କୃଷକ କମିଟି ସଭାପତି କାବୁଲି ରଥ, ସମ୍ପାଦକ ନିରଞ୍ଜନ ପଣ୍ଡା, ପତିତପାବନ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ଉପଦେଷ୍ଟା ବଟକୃଷ୍ଣ ପରିଡ଼ା ପ୍ରମୁଖ ଶବଧାରାରେ ପୁଷ୍ପ ମାଲ୍ୟ ଦେଇ ଶେଷ ଦର୍ଶନ କରିଥିଲେ । ତାଙ୍କ ମୃତଦେହକୁ ଗାଁ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଦାହ କରାଯାଇଥିଲା । ବଡ଼ ପୁଅ ପ୍ରଫୁଲ୍ଲ ରାଉତ ମୁଖାଗ୍ନି ଦେଇଥିଲେ ।

### ଜନତା ଗ୍ୟାରେଜ, ହେଲପିଙ୍ଗ ହ୍ୟାଣ୍ଡସ ପକ୍ଷରୁ ରକ୍ତଦାନ ଶିବିର

ରସୁଲପୁର,୨୧।୪ (ରଞ୍ଜିତ ରାଉତ): ସୋମବାର କୁଆଖିଆ ନିକଟସ୍ଥ ଲେଙ୍କାସାହିଠାରେ ଜନତା ଗ୍ୟାରେଜ ଓ ହେଲପିଙ୍ଗ ହ୍ୟାଣ୍ଡସ ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜନତା ଗ୍ୟାରେଜର ମୁଖ୍ୟ ପରିଚାଳକ ଚନ୍ଦନ ଲେଙ୍କା ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବିଦ୍ୟାଭୂଷଣ କର, ବିକି ସ୍ୱାଇଁ,ଗୋପାଳ ସାମଲ, ରକି ସ୍ୱାଇଁ, ଦୀପକ ଜେନା ଏବଂ ହେଲପିଙ୍ଗ ହ୍ୟାଣ୍ଡସର ଶତାଧିକ ସଦସ୍ୟ ଯୋଗଦାନ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଶାନ୍ତ ଷଡ଼ଙ୍ଗୀ, ସଙ୍ଗୀତା ସାହୁ, ଶୁଭଲକ୍ଷ୍ମୀ ଦାସ, ଶୁଭଶ୍ରୀ ଦାସ, ଶୁଭମ ସାହୁ, ତାପସ ଲେଙ୍କା, ପ୍ରକାଶ ଲେଙ୍କା, ମନୋରଞ୍ଜନ ଲେଙ୍କା, ସୁଶାନ୍ତ ସେନାପତିଙ୍କ ସମେତ ଶତାଧିକ ସଦସ୍ୟ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ରସୁଲପୁର ବ୍ଲକରେ କାଳବୈଶାଖୀର ତାଣ୍ଡବ

## ଗଛ ଭାଙ୍ଗି ରାସ୍ତା ଅବରୋଧ, ବ୍ୟାପକ କ୍ଷୟକ୍ଷତି

**ରସୁଲପୁର,୨୧।୪(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅଞ୍ଚଳରେ ରବିବାର ସନ୍ଧ୍ୟାରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା । ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ଗଛର ଡାଳ ସବୁ ଭାଙ୍ଗି ପଡି ରାସ୍ତା ଅବରୋଧ ହୋଇଥିଲା । ବିଭିନ୍ନ ସ୍ଥାନରେ ଚାଲିଥିବା ବିବାହ,ବ୍ରତଘରର ଟେଣ୍ଟ ଆଦି ଭାଙ୍ଗି ଯାଇଥିଲା । ଚାଳ ଛପର ଘର ଉଡିଯିବା ସହ ଦୋକାନ ବଜାର ପ୍ରଭାବିତ ହୋଇଥିଲା । କାଳବୈଶାଖୀ ପ୍ରଭାବରେ ବିଦ୍ୟୁତ ସରବରାହ ବନ୍ଦ ହୋଇଯାଇଥିବା ବେଳେ ଚାଷରେ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ଠିକ୍ ସୂଚନା ମିଳିପାରି ନାହିଁ । ପନିପରିବା ଫସଲ ପ୍ରଭାବିତ ହୋଇଥିବା ଚାଷୀମାନେ କହିଛନ୍ତି । ସୋମବାର ସକାଳୁ କ୍ଷତକ୍ଷତିର ଆକଳନ ଚାଲିଛି ।



ଭାଙ୍ଗିପଡ଼ିଥିବା ଗଛକୁ ଅଗ୍ନିଶମ କର୍ମଚାରୀମାନେ କାଟି ସଫା କରୁଛନ୍ତି ।

ପାଣିପାଗର ପୂର୍ବାନୁମାନ ଅନୁଯାୟୀ ବ୍ଲକ ଅଞ୍ଚଳରେ କାଳ ବୈଶାଖୀର ପ୍ରଭାବ ଅନୁଭୂତ ହୋଇଥିଲା । ବିଶେଷକରି ବ୍ଲକର ଉତ୍ତରପାର୍ଶ୍ୱ ଅଞ୍ଚଳ ଯଥା ଭୋଟକା, ବଡକଇଁଚି, ବାହାଦଲାପୁର, ନଠୁଆବର, ରସୁଲପୁର, ରାହାମ୍ବା, ମୁଗୁପାଳ ଆଦି ପଞ୍ଚାୟତରେ କାଳବୈଶଶଖୀର ଅଧିକ ପ୍ରଭାବ ପଡିଥିଲା । କୁଆଖିଆ-ଜେନାପୁର ରାସ୍ତାରେ ଗଛ ଡାଳ ଭାଙ୍ଗି ପଡିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା । ସେହିପରି ମଧୁବନ ବଜାର, କୁରାଂଶ, ଭୋଟକା ପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗର ବାରବାଟୀ-ସିଂହାପୁର ରାସ୍ତାରେ ଗଛ ଡାଳ ଭାଙ୍ଗି ପଡିଥିଲା । ରସୁଲପୁର ଅଗ୍ନିଶମ ବାହିନୀ ପକ୍ଷରୁ ଭାରପ୍ରାପ୍ତ ଅଧିକାରୀ ଖେଳରାମ ମାରାଣ୍ଡିଙ୍କ ନେତୃତ୍ୱରେ ଅଗ୍ନିଶମ ବାହିନୀ କର୍ମଚାରୀ ଦୀପକ କୁମାର ନାୟକ, ଧୀରେନ ବେହେରା, ଗୌତମ ସାହୁ, ସୁରେଶ ସେଠୀ, ପ୍ରିୟରଞ୍ଜନ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଭାଙ୍ଗି ପଡିଥିବା ଗଛ ଡାଳଗୁଡିକୁ କଟର ମେଶିନ ସହାୟତାରେ କାଟି ରାସ୍ତା ସଫା କରିଥିଲେ । ତା'ପରେ ରାସ୍ତାରେ ଗମନାଗମନ ସ୍ୱାଭାବିକ ହୋଇଥିଲା। ଅନ୍ୟ କେତେକ ସ୍ଥାନରେ ରାସ୍ତା ଉପରେ ପଡିଥିବା ଗଛ ଡାଳକୁ ସ୍ଥାନୀୟ ଲୋକମାନେ କାଟି ନେଇ ରାସ୍ତା ସଫା କରିଥିଲେ । ଏହାଛଡା ଅନ୍ୟାନ୍ୟ କ୍ଷୟକ୍ଷତି ସମ୍ପର୍କରେ ବିଶେଷ କିଛି ସୂଚନା ମିଳିପାରି ନାହିଁ । କାଳବୈଶାଖୀ ପ୍ରଭାବରେ କେହି ମୃତାହତ ହୋଇ ନ ଥିବା ଖବର ମିଳିଛି ।

# ଦୁର୍ଘଟଣା ପରେ ରାଜପଥରେ ଗାଡ଼ି ଚଳାଚଳ ବନ୍ଦ



ବ୍ରିଜ୍ ଉପରେ ଦୁର୍ଘଟଣାଗ୍ରସ୍ତ ଗାଡ଼ି ।

**ପାଣିକୋଇଲି,୨୧।୪(ବିକାଶ ମଲିକ):**

ପାଣିକୋଇଲି ଥାନା ୧୬ନଂ.ଜାତୀୟ ରାଜପଥର ସାହାପୁରସ୍ଥିତ ଖରସ୍ରୋତା ନଦୀ ବ୍ରିଜ୍ ଉପରେ ସୋମବାର ଭୋର ସମୟରେ ଡମ୍ପର ପଛକୁ ଏକ କଣ୍ଟେନର ଧକ୍କା ଦେଇଥିଲା । ଏହାପରେ ସେହି ରାଜପଥରେ ଗାଡ଼ିମୋଟର ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ପାଣିକୋଇଲି ପୋଲିସ ପହଞ୍ଚି ଖଣ୍ଡିତର ଡାଇଭରଶନରୁ ଗାଡି ଅଟକାଇ ବାମ ପାର୍ଶ୍ୱ ରାଜପଥରେ ଗାଡ଼ି ଚଳାଚଳ କରାଇଥିଲା । ପରେ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ବ୍ରିଜରୁ ବାହାର କରି ଆଣିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା ।

ସୂଚନା ଅନୁଯାୟୀ, ସୋମବାର ଭୋରୁ କୁଆଖିଆ ପଟୁ ଖରସ୍ରୋତା ବ୍ରିଜ ଉପରେ ଏକ ଡମ୍ପର (ନଂ.ଓଆର୦୪ ୦୬୭୫) ଆସୁଥିଲା । କୌଣସି କାରଣରୁ ସେଥିରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାକୁ ଗାଡ଼ିଟି ସେଠାରେ ଅଟକି ରହିଥିଲା। ଏହି ସମୟରେ ପଛପଟୁ ଆସୁଥିବା ଏକ କଣ୍ଟେନର (ନଂ.ଏନଏଲ୦୧ଏଡି ୬୭୮) ସେହି ଡମ୍ପର ପଛକୁ ଧକ୍କା ଦେଇଥିଲା । ଫଳରେ ଡମ୍ପରର ଗୋଟିଏ ପଟ ବ୍ରିଜ୍‌ୱାଲକୁ ଲାଗି ରହିଥିବା ବେଳେ କଣ୍ଟେନଟି ଖଲାସି ପଟ କ୍ଷତିଗ୍ରସ୍ତ ହୋଇ ବ୍ରିଜର ଅପରପାର୍ଶ୍ୱରେ ଲାଗିଯାଇଥିଲା। ଫଳରେ ଉକ୍ତ ବ୍ରିଜ୍ ଦେଇ କୌଣସି ଗାଡ଼ି ଚଳାଚଳ ସମ୍ଭବ ହୋଇ ନ ଥିଲା । ଫଳରେ ରାଜପଥର ଦକ୍ଷିଣ ପାର୍ଶ୍ୱ ରାସ୍ତାଟି ସମ୍ପୂର୍ଣ୍ଣ ବନ୍ଦ ରହିଥିଲା ।

# ବିଶ୍ୱ ହିନ୍ଦୁ ପରିଷଦ,ବଜରଙ୍ଗ ଦଳ ପକ୍ଷରୁ ବିକ୍ଷୋଭ




ବିଶ୍ୱ ହିନ୍ଦୁ ପରିଷଦ,ବଜରଙ୍ଗ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

**ଯାଜପୁର ଟାଉନ,୨୧।୪ (ପ୍ରଯଲ୍ଲା ପ୍ରିୟଦର୍ଶିନ ମହାନ୍ତି):**

ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ହିନ୍ଦୁଙ୍କ ଉପରେ ହେଉଥିବା ଅତ୍ୟାଚାର ପ୍ରତିବାଦରେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ୱାକଫ୍ ବିଲ୍ ପାରିତ ହେଲା ପରେ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରତିହିଂସା ପରାୟଣ ହୋଇ ଉଠିଛନ୍ତି। ଏପରିକି ପଶ୍ଚିମବଙ୍ଗର ମୁର୍ଶିଦାବାଦରେ ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ କରାଯିବା ସହ ହିନ୍ଦୁଙ୍କ ଉପରେ ଅତ୍ୟାଚାର କରାଯାଉଥିବା ଅଭିଯୋଗ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ସହ ଜିଲା ତଥା ରାଜ୍ୟରେ ଅନୁପ୍ରବେଶକାରୀଙ୍କୁ ତୁରନ୍ତ ଚିହ୍ନଟ କରି ନିଜ ରାଜ୍ୟକୁ ପଠାଇ ଦେବାକୁ ଜୋର ଦେଇଥିଲେ। ଏହି ଅନୁପ୍ରବେଶକାରୀ ବିଭିନ୍ନ ସମୟରେ ଜିଲା ତଥା ରାଜ୍ୟରେ ଆତଙ୍କ ଖେଳାଉଛନ୍ତି ବୋଲି ଅଭିଯୋଗ କରିଥିଲେ।

### ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ କଏଲ ଚୋରି

**ପାଣିକୋଇଲି,୨୧।୪(ବିକାଶ ମଲିକ):**

୧୬ନଂ. ଜାତୀୟ ରାଜପଥର ପାର୍ଶ୍ୱରେ ବରୁଣାଇପଦା ମୌଜାରେ ଥିବା ବାବା ଚନ୍ଦ୍ରଶେଖର ରାଇସ ମିଲରେ ଥିବା ୭୫୦ କେଭି ବିଦ୍ୟୁତ ଟ୍ରାନ୍ସଫରରୁ କେହି ଦୁର୍ବୃତ୍ତ ପ୍ରାୟ ୧ଟନ ଓଜନର କପର କଏଲ ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ରାଇସ ମିଲର ମ୍ୟାନେଜର ତଥା ବଡ଼ଚଣା ଥାନା ରମ୍ଭାଦେଇପୁର ଗ୍ରାମର କପିଳ ପ୍ରଧାନଙ୍କ ପୁଅ ଚିତ୍ତରଞ୍ଜନ ପ୍ରଧାନ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିଛନ୍ତି। ଉକ୍ତ ମିଲଟି ବନ୍ଦ ଥିବା ବେଳେ ୩ଜଣ କର୍ମଚାରୀ ଓ ଜଣେ ସିକ୍ୟୁରିଟି ଗାର୍ଡ ରହୁଥିଲେ । ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି । ଏଥିରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି ।

# ଖରସ୍ରୋତା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ



ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି ।

**ଯାଜପୁର ଟାଉନ,୨୧।୪ (ପ୍ରଯଲ୍ଲା ପ୍ରିୟଦର୍ଶିନ ମହାନ୍ତି) :**

ଯାଜପୁର ବ୍ଲକ ବେରୁଦା ପଞ୍ଚାୟତ ଜହଲ ସ୍ଥିତ ଖରସ୍ରୋତା ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ୩ ଦିନ ଧରି ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଯାଜପୁର ବିଧାୟିକା ସୁଜାତା ସାହୁ, ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ଜିଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନା, ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା ପ୍ରମୁଖ ଯୋଗ ଦେଇଥିବା ବେଳେ ଦ୍ୱିତୀୟ ଦିନରେ ଶ୍ରମିକ ନେତା ତଥା ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ସନ୍ତୋଷ ନନ୍ଦ, ଗୋକର୍ଣ୍ଣିକା ସାହିତ୍ୟ ପତ୍ରିକାର ସମ୍ପାଦକ ରମାକାନ୍ତ ଜେନା, ଶିକ୍ଷାବିତ୍ କୁମରବର ଦାସ ପ୍ରମୁଖ ଯୋଗଦେଇ ଭଲ ମଣିଷ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଯାଜପୁର ଏମ୍‌ପି ଡ.ବେହେରା, ସମ୍ମାନିତ ଅତିଥି ପୂର୍ବତନ ଜିଲା ଭାଜପା ସଭାପତି ଗୌତମ ରାୟ ପ୍ରମୁଖ ଯୋଗଦେଇ ଏ ଅଞ୍ଚଳର ଭୌଗୋଳିକ ଅବସ୍ଥିତି ସମ୍ପର୍କରେ ସୂଚନା ଦେବା ସହ ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଶିକ୍ଷାର ପ୍ରଚାର ପ୍ରସାର ଦିଗରେ ଯେଉଁମାନେ ଅକ୍ଳାନ୍ତ ପରିଶ୍ରମ କରି ଏପରି ଏକ ମଣିଷ ତିଆରି କାରଖାନା ପ୍ରତିଷ୍ଠା କରିଛନ୍ତି ସେମାନଙ୍କ ନିକଟରେ ଆଜିର ସମାଜ ନମସ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁବର୍ଣ୍ଣ ଜୟନ୍ତୀ ଉତ୍ସବର ସଭାପତି ଆର୍ତ୍ତତ୍ରାଣ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନଶିକ୍ଷକ ଅଶୋକ କୁମାର ମଲିକ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ।

# ଦଳିତମାନେ ମୁଖ୍ୟସ୍ରୋତରେ କିପରି ସାମିଲ ହେବେ ଆମ୍ବେଦ୍‌କର ଚିନ୍ତା କରୁଥିଲେ

## ଡ. ଭୀମରାଓ ଆମ୍ବେଦ୍‌କର ସମ୍ମାନ ଅଭିଯାନ

**ଯାଜପୁର ଟାଉନ,୨୧।୪ (ପ୍ରଯଲ୍ଲା ପ୍ରିୟଦର୍ଶିନ ମହାନ୍ତି) :**

ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଭାରତ ରତ୍ନ ଡ. ଭୀମରାଓ ଆମ୍ବେଦ୍‌କରଙ୍କ ସମ୍ମାନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାନେତ୍ରୀ ଦେବଜାନୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍ତର ପ୍ରଦେଶ ଏମ୍‌ପି କୁମାର ମିଥିଲେଶ, ଯାଜପୁର ଏମ୍‌ପିଡ. ରବୀନ୍ଦ୍ର ନାରାୟଣ ବେହେରା, ପୂର୍ବତନ ଜିଲା ସଭାପତି ଗୌତମ ରାୟ, ଯାଜପୁର ପ୍ରଭାରୀ ତେଜେଶ୍ୱର ପରିଡ଼ା, ମଧୁସ୍ମିତା ଧଳ, ଉମେଶ ଜେନା, କାହ୍ନୁ ତରେଇ, ଅମୀୟ ମଲିକ, ପୂର୍ବତନ ବିଧାୟିକା ସୁନନ୍ଦା ଦାସ ପ୍ରମୁଖ ଯୋଗଦେଇ ଭାରତ ରତ୍ନ ଡ.ଭୀମରାଓଙ୍କ ଜୀବନାଦର୍ଶ ଉପରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ସେ ଦେଶର ସମ୍ବିଧାନ ପ୍ରଣେୟତା ଥିଲେ। ସବୁ କାର୍ଯ୍ୟ ସଙ୍ଗଠିତ ହୋଇ ଲଢ଼େଇ କରିବାକୁ ପରାମର୍ଶ ଦେବା ସହ ସମାଜରେ ସମସ୍ତେ ଭଲ ଭାବେ ଚଳିବା ପାଇଁ ପରାମର୍ଶ ଦେଇଥିଲେ। ସମାଜରେ ଦଳିତଙ୍କର କିପରି ଉନ୍ନତି ହୋଇପାରିବ ଓ ସେମାନେ ସମାଜର ମୁଖ୍ୟ ସ୍ରୋତରେ କିପରି ସାମିଲ ହୋଇପାରିବେ ସେ ନେଇ ଆମ୍ବେଦ୍‌କର ସଦାସର୍ବଦା ଚେଷ୍ଟା କରୁଥିଲେ ବୋଲି ପୂର୍ବତନ ଜିଲା ସଭାପତି ଗୌତମ ରାୟ ମତବ୍ୟକ୍ତ କରିଥିଲେ। ଯାଜପୁର ଜିଲାରେ ବିକାଶର ଯେଉଁ ଡିଣ୍ଡିମ ପିଟା ଯାଉଥିଲା । କରୋନା ସମୟରେ ଦାଦନ ଶ୍ରମିକଙ୍କ ଘର ବାହୁଡ଼ା ତାହା ସ୍ପଷ୍ଟ କରି ଦେଇଛି। ଜିଲାରେ ସରକାରଙ୍କ ରାଶନ ସାମଗ୍ରୀ ବହୁଳ ଭାବେ ଲୋକେ ନେଉଥିବା ବେଳେ ବିକାଶର ଛାପ ସ୍ପଷ୍ଟ ବାରି ହୋଇ ପଡୁଛି। କଳିଙ୍ଗନଗରରେ ଶିଳ୍ପାଞ୍ଚଳ ଗଢ଼ି ଉଠିଥିବା ବେଳେ ଜିଲାର ବେକାର ଯୁବତୀ ଯୁବକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। କୋଠାବାଡ଼ି, ରାସ୍ତାଘାଟ ନିର୍ମାଣ କରି ବିକାଶର ଡିଣ୍ଡିମ ପିଟାଯାଏ ନାହିଁ। ସାଧାରଣ ଲୋକଙ୍କର ସମସ୍ୟା ଦୂର ହୋଇ ପାରୁଥିଲେ ଏହାକୁ ବିକାଶ କୁହାଯାଏ। ଆଜିବି ଜିଲାରେ ଲକ୍ଷାଧିକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ ବଞ୍ଚାଉଛନ୍ତି। ଘର ଖଣ୍ଡେ ପାଇବା ପାଇଁ ନେତା, ସରକାରୀ ବାବୁଙ୍କ ଦ୍ୱାରସ୍ଥ ହୋଇ ୨୪ବର୍ଷ ଶାସନରେ ଆଉଟି ପାଉଟି ହୋଇଯାଇଛନ୍ତି ବୋଲି ରାୟ ମତବ୍ୟକ୍ତ କରିଥିଲେ।



ଡ. ଭୀମରାଓ ଆମ୍ବେଦ୍‌କର ସମ୍ମାନ ଅଭିଯାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ପରିଚାଳକ କୋର୍ଟଚାଲାଣ



ପରିଚାଳକ ଦୁଷ୍ମନ୍ତ ଦାସଙ୍କୁ କୋର୍ଟ ଚାଲାଣ କରାଯାଉଛି ।

## ବେଆଇନ ସେବାଶ୍ରମ ଉପରେ ଚଢ଼ାଉ ଘଟଣା

ବିଞ୍ଝାରପୁର,୨୧।୪ (ରାମକୃଷ୍ଣ ଦାସ ) : ବିଞ୍ଝାରପୁର ବ୍ଲକ ଅଳକୁଣ୍ଡ ଥାନା ଅନ୍ତର୍ଗତ ପ୍ରୀତିପୁର ପଞ୍ଚାୟତ ନୂଆଗାଁ ଗ୍ରାମରେ ଥିବା ବଳଦେବଜୀଉ ସେବାଶ୍ରମ ଉପରେ ଶନିବାର ମିଳିତ ଭାବେ ପ୍ରଶାସନିକ ଅଧିକାରୀ ଓ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା । ସେଠାରେ ଥିବା ୪ ଅନ୍ତେବାସୀଙ୍କୁ ଉଦ୍ଧାର କରାଯିବା ସହ ପରିଚାଳକ ଦୁଷ୍ମନ୍ତ ଦାସଙ୍କୁ ଥାନାରେ ଅଟକ ରଖାଯାଇଥିଲା। ଏହି ଘଟଣା ସଂକ୍ରାନ୍ତରେ ଅଧିକ ତଦନ୍ତ କରିବା ପରେ ପୋଲିସ ଏକ ମାମଲା(ନଂ.୩୭/୨୫) ରୁଜୁ କରି ପରିଚାଳକ ଦାସଙ୍କୁ ଗିରଫ ଦର୍ଶାଇ ସୋମବାର କୋର୍ଟ ଚାଲାଣ କରିଛି।

ସୂଚନାଯୋଗ୍ୟ ନୂଆଗାଁ ଗ୍ରାମରେ ଥିବା ବଳଦେବଜୀଉ ସେବାଶ୍ରମର ୨୦୨୩ରୁ ପଞ୍ଜୀକରଣ ଅବଧି ସରିଥିଲା । ଏହା ପରେ ବି ପରିଚାଳକ ଦାସ ବେଆଇନ ଭାବେ ସେଠାରେ ଅନ୍ତେବାସୀଙ୍କୁ ରଖିଥିବା ଅଭିଯୋଗ ହୋଇଆସୁଥିଲା। ଶନିବାର ତହସିଲଦାର ସୁଧାଂଶୁ ସାଓ, ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ ମାଝି, ଅଳକୁଣ୍ଡ, ଦଶରଥପୁର ଓ ବିଞ୍ଝରପୁର ଥାନାଧିକାରୀଙ୍କ ସମେତ ଶିଶୁ ସୁରକ୍ଷା ବିଭାଗ, ଶିଶୁ ମଙ୍ଗଳ କମିଟି କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ୪ ଜଣ ଅନ୍ତେବାସୀଙ୍କ ଉଦ୍ଧାର କରାଯାଇଥିଲା॥ ହେଲେ ସରକାରୀ ତଥ୍ୟ ଅନୁସାରେ ସେଠାରେ ୩୪ ଜଣ ଅନ୍ତେବାସୀ ରହୁଥିଲେ। ଅନ୍ୟ ୩୦ ଜଣ ଅନ୍ତେବାସୀ କେଉଁଠାରେ ଅଛନ୍ତି ସେ ନେଇ ପୋଲିସ, ଶିଶୁ ସୁରକ୍ଷା ବିଭାଗ ଓ ଶିଶୁ ମଙ୍ଗଳ କମିଟି ତନାଘନା ଚଳାଇଛି।

# ୭୫ ଅଭିଯୋଗର ତତ୍କାଳ ସମାଧାନ

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

**ଧର୍ମଶାଳା,୨୧।୪(ବଟକୃଷ୍ଣ ପରିଡ଼ା):**

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ସୋମବାର ଦିନ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୯୨ ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ୭୫ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କ ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପି. ରେଡ୍ଡୀ ସୂଚନା ଦେଇଥିଲେ। ୯୨ଟି ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୫ , ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୩ , ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୭୪ ଅଭିଯୋଗର ଶୁଣାଣି କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନିରୁଦ୍ଧ ରାଉତରାୟ, ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପ ଜିଲାପାଳ ତାପସ ରଞ୍ଜନ ଦେହୁରୀ, ଧର୍ମଶାଳା ବିଡ଼ିଓ ଜ୍ୟୋତିର୍ମୟ କର, ଧର୍ମଶାଳା ତହସିଲଦାର ସମୀର ରଞ୍ଜନ ଦାସ, ଓ ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତିଅଭିଯୋଗର ଶୁଣାଣି କରିଥିଲେ। ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ଓ ସହଯୋଗୀମାନେ ଉପସ୍ଥିତ ରହି ଆଇନ୍ ଶୃଙ୍ଖଳା ତଦାରଖ କରିଥିଲେ । ଏହି ଜନ ଶୁଣାଣୀ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରଚାର ପ୍ରସାର ଠିକ୍ ଭାବେ ହୋଇ ନ ଥିବାରୁ ସ୍ୱଳ୍ପ ସଂଖ୍ୟକ ଲୋକ ଆସି ଅଭିଯୋଗ କରିଥିବା ଅଭିଯୋଗ ହୋଇଛି ।



ମିଳିତ ଅଭିଯୋଗ ଶୁଣାଣିରେ ଜିଲାପାଳ ଓ ଅନ୍ୟମାନେ ।

### ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି

**ବରୀ,୨୧।୪(ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ପୂର୍ବାହ୍ନରେ କଳାମାଟିଆ ପଞ୍ଚାୟତ ସମ୍ମିଳନୀ କକ୍ଷରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବରୀ ଏବିଡିଓ ମହେଶ୍ୱର ସେଠୀ, ସରପଞ୍ଚ, ରଶ୍ମିତା ପରିଡ଼ା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଲକ୍ଷ୍ମୀକାନ୍ତ ମହାରଣା, ଡିଇଓ ଆଲୋକ ଅଧିକାରୀ, ବିପିସି ରୋଜାଲିଣ୍ଡା ସାହୁଙ୍କ ସମେତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଯୋଗେଶ୍ୱର ନାୟକଙ୍କ ସମେତ ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଶିବିର ପରିଚାଳନା କରିଥିଲେ। ଅଭିଯୋଗ ପ୍ରକୋଷ୍ଠରେ ସମୁଦାୟ ୯୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ହେଲେ ଉକ୍ତ ଶିବିରକୁ ପାନୀୟ ଜଳ ଯୋଗାଣ ବିଭାଗ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ବିଭାଗ, ଜଳ ସମ୍ପଦ ବିଭାଗ, ସାମାଜିକ ସୁରକ୍ଷା ବିଭାଗ ଓ ବିଦ୍ୟୁତ୍ ବିଭାଗର କୌଣସି ଅଧିକାରୀ ଆସି ନ ଥିଲେ। ଏହାକୁ ନେଇ ସରପଞ୍ଚ କ୍ଷୋଭ ପ୍ରକାଶ କରି କହଛନ୍ତି ଅଧିକାରୀମାନଙ୍କ ଅନୁପସ୍ଥିତି ଯୋଗୁ ଆମକୁ ଲୋକମାନଙ୍କ ଅସନ୍ତୋଷର ସାମ୍ନା କରିବାକୁ ପଡୁଛି। ସରପଞ୍ଚଙ୍କ ପ୍ରତିନିଧି ଶରତ ଚନ୍ଦ୍ର ପରିଡ଼ା ଉପସ୍ଥିତ ରହି ଶିବିର ପରିଚାଳନାର ସମସ୍ତ ବନ୍ଦୋବସ୍ତ କରିଥିଲେ ।

# ଚାଷ ପ୍ରତି ଭାଗଚାଷୀ ବିମୁଖ

କେନ୍ଦ୍ରାପଡ଼ା, ୨୧।୪ (ଜଗନ୍ନାଥ ଧଳ)

- କାର୍ଯ୍ୟକାରୀ ହେଉନି ଭାଗ ଚାଷ ଆଇନ
- ମିଳୁନି ବ୍ୟାଙ୍କ ଋଣ, ବିକ୍ରି ହେଉନି ଫସଲ
- କେନ୍ଦ୍ର, ରାଜ୍ୟର ବିଭିନ୍ନ ଯୋଜନାଠୁ ବହୁ ଦୂରରେ

କେନ୍ଦ୍ରାପଡ଼ା ଜିଲ୍ଲାରେ ଦେଢ଼ ଲକ୍ଷ ହେକ୍ଟରରୁ ଅଧିକ ଚାଷ ଉପଯୋଗୀ ଜମି। ପ୍ରାୟ ୪୦ ପ୍ରତିଶତ ଜମି ବିଭିନ୍ନ କାରଣରୁ ପଡ଼ିଆ ପଡୁଛି। ଭାଗଚାଷୀ ମଧ୍ୟ ଏହି ଜମିରେ ଫସଲ ଉତ୍ପାଦନ ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ରାଜ୍ୟରେ ଭାଗଚାଷ ଆଇନ ୨୦୧୬ ମସିହାରୁ ଡ୍ରାଫ୍ଟ ଆକାରରେ ପଡ଼ି ରହିଛି। ଏହି ଆଇନ ପାରିତ ହେଉ ନ ଥିବାରୁ ଭାଗ ଚାଷୀଙ୍କୁ ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେବାକୁ ପଡୁଛି। ବ୍ୟାଙ୍କରୁ ମଧ୍ୟ ଆଶାନୁରୂପକ ଋଣ ମିଳୁନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଜମି କାଗଜପତ୍ର ଆବଶ୍ୟକ ବୋଲି ଚାଷ ପ୍ରତି ଆଗ୍ରହ ନ ଥିବା ଭାଗଚାଷୀ ମତ ଦେଇଛନ୍ତି।

କୃଷକ ନେତା ବିଜୟ କୁମାର ପରିଡ଼ା କହିଛନ୍ତି, କେନ୍ଦ୍ରାପଡ଼ା ଜିଲ୍ଲାର ୩ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କ ଜମି ମଧ୍ୟରୁ ୭୦ ଭାଗ କ୍ଷେତ ଭାଗ ଚାଷ ଦ୍ୱାରା ଫସଲ ହୋଇଥାଏ। ଭାଗଚାଷୀ ଜମି ମାଲିକଙ୍କ ନିକଟରୁ ବର୍ଷକ ପାଇଁ ଚାଷଜମି ଲିଜରେ ନେଇଥାନ୍ତି। ଏଥିପାଇଁ ଧାନ ଫସଲରୁ ଅଧା ଓ ରବି ଫସଲରେ ଦୁଇତୃତୀୟାଂଶ ଜମି ମାଲିକଙ୍କୁ ଦେବାକୁ ହୋଇଥାଏ। ଲିଜ୍ ନେଇଥିବା ଭାଗ ଚାଷୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟଠାରୁ ଆରମ୍ଭକରି ଅଭାବୀ ବିକ୍ରି ପର୍ଯ୍ୟନ୍ତ ଜମି ମାଲିକଙ୍କ କୌଣସି ସହଯୋଗ ନ ଥାଏ। ସେହିପରି ବ୍ୟାଙ୍କ ଋଣ, ଧାନ ବିକ୍ରି ନେଇ ଭାଗ ଚାଷୀ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏ ସମ୍ପର୍କରେ ସମବାୟବିତ୍ ଅକ୍ଷୟ ପାଣି କହିଛନ୍ତି, ଜିଲ୍ଲାର ମୋଟ ୧୫ ପ୍ରତିଶତ ନାମମାତ୍ର ଓ କ୍ଷୁଦ୍ର ଚାଷୀ ନିଜ କ୍ଷେତରେ ଚାଷ କରୁଥିବାବେଳେ ଅବଶିଷ୍ଟ ଭାଗ ଚାଷୀଙ୍କ ଦ୍ୱାରା ସମ୍ପନ୍ନ ହେଉଛି। ଏହି ଭାଗଚାଷୀଙ୍କ ଚିହ୍ନଟୀକରଣ ଅଦ୍ୟାବଧି ହୋଇନାହିଁ। ଫଳରେ ବ୍ୟାଙ୍କଋଣ, ଫସଲବୀମାଠାରୁ ଆରମ୍ଭକରି କୃଷକ ଉନ୍ନୟନ ଯୋଜନାରେ ସେମାନେ ସାମିଲ ହୋଇପାରୁନାହାନ୍ତି। ଏଥିପାଇଁ ପ୍ରଥମେ ଭାଗଚାଷୀ ଚିହ୍ନଟୀକରଣର ଆବଶ୍ୟକତା ଅଛି। କେନ୍ଦ୍ରାପଡ଼ା ଜିଲ୍ଲା ଚାଷୀ ଓ ଶ୍ରମିକ ସଂଘର ସଭାପତି ଗୟାଧର ଧଳ କହିଛନ୍ତି, ୨୦୨୨ ମସିହାରେ ଭାଗ ଚାଷୀ ଚିହ୍ନଟୀକରଣ ପାଇଁ ରାଜ୍ୟ ସରକାର ଏକ ବୈଠକ କରିଥିଲେ। ଏଥିରେ ଜିଲ୍ଲାସ୍ତରୀୟ କୃଷି ସହ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଯୋଜନାରେ ଭାଗ ଚାଷୀଙ୍କ ଭାଗୀଦାରି ରହିବା ସମ୍ପର୍କରେ ଆଲୋଚନା ହୋଇଥିଲା।

ଇତିମଧ୍ୟରେ ଏହାକୁ ୮ ବର୍ଷ ବିତିଗଲେ ମଧ୍ୟ ଏ ନେଇ କୌଣସି ଅଗ୍ରଗତି ହୋଇନାହିଁ। କେନ୍ଦ୍ରାପଡ଼ା ବ୍ଲକ ଇନ୍ଦୁପୁରର ଜମି ମାଲିକ ତ୍ରିଲୋଚନ ଜେନା କହିଛନ୍ତି, ଭାଗଚାଷୀଙ୍କୁ ଆଇନଗତ ଭାବେ ସ୍ୱୀକୃତି ଦେବାକୁ କେତେକ ପ୍ରତିବନ୍ଧକ ଅଛି। ଭାଗ ଚାଷର ଲିଜ୍ ସମ୍ପର୍କରେ ଚୁକ୍ତିପତ୍ର କେତେବର୍ଷ ପାଇଁ ହେବ, ଜମି ମାଲିକ ଭାବେ ଟଙ୍କା ଅଥବା ଫସଲର ଭାଗ କେତେ ପାଇବେ ଆଦିର ତର୍ଜମା ହେବା ଆବଶ୍ୟକ। ଭାଗଚାଷୀ ଆଇନ ଆସିଲେ କୃଷି ପ୍ରତି ଲୋକଙ୍କ ଆଗ୍ରହ ବଢ଼ିବ। ଏହାସତ୍ତ୍ୱେ ଜମିର ସୁରକ୍ଷା ଏକ ପ୍ରଶ୍ନବାଚୀ ସୃଷ୍ଟି ହେବ ବୋଲି ସେ ପ୍ରକାଶ କରିଛନ୍ତି। ମହାକାଳପଡ଼ାର ଚାଷୀ ସତ୍ୟବ୍ରତ ସେନାପତି କହିଛନ୍ତି, ଜମି ହେଉଛି ପାରିବାରିକ ସମ୍ପତ୍ତି। ଆପଦ ବିପଦର ସାହା ଭରସା। ଏଥିପାଇଁ ଜମି ଖର୍ଦ୍ଦି କରାଯାଇଥାଏ। ଭାଗଚାଷୀଙ୍କୁ ଆଇନଗତ ଭାବେ ଲିଜ୍ ଦେବା ପରେ ଆବଶ୍ୟକ ସମୟରେ ବିକ୍ରି ଓ ପାରିବାରିକ ଭାଗରେ ସମସ୍ୟା ସୃଷ୍ଟିହେବ। ମାର୍ଶାଘାଇ ବ୍ଲକ ଦୁଗୁଚ୍ଛା ଗ୍ରାମର ଅମିୟ ବେହେରା କହିଛନ୍ତି, ଅଭାବୀ ବିକ୍ରି, ପ୍ରାକୃତିକ ବିପର୍ଯ୍ୟୟରେ ସହାୟତା, ସରକାରୀ ପ୍ରୋତ୍ସାହନ ନ ମିଳିବାରୁ ଭାଗ ଚାଷୀ ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି।

## ଶ୍ରମିକ ପରିବର୍ତ୍ତେ ମେଶିନ କରୁଛି କାମ



ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପୋଖରୀ ଖନନ କାମ ଜେସିବି ଦ୍ୱାରା କରାଯାଉଛି।

ରାଜନଗର, ୨୧।୪ (ଭାସ୍କ ରାଉତରାୟ)

### ଶ୍ମଶାନଠାରୁ ଅଧ କି.ମି. ଦୂରରେ ପୋଖରୀ

ରାଜନଗର ବ୍ଲକ୍ କଣ୍ଡିରା ପଞ୍ଚାୟତର ନୂଆଗାଁରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଯୋଜନାରେ ଶ୍ରମିକଙ୍କ ପରିବର୍ତ୍ତେ ମେଶିନ କାମ କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ଶ୍ମଶାନଠାରୁ ୫୦୦ ମିଟର ଦୂରରେ ଶ୍ମଶାନ ପୋଖରୀ ଖୋଳାଯାଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶ୍ରମିକ ପରିବର୍ତ୍ତେ ମେଶିନ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କଣ୍ଡିରା ପଞ୍ଚାୟତର ନୂଆଗାଁରେ ୫ ଲକ୍ଷ ଟଙ୍କା ବ୍ୟୟରେ ଶ୍ମଶାନ ପୋଖରୀ ଖୋଳାହେବା ପାଇଁ ସରକାର ଅନୁଦାନ ଯୋଗାଇ ଦେଇଛନ୍ତି। ଶ୍ମଶାନରେ ପୋଖରୀ ଖୋଳା ନ ଯାଇ ୫୦୦ ମିଟର ଦୂରରେ ଗୋଚର ଜମିରେ ପୋଖରୀ ଖୋଳାଯାଉଛି, ଯାହାକି ଲୋକଙ୍କ କାମରେ ଲାଗିବ ନାହିଁ। ଏପରିକି ଶ୍ରମିକ କାମ ନ ପାଇ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଥିବା ବେଳେ ମେଶିନ ମାଧ୍ୟମରେ ପୋଖରୀ ଖୋଳାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗୋଚର ଜମିରେ ଜେସିବି ଦ୍ୱାରା ପୋଖରୀ ଖୋଳି ଟ୍ରାକ୍ଟର ଯୋଗେ ମାଟି ବୋହି ନେଉଥିବା ନେଇ ଗ୍ରାମର ମଧୁସୂଦନ ଦାସ, କବିରାଜ ପ୍ରଧାନ, କପିଳାସ ପ୍ରଧାନ, ଅଙ୍କୁର ଚରଣ ଜେନା ପ୍ରମୁଖ ଭିତରଗଡ଼ ରାଜସ୍ୱ ନିରୀକ୍ଷକଙ୍କୁ ଲିଖିତ ଭାବେ ଜଣାଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ପ୍ରଭାତ କୁମାର ମାଝିଙ୍କୁ ପଚାରିବାରୁ ଯଦି ମେଶିନ ମାଧ୍ୟମରେ କାମ ହେଉଥିବ ତେବେ ପେମେଣ୍ଟ କରାଯିବ ନାହିଁ ବୋଲି ସେ କହିଛନ୍ତି।

## ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ଜିଲାପାଳଙ୍କ ଜନ ଶୁଣାଣି

ଡେରାବିଶ, ୨୧।୪ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଯୋଗଦେଇ ୨୮ଟି ଅଭିଯୋଗ ଶୁଣାଣି କରିଥିଲେ। ତନ୍ମଧ୍ୟରୁ ୨୩ ଟି ଅଭିଯୋଗ ବ୍ୟକ୍ତିଗତ ଓ ୫ ଟି ସାମୂହିକ ଆସିଥିଲା। ଭତ୍ତା ଯୋଜନାରୁ ବଞ୍ଚିତ, ବାସଗୃହ, ରାଶନ କାର୍ଡରୁ ବଞ୍ଚିତ ଥିବା ହିତାଧିକାରୀ ଅଭିଯୋଗ କରିଥିଲେ। ଡେରାବିଶ ବ୍ଲକ ପକ୍ଷରୁ ୨୬ଟି ପଞ୍ଚାୟତର ମୁଖ୍ୟ ଗ୍ରାମ୍ୟ ରାସ୍ତା ଗୁଡିକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିଜ ହାତକୁ ନେଇ ଉନ୍ନତି କରଣ କରିବାକୁ ଦାବି ହୋଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁଙ୍କ ନେତୃତ୍ୱରେ ପ୍ରତିନିଧି ଦଳ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅନ୍ୟ ପକ୍ଷରେ ଡେରାବିଶ ଥାନା ଅଧୀନ କୁରୁଜଙ୍ଗା ପଞ୍ଚାୟତ ମନ୍ତ୍ରୀ ପଡା ଗ୍ରାମର ୧୦ମ ଶ୍ରେଣୀ ଛାତ୍ର ଆୟୁଷ୍ମାନ ମହାନ୍ତିଙ୍କ ମୃତ୍ୟୁ ଘଟଣାର କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ କରିବାକୁ ଆୟୁଷ୍ମାନଙ୍କ ବାପା ଖଗେଶ୍ୱର ମହାନ୍ତି ତାଙ୍କ ମା' ଏବଂ ଗ୍ରାମବାସୀ ତଦନ୍ତ ପାଇଁ ଜିଲାପାଳଙ୍କୁ ସୁପାରିଶ କରିବା ପାଇଁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, (ସାଧାରଣ ), ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ଉପଜିଲାପାଳ ଅରୁଣ କୁମାର ନାୟକ, ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ଼, ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ, ବିଡିଓ ନମିତା ବାରିକ, ତହସିଲଦାର ସରୋଜକାନ୍ତ ନାୟକଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ।



ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

## ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ଧାରଣା

ରାଜନଗର, ୨୧।୪ (ଭାସ୍କ ରାଉତରାୟ)

ରାଜନଗର ବ୍ଲକ୍ କୁରୁଣ୍ଟି ଗାଁରେ ବେଧଡକ ଭାବେ ଚୋରା ମଦ ବିକ୍ରି କରାଯାଉଛି। ଦୀର୍ଘବର୍ଷ ହେଲା ଚୋରା ମଦ ଖୁଲୁମଖୁଲା ବିକ୍ରି କରାଯାଉଥିଲେ ମଧ୍ୟ ପୋଲିସ ଓ ଅବକାରୀ ବିଭାଗ କୌଣସି ପଦକ୍ଷେପ ନେଉନାହାନ୍ତି। ଗ୍ରାମବାସୀ ଓ ମହିଳାମାନେ ବାରମ୍ବାର ଏ ନେଇ ଅଭିଯୋଗ କରିବା ପରେ ଅବକାରୀ ବିଭାଗ କୌଣସି ପଦକ୍ଷେପ ନ ନେବାରୁ ମଦ ବ୍ୟବସାୟୀଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। କୁରୁଣ୍ଟି ଗାଁ ପରିସରରୁ ଚୋରା ମଦ ବ୍ୟବସାୟ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଦାବିପତ୍ରରେ ଦର୍ଶାଯାଇଥିଲା। ମାତ୍ର ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ସୋମବାର କୁରୁଣ୍ଟି ଗାଁର ଶତାଧିକ ମହିଳାଙ୍କ ସହ ବିଶ୍ୱଶାନ୍ତି ଯଜ୍ଞ କମିଟି, ବଜାର କମିଟି, କାଳୀପୂଜା କମିଟିର କର୍ମକର୍ତ୍ତା ରାଜନଗର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ରାଜନଗର ତହସିଲଦାର ଅମିୟ କେତନ ସ୍ୱାଇଁ ଓ ଅବକାରୀ ବିଭାଗର ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିବା ସହିତ ଲଗାତର ଭାବେ କୁରୁଣ୍ଟି ଗାଁରେ ବେଆଇନ ଭାବେ ମଦ ବିକ୍ରି କରୁଥିବା ବ୍ୟକ୍ତିଙ୍କ ଠିକଣାରେ ଚଢ଼ାଉ କରାଯିବ ଓ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଛି।



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ମହିଳା ଓ ଅନ୍ୟମାନେ।

### କୁରୁଣ୍ଟି ଗାଁରେ ଖୁଲୁମଖୁଲା ଚୋରା ମଦ କାରବାର

ସୂଚନାଯୋଗ୍ୟ, କୁରୁଣ୍ଟିରେ ଚାଲିଥିବା ଚୋରା ମଦ କାରବାର ବିରୋଧରେ ଗ୍ରାମବାସୀ, କଞ୍ଚାନେଶ୍ୱର ବଣିକ ସଂଘ, କଞ୍ଚନେଶ୍ୱର ବିଶ୍ୱଶାନ୍ତି ମହାଯଜ୍ଞ କମିଟି, ମହିଳା ମହାସଂଘ ପକ୍ଷରୁ କେନ୍ଦ୍ରପଡ଼ା ଜିଲାପାଳଙ୍କୁ ୪ ତାରିଖ ଦାବିପତ୍ର ଦିଆଯାଇଥିଲା। ଦାବିପତ୍ରରେ କୁରୁଣ୍ଟି ଗାଁରେ ୨ଜଣ ବ୍ୟକ୍ତି ଖୁଲୁମଖୁଲା ଚୋରା ମଦ ବେପାର କରୁଛନ୍ତି। ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଡିସେମ୍ବର ୩୧ରେ ଶତାଧିକ ମହିଳା ରାସ୍ତା ଅବରୋଧ କରିଥିଲେ। ପୋଲିସ ଚୋରା ମଦ ବେପାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବଦଳରେ ୨୦ ଜଣ ମହିଳାଙ୍କ ବିରୋଧରେ କେସ୍ କରାଯାଇଛି। ଆନ୍ଦୋଳନ ସମୟରେ ଆଇଆଇସି, ତହସିଲଦାର, ଏସ୍‌ଡିପିଓ, ଅବକାରୀ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ବିକ୍ରମ ମଣ୍ଡଳ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲେ। କୁରୁଣ୍ଟି ଛକରେ ସରକାରୀ ଜାଗାରୁ ଜବତଦଖଲ ଉଚ୍ଛେଦ ହେବ ଏବଂ ଚୋରାମଦ କାରବାର ସମ୍ପୂର୍ଣ୍ଣ ବନ୍ଦ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ମାତ୍ର ୩ ମାସ ପରେ ବି ଖୁଲମଖୁଲା ଚୋରା ମଦ କାରବାର ଚାଲିଛି।

## ଜିଲା ବିକାଶର ହେବ ନୂଆ ସୂର୍ଯ୍ୟୋଦୟ

ମହାକାଳପଡ଼ା,୨୧।୪ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

### ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ପୂର୍ତ୍ତ ଡାକ ବଙ୍ଗଳାଠାରେ ବ୍ଲକ ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶେଷକରି ଶେଷ ହୋଇଥିବା ଜମ୍ବୁ ଦ୍ୱୀପ ମହୋତ୍ସବରେ ଜିଲା ପ୍ରଶାସନର ପ୍ରତ୍ୟେକ୍ଷ ସହଯୋଗ ଓ ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକଙ୍କ ଉଦ୍ୟମକୁ ପ୍ରଶଂସା କରାଯାଇଛି। ମହୋତ୍ସବରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ସେମାନେ ଜିଲାରେ ବିକାଶର ଧାରା ଜାରି ରହିବ ବୋଲି କହିଛନ୍ତି। ଭାଜପା ସରକାର ଜିଲାରେ ମେଡ଼ିକାଲ କଲେଜ, ଶିଳ୍ପ ପ୍ରତିଷ୍ଠା ସହ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରେ ଶିଳ୍ପ କରିଡ଼ର ପ୍ରତିଷ୍ଠା, ବିଜ୍ଞାନ ପାର୍କ ପ୍ରତିଷ୍ଠା, ଜମ୍ବୁ-ମାର୍ଶାଘାଇ ମୁଖ୍ୟ ବ୍ରିଟିଶ କେନାଲ ନବୀକରଣ, କେନ୍ଦ୍ରାପଡ଼ା କଲେଜକୁ ବିଶ୍ୱବିଦ୍ୟାଳୟରେ ମାନ୍ୟତା ଦେବାକୁ ବିଭିଗୀୟ ମନ୍ତ୍ରୀ ମହୋତ୍ସବରେ ଘୋଷଣା କରିଥିଲେ। ଆଗାମୀଦିନରେ ଜିଲାରେ ବିକାଶର ନୂଆ ସୂର୍ଯ୍ୟୋଦୟ ଓ ନୂଆ ସଂକଳ୍ପ ହେବ ବୋଲି ସମ୍ମିଳନୀରେ ଯୋଗଦେଇଥିବା ଭାଜପା ବରିଷ୍ଠ ନେତୃମଣ୍ଡଳୀ ସୂଚନା ଦେଇଛନ୍ତି। ସମ୍ମିଳନୀରେ ଭାଜପା ସଂଯୋଜକ ସରୋଜ କୁମାର ସାହୁ, ଯୁବନେତା ପ୍ରଶାନ୍ତ କୁମାର ସେଠୀ, ଜିଲା ସମ୍ପାଦକ ବିକ୍ରମାଦିତ୍ୟ ସାହୁ, ତରୁଣକାନ୍ତି କାଞ୍ଜିଲାଲ, ଜୋନ ସଭାପତିଙ୍କ ମଧ୍ୟରେ ମାନସ କୁମାର ମହାନ୍ତି, ତ୍ରିଲୋଚନ ରାଉତ, ସୌଭାଗ୍ୟ ପ୍ରସାଦ ବାହାଲିଆ, ପବିତ୍ର ଚୌଧୁରୀ, ପ୍ରଦୀପ ବେହେରା, ହୀରଣ୍ୟ ମହାପାତ୍ର, ରୁଦ୍ର ନାରାୟଣ ମୁଦୁଲି, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଜମ୍ବୁ ଦ୍ୱୀପ ମହୋତ୍ସବର ସଫଳତାକୁ ନେଇ ଭାଜପାର ଖବରଦାତା ସମ୍ମିଳନୀ।

## ସମାଜ ଗଠନରେ ପିଲାମାନଙ୍କ ପ୍ରମୁଖ ଭୂମିକା ରହିଛି

ରାଜକନିକା,୨୧।୪(ରବୀନ୍ଦ୍ର କୁମାର ଦାସ)

ରାଜକନିକା ବ୍ଲକ ମିଲେନିୟମ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଥାନା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅଧ୍ୟକ୍ଷ ପଙ୍କଜ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଶିକ୍ଷା ବିଭାଗର ସଚିବ ଶରତ କୁମାର ବିଶ୍ୱାଳ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ଡ. ଗୌତମ ମହାରଣା ଓ ସ୍କୁଲର ଉପାଧ୍ୟକ୍ଷ ସୁଷମା ଦାଶ ପ୍ରମୁଖ ଯୋଗଦେଇଥିଲେ। ସମାଜ ଗଠନରେ ପିଲାମାନଙ୍କ ପ୍ରମୁଖ ଭୂମିକା ଅଛି ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସୁକାନ୍ତ କର ସ୍ୱାଗତ ଭାଷଣ ରଖିଥିବାବେଳେ ଶିକ୍ଷୟିତ୍ରୀ ଆଲ୍ପନା ରାଉତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ବିଶ୍ୱାଳ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭଗବାନପୁର ଗ୍ରାମରୁ ହରିଣ ଉଦ୍ଧାର

ମାର୍ଶାଘାଇ, ୨୧।୪ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ଭଗବାନପୁର ଗ୍ରାମର ସୋମବାର ଅପରାହ୍ନରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଏକ ହରିଣ ଉଦ୍ଧାର କରାଯାଇଛି। ହରିଣଟି ଅଣ୍ଡିରା ହୋଇଥିବାବେଳେ ତାହାର ବୟସ ୨ରୁ ୩ ବର୍ଷ ହେବ ବୋଲି ଜଣାଯାଇଛି। ମହାକାଳପଡ଼ା ବନାଞ୍ଚଳରୁ ହରିଣ ପଲ ମୁଗ ଫସଲ ଖାଇବାକୁ ରବିବାର ରାତିରୁ ମାର୍ଶାଘାଇ ଆଡ଼କୁ ଆସିଥିବା ଅନୁମାନ କରାଯାଉଛି। ଅନ୍ୟ ହରିଣ କେଉଁଆଡ଼େ ଚାଲି ଯାଇଥିବା ବେଳେ ଉକ୍ତ ହରିଣକୁ ଭଗବାନପୁରର କେତେଜଣ ଲୋକ ଦେଖି ଧରିଥିଲେ। ଖବରପାଇ ମାର୍ଶାଘାଇର ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତାକୁ ନେଇ ମହାକାଳପଡ଼ା ବନାଞ୍ଚଳର ଖରିନାସୀ ଜଙ୍ଗଲରେ ଛାଡ଼ିଥିବା ନେଇ କେନ୍ଦ୍ରାପଡ଼ା ବନାଞ୍ଚଳ ରେଞ୍ଜ ଅଧିକାରୀ ରାଜେନ୍ଦ୍ର କୁମାର ସାମନ୍ତରାୟ କହିଛନ୍ତି।



## ଡେରାବିଶ ଜନମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜନମଞ୍ଚର ସଦସ୍ୟମାନେ ତହସିଲଦାରଙ୍କୁ ଦାବିପତ୍ର ଦେଉଛନ୍ତି।

ଡେରାବିଶ, ୨୧।୪ (ବେବର୍ତ୍ତା ଅଜୟ ଦାସ)

### କେନ୍ଦ୍ରାପଡ଼ାକୁ ଅଣଦେଖା କରୁଛନ୍ତି ରାଜ୍ୟ ସରକାର

ରାଜ୍ୟ ସରକାର ୮ ଜିଲାରେ ମେଡିକାଲ କଲେଜ ଖୋଲିବ ନେଇ ବିଧାନ ସଭାରେ ଘୋଷଣା କରିଛନ୍ତି। ଏହି ଘୋଷଣାରେ କେନ୍ଦ୍ରାପଡ଼ା ନାମ ନ ଥିବାବେଳେ ପାଖ ଜିଲା ଭଦ୍ରକ, ଜଗତ୍‌ସିଂହପୁର, ଢେଙ୍କାନାଳ ସ୍ଥାନ ପାଇଛି। ହେଲେ କେନ୍ଦ୍ରାପଡ଼ା ଜିଲା ବିଗତ ସରକକାରଙ୍କ ପରି ବାଦ ପଡିଛି ତାହା ଜନସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯାହାକୁ ନେଇ ଜନମଞ୍ଚର ଡେରାବିଶ ସଂଯୋଜକ ପ୍ରମୋଦ ଦାଶଙ୍କ ନେତୃତ୍ୱରେ କର୍ମକର୍ତ୍ତା ତହସିଲଦାରଙ୍କୁ ଭେଟି ଲିଖିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଇଛନ୍ତି। ସେ କହିଛନ୍ତି କେନ୍ଦ୍ରାପଡ଼ା ଏକ ଆର୍ଥିକ ଅନଗ୍ରସର ଜିଲା। ଜିଲାର ଲୋକଙ୍କ ମୁଖ୍ୟ ଜୀବିକା କୃଷି ହୋଇଥିଲେ ମଧ୍ୟ ଜଳସେଚନ, ଜଳ ନିଷ୍କାସନ, କୃଷି ଉତ୍ପାଦନର ସଂରକ୍ଷଣ ଓ ପ୍ରକ୍ରିୟାକରଣ ପ୍ରଭୃତି ଆବଶ୍ୟକ କୃଷି ଭିତ୍ତିଭୂମିର ଅଭାବ ସାଙ୍ଗକୁ ଅଭାବୀ ବିକ୍ରି ଓ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ କୃଷି ଓ କୃଷକ ଆଜି ବିପନ୍ନ କରୁଛି। ଶିଳ୍ପ ବିହୀନ ଏହି ଜିଲାରେ ନିଯୁକ୍ତି ସୁଯୋଗର ଅଭାବରୁ ପ୍ରାୟ ୮୦ ପ୍ରତିଶତ ଯୁବକ ଦାଦନ ଖଟିବାକୁ ଦେଶଠାରୁ ବିଦେଶ ଯାଏ ଘୂରି ବୁଲୁଛନ୍ତି। ଦାରିଦ୍ର୍ୟ ଓ ଅନଗ୍ରସରତା କାରଣରୁ ପିଲାଙ୍କୁ ଉଚ୍ଚଶିକ୍ଷା ଦେବାରେ ଅଭିଭାବକଙ୍କ ଇଚ୍ଛା ଥାଇ ମଧ୍ୟ ପଛଘୁଞ୍ଚା ଦେଉଛନ୍ତି। ମେଡିକାଲ କଲେଜ ଅବଶ୍ୟକ ଥିବାବେଳେ ଆଗ୍ରାଧିକାର ଦିଆଯାଉ ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଦାବିପତ୍ର ଦେବାବେଳେ ଭରତ ସିଂ, ଅନନ୍ତ ପଣ୍ଡା, ପ୍ରମୋଦ ବେହେରା, ପ୍ରଫୁଲ୍ଲ ନାୟକ, ବାସୁଦେବ ଦାସ, ସୁରେନ୍ଦ୍ର ନାଥ, ଅନନ୍ତ କର ପ୍ରମୁଖ ଉପସ୍ଥିତ ଥିଲେ।

## ଟାଉନ୍ ପ୍ଲାନିଂ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟି ଅଭାବ: ବିକାଶରେ ବାଧା

ପଟ୍ଟାମୁଣ୍ଡାଇ,୨୧।୪ (କଳ୍ପତରୁ ନାୟକ)

- ଭଙ୍ଗା ଯୋଡ଼ାରେ ଚାଲିଛି ବିଭାଗ
- ୩୭ ବର୍ଷର ସହରୀ ବିକାଶ ଯୋଜନାରେ ଅନ୍ତରାୟ

ରାଜ୍ୟ ଓ କେନ୍ଦ୍ର ସରକାର ସହରାଞ୍ଚଳର ଭିତ୍ତିଭୂମି ସୁଦୃଢ଼ ପାଇଁ ପୌର ପରିଷଦ ଏବଂ ବିଜ୍ଞାପିତ ଅଞ୍ଚଳ କରାଇ ସହରୀ ବିକାଶ ଯୋଜନାରେ ଅର୍ଥ ବ୍ୟୟବରାଦ କରୁଛନ୍ତି। ଏ ନେଇ ରାସ୍ତାଘାଟ, ପରିମଳ, ସ୍ୱେରେଜ, ଆଲୋକୀକରଣ, ଆହାର, ପାନୀୟଜଳ ଓ ଜଳ ନିଷ୍କାସନ ପ୍ରକଳ୍ପଗୁଡ଼ିକ କରାଯାଉଛି। ସହର ଯେପରି ଯୋଜନାବଦ୍ଧ ଭାବେ ବୃଦ୍ଧି ପାଇବ ସେଥିପାଇଁ ଟାଉନ୍ ପ୍ଲାନିଂ, ଆଞ୍ଚଳିକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ନିଯୁକ୍ତି ଦିଆଯାଇଛି। ହେଲେ ପଟ୍ଟାମୁଣ୍ଡାଇ ପୌର କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟି ଅଭାବରୁ ସହରୀ ବିକାଶରେ ବାଧା ଉପୁଜୁଛି। ଠିକ୍ ଆକଳନ କରା ନ ଯାଇ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ହେଉଛି। ପରବର୍ତ୍ତୀ ସମୟରେ ତାହା ପୁଣି ନିର୍ମାଣ ହେଉଛି। ଏହିପରି ଭାବେ ଟାଉନ୍ ପ୍ଲାନିଂ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟି ଅଭାବରୁ ଦୀର୍ଘ ୩୭ ବର୍ଷ ହେବ ସହରୀ ବିକାଶ ଯୋଜନାରେ ଅନ୍ତରାୟ ସୃଷ୍ଟି ହେଉଛି। ନିର୍ମାଣ ଖୋଦେଇ (ଭଙ୍ଗା ଯୋଡ଼ା)ରେ ପୌର ପରିଷଦ ଚାଲିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ସାମାଜିକ କର୍ମୀ ସଞ୍ଜୟ ବର୍ମା, ଯୁବନେତା ସତ୍ୟପ୍ରିୟ ସାମଲ, ଉପେନ୍ଦ୍ର ନାୟକ ପ୍ରମୁଖ କହିଛନ୍ତି, ପଟ୍ଟାମୁଣ୍ଡାଇକୁ ୧୯୮୮ ଡିସେମ୍ବର ୬ରେ ବିଜ୍ଞାପିତ ଅଞ୍ଚଳ ମାନ୍ୟତା ମିଳିଥିଲା। ସେବେଠାରୁ ପଟ୍ଟାମୁଣ୍ଡାଇର ୨୦ଟି ୱାର୍ଡରେ ସହରୀ ବିକାଶ ଯୋଜନା କାର୍ଯ୍ୟକାରୀ କରାଯାଇ ଉନ୍ନତିମୂଳକ କର୍ଯ୍ୟ ଜାରି ରହିଲା। ଏହି ୨୦ଟି ୱାର୍ଡର ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା କରାଗଲା। ଏହି ପରିପ୍ରେକ୍ଷୀରେ ସରକାରୀ ଅର୍ଥରେ ବୋରିଂ ପ୍ରକଳ୍ପ ନିର୍ମାଣ କରାଯାଇ ପାଇପ ଯୋଗେ ପାନୀୟ ଜଳ ଦିଆଗଲା। ପାଇପ ବିଛା ହେବା ବେଳେ ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଜଳ ସମ୍ପଦ ବିଭାଗ ରାସ୍ତା ପାର୍ଶ୍ୱ ଖୋଳାଗଲା। ରାସ୍ତା ଖରାପ ହେବା ସହ ମରାମତି କରାଯାଇ ନୂତନ ରାସ୍ତା ହେଲା। ପରବର୍ତ୍ତୀ ସମୟ ୨୦୧୪ ଫେବୃଆରୀ ୨୪ ଠାରୁ ଏହି ଏନ୍‌ଏସିକୁ ମ୍ୟୁନିସିପାଲିଟିର ମାନ୍ୟତା ପ୍ରଦାନ କରାଗଲା। ରାସ୍ତାଘାଟ, ଆଲୋକୀକରଣ ଓ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦିଆଯାଇ ସବୁ ବ୍ୟବସ୍ଥା ଚକାଚକ କରାଗଲା। ଏସବୁ ୨୦ଟି ୱାର୍ଡର ଘରକୁ ବିଶୁଦ୍ଧ ପିଇବା ପାଣି ଯୋଗାଇବା ଲକ୍ଷ୍ୟରେ ଅମୃତ ଯୋଜନାରେ ୫୪ କୋଟି ଖର୍ଚ୍ଚ କରାଯାଇ ୨୦୧୮-୧୯ରେ ଅଳଭାଠାରେ ବୃହତ୍ ପାନୀୟ ଜଳ ପ୍ରକଳ୍ପ (ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ) କରାଗଲା। ସେତେବେଳେ ନୂତନ ପାଇପ ବିଛା ଲାଗି ରାସ୍ତାଘାଟ ନଷ୍ଟ ହୋଇଥିଲା। ପରବର୍ତ୍ତୀ ସମୟରେ ରାସ୍ତାଘାଟ ଚଉଡ଼ା ଚକାଚକ ଭାବେ ନିର୍ମାଣ ହେଲା।

ଲୋକେ ଗମନାଗମନର ସୁବିଧା ଅନୁଭବ କଲେ। ଧୀରେ ଧୀରେ ସହରୀ ବିକାଶ ଯୋଜନାରେ ପୌରାଞ୍ଚଳର ୨୦ଟି ୱାର୍ଡରେ ବିକାଶ ଜାରି ରହିଲା। ମାତ୍ର ୨୦୨୪-୨୫ରେ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପୁଣି ରାସ୍ତା ପାର୍ଶ୍ୱକୁ ପ୍ରାୟ ୬ ଫୁଟ ଗହିରାରେ ଖୋଦେଇ କାର୍ଯ୍ୟ ଚାଲୁଥିବାବେଳେ ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଳ ସମ୍ପଦ ବିଭାଗ ଓ ପୌର ପରିଷଦ ପକ୍ଷରୁ ରାସ୍ତା ପାର୍ଶ୍ୱ ଜେସିବିରେ ଖୋଳାଯାଉଛି। ଯୋଜନାରେ କାମ କରୁଥିବା ଠିକାଦାର ପାଇପ ସଂଯୋଗ ପାଇଁ ମନଇଚ୍ଛା ରାସ୍ତା ପାର୍ଶ୍ୱ ଖୋଳି ସେହିଭଳି ପକାଇ ରଖିଛନ୍ତି। ଫଳରେ ଯାନବାହନ ଓ ଜନସାଧାରଣ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଂକ୍ରିଟ ଓ ପିଚୁ ରାସ୍ତା ପାର୍ଶ୍ୱ ଫାଟି ଅତଡା ଖସୁଥିବା ଅଭିଯୋଗ ହେଉଛି। ରାସ୍ତାର ଦୁଇପାର୍ଶ୍ୱ ଖୋଳାଯାଇଥିବାରୁ ବର୍ଷା ହେଲେ ମାଟି ଚିକିଟାରେ ଯାନବାହନ ଯିବା ସମୟରେ ଦୁର୍ଘଟଣା ଘଟୁଛି। ଏ ସମ୍ପର୍କରେ ପୌର ପରିଷଦ ବିଭାଗ ଯନ୍ତ୍ରୀ ସୁଶୀଳ ବେହେରାଙ୍କୁ ପଚାରିବାରେ ରାସ୍ତା ପାର୍ଶ୍ୱ ଖୋଳିବାକୁ ଅନୁମତି ଦିଆଯାଇନାହିଁ। ପାଇପ ବିଛାଉଥିବା ଠିକାଦାରଙ୍କୁ କୁହାଯାଇଛି। ସେ ମରାମତି କରି ଦେବେ ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ନିର୍ମଳ ଜେନାଙ୍କୁ ପଚାରିବାରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଯନ୍ତ୍ରୀ ବିଶ୍ୱଜିତ ମିଶ୍ର ବୁଝୁଛନ୍ତି ସେ କହି ପାରିବେ ବୋଲି ସେ କହିଛନ୍ତି।



ପଟ୍ଟାମୁଣ୍ଡାଇ ବଜାରରେ ରାସ୍ତା ପାର୍ଶ୍ୱ ଖୋଳି ପାଇପ ବିଛା ଯାଉଛି।

# କଲେଜ ଖେଳପଡ଼ିଆର ପୂର୍ବ ସ୍ଥିତାବସ୍ଥା ଫେରିଲାନି

## ରାଷ୍ଟ୍ରପତିଙ୍କ ପ୍ରତ୍ୟାବର୍ତ୍ତନର ୨୮ ଦିନ ବିତିଲା

ଖଣ୍ଡପଡ଼ା,୨୧।୪ (ଅଜୟ କୁମାର ମହାରଣା)

ମାର୍ଚ୍ଚ ୨୪ରେ ରାଷ୍ଟ୍ରପତିଙ୍କ ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ଦର୍ଶନ ଅବସରରେ ୩ଟି ଭାରତୀୟ ବାୟୁସେନା ବିମାନ ଅବତରଣ କରିବାକୁ ସ୍ଥାନୀୟ ପଲଟନ ପଡ଼ିଆ ମିନି ଷ୍ଟାଡିୟମରେ ୩ଟି ଓ ନୀଳମାଧବ ମହାବିଦ୍ୟାଳୟ ଖେଳ ପଡ଼ିଆଠାରେ ୨ଟି ଲେଖାଏ ଏପରି ୫ଟି ଅସ୍ଥାୟୀ ହେଲିପ୍ୟାଡ୍ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିଲା। ତେବେ ରାଷ୍ଟ୍ରପତିଙ୍କ ପ୍ରତ୍ୟାବର୍ତ୍ତନର ଆଜକୁ ୨୮ ଦିନ ବିତିଯାଇଥିଲେ ହେଁ ଅସ୍ଥାୟୀ ହେଲିପ୍ୟାଡ୍‌କୁ ଭଙ୍ଗା ଯାଇ ସମତୁଲ କରିବାରେ ପୂର୍ତ୍ତ ବିଭାଗ ଅବହେଳା ପ୍ରଦର୍ଶନ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରତ୍ୟହ ସକାଳେ ଓ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ, ଯୁବକ, ଛାତ୍ର ଓ ମହିଳାମାନେ ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣରେ ଯାଇଥାନ୍ତି। ଏହାଛଡା ଫୁଟ୍‌ବଲ ଓ କ୍ରିକେଟପ୍ରେମୀମାନେ ପଡ଼ିଆରେ ସେମାନଙ୍କ ଖେଳ ଅଭ୍ୟାସ କରିଥାନ୍ତି। ହେଲେ ଖେଳପଡ଼ିଆରେ ଅସ୍ଥାୟୀ ଭାବେ ନିର୍ମିତ ହୋଇଥିବା ହେଲିପ୍ୟାଡ ଯୋଗୁ ଖେଳ କୁଦ ପାଇଁ ସମସ୍ୟା ସୃଷ୍ଟି କରୁଛି। କଣ୍ଟିଲୋ ମିନି ଷ୍ଟାଡିୟମ ପରିସରରେ ପିଚୁରେ ନିର୍ମିତ ହୋଇଥିବା ହେଲିପ୍ୟାଡ୍‌ଗୁଡ଼ିକୁ ଜେସିବି ଦ୍ୱାରା ଖୋଳି ସମତୁଲ କରାଯାଇ ନ ଥିବାରୁ ଖେଳ କୁଦ ପାଇଁ ସମସ୍ୟା ସୃଷ୍ଟି କରିଛି। ଅପରପକ୍ଷରେ କଲେଜ ଖେଳ ପଡ଼ିଆରେ ନିର୍ମିତ ହେଲିପ୍ୟାଡ ୨ଟି ସେହିପରି ଅବସ୍ଥାରେ ରହିଥିବାରୁ ଛାତ୍ରୀଛାତ୍ରମାନଙ୍କ ଖେଳକୁଦ ସମୟରେ ବିପଦ ପାଲଟିଥିବା ଅନୁଷ୍ଠାନର ଅଧକ୍ଷ ରଣଜିତ କୁମାର ତ୍ରିପାଠୀ ଅଭିଯୋଗ କରିଛନ୍ତି। ତୁରନ୍ତ ଅସ୍ଥାୟୀ ହେଲିପ୍ୟାଡଗୁଡ଼ିକୁ ହଟାଯାଇ ତା'ର ପୂର୍ବସ୍ଥିତି ଫେରାଇ ଆଣିବାକୁ କଲେଜ କର୍ତ୍ତୃପକ୍ଷ ଓ ସ୍ଥାନୀୟ ଅଞ୍ଚଳର ଖେଳପ୍ରେମୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ପ୍ରାଣକୃଷ୍ଣ ମହାପାତ୍ରଙ୍କୁ ପଚାରିବାରେ ୨ରୁ ୩ ଦିନ ମଧ୍ୟରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ନୀଳମାଧବ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଅସ୍ଥାୟୀ ହେଲିପ୍ୟାଡ୍ ଭଙ୍ଗାଯାଇ ନ ଥିବାରୁ ପିଲାମାନେ ଖେଳିପାରୁନାହାନ୍ତି।

# ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ

## କୃଷ୍ଣପଲ୍ଲୀ ବାଣ ବିସ୍ଫୋରଣ ଘଟଣା

ଗଣିଆ, ୨୧।୪(ସନ୍ତୋଷ କୁମାର ପ୍ରଧାନ)

ନୟାଗଡ଼ ଜିଲା ଗଣିଆ ଥାନା ଆଡ଼କତା ପଞ୍ଚାୟତ କୃଷ୍ଣପଲ୍ଲୀ ଗ୍ରାମରେ ୧୩ ତାରିଖ ଅପରାହ୍ନରେ ଘଟିଥିବା ବାଣ ବିସ୍ଫୋରଣ ଘଟଣାରେ ଗୁରୁତର ହୋଇ ଏମ୍ସରେ ଚିକିତ୍ସାଧୀନ ଥିବା ମହିଳାଙ୍କ ସୋମବାର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତା ମହିଳା ଜଣଙ୍କ ହେଲେ ଗୀତାଞ୍ଜଳି ପ୍ରଧାନ(୩୫)। ଏହି ଘଟଣାରେ ଗୁରୁତର ମହିଳାଙ୍କ ଆଖି, ବାମ ହାତ, ପଛ ପାଖ ସହ ଶରୀରରେ ୮୦ ଭାଗ ପୋଡି ଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱରସ୍ଥିତ ଏମ୍ସରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାରେ ଗୀତାଞ୍ଜଳିଙ୍କ ସ୍ୱାମୀ ଅଚ୍ୟୁତ ପ୍ରଧାନ ଓ ଦିଅର ବାହାଦୁର ପ୍ରଧାନ ଚିକିତ୍ସାଧୀନ ଅଛନ୍ତି।

ସୂଚନାଯୋଗ୍ୟ ୧୩ ତାରିଖ ଅପରାହ୍ନରେ ଗ୍ରାମ ନିକଟସ୍ଥ ଏକ କୁକୁଡ଼ା ଫାର୍ମରେ ବାଣ ରଖିଥିବାବେଳେ କୌଣସି କାରଣ ବଶତଃ ବିସ୍ଫୋରଣ ଘଟିଥିଲା। ଏହି ଘଟଣାରେ ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା ଓ ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ, ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି କୁମ୍ଫି ବାଣ, ସୁତୁଲି ମାଟି ନମୁନା ସଂଗ୍ରହ କରିବା ସହ ତଦନ୍ତ ଜାରି ରଖିଛନ୍ତି। ମହିଳାଙ୍କ ମୃତ୍ୟୁ ଖବର ଶୁଣିବା ପରେ ଗ୍ରାମରେ ଏକ ପ୍ରକାର ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗୀତାଞ୍ଜଳି ଘରର ରୋଜଗାରିଆ ଭାବେ ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ୩ ଝିଅ ଅଛନ୍ତି। ଗୀତାଞ୍ଜଳିଙ୍କ ମୃତ୍ୟୁରେ ପରିବାର ଏକ ପ୍ରକାର ଅସହାୟ ହୋଇପଡିଛନ୍ତି। ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର




ଶିବିରରେ ଉପସ୍ଥିତ ଅତିଥିମାନେ।

ନୟାଗଡ଼,୨୧।୪(ଲୋକନାଥ ମିଶ୍ର)

ନୟାଗଡ଼ର ସେବା ଅନୁଷ୍ଠାନଠାରେ ମାନସିକ ରୋଗୀଙ୍କୁ ନେଇ ଏକ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ସଞ୍ଜୟ କୁମାର ସୁବୁଦ୍ଧି ସ୍ୱାଗତ ଭାଷଣ ଦେଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶିବିରଟିକୁ ସଚିବ ଅଞ୍ଜଳି ମଛଖଣ୍ଡ ଉଦ୍‌ଘାଟନ କରି ନିଜ ବକ୍ତବ୍ୟରେ ମାନସିକ ରୋଗୀ ଓ ବୁଦ୍ଧିମାନ୍ଦ୍ୟତାଙ୍କ ପାଇଁ ଆଇନଗତ ଅଧିକାର ଓ ସୁବିଧା ବିଷୟରେ ଆଲୋକପାତ କରିଥିଲେ। ଜିଲା ସ୍ୱାସ୍ଥ୍ୟ ଅଧିକାରିଣୀ ପୁଷ୍ପା ନିଲିମା ଲାକ୍ରା ମାନସିକ ରୋଗୀଙ୍କ ପାଇଁ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କାର୍ଯ୍ୟ ଉପରେ, ସରକାରୀ ଓକିଲ ଦଣ୍ଡପାଣି ସ୍ୱାଇଁ ନୀତି ଓ ଆଇନ ସମ୍ପର୍କରେ, ବରିଷ୍ଠ ଓକିଲ ରମେଶ ଚନ୍ଦ୍ର ମହାରଣା ମାନସିକ ରୋଗୀ ଓ ବୁଦ୍ଧିମାନ୍ଦ୍ୟତା ବ୍ୟକ୍ତିମାନଙ୍କ ଅଧିକାର ସମ୍ପତ୍ତି ଓ ସ୍ୱାଧୀନତା ସମ୍ପର୍କିତ ମାମଲାରେ ଅଭିଜ୍ଞ ଆଇନଜୀବୀ ଓ ଅଧିକାର ମିତ୍ରମାନଙ୍କ ଭୂମିକା ଉପରେ, ଓକିଲ କାମାକ୍ଷା ପ୍ରସାଦ ଦାସ ମାନସିକ ରୋଗୀମାନଙ୍କୁ ଆଇନ୍ ସଚେତନତା କରାଇଥିଲେ। ପିରାମଲ୍ ଫାଉଣ୍ଡେଶନ ଅମନ ମିଶ୍ର ଜିଲା ଆଇନସେବା ପ୍ରାଧିକରଣଙ୍କ ଭୂମିକା ଉପରେ ବର୍ଣ୍ଣନା କରିଥିଲେ। ପ୍ରାଧିକରଣରର କ୍ଷଣପ୍ରଭା କର ଗୀତ ଗାଇ ମାନସିକ ରୋଗୀଙ୍କ ମୁହଁରେ ହସ ଫୁଟାଇ ଥିଲେ। ଶିବିରକୁ ସଫଳ କରିବାରେ ଅଧିକାର ମିତ୍ର ପ୍ରଫୁଲ୍ଲ କୁମାର ବେହେରା, ମମତା ବେହେରା, ଲିପ୍ସା ଦାସ, ପ୍ରମୋଦ କୁମାର ମହାନ୍ତି, ବିଷ୍ଣୁଚରଣ ପଟ୍ଟନାୟକ ଓ ଆଇନସେବା ପ୍ରାଧିକରଣର କର୍ମଚାରୀ ପ୍ରଶାନ୍ତ କୁମାର ସାହୁ, ଗଦାଧର ବିଶ୍ୱାଳ, ରାଜେଶ କୁମାର ବାରିକ, ଗଗନ ବିହାରୀ ନାୟକ ଏବଂ ସେବା ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ମଧୁବୈଶ୍ୟ ସମାଜର ବାର୍ଷିକ ସାଧାରଣ ଅଧିବେଶନ

ଖଣ୍ଡପଡ଼ା,୨୧।୪ (ଅଜୟ କୁମାର ମହାରଣା)

ଖଣ୍ଡପଡା ମଧୁବୈଶ୍ୟ ସମାଜର ବାର୍ଷିକ ସାଧାରଣ ଅଧିବେଶନ ଗଡ଼ିଆସାହି କଲ୍ୟାଣ ମଣ୍ଡପରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସମାଜର ପୂର୍ବତନ ସଭାପତି ରବୀନ୍ଦ୍ର କୁମାର ସାହୁ ମଧୁବୈଶ୍ୟ ସମାଜର ପତାକା ଉତ୍ତୋଳନ କରିବା ଅବସରରେ ସମାଜର କୌଳିକ ସଙ୍ଗୀତ ଗାନ କରାଯାଇଥିଲା। ସେହିପରି ସମାଜର ଇଷ୍ଟଦେବ ପ୍ରଭୁ ଗଜାନନଙ୍କ ନିକଟରେ ହୋମଯଜ୍ଞ, ପୂଜାର୍ଚ୍ଚନା ଆଦି ମାଙ୍ଗଳିକ କାର୍ଯ୍ୟ ହୋଇଥିଲା। କାର୍ଯ୍ୟକ୍ରମରେ ସର୍ବ ସମ୍ମତି ପ୍ରସ୍ତାବ କ୍ରମେ ଖଣ୍ଡପଡ଼ା ରାଜ୍ୟ ମଧୁ ବୈଶ୍ୟ ସମାଜର ସଭାପତି ଭାବେ ଆନନ୍ଦ ଚନ୍ଦ୍ର ସାହୁ, ସମ୍ପାଦକ ଭାବେ ରାମଚନ୍ଦ୍ର ସାହୁ ଓ କୋଷାଧକ୍ଷ ଭାବେ ପ୍ରମୋଦ କୁମାର ସାହୁଙ୍କ ସମେତ ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତ୍ତାମାନଙ୍କୁ ଚୟନ କରାଯାଇ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସମାଜର ସଭାପତି ଆନନ୍ଦ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସାଧାରଣ ଅଧିବେଶନରେ ନୟାଗଡ଼, ଦଶପଲ୍ଲା ଓ ରଣପୁର ଅଞ୍ଚଳର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଖଣ୍ଡପଡ଼ା ବ୍ଲକ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂହ ଓ ସମ୍ମାନିତ ଅତିଥି ଭାବେ ଗଡିଆସାହି ସରପଞ୍ଚ ପ୍ରତିମାରାଣୀ ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ମଧୁ ବୈଶ୍ୟ ସମାଜ ପକ୍ଷରୁ ବିଭିନ୍ନ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଭବିଷ୍ୟତ କାର୍ଯ୍ୟପନ୍ଥା ନିମନ୍ତେ ନୀତି ନିର୍ଦ୍ଧାରଣ କରାଯାଇଥିଲା। ସମାଜର ବରିଷ୍ଠ ସଦସ୍ୟମାନେ ବିଭିନ୍ନ ଅଭାବ ଓ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମଧୁ ବୈଶ୍ୟ ସମାଜର କୃତୀ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ବାବଦରେ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଖଣ୍ଡପଡ଼ା ବ୍ଲକ ଅଧୀନ ବାହାଡା ଗ୍ରାମସ୍ଥିତ ମା' ବାହାଡାଶୁଣୀ ପୀଠସ୍ଥିତ ପ୍ରଭୁ ଗଜାନନ ମନ୍ଦିରର ପରିଚାଳନା ଦାୟିତ୍ୱ ଖଣ୍ଡପଡ଼ା ସହରର ଲକ୍ଷ୍ମୀଧର ସାହୁଙ୍କ ଉପରେ ନ୍ୟସ୍ତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଅଧିବେଶନରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ଅନ୍ୟମାନେ।

# ଓଡ଼ଗାଁ ଶ୍ରୀରଘୁନାଥ ମନ୍ଦିରରେ କର୍ମଚାରୀ ନିଯୁକ୍ତି ଦାବି

ଓଡଗାଁ, ୨୧।୪ (ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ପ୍ରସିଦ୍ଧ ଶ୍ରୀରଘୁନାଥ ଜୀଉ ମନ୍ଦିରରେ କେତେକ ଅତ୍ୟାବଶ୍ୟକ କର୍ମଚାରୀ ନିଯୁକ୍ତି ଦାବି ଜୋର ଧରିଛି। ଏ ନେଇ ପୂଜକ ଓ ସୁଆର ପରିଷଦ ପକ୍ଷରୁ ବାରମ୍ବାର ମନ୍ଦିର ପ୍ରଶାସନ ତଥା ଦେବୋତର ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଛି।

ମନ୍ଦିର ପରମ୍ପରା ଅନୁସାରେ ଭୋର ୪ଟାରୁ ରାତି ସାଢେ ୧୦ଟା ପର୍ଯ୍ୟନ୍ତ ମନ୍ଦିର ଖୋଲା ରହୁଥିବାବେଳେ ପୂଜକ ଓ ସୁଆରମାନେ ନିଜ ନିଜ କାମରେ ବ୍ୟସ୍ତ ରହୁଥିବା ବେଳେ ମନ୍ଦିର ସୁରକ୍ଷା ପ୍ରତି ସେମାନେ ଧ୍ୟାନ ଦେଇ ପାରୁନାହାନ୍ତି। ସେହିପରି ସ୍ୱର୍ଣ୍ଣ କଳସ କ୍ଷେତ୍ର ଭାବେ ପରିଚିତ ଏହି କ୍ଷେତ୍ରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ନ ଥିବାବେଳେ ନିୟୋଜିତ ଜଣେ ମାତ୍ର ରାତ୍ରୀ ଜଗୁଆଳି ନିକଟରେ ଅବସରରେ ଯିବେ। ଏପରିସ୍ଥଳେ ମନ୍ଦିର ଖୋଲା ରହିବା ସମୟରେ ଜଣେ ପିଅନ ଓ ଜଣେ ଜଗୁଆଳି ରହିବା ପାଇଁ ଦାବି ହୋଇଛି। ଏ ନେଇ ଶ୍ରୀରାମନବମୀ ଯାତ୍ରା ପ୍ରସ୍ତୁତି ବୈଠକରେ ପୂଜକ ଓ ସୁଆର ପରିଷଦ ମିଳିତ ଭାବେ ଉପଜିଲାପାଳ ତଥା ଜିଲା ଦେବୋତର ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି ଏ ନେଇ ନିଯୁକ୍ତି ପ୍ରକ୍ରିୟା ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଥିବା ବେଳେ ଜଣେ ଫୁଲ ଟାଇମ ମୋହରିୟର, ୨ ଜଣ ପିଅନ ଓ ରାତ୍ରୀ ଜଗୁଆଳି ନିଯୁକ୍ତି କରିବାକୁ ଦାବି ହୋଇଛି। ଅକ୍ଷୟ ତୃତୀୟାଠାରୁ ୨୧ ଦିନ ବ୍ୟାପୀ ଚନ୍ଦନ ଯାତ୍ରା ଆରମ୍ଭ ହେବା ପୂର୍ବରୁ ଏ ସବୁ ନିଯୁକ୍ତି ପ୍ରଦାନ କରିବା ସହ ମନ୍ଦିର କାର୍ଯ୍ୟକ୍ରମକୁ ସୁଗମ କରିବାକୁ ପୂଜକ ପରିଷଦ ପ୍ରଶାସନକୁ ୭ ଦିନର ମହଲତ ଦେଇଥିବା ଜଣାଯାଇଛି। ଏ ସମ୍ପର୍କରେ ମନ୍ଦିର ପରିଚାଳକ ଜିତେନ୍ଦ୍ର ମିଶ୍ର କହିଛନ୍ତି ଜିଲା ପ୍ରଶାସନ ପକ୍ଷରୁ ନୂତନ ନିଯୁକ୍ତି ମିଳିବ ବୋଲି ଆଶାବାଦୀ ଅଛୁ। ଅନ୍ୟପକ୍ଷେ ଉପଜିଲାପାଳ ତଥା ଦେବୋତର ନିର୍ବାହୀ ଅଧିକାରୀ କର୍ଣ୍ଣଦେବ ସମାଦାରଙ୍କୁ ପଚାରିବାରେ ସେ ଏନେଇ ଅବଗତ ଅଛନ୍ତି ଏବଂ ଆବଶ୍ୟକ ଅନୁସାରେ କେତେକ ପଦବୀ ପୂରଣ କରିବାକୁ ଉଦ୍ୟମ କରାଯାଉଛି ବୋଲି ସେ କହିଛନ୍ତି।

# କୈବର୍ତ୍ତ ସମାଜର ୩୮ତମ ସାଧାରଣ ଅଧିବେଶନ

ଖଣ୍ଡପଡ଼ା,୨୧।୪ (ଅଜୟ କୁମାର ମହାରଣା)

କୈବର୍ତ୍ତ ସମାଜ ଖଣ୍ଡପଡ଼ା ରାଜ୍ୟର ୩୮ତମ ସାଧାରଣ ଅଧିବେଶନ ରବିବାର ସନ୍ଧ୍ୟାରେ ଭାପୁର ବ୍ଲକ୍ ଅନ୍ତର୍ଗତ ଗୋଳାପୋଖରୀ ପଡ଼ଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ କୈବର୍ତ୍ତ ସମାଜର ଅଧିଷ୍ଠାତ୍ରୀ ଦେବୀ ମା' ବାସେଳୀଙ୍କୁ ନଗର ପରିକ୍ରମା କରାଯାଇ ସଭାସ୍ଥଳରେ ବିଜେ କରାଯାଇଥିଲା। ବେଗୁନିଆ, କରଡାପଲ୍ଲୀ ଓ ଚକ୍ରଧରପ୍ରସାଦ ଥାନ ଭାଇମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ଦାସ ଅଧ୍ୟକ୍ଷତା କରିଥିଲେ। ଗତ ବର୍ଷେ ମଧ୍ୟରେ ପରଲୋକ ଗତ ଜାତି ଭାଇ ଓ କର୍ମକର୍ତ୍ତାମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଅନୁଷ୍ଠାନର ସଭାପତି ଦାସଙ୍କ ସମେତ ସୁନ୍ଦର ବେହେରା, ସନ୍ତୋଷ କୁମାର ବେହେରା, ଉପସଭାପତି ଯୁଧିଷ୍ଠିର ବେହେରା, ସମ୍ପାଦକ ନବ କିଶୋର ବେହେରା, ସହ ସମ୍ପାଦକ ଶରତ କୁମାର ଦାସ, କୋଷାଧକ୍ଷ ରବୀନ୍ଦ୍ର କୁମାର ବେହେରା, ଶିକ୍ଷା କମିଟି ଅଧକ୍ଷ ଜଗମୋହନ ବେହେରା, ସଭ୍ୟ ସୁଶାନ୍ତ କୁମାର ବେହେରା, ମିଡିଆ ସେଲ୍ ଅଧକ୍ଷ ସଞ୍ଜୟ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସମ୍ପାଦକ ନବ କିଶୋର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ସମ୍ମାନିତ ଅତିଥି ଭାବେ ଖଳିସାହି ସରପଞ୍ଚ ଫକୀର ମୋହନ ଦାସ ପ୍ରମୁଖ ଯୋଗଦେଇ ଜାତିର ସଙ୍ଗଠନ ସମ୍ପର୍କରେ ପରାମର୍ଶ ଦେଇଥିବାବେଳେ କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ। ଏହି ଅବସରରେ ୧୦ଜଣ ଆଦର୍ଶ ଥାନପତି, ୭ଜଣ ଜୋନ ସଭ୍ୟଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୪ରେ ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରଶଂସାପତ୍ର ଓ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ଏହି ସମାବେଶରେ ସମାଜର ୬୫ଟି ଥାନର ଥାନପତିଙ୍କ ସମେତ ଜାତିଭାଇ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଆଧ୍ୟାତ୍ମିକ ଚେତନା, ଶାନ୍ତିର ବାର୍ତ୍ତା ଦେଇଥିଲେ ଦାଦି ରତନ ମୋହିନୀ

ଖଣ୍ଡପଡ଼ା,୨୧।୪ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ବ୍ରହ୍ମାକୁମାରୀ ସେବାକେନ୍ଦ୍ର ପରିସରରେ ମାଉଣ୍ଟ ଆବୁର ମୁଖ୍ୟ ପ୍ରଶାସିକା ରାଜ ଯୋଗିନୀ ଡ. ଦାଦି ରତନ ମୋହିନୀଙ୍କ ଶ୍ରଦ୍ଧାଞ୍ଜଳି ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଖଳିସାହି ସେବାକେନ୍ଦ୍ର ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଜ୍ୟୋସ୍ନା ଭଉଣୀ ଅଧ୍ୟକ୍ଷତା କରି ୮ ତାରିଖରେ ଦାଦିଜୀ ୧୦୧ବର୍ଷରେ ନିଜର ପାର୍ଥିବ ଶରୀର ତ୍ୟାଗ କରିଥିବା ସୂଚନା ଦେଇଥିଲେ। ଦାଦିଜୀ ଯୁବ ପ୍ରଭାଗର ରାଷ୍ଟ୍ରୀୟ ଅଧକ୍ଷା ଭାବେ ଦେଶ ବିଦେଶରେ ପଦଯାତ୍ରା, ସଦ୍‌ଭାବନା ବାଇକ୍ ଯାତ୍ରା ସହ ନିଶାମୁକ୍ତିର କାର୍ଯ୍ୟକ୍ରମ କରିଥିବା ସୂଚନା ଦେଇଥିଲେ। ଦାଦିଜୀ ୧୩ ବର୍ଷ ବୟସରୁ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସଂସ୍ଥାରେ ଯୋଗଦାନ କରି ନିଜର ତ୍ୟାଗ, ତପସ୍ୟା ଓ ସେବା ଦ୍ୱାରା ଜନମାନସରେ ସମଗ୍ର ବିଶ୍ୱରେ ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତକରି ଶାନ୍ତିର ବାର୍ତ୍ତା ଦେଇଥିବା ଉପସ୍ଥିତ ବ୍ରହ୍ମାକୁମାରୀ ଓ ବ୍ରହ୍ମାକୁମାରମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଖଣ୍ଡପଡ଼ାର ସାମାଜିକ କର୍ମୀ ମହେନ୍ଦ୍ର କୁମାର ବାରିକ, ଆଇନଜୀବୀ ପଞ୍ଚାନନ ଭାଇ ଯୋଗଦେଇ ଦାଦିଜୀଙ୍କ ଆମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ବିକେ ଜ୍ୟୋସ୍ନା ଦାଦିଜୀଙ୍କ ମହିମା ଗାନ କରିବା ସହ ବ୍ରହ୍ମାକୁମାର ଆନନ୍ଦ ଭାଇ, ସନ୍ତୋଷ ଭାଇ, ଜଗନ୍ନାଥ ଭାଇ ଆଦି ବିଶ୍ୱଶାନ୍ତି ନିମନ୍ତେ ପ୍ରାର୍ଥନା କରିଥିଲେ। ବ୍ରହ୍ମାକୁମାରୀ କୌଶଲ୍ୟା, ସିଲୁ ଓ ଶିବାନୀଙ୍କ ସମେତ ଅନେକ ବ୍ରହ୍ମାକୁମାରୀ ଓ କୁମାର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବାର୍ଷିକ ଉତ୍ସବ ଶିଶୁର ଅନ୍ତର୍ନିହିତ ଗୁଣର ପରିପ୍ରକାଶ କରେ

ଶରଣକୁଳ, ୨୧।୪( ଦୀପକ କର)

ଉତ୍କଳ ପବ୍ଲିକ ସ୍କୁଲ ଗୋଡିପଡ଼ାର ବାର୍ଷିକ ଉତ୍ସବ ସୋମବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ସଭାପତି ଶରତ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ କିଶୋର ଚନ୍ଦ୍ର କର ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଶିକ୍ଷା ପରିଷଦ ସଭାପତି ଶିକ୍ଷାବିତ୍ ପ୍ରଶାନ୍ତ କୁମାର ଦାଶ, ସ୍ଥାନୀୟ ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ, ସମିତିସଭ୍ୟ ବସନ୍ତ କୁମାର ମହାନ୍ତି, ହରିଡ଼ାବନ୍ଧ ସରପଞ୍ଚ ବେଣୁଧର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ବାର୍ଷିକ ଉତ୍ସବ ଶିଶୁର ଶିକ୍ଷା ସହିତ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ଓ ଶିଶୁକୁ ତାର ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ସ୍କୁଲ ସମ୍ପାଦିକା ତଥା ଅଧକ୍ଷା ରଞ୍ଜିତାରାଣୀ ଷଡଙ୍ଗୀ ବାର୍ଷିକ ବିବରଣୀ ପାଠ କରିବା ସହ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ୱେତ କୁମାର ମିଶ୍ର ଓ ଦୁର୍ଗାପ୍ରସାଦ ପଣ୍ଡାଙ୍କ ସଂଯୋଜନାରେ ଛାତ୍ରୀଛାତ୍ର କଣ୍ଠ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷକ ଶ୍ରବଣ କୁମାର ସାହୁ ଧନ୍ୟବାଦ ଦେଇଥିବା ବେଳେ ହରସ ପ୍ରଧାନ, ଲକ୍ଷ୍ମୀ ନାୟକ, ସନ୍ଦୀପ କୁମାର ଗୁମାନସିଂ, ରାକେଶ ଦଳବେହେରା, ସରସ୍ୱତୀ ସାହୁ, ଗୀତାଞ୍ଜଳି ଦାସ, ମାମୁନି ପ୍ରଧାନ ଲକ୍ଷ୍ମୀପ୍ରିୟା ପରିଡା ପ୍ରମୁଖ ସହଯୋଗ କରିଥିଲେ।

# ଶିକ୍ଷା କ୍ଷେତ୍ରରେ ତୃଣମୂଳସ୍ତରରେ ସଚେତନତା, ସମନ୍ୱୟ ବୃଦ୍ଧିକୁ ଗୁରୁତ୍ୱ




ବୈଠକରେ ଯୋଗ ଦେଇଥିବା ଅତିଥିମାନେ।

ଖଣ୍ଡପଡ଼ା,୨୧।୪ (ଅଜୟ କୁମାର ମହାରଣା)

## ବ୍ଲକ୍‌ସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସେଣ୍ଟର ଫର କାଟାଲାଇଜିଂ ଚେଞ୍ଜ (ସି.ଥ୍ରୀ.) ପକ୍ଷରୁ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟିକୁ ଅଧିକ ସୁଦୃଢ଼ କରିବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସରପଞ୍ଚ ଶ୍ରୀୟାରାଣୀ ବେହେରାଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ମହିଳା ଓ ଶିଶୁ ବିକାଶ ପ୍ରକଳ୍ପର ସୁପରଭାଇଜର ଲକ୍ଷ୍ମୀ ବସନ୍ତରାୟ, କଣ୍ଟିଲୋ ପଞ୍ଚାୟତ ପିଇଓ ସସ୍ମିତାରାଣୀ ବେହେରା, ସି.ଥ୍ରୀ.ର ବ୍ଲକ ସଂଯୋଜକ ସୁଦୀପ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା ଏବଂ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଛାତ୍ରୀଛାତ୍ର ସେମାନଙ୍କ ଭବିଷ୍ୟତ କିପରି ଠିକ୍ ଭାବେ ଚୟନ କରିପାରିବେ ସେ ସମ୍ପର୍କରେ ବ୍ଲକ ସଂଯୋଜକ ସାହୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସାହୁ ପରିଚାଳନା କରିଥିଲେ। ବୈଠକରେ କଣ୍ଟିଲୋ ଅଞ୍ଚଳର ଅଙ୍ଗନୱାଡି କର୍ମଚାରୀ, ଆଶାକର୍ମୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀଶିକ୍ଷକ ଏବଂ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଶିଶୁ ସୁରକ୍ଷା, ଶିକ୍ଷା କ୍ଷେତ୍ରରେ ତୃଣମୂଳସ୍ତରରେ ପ୍ରଶାସନ ପକ୍ଷରୁ ସଚେତନତା ଓ ସମନ୍ୱୟ ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, ଯାହାକି ସ୍ଥାନୀୟ ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଆଲୋଚନାରୁ ଜଣାପଡିଛି। ସି.ଥ୍ରୀ. ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଶିଶୁମାନଙ୍କ ସୁରକ୍ଷା ଏବଂ ସମୃଦ୍ଧ ଭବିଷ୍ୟତ ନିଶ୍ଚିତ କରିବା ଦିଗରେ ଏକ ମାଇଲଖୁଣ୍ଟ ହେବ ବୋଲି ବୁଦ୍ଧିଜୀବୀ ମହଲରୁ ଆଶା କରାଯାଇଛି।

# ସାର୍ବଜନୀନ ଶିକ୍ଷଣ ଢାଞ୍ଚାକୁ ଗୁରୁତ୍ୱ

## ମଣ୍ଡଳସ୍ତରୀୟ ନିଷ୍ଠା ପ୍ରଶିକ୍ଷଣ ଶିବିର

ନୟାଗଡ଼,୨୧।୪(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ଇଟମାଟିସ୍ଥ ବାମନ ଅବକାଶ ସରକାରୀ ଉଚ୍ଚ ବିଦ୍ୟାଳୟରେ ନୟାଗଡ଼ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର ନିଷ୍ଠା ଅନୁଷ୍ଠିତ ହୋଇଯାଇଛି। ୫ ଦିନ ଧରି ଚାଲୁଥିବା ପ୍ରଶିକ୍ଷଣ ଶିବିରରେ ନୟାଗଡ଼ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୫୬ ଶିକ୍ଷକ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ। ଏବିଇଓ ଧନେଶ୍ୱର ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଳ ଶିକ୍ଷକ ଭାବେ ପବିତ୍ର ସ୍ୱାଇଁ, ବୀରେନ୍ଦ୍ର କୁମାର ସ୍ୱାଇଁ, ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ, ପ୍ରଣତୀ ମହାପାତ୍ର ଓ ଝିଲିମିଲି ସାହୁ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ସାର୍ବଜନୀନ ଶିକ୍ଷଣ ଢାଞ୍ଚାର ବ୍ୟବହାର କରି ଏକ ଅନ୍ତର୍ନିବେଶୀ ଶ୍ରେଣୀକକ୍ଷରେ ସମତାପୂର୍ଣ୍ଣ ଶିକ୍ଷଣ କାର୍ଯ୍ୟ ସମ୍ପାଦନା କରିବା, ଭିନ୍ନତା ମଧ୍ୟରେ ଏକତା ଶିକ୍ଷିକାଶିକ୍ଷକମାନେ ଅନୁଭବ କରିବା ସହ ଛାତ୍ରୀଛାତ୍ରଙ୍କୁ ସାଦରେ ସମ୍ମାନର ସହ ଗ୍ରହଣ କରିବା ଦିଗରେ ଆଲୋଚନା କରିଥିଲେ। ତତ୍‌ସହିତ ଭିନ୍ନକ୍ଷମ ବିଭାଗୀକରଣ, ପରୀକ୍ଷାବୋର୍ଡ ଦ୍ୱାରା ଗ୍ରହଣ କରାଯାଇଥିବା ଶିକ୍ଷା ବ୍ୟବସ୍ଥା, ପରୀକ୍ଷାଗାରର ବ୍ୟବହାର, ସାର୍ବଜନୀନ ଶିକ୍ଷଣ ଢ଼ାଞ୍ଚା ଭିତ୍ତିକ ପାଠ୍ୟ ଯୋଜନା, ଶାରୀରିକ ଶିକ୍ଷା, କ୍ରୀଡା ଓ ଯୋଗର ଆବଶ୍ୟକତା, ପାଠ୍ୟକ୍ରମରେ କଳାଶିକ୍ଷାର ସମନ୍ୱିତକରଣ ଆଦି ବିଭିନ୍ନ ବିଷୟ ଆଧାରରେ ପ୍ରଶିକ୍ଷଣ ଦିଆଯାଇଥିଲା। ଉଦ୍‌ଯାପନୀ ସମାରୋହରେ ଏବିଇଓ ସେଠୀଙ୍କ ସହ ବାମନ ଅବକାଶ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ମହାପାତ୍ର ଏବଂ ଶିକ୍ଷକ ଶରତ ଚନ୍ଦ୍ର ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମ ପୁସ୍ତକ ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଶିକ୍ଷଣ ଆଧାରିତ ବିଷୟକୁ ସରଳ ତଥା ସାବଲୀଳ କରିବା ପାଇଁ ବିଭିନ୍ନ ଶିକ୍ଷଣ ଉପକରଣ ବ୍ୟବହାର କରି ପ୍ରଶିକ୍ଷାର୍ଥୀ ଶିକ୍ଷକମାନେ କ୍ଷୁଦ୍ର ନାଟକ 'ମୁଁ କିଏ' ପରିବେଷଣ କରିଥିଲେ।



ଶିକ୍ଷକମାନଙ୍କ ପକ୍ଷରୁ କ୍ଷୁଦ୍ର ନାଟକ 'ମୁଁ କିଏ' ପରିବେଷଣ କରାଯାଉଛି।

# ୩,୯୬୬ କୋଟି ବାକି ରଖିଛନ୍ତି ଖଣି ଲିଜ୍‌ଧାରୀ

**ଓଏମ୍‌ବିଏଡିସି ପାଣ୍ଠି**

■ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେଲାନାହିଁ

**ଯାଜପୁର,୨୧।୪(ହର୍ଷବର୍ଦ୍ଧନ ବେହେରା)**

ଖଣିଜ ପଦାର୍ଥ ଲୁଟିଥିବା ୧୩୧ ଜଣ ଲିଜ୍‌ଧାରୀଙ୍କଠାରୁ କ୍ଷତିପୂରଣ ବାବଦକୁ ୧୯,୧୭୪ କୋଟି ଟଙ୍କା ଆଦାୟ କରିବାକୁ ସୁପ୍ରିମକୋର୍ଟ ୨୦୧୭ ଅଗଷ୍ଟ ୩୧ରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡିସେମ୍ବର ୨୦୧୭ ସୁଦ୍ଧା ୮୨ ଜଣ ଲିଜ୍‌ଧାରୀଙ୍କଠାରୁ ୮,୨୮୯.୮୭ କୋଟି ଟଙ୍କା ଆଦାୟ ହୋଇଥିଲା। ଏହାପରେ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଅନୁସାରେ ଖିଲାପକାରୀ ଖଣି ଲିଜଧାରୀଙ୍କଠାରୁ ଅନାଦେୟ ୧୦,୮୮୪.୫୧ କୋଟି ଟଙ୍କା ଆଦାୟ କରିବା ପାଇଁ ବାଧ୍ୟତାମୂଳକ ପଦକ୍ଷେପ ନେବାକୁ ଓଡ଼ିଶା ଇସ୍ପାତ ଓ ଖଣି ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଭାଗ ପକ୍ଷରୁ ଖିଲାପି ଲିଜଧାରୀଙ୍କ ବିରୋଧରେ ସାର୍ଟିଫିକେଟ ମାମଲା ରୁଜୁ ହୋଇଥିଲା। ଫଳସ୍ୱରୂପ ଜାନୁଆରୀ ୨୦୨୩ ସୁଦ୍ଧା ପୁଣି ସୁଧ ସହିତ ୭,୩୭୧.୧୨ କୋଟି ଟଙ୍କା ଆଦାୟ କରାଯାଇଛି। ତଥାପି ସୁପ୍ରିମକୋର୍ଟ ନିର୍ଦ୍ଦେଶର ୬ ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ବି ଖିଲାପକାରୀ ଖଣି ଲିଜଧାରୀଙ୍କ ପାଖରେ ସୁଧ ସହିତ ୩,୯୬୬.୩୪ କୋଟି ଟଙ୍କା ବାକି ପଡ଼ିଛି। ରାଜ୍ୟ ସରକାର ଏହି ବଳକା ଅର୍ଥ ଆଦାୟ କରିବାକୁ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଅସ୍ଥାବର ସମ୍ପତ୍ତି ଜବତ ଭଳି କୌଣସି ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରିନାହାନ୍ତି। ଭାରତର ମହାଲେଖା ନିୟନ୍ତ୍ରକ ଓ ପରୀକ୍ଷକ (ସିଏଜି) ରିପୋର୍ଟରେ ଏହା ଦର୍ଶାଯାଇଛି। ଏହି କ୍ରମରେ ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ମେସ୍କୋ ଷ୍ଟିଲ୍ ଦ୍ୱାରା ଖନନ ହୋଇଥିବା କୋଇଡ଼ା ଖଣିଠାରୁ ସୁଧ ସହ ପ୍ରାୟ ୭୦୦ କୋଟି ଟଙ୍କା ବାକି ପଡ଼ିଥିବା ଜଣାପଡ଼ିଛି। ଏହାପରେ ସରକାର ମେସ୍କୋଠାରୁ ଖଣି ଲିଜ୍ ବାତିଲ କରିଛନ୍ତି। ଯଦ୍ୱାରା କଳିଙ୍ଗନଗର ମେସ୍କୋ ଷ୍ଟିଲ୍ ଫେବୃଆରୀ ୨୦୨୦ରୁ ବନ୍ଦ ପଡିଥିବାରୁ ପ୍ରାୟ ୧୫୦୦ କର୍ମଚାରୀ ଓ ଶ୍ରମିକଙ୍କ ଜୀବିକା ଯାଇଛି। ଶ୍ରମିକ ଓ କର୍ମଚାରୀ ସଂଘ ପୁନଃ ଏହି କାରଖାନା ଚଳାଇବାକୁ ବିଭିନ୍ନ ଆନ୍ଦୋଳନ ମାଧ୍ୟମରେ ଦାବି କରିଆସୁଥିଲେ ବି କେହି ଶୁଣିବାକୁ ଚାହୁଁନାହାନ୍ତି ବୋଲି ମତପ୍ରକାଶ ପାଇଛି।

ଖଣିଜ ପଦାର୍ଥ ଲୁଟ୍ ବାବଦ ଜରିମାନା ଅର୍ଥରେ ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ (ଓଏମ୍‌ବିଏଡିସି) ଗଠିତ ହୋଇଛି। ଯାଜପୁର ଜିଲାର ଲିଜଧାରୀମାନେ ୨୦୧୭-୧୮ ବର୍ଷରେ ୭୯୬.୯୭ କୋଟି ଦାଖଲ କରିଛନ୍ତି। ଏଯାଏ ଅବଶିଷ୍ଟ ଅର୍ଥ ଦାଖଲ ହୋଇପାରିନାହିଁ। ଏଠାରେ ଯାଜପୁର ଜିଲାର ଖିଲାପି ମେସ୍କୋ ଷ୍ଟିଲ୍‌କୁ ଉଦାହରଣ ଭାବେ ନିଆଯାଇପାରେ। ମେସ୍କୋ ଷ୍ଟିଲର ଯୋଡ଼ା ଖଣି ମଣ୍ଡଳରେ ଥିବା ଏକ ଲୁହାପଥର ଖଣି ଉପରେ ଥିବା ୯୨୪.୭୫ କୋଟି ଟଙ୍କା ଜରିମାନା ଆଦାୟ କରିବାକୁ ସୁପ୍ରିମକୋର୍ଟ ପକ୍ଷରୁ ରାୟ ପ୍ରକାଶ ପାଇଥିଲା। ତେବେ ମେସ୍କୋ ଷ୍ଟିଲ ଉପରୋକ୍ତ ଜରିମାନା ପରିମାଣ ମଧ୍ୟରୁ ପ୍ରାୟ ୨୫୦ କୋଟି ଟଙ୍କା ଜମା କରିଥିବା ସୂଚନା ମିଳିଛି। ସରକାର ଜରିମାନା ଅର୍ଥ ଆଦାୟ କରିବାକୁ କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟରେ ମେସ୍କୋ ଷ୍ଟିଲ ବିରୋଧରେ ସାର୍ଟିଫିକେଟ ମାମଲା ରୁଜୁ କରିଛନ୍ତି। ଉକ୍ତ ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ରାଜ୍ୟ ସରକାର ମଧ୍ୟ ଗତ ପ୍ରାୟ ୮ ବର୍ଷ ହେବ ନୀରବ ରହିଛନ୍ତି, ଯଦ୍ୱାରା ରାଜ୍ୟ ସରକାର ରାଜସ୍ୱ ହରାଇବା ସହ ଖିଲାପି ଖଣି ଏବଂ ଶିଳ୍ପ କମ୍ପାନୀର ବିସ୍ଥାପିତ କର୍ମଚାରୀ ଓ ଶ୍ରମିକମାନେ ଚାକିରି ହରାଇ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଏହାବାଦ ଖଣି ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଆଦିବାସୀଙ୍କ ଜୀବନଧାରଣର ମାନରେ ଉନ୍ନତି ଆସିପାରୁନାହିଁ। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିବା ଜଣାପଡ଼ିଛି।

# ଜିଲାପାଳଙ୍କ ଆଶ୍ରମ ସ୍କୁଲ ପରିଦର୍ଶନ



ଜିଲାପାଳ ପିଲାମାନଙ୍କ ସହ ଆଲୋଚନା କରୁଛନ୍ତି।

■ ପିଲାମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଲେ

■ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ

**ଜେନାପୁର,୨୧।୪(ଅଶୋକ ଦାସ ):**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଞ୍ଜିରା ପଞ୍ଚାୟତ ଅଧୀନ ଅଞ୍ଜିରା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଆଶ୍ରମରେ ୨୩୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଆବଶ୍ୟକ ଗୃହ ସହିତ ବିଭିନ୍ନ ସମସ୍ୟା ଦୀର୍ଘ ବର୍ଷ ଧରି ଲାଗିରହିଛି । ଏହି ପରିପ୍ରେକ୍ଷୀରେ ସୋମବାର ଯାଜପୁର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଆଶ୍ରମ ସ୍କୁଲକୁ ଅଚାନକ .ପରିଦର୍ଶନ କରିଥିଲେ । ଏହି ଅବସରରେ ଜିଲାପାଳ ପ୍ରଧାନଶିକ୍ଷକଙ୍କୁ ସ୍କୁଲର ବିଭିନ୍ନ ସମସ୍ୟା ବିଷୟରେ ପଚାରି ବୁଝିବା ସହ ଛାତ୍ରୀଛାତ୍ର ରହୁଥିବା ପ୍ରକୋଷ୍ଠକୁ ଯାଇ ପିଲାଙ୍କୁ ପାଠପଢ଼ା, ଖେଳକୁଦ ସହ ସେମାନଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ । ଏଥି ସହିତ ଛାତ୍ରୀଛାତ୍ରଙ୍କ ପାଇଁ ପାନୀୟ ପାଣି, ଶୌଚାଳୟ, ଶ୍ରେଣୀଗୃହ ସୁବିଧା ଅଛି କି ନାହିଁ ପଚାରି ବୁଝିଥିଲେ। ବିଦ୍ୟାଳୟର ଯାହା ସମସ୍ୟା ଅଛି ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେରେ ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ପିଡି ଅଶୋକ ବେହୁରିଆ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ଡିଡବ୍ଲ୍ୟୁଓ ଶରତ ବେହେରା, ଡବ୍ଲ୍ୟୁଓ ସରସ୍ୱତୀ ସାହୁ, ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କର, ବ୍ଲକ ସହକାରୀ ଯନ୍ତ୍ରୀ ଲିଙ୍ଗରାଜ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଖରସ୍ରୋତା ନଦୀରେ ବୁଡ଼ି ନାବାଳକ ନିଖୋଜ

**ମାମୁ ଘରକୁ ବୁଲିବାକୁ ଆସିଥିବା ବେଳେ ଅଘଟଣ**

**ବିଞ୍ଝାରପୁର,୨୧।୪(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକ ଜରି ପଞ୍ଚାୟତ ନିକଟ ଖରସ୍ରୋତା ନଦୀରେ ବୁଡ଼ି ଜଣେ ନାବାଳକ ସୋମବାର ନିଖୋଜ ହୋଇଯାଇଛନ୍ତି । ଏହି ଘଟଣାକୁ ନେଇ ସେହି ଅଞ୍ଚଳରେ ଦୁଃଖର ଛାୟା ଖେଳି ଯାଇଛି । ନିଖୋଜ ନାବାଳକ ହେଲେ ବିଞ୍ଝାରପୁର ଥାନା କପିଳା ପଞ୍ଚାୟତ ରାଁସ-ଗୁହାଳୀ ଗାଁର ପ୍ରତାପ ମଲିକଙ୍କ ବଡ଼ ପୁଅ ପ୍ରସାଦ(୧୩)। ସେ ଜରୀସ୍ଥିତ ନିଜ ମାମୁ ଘରକୁ ଗତ ୨ଦିନ ତଳେ ବୁଲିବାକୁ ଆସିଥିଲେ । ସୋମବାର ୨ସାଙ୍ଗଙ୍କ ସହିତ ସେ ଖରସ୍ରୋତା ନଦୀକୁ ଗାଧୋଇବାକୁ ଯାଇଥିଲେ । ନଦୀରେ ଗୋଡ଼ ଖସିଯିବାରୁ ସେ ଗଭୀର ପାଣିକୁ ଚାଲିଯାଇଥିଲେ।ପ୍ରସାଦଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ସାଙ୍ଗମାନେ ଜଳସ୍ରୋତରେ ଭାସିଯାଇଥିଲେ। ଏହାଦେଖି ନଦୀରେ ଗାଧୋଉଥିବା ଲୋକମାନେ ୨ସାଙ୍ଗଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ପ୍ରସାଦଙ୍କ କୌଣସି ପତ୍ତା ମିଳି ନ ଥିଲା। ସ୍ଥାନୀୟ ଲୋକମାନେ ଅଗ୍ନିଶମ ବିଭାଗକୁ ଫୋନ କରି ଏ କଥା ଜଣାଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧ୍ୟାସୁଦ୍ଧା ପ୍ରସାଦଙ୍କୁ ଉଦ୍ଧାର କରାଯାଇପାରିନାହିଁ। ମଙ୍ଗଳବାର ସକାଳୁ ପୁଣି ଥରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବ ବୋଲି ଅଗ୍ନିଶମ ବାହିନୀ କହିଛନ୍ତି।

# କାଳବୈଶାଖୀରେ ଦାନଗଦି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି



କାଳବୈଶାଖୀ ଯୋଗୁ ଘରର ଆଜବେଷ୍ଟସ୍ ଉଡ଼ିଯାଇଛି।

**କଳିଙ୍ଗନଗର,୨୧।୪ (ଶୁଭାଶିଷ ରାଉତ):**

ରବିବାର କାଳ ବୈଶାଖୀ ପ୍ରଭାବରେ ପବନ ସହିତ ପ୍ରବଳ ବର୍ଷା ହୋଇଥିଲା। ଏଥିଯୋଗୁ ଦାନଗଦି ବ୍ଲକରେ ବହୁ କଚା ଘର ଭାଙ୍ଗିଯିବା ସହ ଗଛ ଉପୁଡି ପଡିଛି । ପନିପରିବା ଫସଲର ବ୍ୟାପକ କ୍ଷୟକ୍ଷତି ହୋଇଛି । ବିଦ୍ୟୁତ୍ ତାର ଛିଡ଼ିବା ସହିତ ଅନେକ ଗଛର ଡାଳ ଭାଙ୍ଗି ପଡିଛି । ସେହିପରି ଚିତ୍ରୀ ପଞ୍ଚାୟତର ଟୋଲକାନୀ ଗାଁର ଚାଷୀ ସୁଶାନ୍ତ ସେଠୀ (୪୯) ବହୁତ କଷ୍ଟ କରି ଖଣ୍ଡେ ଆଜବେଷ୍ଟ ଘର କରିଥିଲେ, ତାହା ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି । ପବନର ବେଗ ଏତେ ଜୋରରେ ଥିଲାଯେ ଘରର ଆଜେବେଷ୍ଟଗୁଡିକ ଉଡାଇଆଣି ବାହାରେ ଫୋପାଡ଼ି ଦେଇଥିଲା । ଏହି ପବନରେ ଘରର କାନ୍ଥରୁ ପଥର ମଧ୍ୟ ଖସି ପଡିଛି। ଜୋରରେ ପବନ ବହିବା ଦେଖି ପରିବାର ଲୋକମାନେ ଘର ଭିତରୁ ବାହାରକୁ ପଳାଇ ଆସିଥିବାରୁ କାହାର କୌଣସି କ୍ଷତି ହୋଇନାହିଁ। ବର୍ଷାରେ ଘର ଭିତରେ ଥିବା ଆସବାବପତ୍ର, ଧାନ, ଚାଉଳ ଓଦା ହୋଇ ନଷ୍ଟ ହୋଇ ଯାଇଛି। ଘର ଭାଙ୍ଗି ଯିବାରୁ ସୁଶାନ୍ତ ଦୁଃଖରେ ଭାଙ୍ଗି ପଡିଛନ୍ତି।। ପ୍ରଶାସନ ତାଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି ।

# ଚୋରା ମୂର୍ତ୍ତି ପଥର ବୋଝେଇ ଟ୍ରାକ୍ଟର ଜବତ



**ବାଲିଚନ୍ଦ୍ରପୁର,୨୧।୪(ଗିରିଜା ପ୍ରସାଦ ସାହୁ):**

ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଚଣ୍ଡିଆ ପାହାଡ଼ରୁ ପ୍ରତ୍ୟେହ ଲକ୍ଷାଧିକ ଟଙ୍କା ମୂଲ୍ୟର ଚୋରା ମୂର୍ତ୍ତିପଥର ଚାଲାଣ ହେଉଛି । ଏଥିଯୋଗୁ ସରକାରଙ୍କ ରାଜସ୍ୱ ହାନି ଘଟୁଛି। ଏ ନେଇ ବାରମ୍ବାର ଅଭିଯୋଗ କରାଯିବା ପରେ ବି ତହସିଲ ଓ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇବା ପରେ ପୋଲିସ ପାଟ୍ରୋଲିଂ ସମୟରେ ଏକ ନମ୍ବର ବିହିନ ଟ୍ରାକ୍ଟରରେ ଚୋରା ମୂର୍ତ୍ତି ପଥର ନିଆଯାଉଥିବ ବେଳେ ଧରାପଡିଥିଲା। ପୋଲିସ ପଥର ବୋଝେଇ ସେହି ଟ୍ରାକ୍ଟରକୁ ଜବତ କରିଛି । ଚଣ୍ଡିଆ ପାହାଡ଼ରୁ ନିୟମିତ ଚୋରା ମୂର୍ତ୍ତି ପଥର ଚାଲାଣ ହେବା ଦ୍ୱାରା ପାହାଡ଼ରେ ରହୁଥିବା ବନ୍ୟଜନ୍ତୁମାନେ ପଦାକୁ ଆସୁଛନ୍ତି । ପଥରର ଖନନ ଦ୍ୱାରା ସ୍ଥାନୀୟ ଲୋକମାନେ ପ୍ରଦୂଷଣ ଜନିତ ସମସ୍ୟାରେ କଷ୍ଟ ପାଉଛନ୍ତି ବୋଲି ଅଭିଯୋଗ ହୋଇଛି ।



@ ବାବୁ



@ ଗାୟତ୍ରୀ



@ ଜୟନ୍ତ



@ କୁମାର

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଜଣା ଯୁବକଙ୍କ ମୃତଦେହ ଜବତ

**କଳିଙ୍ଗନଗର,୨୧।୪(ଶୁଭାଶିଷ ରାଉତ):** ସୋମବାର ଅପରାହ୍ନରେ ଦାନଗଦି ପୋଲିସ ବଗେଇ ଶିବ ମନ୍ଦିର ଦକ୍ଷିଣ ପାର୍ଶ୍ୱରେ ରେଳ ଧାରଣା କଡ଼ରେ ଥିବା ପାଟ ମଝିରେ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି । ମୃତକଙ୍କ ରଙ୍ଗ କଳା । ବୟସ ପ୍ରାୟ ୪୫ ବର୍ଷ ହେବ । ସେ ଲୁଙ୍ଗି ପିନ୍ଧିଛନ୍ତି ବୋଲି ପୋଲିସ କହିଛି। ମୃତଦେହ ପଡ଼ିଥିବା ସ୍ଥାନ ଦାନଗଦି ବ୍ଲକ ଯାଜପୁର ରୋଡ଼ ଥାନା ଅନ୍ତର୍ଗତ ରାଛିପୁର ପଞ୍ଚାୟତର ସୋଲଗାଡ଼ିଆ । ମୃତକଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ମୃତଦେହ ଜବତ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି।

# ଡକାୟତି ଯୋଜନା ବେଳେ ୪ ଡକାୟତ ଗିରଫ



ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

■ ୧ଲକ୍ଷ ଟଙ୍କା, ନକଲି ସୁନା ଜବତ

■ ବିଭିନ୍ନ ଥାନାରେ ରହିଛି ମାମଲା

**ବାଲିଚନ୍ଦ୍ରପୁର,୨୧।୪(ଗିରିଜା ପ୍ରସାଦ ସାହୁ):**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ପୋଲିସ ୪ ଡକାୟତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଯାଜପୁର ଥାନା କପାସି ଗ୍ରାମର ଟୁଲୁ ଦାସ (୪୦), ଅକରପଡ଼ା ଗ୍ରାମର ପ୍ରମୋଦ ଦାସ (୩୬), ସେହି ଗ୍ରାମର ଅଭିମନ୍ୟୁ ଦାସ (୩୦) ଓ ଭଦ୍ରକ ଜିଲା ଧାମନଗର ଥାନା ନୁଆପଡ଼ା ଗ୍ରାମର ଉମେଶ ଦାସ (୨୧)। ସମ୍ପୃକ୍ତ ଯୁବକମାନେ ପେସାଦାର ଅପରାଧି ବୋଲି ପୋଲିସ କହିଛି । ସେମାନଙ୍କଠାରୁ ୩ ଶହ ଗ୍ରାମ ନକଲି ସୁନା, ୧ ଲକ୍ଷ ଟଙ୍କା, ୩ଟି ମୋବାଇଲ, ୨ ଗ୍ରାମ ଅସଲି ସୁନା ଗହଣା ଜବତ କରାଯାଇଛି ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ବରଦା ଗ୍ରାମର ସୌମ୍ୟକାନ୍ତ ଦଳାଇ କଟିକଟାଠାରେ ପିଏସ୍‌କେ କମ୍ପାନୀରେ ସୁପରଭାଇଜର ରୂପେ କାମ କରନ୍ତି। କଟିକଟା ଛକ ମାଣ୍ଡୁକା ଓଭରବ୍ରିଜ ନିକଟରେ ୪ ଯୁବକ ଗୋଟିଏ ନିଛାଟିଆ ସ୍ଥାନରେ ବସି ଆଲୋଚନା କରୁଥିବା ଦେଖି ବାଲିଚନ୍ଦ୍ରପୁର ପୋଲିସକୁ ସୂଚନା ଦେଇଥିଲେ। ବାଲିଚନ୍ଦ୍ରପୁର ଥାନାର ଭାରପ୍ରାପ୍ତ ଅଧିକାରୀ ସମରଜିତ୍ ନାୟକ ସଦଳବଳେ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲେ । ଏ ନେଇ ପୋଲିସ ଏକ ମାମଲା (ନଂ.୧୧୦/୨୫) ରୁଜୁ କରି କୋର୍ଟ ଚାଲାଣ କରିଛି। ସେହି ଯୁବକମାନେ ମନ୍ଦିର ଲୁଟ କରିବା ସହ ରାହାଜାନିରେ ସମ୍ପୃକ୍ତ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଏମାନଙ୍କ ନାମରେ ଯାଜପୁର, ଅଳକୁଣ୍ଡ, ବିଞ୍ଝାରପୁର ଆଦି ବିଭିନ୍ନ ଥାନାରେ ଅପରାଧିଙ୍କ ମାମଲା ରହିଚି । ତଦନ୍ତ ଜାରି ରହିଛି । ଏମାନଙ୍କ ସହିତ ସମ୍ପୃକ୍ତ ଅନ୍ୟ ଅପରାଧିମାନଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ସମରଜିତ୍ ନାୟକ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି । ଏଥିସହିତ ଲୋକମାନେ ସଚେତନ ହେବା ଓ ଅଜଣା ଲୋକଙ୍କଠାରୁ ସୁନାଗହଣା ନ କିଣିବା ସହିତ ଅଳଙ୍କାର ସଫା କରିବାକୁ ନ ଦେବାକୁ ପରାମର୍ଶ ଦେଇଛନ୍ତି ।

# ୫ମ ଦିନରେ ଲୋଡିଂ ଶ୍ରମିକଙ୍କ ଧାରଣା

**୭ ପଞ୍ଚାୟତର ଶତାଧିକ ଗ୍ରାମବାସୀ ଧାରଣାରେ ସାମିଲ**



ଶ୍ରମିକମାନଙ୍କୁ ସମର୍ଥନ କରି ଧାରଣାରେ ସାମିଲ ହୋଇଥିବା ଗ୍ରାମବାସୀ ।

**କାଳିଆପାଣି,୨୧।୪(ଅସିତ ମହାନ୍ତ):**

ଇମ୍ଫା ଖଣିର ଲୋଡିଂ ଶ୍ରମିକଙ୍କ ଧାରଣା ସୋମବାର ୫ମ ଦିନରେ ପହଞ୍ଚିଛି। ଏହି ଧାରଣାରେ ୭ ପଞ୍ଚାୟତର ଅଧିବାସୀମାନେ ସାମିଲ ହୋଇଛନ୍ତି। ୪ଦିନ ଧରି ଲୋଡିଂ ଶ୍ରମିକମାନେ ଧାରଣାରେ ବସିଥିଲେ । ହେଲେ କମ୍ପାନୀ ପକ୍ଷରୁ କୌଣସି ସମାଧାନ ସୂତ୍ର ବାହାର କରାଯାଉ ନ ଥିବାରୁ ସୋମବାର ଶତାଧିକ ମହିଳା ପୁରୁଷ ଧାରଣାରେ ସାମିଲ ହୋଇଛନ୍ତି । ସକାଳୁ ଖଣି ଫାଟକ ବନ୍ଦ ରହିଥିବା ବେଳେ ୮ଟା ସମୟରେ ବିଭିନ୍ନ ଗ୍ରାମରୁ ଶତାଧିକ ମହିଳା,ପୁରୁଷ ଏକତ୍ରିତ ହୋଇ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ । କମ୍ପାନୀ ଶ୍ରମିକମାନଙ୍କ ବିରୋଧରେ ମାରଣା ନୀତି ପରିତ୍ୟାଗ କରି ଭଲରେ ବଞ୍ଚିବା ପାଇଁ ସହଯୋଗ କରିବାକୁ ଧାରଣାରେ ଯୋଗ ଦେଇଥିବା ଲୋକ ପ୍ରତିନିଧିମାନେ ବକ୍ତବ୍ୟରେ କହିଥିଲେ। କାଳିଆପାଣି, କଂସ , ଚିଙ୍ଗୁଡ଼ିପାଳ , ରାଂସୋଳ , କାଙ୍କଡପାଳ , କୁହିକା , ଦୁଧୁଜୁରି ପଞ୍ଚାୟତରୁ ଶତାଧିକ ଗ୍ରାମବାସୀ ଧାରଣାରେ ସାମିଲ ହୋଇ ଚେତାବନୀ ଦେଇଥିଲେ, କମ୍ପାନୀ ନିଜ ଜିଦ୍‌ରେ ଅଟଳ ରହିଲେ ଆଗାମୀ ଦିନରେ କମ୍ପାନୀ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଅସହଯୋଗ କରାଯିବ। ଧାରଣାରେ ସଂଘ ସାଧାରଣ ସମ୍ପାଦକ ଅମଳେନ୍ଦୁ ବେହୁରା , ପୁଷ୍ପକ ମହାପାତ୍ର ,ଖଣି ଅଞ୍ଚଳ ମଣ୍ଡଳ ସଭାପତି ମନୋଜ ନାୟକ , ବରିଷ୍ଠ ଭାଜପା ନେତା ବେଣୁଧର ମହାନ୍ତ , ମନୋଜ ମହାନ୍ତ , ସତ୍ୟଜିତ ଦାସ , ବେଣୁଧର ମହାକୁଡ , ବିଦ୍ୟାଧର ପାତ୍ର ସମେତ ଶାଖା ସଭାପତି ,ସମ୍ପାଦକ ଓ ସଦସ୍ୟମାନେ ସାମିଲ ହୋଇଥିଲେ ।

**ଗୀତା ଦାସଙ୍କୁ ଦୂର୍ବାଦଳ ମେହେର ସ୍ମୃତି ସମ୍ମାନ**

କୁଜଙ୍ଗ,(ମନୋଜ ପ୍ରଧାନ): ଭୁବନେଶ୍ୱର ଜୟଦେବ ଭବନଠାରେ ଅନୁଷ୍ଠିତ ଓଡ଼ିଶା ଲେଖିକା ସଂସଦର ୩୨ ତମ ବାର୍ଷିକ ଉତ୍ସବ ଓ କବିତା ସମାରୋହରେ କୁଜଙ୍ଗର ଜଣାଶୁଣା ସାରସ୍ୱତସାଧିକା ଗୀତା ଦାସଙ୍କୁ ଦୂର୍ବାଦଳ ମେହେର ସମ୍ମାନରେ ସମ୍ମାନିତ କରାଯାଇଛି । ଉକ୍ତ ସମାରୋହରେ ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଗୀତାଙ୍କୁ ପଦକ ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଏହି ରାଜ୍ୟସ୍ତରୀୟ ସମ୍ମାନରେ ସମ୍ମାନିତ ହୋଇଥିବାରୁ ଗୀତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ, ସୁରେଶ ପ୍ରଧାନ, ବିଜୟ ଖଟାଇ, ଶ୍ରମିକ ନେତା ନିର୍ଭୟ ସାମନ୍ତରାୟ, ମନୋରଞ୍ଜନ ପଟ୍ଟନାୟକ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ସଂକ୍ଷେପରେ

### ମାରଣାସ୍ତ୍ର ଧରି ଯୁବକଙ୍କ ଉନ୍ମତ୍ତକାଣ୍ଡ

**୨ ଘଣ୍ଟା ରାଜରାସ୍ତା ଅବରୋଧ**

କୁଜଙ୍ଗ,୨୧।୪(ମନୋଜ ପ୍ରଧାନ)

ସୋମବାର ଅପରାହ୍ନ ୪ ଘଟିକାରେ କୁଜଙ୍ଗ ବଜାରସ୍ଥିତ ଜୟ ଗୁରୁ ମନ୍ଦିର ସମ୍ମୁଖ କଟକ-ପାରାଦୀପ ରାଜ୍ୟ ରାଜପଥରେ ସୋମବାର ପ୍ରାୟ ୪ଟା ବେଳେ ଜଣେ ଯୁବକ ହାତରେ ମାରଣାସ୍ତ୍ର ଧରି ଲୋକଙ୍କୁ ଭୟଭୀତ କରାଇଥିଲେ। ଫଳରେ ଯାତାୟାତ ଠପ୍ ହୋଇଯାଇଥିଲା। ସେ ନିଶାସକ୍ତ ଥିବା କୁହାଯାଉଛି। ସମ୍ପୃକ୍ତ ଯୁବକ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡ଼ିଛି। ଖବର ପାଇ କୁଜଙ୍ଗ ପୋଲିସ ପହଞ୍ଚି ତାଙ୍କୁ କାବୁ କରିବାକୁ ଯାଇ ନାକେଦମ ହେବାକୁ ପଡ଼ିଥିଲା। ତାଙ୍କୁ ଧରିବା ସମୟରେ ଅରୁଣ ପୋଲିସର ବାଡ଼ିଧରି ଫେରାର ହୋଇ ଯାଉଥିବାବେଳେ ସାଧାରଣ ଲୋକଙ୍କ ସହାୟତାରେ ଧରାପଡ଼ିଥିଲେ। ଥାନାଠାରୁ ମାତ୍ର ୨୦୦ ମିଟର ଦୂରରେ ଏହି ଘଟଣା ଘଟିଥିଲା। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ରଶ୍ମି ରଞ୍ଜନ ସାହୁ କହିଛନ୍ତି, ଘର ପଛପଟରେ ଥିବା ଜମିକୁ ନେଇ ଗଣ୍ଡଗୋଳ ହେବାରୁ ସମ୍ପୃକ୍ତ ଯୁବକ ଏପରି କାଣ୍ଡ କରିଥିବା କହିଛନ୍ତି। ତେବେ ଏନେଇ ଅଧିକ ତଦନ୍ତ ଜାରି ରହିଛି।

# ଚିକିତ୍ସାରେ ଅବହେଳାରୁ ଗର୍ଭବତୀଙ୍କ ମୃତ୍ୟୁ ଅଭିଯୋଗ

## ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା

ଜଗତ୍‌ସିଂହପୁର, ୨୧।୪ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ଜଣେ ଗର୍ଭବତୀଙ୍କ ମୃତ୍ୟୁକୁ ନେଇ ଅଭାବନୀୟ ଘଟଣା ଘଟିଛି। ମୃତା ମହିଳା ହେଲେ ପାରାଦୀପ ଲକ୍ ଥାନା ଅନ୍ତର୍ଗତ ପାରାଦୀପଗଡ଼ର ଦୀପକ ତରେଇଙ୍କ ସ୍ତ୍ରୀ ରଶ୍ମିତା ନାଥ। ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ମୃତ୍ୟୁ ହୋଇଥିବା ଅଭିଯୋଗ କରି ନ୍ୟାୟ ଦାବିରେ ମୃତାଙ୍କ ପରିବାର ଲୋକେ ଦୀର୍ଘ ସମୟ ଧରି ଚିକିତ୍ସାଳୟରେ ମୃତଦେହ ରଖି ବସି ରହିଥିଲେ। ଏଥିଯୋଗୁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଶେଷରେ ପୋଲିସ ହସ୍ତକ୍ଷେପ କରି ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହାପରେ ସେମାନେ ପାରାଦୀପ ଫେରିଛନ୍ତି।

ଏ ସମ୍ପର୍କରେ ମୃତାଙ୍କ ସ୍ୱାମୀ ଦୀପକଙ୍କ ଅଭିଯୋଗ ଅନୁଯାୟୀ, ରଶ୍ମିତା ପ୍ରାୟ ସାଢ଼େ ୪ ମାସ ହେବ ଗର୍ଭବତୀ ଥିଲେ। ରବିବାର ରାତି ପ୍ରାୟ ୧୨ଟା ବେଳେ ତାଙ୍କ ପେଟରେ ସମସ୍ୟା ଦେଖାଦେଇଥିଲା। କିଛି ସମୟ ପରେ ଶିଶୁପୁତ୍ରଟି ଜନ୍ମ ହୋଇଥିଲା। କିନ୍ତୁ ରଶ୍ମିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିଲା। ଯେଉଁ କାରଣରୁ ପରିବାର ଲୋକେ ସଙ୍ଗେ ସଙ୍ଗେ ମା' ଓ ଛୁଆକୁ ନିକଟସ୍ଥ ଅଠରବାଙ୍କୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ତୁରନ୍ତ ଜଗତ୍‌ସିଂହପୁର ସ୍ଥାନାନ୍ତର କରିଦେଇଥିଲେ। ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଲାବେଳକୁ ସକାଳ ପ୍ରାୟ ୬ଟା ହୋଇ ଯାଇଥିଲା। ପ୍ରସୂତି ୱାର୍ଡର ଲେବର ରୁମ୍‌ରେ ଡାକ୍ତର ସେମାନଙ୍କ ପରୀକ୍ଷା କରିଥିଲେ। ସେତେବେଳ ପର୍ଯ୍ୟନ୍ତ ରଶ୍ମିତାଙ୍କ ଚେତା ଥାଏ। ପିଲାଟି ଜନ୍ମ ହୋଇ ସାରିଥିଲେ ସୁଦ୍ଧା ମହିଳାଙ୍କ ପେଟରେ ନାହି ଲାଗି ରହିଥିବାରୁ ସମସ୍ୟା ହୋଇଥିଲା। ତେବେ ପାରାଦୀପରୁ ଜଗତ୍‌ସିଂହପୁର ଯିବା ଭିତରେ ଶିଶୁପୁତ୍ରର ମୃତ୍ୟୁ ହୋଇଯାଇଥିଲା। ହେଲେ ଡାକ୍ତରଖାନାରେ ଡାକ୍ତର ଓ ଅନ୍ୟମାନେ ଚିକିତ୍ସାରେ ଅବହେଳା କରିବାରୁ ରଶ୍ମିତାଙ୍କ ମୃତ୍ୟୁ ହୋଇଥିବା ନେଇ ତାଙ୍କ ସ୍ୱାମୀ ଅଭିଯୋଗରେ କହିଛନ୍ତି। ମୃତ୍ୟୁ ପରେ ରେଫର ପାଇଁ ମସୁଧା ହୋଇଥିଲା। ମୋବାଇଲରେ ଭିଡିଓ କଲାବେଳେ ଡାକ୍ତର, ନର୍ସ ଆଦି ତାଙ୍କୁ ଧକ୍କା ମାରିବା ସହ ଗାଳିଗୁଲଜ କରିଥିଲେ। କେତେଜଣ ପୋଲିସ କର୍ମଚାରୀ ମଧ୍ୟ ଦୁର୍ବ୍ୟବହାର କରିଥିଲେ। ତେବେ ଆଇଆଇସି ପହଞ୍ଚି ବୁଝାଶୁଝା କରିବା ସହ ମାମଲା ରୁଜୁ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଇନ ଉପରେ ଭରସା କରି ମୃତଦେହ ବ୍ୟବଚ୍ଛେଦ କରାଇଥିଲେ ବୋଲି ଦୀପକ କହିଛନ୍ତି। ଏ ସମ୍ପର୍କରେ ଚିକିତ୍ସାଳୟର ଏଡିଏମ୍‌ଓ (ମେଡିକାଲ) ସରୋଜ ଜେନାଙ୍କୁ ପଚାରିବାରୁ ମହିଳା ଜଣକ ୧୬ରୁ ୨୦ ସପ୍ତାହ ହେବ ଗର୍ଭବତୀ ଥିଲେ। ଗତକାଲି ରାତିରେ ବ୍ଲିଡିଂ ଯୋଗୁ ରକ୍ତସ୍ରାବ ହୋଇଥିଲା। ଏହା ଦେଖି ପାରାଦୀପ ଡାକ୍ତରଖାନାର ଡାକ୍ତର ଜଗତ୍‌ସିଂହପୁର ରେଫର କରି ଦେଇଥିଲେ, କିନ୍ତୁ ମହିଳାଙ୍କ ଅବସ୍ଥା ଭଲ ନ ଥିଲା। ଗର୍ଭପାତ ପରେ ଫୁଲ ପଡ଼ି ନ ଥିବାରୁ ଏଭଳି ଅବସ୍ଥା ହୋଇଥିଲା। ଡାକ୍ତର ତୁରନ୍ତ ଏହାକୁ କାଢ଼ି ଦେଇଥିଲେ। କିନ୍ତୁ ମହିଳାଙ୍କ ଶରୀରରେ ରକ୍ତ ପରିମାଣ କମ୍ ଥିବାରୁ ଯଥାସମ୍ଭବ ଚେଷ୍ଟା ସତ୍ତ୍ୱେ ବଞ୍ଚାଯିବା ସମ୍ଭବ ହୋଇ ନ ଥିଲା। ଡାକ୍ତରଙ୍କ ପାଖରେ ବହୁତ କମ୍ ସମୟ ଥିଲା ବୋଲି ଏଡିଏମ୍‌ଓ କହିଛନ୍ତି।


ଚିକିତ୍ସାଳୟ ଆଗରେ ମୃତଦେହ ରଖି ପରିବାର ଲୋକେ ପ୍ରତିବାଦ କରୁଛନ୍ତି।

# ଯୁଗ୍ମ ଜନଶୁଣାଣି ଶିବିର: ୬୩ ଅଭିଯୋଗ ପଞ୍ଜୀକୃତ

ଜଗତ୍‌ସିଂହପୁର, ୨୧।୪ (ପ୍ରମୋଦ ନାୟକ)

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍ଭାବନା ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଏହି ଅବସରରେ ମୋଟ ୬୩ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୫୨, ଗୋଷ୍ଠୀଗତ ଅବା ଗ୍ରାମ ସମସ୍ୟା ସମ୍ପର୍କିତ ୧୧ଟି ଅଭିଯୋଗ ଥିଲା। ବ୍ୟକ୍ତିଗତ ସମସ୍ୟା ମଧ୍ୟରୁ ରାଶନ କାର୍ଡ ସମ୍ପର୍କିତ ୮, ଆବାସ ଯୋଜନା ୧, ଜମିଜମା ସମସ୍ୟା ୧୨, ଭତ୍ତା ପାଇଁ ୧ , ପୋଲିସ ସହାୟତା ପାଇଁ ୭ ଏବଂ ଅନ୍ୟାନ୍ୟ ୨୨ଟି ଅଭିଯୋଗର ଶୁଣାଣି ହୋଇଥିଲା। ଗୋଟିଏ ଅଭିଯୋଗର ତତ୍କାଳ ଫଇସଲା ହୋଇଥିଲା। ଏହି ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା, ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ ରବିନାରାୟଣ ଜେଠୀ, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ବିଡିଓ ଆଶୁତୋଷ ମିଶ୍ର, ତହସିଲଦାର ତାରିଣୀ ରଞ୍ଜନ ରାୟଙ୍କ ସମେତ ଜିଲାସ୍ତରୀୟ, କ୍ଷେତ୍ରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି ଅଭିଯୋଗରେ ଗଣଧାରଣା


ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିବା ଗ୍ରାମବାସୀ।

ରଘୁନାଥପୁର,୨୧।୪(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଧରାଧରପୁର ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରି ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ଧାରଣାରେ ନିଶିକାନ୍ତ ନାୟକ, ଜ୍ୟୋତିର୍ମୟୀ ଜେନା, ପ୍ରିୟରଞ୍ଜନ ସାହାଣୀ, ଅରୁଣ ଜେନା, ଲକ୍ଷ୍ମଣ ବାରିକ, ଜଗନ୍ନାଥ ପ୍ରାସାଦ ସ୍ୱାଇଁ, ସୁକାନ୍ତ ଜେନା, ମୋହନ ମଲ୍ଲିକ, ରାଜେଶ ସ୍ୱାଇଁ, ଜଗନ୍ନାଥ ପ୍ରସାଦ ସ୍ୱାଇଁ ଓ କୃତ୍ତିବାସ ଜେନା ପ୍ରମୁଖ ସାମିଲ ହୋଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପଞ୍ଚାୟତର ଆଲୋକ ସାହାଣୀଙ୍କ ଘରଠାରୁ କୁତାମଚଣ୍ଡି ମନ୍ଦିର ପର୍ଯ୍ୟନ୍ତ ଏକ ଡ୍ରେନ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ନିର୍ମାଣ ହେବା ପାଇଁ କାର୍ଯ୍ୟାଦେଶ ମିଳିଥିଲା। ମାତ୍ର ଉକ୍ତ ଡ୍ରେନ କାର୍ଯ୍ୟ କରା ନ ଯାଇ ବିଭିନ୍ନ ସମୟରେ ମଷ୍ଟରରୋଲ ମାଧ୍ୟମରେ ୧ ଲକ୍ଷ ୩୭ ହଜାର ୪୧୪ ଟଙ୍କା ଉଠାଯାଇଥିଲା। ଏ ସମ୍ପର୍କରେ ଜିଲାପାଳଙ୍କ ଜନଶୁଣାଣି ଓ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଇତିମଧ୍ୟରେ ୧୫ ଦିନ ବିତିଯାଇଥିଲେ ସୁଦ୍ଧା ଉକ୍ତ ଅଭିଯୋଗକୁ ଅଣଦେଖା କରାଯିବା ଏବଂ କୌଣସି ସୁଫଳ ନ ମିଳିବାରୁ ବାଧ ହୋଇ ଧାରଣା ଦେଇଛନ୍ତି ବୋଲି ଯୁଗଳ କିଶୋର ମଲ୍ଲିକ କହିଛନ୍ତି। ବିଡିଓ ବିରଞ୍ଚି ନାରାୟଣ ବେହେରା ଏନେଇ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ନେଇ ପ୍ରଥମେ କାର୍ଯ୍ୟସ୍ଥଳକୁ ଯାଇ ଅନୁଧ୍ୟାନ କରିଥିଲେ। ସେଠାରୁ ଫେରି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ୨୫ ଏପ୍ରିଲ ସୁଦ୍ଧା ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ସୂଚନା ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏଥିରେ ବ୍ୟତିକ୍ରମ ହେଲେ ଏପ୍ରିଲ ୨୬ରୁ ପୁନର୍ବାର ଧାରଣା ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ସତର୍କତା ପାଇଁ ସାମୂହିକ ସଚେତନତା ଜରୁରୀ

## ଅଗ୍ନିଶମ ସପ୍ତାହ କାର୍ଯ୍ୟକ୍ରମ ଉଦ୍‌ଯାପିତ

ପାରାଦୀପ,୨୧।୪(ଶରତ ରାଉତ)

ପାରାଦୀପ ବନ୍ଦର ସିଆଇଏସ୍‌ଏଫ୍ ପକ୍ଷରୁ ଏପ୍ରିଲ ୧୪ରୁ ଚାଲିଥିବା ଅଗ୍ନିଶମ ସପ୍ତାହ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ବନ୍ଦର ୪ନଂ. ଗେଟ ନିକଟରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଯୋଗ ଦେଇଥିଲେ। ଏହି ଅବସରରେ ସେ କହିଥିଲେ, ଅଗ୍ନିକଙ୍କ ସୁରକ୍ଷା ସମସ୍ତଙ୍କ ପାଇଁ ଜରୁରୀ। ଯେକୌଣସି ବିପଦ ସମୟରେ କେବଳ ଅଗ୍ନିଶମ ବିଭାଗ ଗାଡିକୁ ଅପେକ୍ଷା କରିବା ଅପେକ୍ଷା ନିଜେ କିପରି ସତର୍କତା ଅବଲମ୍ବନ କରିବେ ତାହା ସମସ୍ତେ ଜାଣିବା ଆବଶ୍ୟକ। ଏଥିପାଇଁ ସାମୂହିକ ସଚେତନତା ଜରୁରୀ ବୋଲି ଦାସଗୁପ୍ତା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆଇଏସ୍‌ଏଫ କମାଣ୍ଡାଣ୍ଟ ସନତ କୁମାର ପଟେଲ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସପ୍ତାହବ୍ୟାପୀ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।


ଅତିଥି ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

# ଇଟାଭାଟି ଭାଙ୍ଗିବାରେ ପ୍ରଶାସନ ବିଫଳ: ଗ୍ରାମବାସୀଙ୍କ ଧାରଣା

କୁଜଙ୍ଗ,୨୧।୪(ମନୋଜ ପ୍ରଧାନ)

କୁଜଙ୍ଗ ତହସିଲ ଦୁଆଡିଆ ବାଲିସାହି ଗ୍ରାମର ମଧ୍ୟଭାଗରେ ଥିବା ଇଟାଭାଟି ଭାଙ୍ଗିବାରେ ପ୍ରଶାସନ ବିଫଳ ହେବାରୁ ଗ୍ରାମର କେତେଜଣ ଲୋକ ତହସିଲ କାର୍ଯ୍ୟାଳୟରେ ଧାରଣା ଦେଇଥିଲେ। କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ବାଲିସାହି ଗ୍ରାମର ଜଣେ ବ୍ୟକ୍ତି ଏହି ଇଟା ଭାଟି କରିଥିଲେ। ଉକ୍ତ ଭାଟିରେ ଇଟା ପୋଡ଼ି ଯୋଗୁ ଗାଁଲୋକେ ଅତିଷ୍ଠ ହୋଇ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ତହସିଲଦାର ପୋଲିସ ସହାୟତାରେ ଇଟାଭାଟି ଭାଙ୍ଗିବା ପାଇଁ ପଦକ୍ଷେପ ନେଇଥିଲେ। ଅତିରିକ୍ତ ତହସିଲଦାର ଓ ପୋଲିସ ସୋମବାର ଘଟଣାସ୍ଥଳକୁ ଭାଙ୍ଗିବାକୁ ଯାଇଥିଲେ। ମାତ୍ର ଇଟାଭାଟି କରଥିବା ବ୍ୟକ୍ତିଙ୍କ ପରିବାର ସଦସ୍ୟ ଏହାକୁ ବିରୋଧ କରିଥିଲେ। ସେମାନେ ପ୍ରଶାସନର ପଥ ଅବରୋଧ କରିବାରୁ ଅଧିକାରୀମାନେ ଇଟା ଭାଟି ଭାଙ୍ଗି ନ ପାରି ଫେରିଆସିଥିଲେ। ଏନେଇ ଗ୍ରାମର ସ୍ୱର୍ଣ୍ଣପ୍ରଭା ବେହେରା, କାବେରୀ ପରିଡ଼ା, ସସ୍ମିତା ବେହେରା, ରଶ୍ମିତା ତରାଇ, ଅନିତା ପରିଡ଼ା, ବାବାଜୀ ପରିଡା, ଭଗବାନ ପରିଡ଼ା, ବଳରାମ ବେହେରା, ଚନ୍ଦନ ରାଉତ, ନିଲୁ ସାମଲ, ବାପିନା ବେହେରା, ଶିଶିର ବେହେରା ଓ ବାବୁ ମାଝୀ ପ୍ରମୁଖ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଇଟା ଭାଟି ଭାଙ୍ଗିବା ଦାବିରେ ଧାରଣା ଦେଇଥିଲେ। ଏନେଇ ତହସିଲଦାର ସ୍ୱରୁପ ନନ୍ଦନ ବେହେରାଙ୍କ ଲିଖିତ ଅଭିଯୋଗକ୍ରମେ କୁଜଙ୍ଗ ପୋଲିସ ଇଟାଭାଟି ମାଲିକଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଛି। ଏଥିସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ଗ୍ରାମବାସୀ ଫେରିଥିବା ଜଣାପଡ଼ିଛି।


ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେଉଥିବା ଗ୍ରାମବାସୀ।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ଜଣେ ମୃତ

ବାଲିକୁଦା,୨୧।୪(ତାପସ ସ୍ୱାଇଁ)

ବାଲିକୁଦା ଥାନା ଅନ୍ତର୍ଗତ ୫୫ନଂ ଜାତୀୟ ରାଜପଥ ଇଚ୍ଛାପୁର ବଜାର ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଏବଂ ୩ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଏରସମା ଥାନା ଅନ୍ତର୍ଗତ ଜାନକାଦେଇପୁର ପଞ୍ଚାୟତ ଲଚ୍ଛାକଣ ଗ୍ରାମର ଧର୍ମାନନ୍ଦ ଓଝାଙ୍କ ପୁଅ ଆଶୁତୋଷ (୩୯)। ସୂଚନା ଅନୁଯାୟୀ, ବାଲିକୁଦା ଥାନା ଅନ୍ତର୍ଗତ ବାଲିସାହି ଗ୍ରାମର ସ୍ୱର୍ଗତ ବିରବର ସାହୁଙ୍କ ସାନ ପୁଅର ବିବାହ ପାଇଁ ନିର୍ବନ୍ଧ ଉତ୍ସବ ଜିଅସାହିସ୍ଥିତ ଏକ ମଣ୍ଡପରେ ଅନୁଷ୍ଠିତ ହେଉଥିଲା। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ସ୍ୱର୍ଗତ ସାହୁଙ୍କ ମଝିଆ ପୁଅ ସୌମ୍ୟରଞ୍ଜନ ସାହୁ, ଆଶୁତୋଷ, ବାଲିସାହି ଗ୍ରାମର ରଞ୍ଜନ ଏକ ବାଇକ୍ ଯୋଗେ ମଣ୍ଡପକୁ ଯାଉଥିଲେ। ଇଚ୍ଛାପୁର ବଜାର ନିକଟରେ ଏକ ହାଇୱାକୁ ଓଭର ଟେକ କରିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଆଶୁତୋଷ ବାଇକରୁ ଖସି ହାଇୱା ଆଗ ଚକା ତଳେ ପଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ସେହିପରି ସୌମ୍ୟରଞ୍ଜନଙ୍କ ହାତ ଉପରେ ଗାଡ଼ି ଚକା ଚଢ଼ିଯିବାରୁ ସେ ଗୁରୁତର ହୋଇଛନ୍ତି। ଅନ୍ୟ ବାଇକ୍ ଆରୋହୀମାନେ ଆହତ ହୋଇଥିଲେ। ଖବରପାଇ ବାଲିକୁଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ହାଇୱାକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁର ଚିକିତ୍ସାଳୟକୁ ପଠାଇଛି। ଏନେଇ ବାଲିକୁଦା ଥାନାରେ ମାମଲା (ନଂ. ୧୯୦/୨୫) ରୁଜୁ କରାଯାଇଛି।

# 'ଆଗାମୀ ଦିନରେ ମହା ବିପ୍ଳବ କରିବ କଂଗ୍ରେସ'

- ପିସିସିର ପ୍ରଥମ ପଦଯାତ୍ରା ଜଗତ୍‌ସିଂହପୁରରୁ ଆରମ୍ଭ
- ମା' ଶାରଳାଙ୍କ ପୀଠରୁ ଜୟ ବାପୁ, ଜୟ ଭୀମ, ଜୟ ସମ୍ବିଧାନ ପଦଯାତ୍ରାର ଶୁଭାରମ୍ଭ

ଜଗତ୍‌ସିଂହପୁର, ୨୧।୪ (ପ୍ରମୋଦ କୁମାର ନାୟକ)

ଜାତିର ପିତା ମହାତ୍ମା ଗାନ୍ଧୀ (ବାପୁ)ଙ୍କ ଜୟ ହେଉଛି କଂଗ୍ରେସର ଜୟ। ଭାଜପା ସରକାର ବାପୁଙ୍କୁ ଉପଯୁକ୍ତ ସମ୍ମାନ ଦେଉନାହିଁ। ତେଣୁ ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ଆହ୍ୱାନରେ ସାରା ଦେଶରେ ଜୟ ବାପୁ, ଜୟ ଭୀମ, ଜୟ ସମ୍ବିଧାନ ପଦଯାତ୍ରା ଆରମ୍ଭ ହୋଇଛି। ଏହି କ୍ରମରେ ଓଡ଼ିଶାରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ପଦଯାତ୍ରା ଜଗତ୍‌ସିଂହପୁର ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳାଙ୍କ ପୀଠରୁ ଆରମ୍ଭ ହୋଇଛି। ଏହା ହେଉଛି ନ୍ୟାୟ ପଥର ପଦଯାତ୍ରା। ସଂକଳ୍ପ, ସଂଘର୍ଷ, ସମର୍ପଣ ଭାବନାର ପଦଯାତ୍ରା। ବାପୁ ସ୍ୱାଧୀନତା ଆନ୍ଦୋଳନରେ ନିଜକୁ ଖାସ ଦେଇ ଦେଶକୁ ସ୍ୱାଧୀନ କରିବା ସହ ଭାରତ ନିର୍ମାଣ କରିବାର ସ୍ୱପ୍ନ ଦେଖିଥିଲେ। ସମ୍ବିଧାନର ଅନ୍ୟତମ ରଚୟିତା ଡ. ଭୀମରାଓ ରାମ୍‌ଜୀ ଆମ୍ବେଡକର ଦେଶର କୋଟି କୋଟି ଲୋକଙ୍କ ଆହ୍ୱାନ। ତାଙ୍କୁ ମଧ୍ୟ ଉପଯୁକ୍ତ ସମ୍ମାନ ମିଳୁନାହିଁ। ସମ୍ବିଧାନ ହେଉଛି ମାନବତାର ସୁରକ୍ଷା ତଥା ସମସ୍ତ ପ୍ରକାର ଉନ୍ନତିର ମାଧ୍ୟମ। କିନ୍ତୁ ସମ୍ବିଧାନକୁ ଉପହାସ କରାଯାଉଛି। ଏହା ଆଦୌ ଗ୍ରହଣୀୟ ନୁହେଁ। ଏହି କଥା ଲୋକେ ବୁଝିବା ଜରୁରୀ। ସରକାର ମଧ୍ୟ ଏଥିପ୍ରତି ଧ୍ୟାନ ଦେବା ସହ ଉପଯୁକ୍ତ ସମ୍ମାନ ଦେବାର ଆବଶ୍ୟକତା ଅଛି। ସୋମବାର ସ୍ଥାନୀୟ ଗାନ୍ଧୀ ଛକରେ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ ଏହା କହିଛନ୍ତି।

ସେ କହିଥିଲେ, ଏହି ପଦଯାତ୍ରା କଂଗ୍ରେସକୁ ଯୋଡ଼ି ରଖିବାରେ ସହାୟକ ହେବ। ଆଗାମୀ ଦିନରେ କଂଗ୍ରେସ ମହାବିପ୍ଳବ କରିବା ପାଇଁ ଲକ୍ଷ୍ୟ ରଖିଛି। ବିପ୍ଳବ ହେଲେ ସମସ୍ତ ପ୍ରକାର ରାଜନୈତିକ ପରିବର୍ତ୍ତନ ସମ୍ଭବ। ତୋଷାମଦିଆ ଓ ଗୁଣ୍ଡାଗର୍ଦ୍ଦି ଆଦି ଚଳିବ ନାହିଁ। ଏସବୁର ସମାପ୍ତି ଘଟିବ ଏବଂ ଓଡ଼ିଶାର ମଙ୍ଗଳ ହେବ ବୋଲି ଦାସ କହିଛନ୍ତି। ଜଗତ୍‌ସିଂହପୁର ଜିଲା କଂଗ୍ରେସ କମିଟି ସଭାପତି ନଟବର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବରିଷ୍ଠ କଂଗ୍ରେସ ନେତା ଶରତ ରାଉତ, ପୂର୍ବତନ ବିଧାୟକ ତଥା କଟକ ଜିଲା କଂଗ୍ରେସ କମିଟି ସଭାପତି ରବୀନ୍ଦ୍ର କୁମାର ମଲ୍ଲିକ, ପୂର୍ବତନ ବିଧାୟକ ତଥା ବାଲିକୁଦା-ଏରସମା କଂଗ୍ରେସ ନେତା ଡ. ଲଲାଟେନ୍ଦୁ ମହାପାତ୍ର, ପାରାଦୀପ ନେତା ନିରଞ୍ଜନ ନାୟକ, ଜଗତ୍‌ସିଂହପୁର ବିଧାନସଭା ନେତ୍ରୀ ପ୍ରତିମା ମଲ୍ଲିକ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ନିମାପଡ଼ାର ସିଦ୍ଧାର୍ଥ ରାଉତରାୟ, କାକଟପୁର ନେତା ବିଶ୍ୱରଞ୍ଜନ ଦାସ, ଅମିୟ ପଟ୍ଟନାୟକ, ଦେବ ପ୍ରସାଦ ନାୟକ, ବୀରେନ ଦଳେଇ, ମାନସ ରଥ, ଅଭୟ କୁମାର ମହାନ୍ତି, ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ତିର୍ତ୍ତୋଲ ନେତା ହିମାଂଶୁ ଭୂଷଣ ମଲ୍ଲିକ ଓ ଇଂ. ନଳିନୀ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ପଦଯାତ୍ରାରେ ଜଗତ୍‌ସିଂହପୁର ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜଗତ୍‌ସିଂହପୁର ଜିଲାର ଜଗତ୍‌ସିଂହପୁର, ପାରାଦୀପ, ବାଲିକୁଦା-ଏରସମା ଓ ତିର୍ତ୍ତୋଲ ସମେତ ପୁରୀ ଜିଲାର କାକଟପୁର, ନିମାପଡ଼ା ଏବଂ କଟକ ଜିଲାର ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀର ସହସ୍ରାଧିକ ଦଳୀୟ ନେତା ଓ କର୍ମୀ ଯୋଗ ଦେଇଥିଲେ। ପିସିସି ସଭାପତି ଭକ୍ତ ଚରଣ ଦାସ ଏହାର ନେତୃତ୍ୱ ନେଇଥିଲେ। ପଦଯାତ୍ରା ସକାଳ ୮ଟାରୁ ଶାରଳା ମନ୍ଦିର ନିକଟରୁ ବାହାରି ମୁଳିସିଂ ବଜାର, ବୀରତୋଳ, ସଅଁରା ଛକ, ସାଁପୁର, ତରଡ଼ାପଡା ଛକ, ପୁରୋହିତପୁର ଦେଇ ଜଗତ୍‌ସିଂହପୁର ସହରସ୍ଥିତ ଚର୍ଚ୍ଚିକା ବଜାରରେ ପହଞ୍ଚିଥିଲା। ସେଠାରୁ ସନ୍ଧ୍ୟା ୬ଟାରୁ ଦଳୀୟ ନେତା ଓ କର୍ମୀମାନେ ମଶାଲ ଶୋଭାଯାତ୍ରାରେ ବାହାରି ଗାନ୍ଧୀ ଛକସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲେ।


ଗାନ୍ଧୀଛକଠାରେ ଆୟୋଜିତ ସମାବେଶରେ ଯୋଗଦେଇଥିବା ପିସିସି ସଭାପତି ଭକ୍ତ ଦାସ ଓ ଅନ୍ୟ ନେତୃମଣ୍ଡଳୀ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବାବୁ


@ ଗାୟତ୍ରୀ


@ ଜୟନ୍ତ


@ କୁମାର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭାରିଯାନ କଟକଣା ବାଟବଣା

ନୟାଗଡ଼,୨୧।୪(ଲୋକନାଥ ମିଶ୍ର)

■ ଜିଲାପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା
■ ଦିନବେଳା ଚଳାଚଳ କରୁଛି ଭାରିଯାନ

ନୟାଗଡ଼ ଜିଲାରେ ଭାରିଯାନ ଉପରେ ଜିଲା ପ୍ରଶାସନ କଟକଣା ଜାରି କରିଥିଲେ ମଧ୍ୟ ତାହା ବାଟବଣା ହୋଇଯାଉଛି। ଜିଲାପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା କରାଯାଇ ଭାରିଯାନକୁ ଚଳାଚଳ କରାଯାଉଛି। ସକାଳ ୭ଟାରୁ ରାତ୍ର ୯ଟା ଭାରିଯାନକୁ ବାରଣ କରାଯାଇଥିଲେ ମଧ୍ୟ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଅନୁକମ୍ପା ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ହେଉଛି।

ମୋଟର ଯାନ ଆକ୍ଟ ୧୯୮୮(୫୯), ରୁଲ୍ ୧୯୯୩(୧୭୩) ଅନୁସାରେ ସଡ଼କ ଦୁର୍ଘଟଣାକୁ ପ୍ରତିହତ କରିବାକୁ ନୟାଗଡ଼ ଜିଲାରେ ମାଲ ପରିବହନ କରୁଥିବା ଭାରିଯାନ ଟିପ୍ପର, ଟ୍ରକ୍, ହାଇୱା ଦ୍ୱାରା ବାଲି, ମୋରମ, ଗୁଣ୍ଡ ପଥର(ଚିପସ୍), ଖଣ୍ଡ ପଥର, ଇଟା ଇତ୍ୟାଦିର ପରିବହନ ଉପରେ କଟକଣା ଲାଗୁ କରାଯାଇଛି। ଭାରିଯାନକୁ ଜିଲା ଭିତରେ ଚଳାଚଳ କରିବାକୁ ସକାଳ ୭ଟାଠାରୁ ରାତ୍ର ୯ଟା ପର୍ଯ୍ୟନ୍ତ ବାରଣ ରହିଛି। ତେବେ ନିଷିଦ୍ଧାଦେଶକୁ ଅଣଦେଖା କରି ଭାରିଯାନ ଚଳାଚଳ ପରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି। ଏ ନେଇ ଆଇନଜୀବୀ ରଣଜିତ ଦାଶ କହିଛନ୍ତି, କେବଳ କଟକଣା ଲାଗୁକରି ଦେଲେ ହେବନାହିଁ। କଟକଣାର କାର୍ଯ୍ୟକାରିତା ଉପରେ ତଦାରଖ କରିବା ଦରକାର। ଭାରିଯାନ ଉପରେ କଟକଣା ଲାଗୁ କରିବା ସ୍ୱାଗତ ଯୋଗ୍ୟ ପଦକ୍ଷେପ। ତେବେ କଟକଣା ଲାଗୁ ପରେ ବି ଭାରଯାନ କିପରି ଚଳାଚଳ କରୁଛି ତାହା ତଦନ୍ତସାପେକ୍ଷ। ନିଷେଧାଦେଶକୁ ଅଣଦେଖା କରୁଥିବା ଚାଳକଙ୍କ ଉପରେ ଅନୁକମ୍ପା ନୁହେଁ କାର୍ଯ୍ୟାନୁଷ୍ଠାନ ନେବା ଦରକାର। ଦୁର୍ଘଟଣାକୁ ଏଡାଇବା ପାଇଁ କଟକଣା ଲାଗୁ କରାଯାଇଛି। ଯଦି ଆଇନକୁ କାର୍ଯ୍ୟକାରୀ କରା ନ ଯିବ ତେବେ ନିଷେଧାଦେଶ ଜାରି କରି ଲାଭ କ'ଣ ବୋଲି ପ୍ରଶ୍ନ ଉଠାଇଛନ୍ତି। ଭାଜପା ଯୁବନେତା ସନ୍ତୋଷ ପ୍ରଧାନ କହିଛନ୍ତି, ଲୋକଙ୍କ ହିତ ପାଇଁ ଜିଲା ପ୍ରଶାସନ ଭାରିଯାନ ଉପରେ କଟକଣା ଲାଗୁ କରିଛି। କଟକଣା ଯଦି ବାଟବଣା ହେଉଛି ସେନେଇ ଜିଲା ପ୍ରଶାସନ ସମୀକ୍ଷା, ତଦାରଖ କରିବା ଦରକାର। କଟକଣା ବାଟବଣା ହୋଇଯାଉଥିବାରୁ ସେଥିପ୍ରତି ଜିଲା ପ୍ରଶାସନ ପଦକ୍ଷେପ ନେବା ଜରୁରୀ। ନୟାଗଡ଼ର ଭଗବାନ ପ୍ରଧାନ, ରଣପୁରର ସୁଗ୍ରୀବ ସାହୁ କହିଛନ୍ତି, ଜିଲା ସଦର ମହକୁମାରେ ଭାରିଯାନ ଦିନବେଳା ଚଳାଚଳ କରୁଛି। ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ଦେଇ ନ ଯାଇ ଷ୍ଟେଟବ୍ୟାଙ୍କ ରାସ୍ତାରେ ଯାଉଛି। ପ୍ରଶାସନ କଟକଣା ଲାଗୁ କରିଥିବାବେଳେ ପୋଲିସ କ'ଣ ପଦକ୍ଷେପ ନେଉଛି। ତହସିଲ କର୍ତ୍ତୃପକ୍ଷ କାହିଁକି ଚୁପ ରହିଛନ୍ତି। ଜିଲା ପ୍ରଶସନ ଏ ଦିଗରେ କାହିଁକି ସମୀକ୍ଷା କରୁନାହିଁ। ଯଦି ଭାରିଯାନ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବାର ଅଛି ତେବେ କଟକଣା ଉଠାଇ ଦେବା ଦରକାର ବୋଲି କହିଛନ୍ତି। ଗୁଗୁଲ ନାୟକ କହିଛନ୍ତି, ଜିଲା ପ୍ରଶାସନର ନିର୍ଦ୍ଦେଶକୁ ଅଣଦେଖା କରୁଥିବା ଭାରିଯାନ ମାଲିକ ଓ ଚାଳକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବା ଦରକାର। ଏପରି ହେଲା ନିଷେଧାଦେଶକୁ ଅଣଦେଖା କରିବାକୁ କେହି ସାହସ କରିବେ ନାହିଁ। ଏନେଇ ଜିଲା ପ୍ରଶାସନ ତ୍ୱରିତ ପଦକ୍ଷେପ ନେବା ଦରକାର। ନାହିଁ ତ କଟକଣା ଉଠାଇଦେବା ଦରକାର।


ସହର ମଧ୍ୟରେ ଦିନବେଳା ଭାରିଯାନ ଚଳାଚଳ କରୁଛି।

# ଗଞ୍ଜେଇ ଭର୍ତ୍ତି ପିକଅପ ଭ୍ୟାନ ଜବତ, ଜଣେ ଅଟକ

ଖଣ୍ଡପଡ଼ା,୨୧।୪ (ଅଜୟ କୁମାର ମହାରଣା)

ଖଣ୍ଡପଡା ଥାନା ଅଧୀନ କଂଟିଲୋ ଫାଣ୍ଡି ପୋଲିସ ପକ୍ଷରୁ ରବିବାର ରାତିରେ ପାଟ୍ରୋଲିଂ ଚାଲିଥିଲା। ବିଳମ୍ବିତ ରାତିରେ ଏକ ପିକ୍‌ଅପ ଭ୍ୟାନ ନଂ. ଓଡି ୩୨ ଏଚ ୦୪୭୬ ଯୋଗେ ଗଞ୍ଜେଇ ଚୋରା ଚାଲାଣ ହେଉଥିଲା। ପୋଲିସ ଭ୍ୟାନରୁ ଗଞ୍ଜେଇ ଜବତ କରିବା ସହ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିଛି।

ପୋଲିସ ସୂଚନା ଅନୁଯାୟୀ, ରବିବାର କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସ ଗାଡ଼ି ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ସୂଚନା ପାଇଥିଲେ। ବାନପୁର ପଞ୍ଚାୟତ ଅଧୀନ ହଟିଆପଲ୍ଲୀ ମଠ ନିକଟରେ ପୋଲିସ ଗାଡ଼ିକୁ ଦେଖି ପିକଅପ ଭ୍ୟାନ ଚାଳକ ହଡବଡେଇ ଯାଇ ଗାଡ଼ି ଛାଡି ନିକଟସ୍ଥ ଜଙ୍ଗଲକୁ ଚମ୍ପଟ ମାରିଥିଲା। ଗାଡିଟି ଗଡ଼ି ଗଡ଼ି ଯାଇ ରାସ୍ତା ପାର୍ଶ୍ୱ ଏକ ଆମ୍ବ ଗଛରେ ଧକ୍କା ହୋଇଥିଲା। ପରେ ପୋଲିସ ଚାଳକଙ୍କୁ ଜଙ୍ଗଲ ମଧ୍ୟରୁ ଧରିବାରେ ସକ୍ଷମ ହୋଇଥିଲା। ପୋଲିସ ଅନୁସନ୍ଧାନ କରିବାରୁ ପିକଅପ ଭ୍ୟାନରେ ମୋଟ ୮ଟି ବସ୍ତା ଯୋଗେ ପ୍ରାୟ ଦେଢ଼ କୁଇଣ୍ଟାଲ ଗଞ୍ଜେଇ ସହ ଚାଳକକୁ ଅଟକ ରଖିଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୧ କୋଟି ଟଙ୍କା ହେବ ବୋଲି ସୂଚନା ମିଳିଛି। ସୋମବାର ମଧ୍ୟାହ୍ନରେ ଖଣ୍ଡପଡ଼ା ଏସ୍‌ଡିପିଓ ମଦନ ମୋହନ ପ୍ରଧାନ, ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି ଏବଂ ଖଣ୍ଡପଡ଼ା ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀ(ମାଜିଷ୍ଟ୍ରେଟ) ଘଟଣାସ୍ଥଳରେ ପହଞ୍ଚିବା ସହ ଛାନଭିନ କରିଥିଲେ। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ଠିକଣା ମିଳି ନ ଥିବା ବେଳେ ଏ ନେଇ ନୟାଗଡ଼ରେ ଏସ୍‌ପି ଏକ ଖବରଦାତା ସମ୍ମିଳନୀ କରିବେ ବୋଲି ସୂଚନା ମିଳିଛି। ଏମାନେ କନ୍ଧମାଳରୁ ଗଞ୍ଜେଇକୁ ବେଆଇନ ଭାବେ ଚାଲାଣ କରିବା ସହ ବିଭିନ୍ନ ସହରକୁ ବିକ୍ରି କରିବାକୁ ନେଉଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କ ବାବଦରେ ସ୍ଥାନୀୟ ପୋଲିସ ତଦନ୍ତ କରୁଥିବା ସୂଚନା ମିଳିଛି।


ପ୍ୟାକେଟ୍‌ରୁ ଜବତ ଗଞ୍ଜେଇ ଖୋଲାଯାଉଛି।

# ଆୟୁଷ୍ମାନ କାର୍ଡ ବଣ୍ଟନ ବ୍ୟବସ୍ଥାରେ ଜନସେବା କେନ୍ଦ୍ର ପ୍ରଭାବିତ


ଖବରଦାତା ସମ୍ମିଳନୀରେ ଜନସେବା କେନ୍ଦ୍ରର ସଦସ୍ୟମାନେ।

ଶରଣକୂଳ, ୨୧।୪ (ଦୀପକ କର)

ରାଜ୍ୟ ସରକାର ଜନସେବା କେନ୍ଦ୍ରକୁ ଆୟୁଷ୍ମାନ କାର୍ଡ ଇ କେୱାଇସି ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ସବୁ ଦାୟିତ୍ୱ ଜନସେବା କେନ୍ଦ୍ର କରୁଥିଲେ ମଧ୍ୟ ସେମାନଙ୍କୁ ଉଚିତ ପାରିଶ୍ରମିକ ମିଳୁ ନ ଥିବା ନେଇ ଓଡ଼ଗାଁ ବ୍ଲକ୍ ସମସ୍ତ ଜନସେବା କେନ୍ଦ୍ର କର୍ମଚାରୀ ଅଭିଯୋଗ କରିଛନ୍ତି। ଏ ନେଇ ସୋମବାର ଏକ ଖବରଦାତା ସମ୍ମିଳନୀ କରି ସରକାର ଆମ ପେଟ ପାଟଣା କଥା ବିଚାର କରନ୍ତୁ ନଚେତ ଆମେ କାମ ବନ୍ଦ କରିବାକୁ ନିଷ୍ପତ୍ତି ନେବୁ କହିଛନ୍ତି।

ସୋମବାର ଶରଣକୁଳ ନିକଟ ଝାଡେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସମ୍ମିଳନୀରେ ସରକାରଙ୍କ ଆୟୁଷ୍ମାନ କାର୍ଡ ଇ କେୱାଇସି କରିବାକୁ ଜନସେବା କେନ୍ଦ୍ରକୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ଇକେୱାଇସି କରିବା ସମୟରେ କୌଣସି ବ୍ୟକ୍ତିଙ୍କଠାରୁ ଅର୍ଥ ଆଦାୟ ନ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ହେଲେ ଇକେୱାଇସି କରିବାକୁ ଗୋଟିକ ୧୫ ରୁ ୨୦ ମିନିଟ ସମୟ ଲାଗୁଛି। ସେତିକି ନୁହଁ ଗୋଟିକ ପିଛା ୨ ଟଙ୍କା ୬୦ ପଇସା ମିଳୁଥିବା କହି ଜନସେବା କେନ୍ଦ୍ର ସଂଘ ଉଦ୍‌ବେଗ ପ୍ରକାଶ କରିଛି। ସରକାର ସମସ୍ତ ଜନସେବା କେନ୍ଦ୍ର କଥା ବିଚାର କରି ଗୋଟିଏ କାର୍ଡ ପିଛା ୩୦ରୁ ୪୦ ଟଙ୍କା ପ୍ରଦାନ କରନ୍ତୁ ବୋଲି କହିଛନ୍ତି। ନଚେତ ସମସ୍ତ ଜନସେବା କେନ୍ଦ୍ର କାର୍ଯ୍ୟ ବନ୍ଦ ନେବାକୁ ନିଷ୍ପତ୍ତି ନେଇଥିବା ସଂଘ ସଭାପତି ସୁନୀଲ କୁମାର ନାୟକ ସମ୍ମିଳନୀରେ କହିଛନ୍ତି। ସମସ୍ତ ଜନସେବା କେନ୍ଦ୍ର ନିଜେ ଘର ଭଡ଼ା ସୂତ୍ରରେ ନେଇ ସେଥିରେ ବିଦ୍ୟୁତ୍, ଇଣ୍ଟରନେଟ ଖର୍ଚ୍ଚ ଉଠୁ ନ ଥିବାବେଳେ ପରିବାର ଚଳାଇବା ଅସମ୍ଭବ ବୋଲି କହିଛନ୍ତି। ଏହା ଉପରେ ସରକାର ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

# ପଥର ମାଡ଼ରେ ଛାତ୍ର ଆହତକୁ ନେଇ ଉତ୍ତେଜନା

ନୟାଗଡ଼, ୨୧।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଇଟମାଟି ଥାନା ଅନ୍ତର୍ଗତ ଗମ୍ଭାରିଡିହି ପ୍ରାଥମିକ ବିଦ୍ୟାଳୟରେ ପଥର ମାଡ଼ରେ ଜଣେ ୪ର୍ଥ ଶ୍ରେଣୀ ଛାତ୍ର ଆହତ ହେବା ଘଟଣା ଚାପା ଉତ୍ତେଜନା ସୃଷ୍ଟି କରିଥିଲା। ଆହତ ଛାତ୍ର ହେଲେ ଜଗତ ଜ୍ୟୋତି ସାଥୁଆ। ସେ ୪ର୍ଥ ଶ୍ରେଣୀରେ ପଢ଼ନ୍ତି। ଜଗତ ସ୍କୁଲ ଭିତରେ ଯାଉଥିବାବେଳେ ଜଣେ ୫ମ ଶ୍ରେଣୀର ଛାତ୍ରର ପଥର ମାଡ଼ରେ ଆହତ ହୋଇଥିଲେ। ଖବରପାଇ ଜଗତର ବାପା ସ୍କୁଲରେ ପହଞ୍ଚି ପୁଅକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ।

ଅଭିଯୋଗ ଅନୁସାରେ, ଗମ୍ଭାରିଡିହି ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକାକୁ ମିଶାଇ ୬ଟି ଶ୍ରେଣୀ ପାଇଁ ୨ଜଣ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। ଏଠାରେ ୬୦ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଜଣେ ଶିକ୍ଷକ ଛୁଟିରେ, ତାଲିମରେ ଗଲେ ସ୍କୁଲ ଶିକ୍ଷାଦାନ ଉପରେ ପ୍ରଭାବ ପଡ଼େ। ଜଣେ ମାତ୍ର ଶିକ୍ଷକ ୬ଟି ଶ୍ରେଣୀରେ ପାଠ ପଢ଼ଇବା ସମ୍ଭବ ନୁହେଁ। ଏଣୁ ସ୍ଥାନୀୟ ବିଦ୍ୟାଳୟରେ ପାଠପଢ଼ା ବିପର୍ଯ୍ୟସ୍ତ ହୋଇପଡୁଛି। ଗମ୍ଭାରିଡିହି ପ୍ରାଥମିକ ବିଦ୍ୟାଳୟରେ ଆଉ ୩ଜଣ ଶିକ୍ଷକ ନିଯୁକ୍ତି ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ରହିଛି। ଏଭଳିସ୍ଥଳେ ଛାତ୍ର ଆହତ ଘଟଣାକୁ ଅଭିଭାବକ ଓ ସ୍ଥାନୀୟ ଲୋକ ଗୁରୁତର ସହ ନେଇଛନ୍ତି। ସରକାର ଶିକ୍ଷାକୁ ଗୁରୁତ୍ୱ ଦେଉଥିବାବେଳେ ଶିକ୍ଷକ ଅଭାବ କାରଣକୁ ନେଇ ସ୍ଥାନୀୟ ଲୋକ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିବା କେତେଜଣ ଯୁବକ ସୂଚନା ଦେଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ବାବୁ


@ ଗାୟତ୍ରୀ


@ ଜୟନ୍ତ


@ କୁମାର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କନିଷ୍ଠ ବର୍ଗରେ ମୃତ୍ୟୁଞ୍ଜୟ, ରାକେଶ: ବରିଷ୍ଠ ବର୍ଗରେ ପ୍ରବୀଣ, ରାକେଶ ଯୋଡ଼ି ଚାମ୍ପିୟନ

ଓଡ଼ଗାଁ, ୨୧।୪(ଆଦର୍ଶ କୁମାର ପଟ୍ଟନାୟକ)

## ଜିଲାସ୍ତରୀୟ ଓଡ଼ଗାଁ କପ ବ୍ୟାଡ୍‌ମିଣ୍ଟନ

ନୟାଗଡ଼ ଜିଲା ଓଡ଼ଗାଁ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଜିଲାସ୍ତରୀୟ ଓଡ଼ଗାଁ କପ ବ୍ୟାଡ୍‌ମିଣ୍ଟନ ଶନିବାର ଓ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୯ବର୍ଷରୁ କମ୍ ୧୪ ଯୋଡ଼ି ଅଂଶଗ୍ରହଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ଓଡ଼ଗାଁର ମୃତ୍ୟୁଞ୍ଜୟ ଓ ରାକେଶ ଚାମ୍ପିୟନ ହୋଇଥିଲେ। ନୟାଗଡ଼ର ଶୁଭାଶିଷ ଓ ସୁଚିତାଙ୍କୁ ରନର୍ସ ଅପ୍ ଯୋଡ଼ିଙ୍କୁ ଭାବେ ସନ୍ତୁଷ୍ଟ ହେବାକୁ ପଡିଥିଲା। ଏପରିସ୍ଥଳେ ଖଣ୍ଡପଡ଼ାର ଅବିନାଶ ଓ ଶୁଭମ ଯୋଡ଼ି ତୃତୀୟ ଏବଂ ଓଡ଼ଗାଁର ସାଇରାମ ଓ ଶୁଭ୍ରାଂଶୁ ଯୋଡ଼ି ୪ର୍ଥ ସ୍ଥାନ ହାସଲ କରିଥିଲେ। ସେହିପରି ରବିବାର ବରିଷ୍ଠ ବର୍ଗରେ ୧୬ ଯୋଡି ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ଗାଁର ପ୍ରବୀଣ -ରାକେଶ ଯୋଡ଼ିପ୍ରଥମ, କଇଁଥଗାଡ଼ିଆର ଜିତେନ୍ଦ୍ର-ଗୁଲୁ ୨ୟ, ରାକେଶ-ବାଦଲ ୩ୟ ଓ ଓଡ଼ଗାଁର ସୁଭାଶିଷ-ସଂଯାଶୁ ଯୋଡି ୪ର୍ଥ ପୁରସ୍କାର ହାସଲ କରିଥିଲେ। ଆୟୋଜିତ ଉଦ୍‌ଘାଟନୀ ଉତ୍ସବ କ୍ରୀଡ଼ାବିତ ଦିବାକର ନାୟକ ଅଧ୍ୟକ୍ଷତା କରିଥିବା ବେଳେ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ମୁଖ୍ୟ ଅତିଥି, ଶିକ୍ଷାବିତ୍ ଅଶୋକ ମହାପାତ୍ର ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଏମ୍‌ଆଇ ସହକାରୀ ଯନ୍ତ୍ରୀ ମନୋଜ କୁମାର ରାଉତ, ଆର୍ମି ଭେଟେରାନ ତଥା ବରିଷ୍ଠ ଖବରଦାତା ଆଦର୍ଶ କୁମାର ପଟ୍ଟନାୟକ, ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷକ ସୋନାଲି ସାହୁ, ଜିମ୍ ପ୍ରଶିକ୍ଷକ ଆଶୁତୋଷ ବିଶ୍ୱାଳ ଓ ଧ୍ରୁବଚରଣ ସାହୁ ସମ୍ମାନିତ ଅତିଥି ଭାବେ ଅଂଶଗ୍ରହଣ କରିଥିଲେ। ରବିବାର ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସମସ୍ତ ଅତିଥିଙ୍କ ସହିତ ପୂର୍ବତନ ଏମ୍‌ପି ତଥା ନୟାଗଡ଼ ବିଧାୟକ ପ୍ରାର୍ଥିନୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ମୁଖ୍ୟ ଅତିଥି ଭାବେ ଅଂଶଗ୍ରହଣକରି ବିଜେତାଙ୍କୁ ପୁରସ୍କାର ବିତରଣ କରିଥିଲେ। କିଷାନ, ଚନ୍ଦନ, ରୋହନ, ସୁଭାଶିଷ, ପ୍ରବୀଣ, ମାତୃପ୍ରସାଦ, ଦିଗ୍‌ବିଜୟ, ଜଗନ୍ନାଥ, ରାକେଶ ଓ ବିଶ୍ୱଜିତ ସମସ୍ତ ମ୍ୟାଚ ପରିଚାଳନା କରିଥିଲେ।



ବ୍ୟାଡ୍‌ମିଣ୍ଟନ ଖେଳର ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ଏବଂ ଅନ୍ୟମାନେ।

# ଶ୍ରୀରାମ, ଲକ୍ଷ୍ମଣଙ୍କୁ ନାଗଫାଶ ବନ୍ଧନ, କୁମ୍ଭକର୍ଣ୍ଣ ବଧ


ରାକ୍ଷସଙ୍କ ସହ ରାମଲକ୍ଷ୍ମଣ ଯୁଦ୍ଧ କରୁଛନ୍ତି।


ମଞ୍ଚରେ କୁମ୍ଭକର୍ଣ୍ଣର ନିଦ୍ରା ଭଙ୍ଗ ପରେ ଖାଉଛି।

## ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା

ଦଶପଲ୍ଲା, ୨୧।୪ (ପ୍ରକାଶ କୁମାର ପାଣି)

ଦଶପଲ୍ଲାରେ ଚାଲିଥିବା ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରାର ସୋମବାର ନାଗଫାଶ ବନ୍ଧନ ଏବଂ କୁମ୍ଭକର୍ଣ୍ଣ ବଧ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ମନ୍ଦିର ପରିସରରେ ଠାକୁରଙ୍କ ପୂଜାନୀତି ଅନୁଷ୍ଠିତ ହେବା ପରେ ରାତିରେ ରାମଲୀଳା ମଞ୍ଚସ୍ଥ ହୋଇଥିଲା। ଲଙ୍କାପୋଡ଼ି ଯାତ୍ରାର କୁମ୍ଭକର୍ଣ୍ଣ ବଧ ପ୍ରସଙ୍ଗଟି ସବୁଠାରୁ ଆକର୍ଷଣୀୟ ଓ ସବୁଠାରୁ ସଂଘର୍ଷମୟ ଅଧ୍ୟାୟ। ଯୁଦ୍ଧ ଆରମ୍ଭ ପୂର୍ବରୁ ଶ୍ରୀରାମଚନ୍ଦ୍ର ଦୂତ ଭାବରେ ଚିଟାଉ ଦେଇ ଅଙ୍ଗଦଙ୍କୁ ରାବଣ ପାଖକୁ ପ୍ରେରଣ କରନ୍ତି। ମାତ୍ର ଲଙ୍କାପତି ରାବଣ ଭ୍ରୂକ୍ଷେପ କରେ ନାହିଁ। ଏଣୁ ଯୁବରାଜ ଅଙ୍ଗଦ ଲଙ୍କାର ଜଗତି ସହ ନେଇ ଆଣି ଶ୍ରୀରାମଙ୍କ ପାଖରେ ପହଞ୍ଚି ଯାଆନ୍ତି ଓ ଯୁଦ୍ଧ ଆରମ୍ଭ ହୁଏ। ଆଜିର ପ୍ରସଙ୍ଗରେ ବହୁ ଅସୁର ନିଧନ ହୁଅନ୍ତି। ଇନ୍ଦ୍ରଜିତ ମଧ୍ୟ ବ୍ରହ୍ମାସ୍ତ୍ର ପ୍ରୟୋଗ କରି ଲକ୍ଷ୍ମଣଙ୍କୁ ଅଚେତ କରିବା ସଙ୍ଗେ ସଙ୍ଗେ ନାଗଫାଶରେ ଶ୍ରୀରାମ, ଲକ୍ଷ୍ମଣଙ୍କୁ ବନ୍ଧନ କରନ୍ତି। ଏହି ସମୟରେ ପୁଷ୍ପକ ବିମାନରେ ବସିଥିବା ମା' ସୀତାଙ୍କ ଶୋକ, ଅତିବ ହୃଦୟ ବିଦାରକ ଓ କେବଳ ଇନ୍ଦ୍ରଜିତକୁ ଛାଡି ଦେଲେ ରାବଣର ଧୂମମୟ, ଧୂମ୍ରାକ୍ଷ, ନାଭିଦତ୍ୟ ଭଳି ବଡ଼ ବଡ଼ ବୀର ମୃତ୍ୟୁ ମୁଖରେ ପଡନ୍ତି। ଏହିଠି ଦୁଇଟି ରୋଚକ ପ୍ରସଙ୍ଗ ରହିଛି। ରାବଣ ମୟାସୀତା ପ୍ରସ୍ତୁତ କରି ଶ୍ରୀରାମଙ୍କ ଆଗରେ ତାକୁ ନିଧନ କରେ ଓ ଶ୍ରୀରାମ ଶୋକରେ ଅଥୟ ହୋଇଯାନ୍ତି। ମାତ୍ର ପରେ ବିଭିଷଣ ସତ୍ୟା ସତ୍ୟ କହିବା ପରେ ପୁନଶ୍ଚ ଲଢେଇ ଘୋମାଘଟ ହୁଏ। ଠିକ୍ ସେହିପରି ରାବଣ ମାୟା ରାମ ଲକ୍ଷ୍ମଣର ମୁଣ୍ଡ ନେଇ ସୀତାଙ୍କୁ ଦେଖାନ୍ତି, ସୀତା ମଧ୍ୟ ଶୋକାକୁଳ ହେବା ବେଳେ ,ରାମଚନ୍ଦ୍ର ସେନା ଲଙ୍କା ଘେରାଉ କରିବାର ସମ୍ବାଦ, ବିଭିଷଣ ନନ୍ଦିନୀ ତ୍ରୀଜଟା ସତ୍ୟ କଥାଟା ସୀତା ଦେବୀଙ୍କ ଆଗରେ କୁହନ୍ତି। ଏପରି କ୍ରମଶଃ ରାକ୍ଷସ ସେନା ଦୁର୍ବଳ ହେବାରୁ, ରାବଣ ନିର୍ଦ୍ଦେଶରେ କୁମ୍ଭକର୍ଣ୍ଣର ନିଦ୍ରାଭଙ୍ଗ କରାଯାଏ। ଅସମୟରେ କୁମ୍ଭକର୍ଣ୍ଣ ନିଦ୍ରାରୁ ଉଠିବା ଏକ ଶୁଭ ଲକ୍ଷଣ ନୁହେଁ। ତଥାପି ସେ ସମସ୍ତ କଥା ରାବଣଠାରୁ ଶୁଣିବା ପରେ ରାବଣଙ୍କ କାର୍ଯ୍ୟକୁ ନାପସନ୍ଦ କଲେ ମଧ୍ୟ ରାବଣ ପକ୍ଷ ତ୍ୟାଗ ନ କରି ଯୁଦ୍ଧକୁ ଗମନ କରନ୍ତି। ଯୁଦ୍ଧରେ ନଳ, ନୀଳ, ସୁଷେଣ ଆଦିକୁ ପରାସ୍ତ କରି ସୁବଳକୁ କାଖ ତଳେ ଚାପି ଲଙ୍କା ଫେରୁଥିବାବେଳେ ସେ କୌଶଳକ୍ରମେ ଖସି ଯାଇ କୁମ୍ଭକର୍ଣ୍ଣର କର୍ଣ୍ଣ ଓ ନାସା ଉପାଡ଼ି ଦେବା ଫଳରେ କ୍ରୋଧ ଜର୍ଜରୀତ କୁମ୍ଭକର୍ମ ଯୁଦ୍ଧକୁ ଆସି ବହୁ ସୈନ୍ୟଙ୍କୁ ନିଧନ କରିବା ପରେ ଶ୍ରୀରାମଚନ୍ଦ୍ରଙ୍କ ବାଣରେ ସ୍ୱର୍ଗ ପ୍ରାପ୍ତ ହୁଏ। ଆଜିର ପ୍ରସଙ୍ଗଟି ସବୁଠାରୁ ଆକର୍ଷଣୀୟ ଥିବାରୁ ବହୁ ଜନସମାବେଶ ହୋଇଥିଲା। କୁମ୍ଭକର୍ଣ୍ଣର ଖାଦ୍ୟ ପେୟ ପ୍ରସଙ୍ଗଟି ଖୁବ ସୁନ୍ଦର ଭାବରେ ଉପସ୍ଥାପିତ ହୋଇଥିଲା। ମଙ୍ଗଳ ରାତି ବୁଧ ପାହାନ୍ତିରେ ଯାତ୍ରାର ମୁଖ୍ୟ ଲଙ୍କା ପୋଡ଼ି ଏବଂ ରାବଣର ବଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି।

# ତହସିଲଦାର ଓ ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ, କାଳିମେଲା

## ଅସାଧାରଣ
## ଭାଗ-II-ଧାରା-୩-ଉପଧାରା (ii)
## ରେଳ ମନ୍ତ୍ରଣାଳୟ
## ପୂର୍ବତଟ ରେଳପଥ (ନିର୍ମାଣ)
## ବିଜ୍ଞପ୍ତି
## ଭୁବନେଶ୍ୱର, ୧୭ ମାର୍ଚ୍ଚ, ୨୦୨୫

**ରେଳବାଇ ଆଇନର ଧାରା 20A ଅନୁଯାୟୀ ନୋଟିସ୍ ଏକ ହଜାର ନଅ ଶହ ଅଣାନବେ**

ସଂଖ୍ୟା 1190/୨୦୨୫ Date:11/04/2025

**No.XXVII-01:** କା.ଆ ୧୨୧୭ (E)- ରେଳବାଇ (ସଂଶୋଧନ) ଆଇନ, ୧୯୮୯ (୨୪/୮୯) (ଏଠାରେ ପରେ ଉକ୍ତ ଆଇନ ଭାବରେ ଉଲ୍ଲେଖ କରାଯାଇଛି) ର ଧାରା 20A ର ଉପ-ଧାରା (1) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର, ସନ୍ତୁଷ୍ଟ ହୋଇ ସ୍ୱତନ୍ତ୍ର ରେଳ ପ୍ରକଳ୍ପ, ଯଥା, "ଓଡ଼ିଶାର ମାଲକାନଗିରି ଜିଲ୍ଲାରେ ପୂର୍ବତଟ ରେଳବାଇର ଭଦ୍ରାଚଳମ (୧୭୩.୬ କିଲୋମିଟର) ଦେଇ ମାଲକାନଗିରି ଏବଂ ପାଣ୍ଡୁରଙ୍ଗପୁରମ ମଧ୍ୟରେ ନୂତନ BG ଲାଇନ କାର୍ଯ୍ୟକାରୀ କରିବା ପାଇଁ ସାଧାରଣ ଉଦ୍ଦେଶ୍ୟରେ ଆବଶ୍ୟକ ହେଉଅଛି ଓ ଜମି ଅଧିଗ୍ରହଣ କରିବା ପାଇଁ ଘୋଷଣା କରୁଛନ୍ତି, ଯାହାର ଏକ ସଂକ୍ଷିପ୍ତ ଭୂମିର ଅନୁସୂଚକ ଉପରୋକ୍ତ ଉଦ୍ଦେଶ୍ୟରେ ଘୋଷଣାନାମାରେ ପ୍ରକାଶ ନିମନ୍ତେ ଅନ୍ତର୍ଭୁକ୍ତ କରାଗଲା ।

ଯଦି କୌଣସି ବ୍ୟକ୍ତି ଯାହାର ଉକ୍ତ ଭୂମିରେ ସ୍ୱାର୍ଥ ଯୁକ୍ତ ହୋଇଥାନ୍ତି ତେବେ ସରକାରୀ ଗେଜେଟରେ ବିଜ୍ଞପ୍ତି ପ୍ରକାଶନ ତାରିଖରୁ ତିରିଶ (୩୦) ଦିନ ମଧ୍ୟରେ ଉକ୍ତ ଆଇନର ଧାରା 20(D) ର ଉପଧାରା (1) ଅନୁଯାୟୀ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଏପରି ଜମି ଅଧିଗ୍ରହଣ ଉପରେ ଆପତ୍ତି ଉଠାଇପାରିବେ ।

ପ୍ରତ୍ୟେକ ଆପତ୍ତି ଲିଖିତ ଭାବରେ ସକ୍ଷମ ପ୍ରାଧିକରଣ ଅର୍ଥାତ୍ ସ୍ୱତନ୍ତ୍ର ଭୂମି ଅଧିଗ୍ରହଣ ଅଧିକାରୀ, "ମାଲକାନଗିରି ଜିଲ୍ଲା, ଓଡ଼ିଶାର ପୂର୍ବତଟ ରେଳପଥର ଭଦ୍ରାଚଳମ (୧୭୩.୬ କିଲୋମିଟର) ଦେଇ ମାଲକାନଗିରି ଏବଂ ପାଣ୍ଡୁରଙ୍ଗପୁରମ ମଧ୍ୟରେ ନୂତନ ବିଜି ଲାଇନ" ନିକଟରେ ଦାଖଲ କରାଯିବ ଏବଂ ଏହାର କାରଣ ଉଲ୍ଲେଖ କରିବେ ଏବଂ ସକ୍ଷମ ପ୍ରାଧିକରଣ ଆପତ୍ତିକାରୀଙ୍କୁ ବ୍ୟକ୍ତିଗତ ଭାବରେ କିମ୍ବା ଜଣେ ଆଇନଗତ ଅଭ୍ୟାସକାରୀଙ୍କ ମାଧ୍ୟମରେ ଶୁଣାଣିର ସୁଯୋଗ ଦେବେ ଏବଂ ସମସ୍ତ ଆପତ୍ତି ଶୁଣିବା ପରେ ଏବଂ ଯଦି କୌଣସି ଅଧିକ ତଦନ୍ତ କରିବା ପରେ, ଯଦି ଆବଶ୍ୟକ ମନେହୁଏ, କ୍ଷମତାପ୍ରାପ୍ତ ପ୍ରାଧିକରଣ ଆବଶ୍ୟକ ବିବେଚନା କରିପାରନ୍ତି, ତେବେ ଆଦେଶ ଦ୍ୱାରା ଆପତ୍ତିଗୁଡ଼ିକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କରିପାରିବେ ।

ଉକ୍ତ ଆଇନର ଧାରା 20D ର ଉପ-ଧାରା (2) ଅନୁଯାୟୀ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ଯେକୌଣସି ଆଦେଶ ଚୂଡ଼ାନ୍ତ ହେବ ।

ଏହି ବିଜ୍ଞପ୍ତି ଅଧୀନରେ ଥିବା ଜମିର ଭୂମି ନକ୍ସା ଏବଂ ଅନ୍ୟାନ୍ୟ ବିବରଣୀ ଉପଲବ୍ଧ ଏବଂ ଆଗ୍ରହୀ ବ୍ୟକ୍ତି ଉପରୋକ୍ତ ସକ୍ଷମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଯାଞ୍ଚ କରିପାରିବେ ।

ସ୍ୱାକ୍ଷର

ତହସିଲଦାର ଓ ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ, କାଳିମେଲା

ତହସିଲ ନାମ - କାଳିମେଲା, ଜିଲ୍ଲା: ମାଲକାନଗିରି

| କ୍ରମିକ ନଂ | ଗାଁର ନାମ | ଖାତା ନଂ | ଖସରା / ପ୍ଲଟ୍ ନମ୍ବର | ମୋଟ କ୍ଷେତ୍ରଫଳ (ଏକରରେ) | ଅଧିଗ୍ରହଣିତ ଅଞ୍ଚଳ (ଏକରରେ) | ଜମିର କିସମ୍ | ଜମି ପ୍ରକାର |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | ଚିତ୍ରାଙ୍ଗପାଲି | 265 | 1354 | 0.400 | 0.235 | ଧାନ ଦୁଇ | ନିଜସ୍ୱ |
| 2 | ଚିତ୍ରାଙ୍ଗପାଲି | 265 | 2469 | 0.699 | 0.361 | ଧାନ ଦୁଇ | ନିଜସ୍ୱ |
| 3 | ଚିତ୍ରାଙ୍ଗପାଲି | 275/ 61 | 1356 | 1.117 | 0.450 | ଧାନ ଦୁଇ | ନିଜସ୍ୱ |
| 4 | ଚିତ୍ରାଙ୍ଗପାଲି | 112 | 1357 | 1.000 | 0.054 | ଧାନ ଦୁଇ | ନିଜସ୍ୱ |
| 5 | ଚିତ୍ରାଙ୍ଗପାଲି | 112 | 2526 | 1.299 | 0.200 | ଧାନ ଦୁଇ | ନିଜସ୍ୱ |
| 6 | ଚିତ୍ରାଙ୍ଗପାଲି | 267 | 1369 | 0.659 | 0.239 | ଧାନ ଦୁଇ | ନିଜସ୍ୱ |
| 7 | ଚିତ୍ରାଙ୍ଗପାଲି | 11 | 1352 | 1.333 | 0.266 | ଡଙ୍ଗର ଏକ | ନିଜସ୍ୱ |
| 8 | ଚିତ୍ରାଙ୍ଗପାଲି | 11 | 2603 | 2.658 | 1.756 | ଡଙ୍ଗର ଏକ | ନିଜସ୍ୱ |
| 9 | ଚିତ୍ରାଙ୍ଗପାଲି | 33 | 1328 | 1.302 | 0.382 | ଡଙ୍ଗର ଦୁଇ | ନିଜସ୍ୱ |
| 10 | ଚିତ୍ରାଙ୍ଗପାଲି | 33 | 1329 | 0.210 | 0.161 | ଧାନ ଦୁଇ | ନିଜସ୍ୱ |
| 11 | ଚିତ୍ରାଙ୍ଗପାଲି | 33 | 1330 | 0.439 | 0.239 | ଧାନ ଦୁଇ | ନିଜସ୍ୱ |
| 12 | ଚିତ୍ରାଙ୍ଗପାଲି | 33 | 1339 | 4.077 | 0.643 | ଧାନ ଦୁଇ | ନିଜସ୍ୱ |
| 13 | ଚିତ୍ରାଙ୍ଗପାଲି | 237 | 1342 | 2.372 | 0.485 | ଧାନ ଦୁଇ | ନିଜସ୍ୱ |
| 14 | ଚିତ୍ରାଙ୍ଗପାଲି | 200 | 1341 | 0.298 | 0.298 | ଧାନ ଦୁଇ | ନିଜସ୍ୱ |
| 15 | ଚିତ୍ରାଙ୍ଗପାଲି | 200 | 1550 | 0.637 | 0.363 | ଧାନ ଦୁଇ | ନିଜସ୍ୱ |
| 16 | ଚିତ୍ରାଙ୍ଗପାଲି | 73 | 1267 | 0.499 | 0.134 | ଧାନ ଦୁଇ | ନିଜସ୍ୱ |
| 17 | ଚିତ୍ରାଙ୍ଗପାଲି | 73 | 1552 | 1.732 | 0.646 | ଧାନ ଦୁଇ | ନିଜସ୍ୱ |
| 18 | ଚିତ୍ରାଙ୍ଗପାଲି | 125 | 1173/ 2753 | 0.015 | 0.007 | ଧାନ ଦୁଇ | ନିଜସ୍ୱ |
| 19 | ଚିତ୍ରାଙ୍ଗପାଲି | 115 | 1164/ 2755 | 0.299 | 0.127 | ଧାନ ଦୁଇ | ନିଜସ୍ୱ |
| 20 | ଚିତ୍ରାଙ୍ଗପାଲି | 275/ 49 | 1162 | 2.073 | 0.807 | ଡଙ୍ଗର ଏକ | ନିଜସ୍ୱ |
| 21 | ଚିତ୍ରାଙ୍ଗପାଲି | 275/ 73 | 1147 | 0.699 | 0.425 | ଡଙ୍ଗର ଦୁଇ | ନିଜସ୍ୱ |
| 22 | ଚିତ୍ରାଙ୍ଗପାଲି | 275/ 74 | 1150 | 0.084 | 0.084 | ଡଙ୍ଗର ଦୁଇ | ନିଜସ୍ୱ |
| 23 | ଚିତ୍ରାଙ୍ଗପାଲି | 35 | 2530 | 0.498 | 0.345 | ଡଙ୍ଗର ଏକ | ନିଜସ୍ୱ |
| 24 | ଚିତ୍ରାଙ୍ଗପାଲି | 35 | 2529 | 0.852 | 0.571 | ଧାନ ଦୁଇ | ନିଜସ୍ୱ |
| 25 | ଚିତ୍ରାଙ୍ଗପାଲି | 35 | 2576 | 0.741 | 0.255 | ଡଙ୍ଗର ଏକ | ନିଜସ୍ୱ |
| 26 | ଚିତ୍ରାଙ୍ଗପାଲି | 35 | 2578 | 2.668 | 0.028 | ଡଙ୍ଗର ଏକ | ନିଜସ୍ୱ |
| 27 | ଚିତ୍ରାଙ୍ଗପାଲି | 213 | 2527 | 0.395 | 0.395 | ଧାନ ଦୁଇ | ନିଜସ୍ୱ |
| 28 | ଚିତ୍ରାଙ୍ଗପାଲି | 77 | 2528 | 0.724 | 0.610 | ଧାନ ଦୁଇ | ନିଜସ୍ୱ |
| 29 | ଚିତ୍ରାଙ୍ଗପାଲି | 166 | 2577 | 0.996 | 0.451 | ଧାନ ଦୁଇ | ନିଜସ୍ୱ |
| 30 | ଚିତ୍ରାଙ୍ଗପାଲି | 156 | 2582 | 0.939 | 0.758 | ଧାନ ଦୁଇ | ନିଜସ୍ୱ |
| 31 | ଚିତ୍ରାଙ୍ଗପାଲି | 275/ 65 | 2583 | 0.771 | 0.103 | ଧାନ ଦୁଇ | ନିଜସ୍ୱ |
| 32 | ଚିତ୍ରାଙ୍ଗପାଲି | 48 | 2601 | 0.899 | 0.197 | ଧାନ ଦୁଇ | ନିଜସ୍ୱ |
| 33 | ଚିତ୍ରାଙ୍ଗପାଲି | 48 | 2602 | 0.298 | 0.226 | ଧାନ ଦୁଇ | ନିଜସ୍ୱ |
| 34 | ଚିତ୍ରାଙ୍ଗପାଲି | 147 | 2506 | 0.761 | 0.346 | ଧାନ ଦୁଇ | ନିଜସ୍ୱ |
| 35 | ଚିତ୍ରାଙ୍ଗପାଲି | 275/ 55 | 2483 | 0.778 | 0.695 | ଧାନ ଦୁଇ | ନିଜସ୍ୱ |
| 36 | ଚିତ୍ରାଙ୍ଗପାଲି | 134 | 2482 | 0.640 | 0.009 | ଧାନ ଦୁଇ | ନିଜସ୍ୱ |
| 37 | ଚିତ୍ରାଙ୍ଗପାଲି | 167 | 2485 | 1.038 | 0.060 | ଧାନ ଏକ | ନିଜସ୍ୱ |
| 38 | ଚିତ୍ରାଙ୍ଗପାଲି | 167 | 2484 | 0.200 | 0.090 | ଧାନ ଦୁଇ | ନିଜସ୍ୱ |
| 39 | ଚିତ୍ରାଙ୍ଗପାଲି | 272 | 2477 | 0.279 | 0.065 | ଧାନ ଦୁଇ | ନିଜସ୍ୱ |
| 40 | ଚିତ୍ରାଙ୍ଗପାଲି | 275/ 62 | 2478 | 0.450 | 0.261 | ଧାନ ଦୁଇ | ନିଜସ୍ୱ |
| 41 | ଚିତ୍ରାଙ୍ଗପାଲି | 192 | 2471 | 1.050 | 0.426 | ଧାନ ଦୁଇ | ନିଜସ୍ୱ |
| 42 | ଚିତ୍ରାଙ୍ଗପାଲି | 275/ 69 | 1123 | 0.494 | 0.099 | ଧାନ ଦୁଇ | ନିଜସ୍ୱ |
| 43 | ଚିତ୍ରାଙ୍ଗପାଲି | 275/ 68 | 1127 | 0.544 | 0.130 | ଧାନ ଦୁଇ | ନିଜସ୍ୱ |
| 44 | ଚିତ୍ରାଙ୍ଗପାଲି | 144 | 1163 | 0.766 | 0.121 | ଧାନ ଦୁଇ | ନିଜସ୍ୱ |
| 45 | ଚିତ୍ରାଙ୍ଗପାଲି | 153 | 1371 | 0.971 | 0.127 | ଧାନ ଦୁଇ | ନିଜସ୍ୱ |
| 46 | ଚିତ୍ରାଙ୍ଗପାଲି | 275/ 84 | 1556 | 3.963 | 0.009 | ଜଙ୍ଗଲ | ନିଜସ୍ୱ |
| 47 | ଚିତ୍ରାଙ୍ଗପାଲି | 27 | 2606 | 2.893 | 0.380 | ଧାନ ଦୁଇ | ନିଜସ୍ୱ |
| 48 | ଚିତ୍ରାଙ୍ଗପାଲି | 67 | 2574 | 0.180 | 0.022 | ଧାନ ଦୁଇ | ନିଜସ୍ୱ |
| 49 | ଚିତ୍ରାଙ୍ଗପାଲି | 200 | 1266 | 0.489 | 0.009 | ଧାନ ଦୁଇ | ନିଜସ୍ୱ |
| | | | **ମୋଟ** | **49.178** | **15.151** | | |
| 50 | ବିଲିଗୁଡା | 23 | 85 | 0.368 | 0.067 | ଧାନ ଦୁଇ | ନିଜସ୍ୱ |
| 51 | ବିଲିଗୁଡା | 23 | 87 | 0.298 | 0.184 | ଧାନ ଦୁଇ | ନିଜସ୍ୱ |
| 52 | ବିଲିଗୁଡା | 17 | 1166 | 1.428 | 0.586 | ଧାନ ଏକ | ନିଜସ୍ୱ |
| 53 | ବିଲିଗୁଡା | 10 | 1149 | 2.891 | 1.367 | ଡଙ୍ଗର ଏକ | ନିଜସ୍ୱ |
| 54 | ବିଲିଗୁଡା | 7 | 1088 | 0.192 | 0.180 | ଧାନ ଦୁଇ | ନିଜସ୍ୱ |
| 55 | ବିଲିଗୁଡା | 7 | 1089 | 1.433 | 0.934 | ଧାନ ଦୁଇ | ନିଜସ୍ୱ |
| 56 | ବିଲିଗୁଡା | 7 | 1092 | 2.500 | 0.058 | ଧାନ ଏକ | ନିଜସ୍ୱ |
| 57 | ବିଲିଗୁଡା | 23 | 1047 | 0.234 | 0.017 | ଧାନ ଦୁଇ | ନିଜସ୍ୱ |
| 58 | ବିଲିଗୁଡା | 23 | 1048 | 0.758 | 0.403 | ଧାନ ଦୁଇ | ନିଜସ୍ୱ |
| | | | **ମୋଟ** | **10.102** | **3.795** | | |
| 59 | ଲୁଗେଲ୍ | 89 | 1490 | 1.482 | 0.867 | ଧାନ ଏକ | ନିଜସ୍ୱ |
| 60 | ଲୁଗେଲ୍ | 118 | 1488 | 1.49 | 0.701 | ଧାନ ଏକ | ନିଜସ୍ୱ |
| 61 | ଲୁଗେଲ୍ | 198 | 1487 | 1.260 | 0.463 | ଧାନ ଏକ | ନିଜସ୍ୱ |
| 62 | ଲୁଗେଲ୍ | 113 | 1510 | 1.218 | 0.179 | ଧାନ ଦୁଇ | ନିଜସ୍ୱ |
| 63 | ଲୁଗେଲ୍ | 141 | 1511 | 0.845 | 0.364 | ଧାନ ଦୁଇ | ନିଜସ୍ୱ |
| 64 | ଲୁଗେଲ୍ | 205 | 1512 | 0.298 | 0.105 | ଧାନ ଦୁଇ | ନିଜସ୍ୱ |
| 65 | ଲୁଗେଲ୍ | 213 | 1521 | 1.704 | 1.206 | ଡଙ୍ଗର ଦୁଇ | ନିଜସ୍ୱ |
| 66 | ଲୁଗେଲ୍ | 209 | 1527 | 0.284 | 0.154 | ଧାନ ଦୁଇ | ନିଜସ୍ୱ |
| 67 | ଲୁଗେଲ୍ | 201 | 1518 | 0.785 | 0.364 | ଧାନ ଦୁଇ | ନିଜସ୍ୱ |
| 68 | ଲୁଗେଲ୍ | 213 | 1548 | 0.501 | 0.101 | ଧାନ ଦୁଇ | ନିଜସ୍ୱ |
| 69 | ଲୁଗେଲ୍ | 214 | 1513 | 0.588 | 0.165 | ଧାନ ଦୁଇ | ନିଜସ୍ୱ |
| 70 | ଲୁଗେଲ୍ | 214 | 1584 | 0.600 | 0.110 | ଧାନ ଦୁଇ | ନିଜସ୍ୱ |
| 71 | ଲୁଗେଲ୍ | 201 | 1517 | 0.529 | 0.023 | ଧାନ ଦୁଇ | ନିଜସ୍ୱ |
| 72 | ଲୁଗେଲ୍ | 201 | 1583 | 0.128 | 0.128 | ଧାନ ଦୁଇ | ନିଜସ୍ୱ |
| 73 | ଲୁଗେଲ୍ | 80 | 1581 | 1.112 | 0.903 | ଧାନ ଦୁଇ | ନିଜସ୍ୱ |
| 74 | ଲୁଗେଲ୍ | 218 | 1567 | 2.372 | 0.264 | ଧାନ ଦୁଇ | ନିଜସ୍ୱ |
| 75 | ଲୁଗେଲ୍ | 85 | 1580 | 0.007 | 0.418 | ଧାନ ଏକ | ନିଜସ୍ୱ |
| 76 | ଲୁଗେଲ୍ | 157 | 1569 | 0.250 | 0.250 | ଧାନ ଦୁଇ | ନିଜସ୍ୱ |
| 77 | ଲୁଗେଲ୍ | 157 | 1570 | 1.181 | 0.406 | ଧାନ ଦୁଇ | ନିଜସ୍ୱ |
| 78 | ଲୁଗେଲ୍ | 250 | 1573 | 1.381 | 1.178 | ଧାନ ଦୁଇ | ନିଜସ୍ୱ |
| 79 | ଲୁଗେଲ୍ | 28 | 1606 | 4.354 | 1.015 | ଡଙ୍ଗର ଦୁଇ | ନିଜସ୍ୱ |
| 80 | ଲୁଗେଲ୍ | 126 | 2106 | NA | 0.222 | ଡଙ୍ଗର ଦୁଇ | ନିଜସ୍ୱ |
| 81 | ଲୁଗେଲ୍ | 91 | 859 | 1.806 | 0.019 | ଧାନ ଦୁଇ | ନିଜସ୍ୱ |
| 82 | ଲୁଗେଲ୍ | 249 | 860 | 1.547 | 0.894 | ଧାନ ଦୁଇ | ନିଜସ୍ୱ |
| 83 | ଲୁଗେଲ୍ | 271/ 123 | 861 | 1.075 | 0.384 | ଧାନ ଦୁଇ | ନିଜସ୍ୱ |
| 84 | ଲୁଗେଲ୍ | 210 | 864 | 2.422 | 0.111 | ଧାନ ଦୁଇ | ନିଜସ୍ୱ |
| 85 | ଲୁଗେଲ୍ | 151 | 849 | 0.272 | 0.266 | ଧାନ ଦୁଇ | ନିଜସ୍ୱ |
| 86 | ଲୁଗେଲ୍ | 151 | 824 | 0.427 | 0.016 | ଧାନ ଦୁଇ | ନିଜସ୍ୱ |
| 87 | ଲୁଗେଲ୍ | 151 | 827 | 0.605 | 0.066 | ଧାନ ଦୁଇ | ନିଜସ୍ୱ |
| 88 | ଲୁଗେଲ୍ | 151 | 839 | 0.235 | 0.165 | ଘରବାରୀ | ନିଜସ୍ୱ |
| 89 | ଲୁଗେଲ୍ | 31 | 840 | 0.224 | 0.204 | ଧାନ ଦୁଇ | ନିଜସ୍ୱ |
| 90 | ଲୁଗେଲ୍ | 31 | 851 | 0.432 | 0.016 | ଧାନ ଦୁଇ | ନିଜସ୍ୱ |
| 91 | ଲୁଗେଲ୍ | 31 | 841 | 0.998 | 0.370 | ଧାନ ଦୁଇ | ନିଜସ୍ୱ |
| 92 | ଲୁଗେଲ୍ | 151 | 838 | 0.059 | 0.051 | ଧାନ ଦୁଇ | ନିଜସ୍ୱ |
| 93 | ଲୁଗେଲ୍ | 150 | 837 | 2.050 | 0.538 | ଧାନ ଦୁଇ | ନିଜସ୍ୱ |
| 94 | ଲୁଗେଲ୍ | 24 | 836 | 0.617 | 0.396 | ଧାନ ଦୁଇ | ନିଜସ୍ୱ |
| 95 | ଲୁଗେଲ୍ | 24 | 835 | 1.877 | 0.714 | ଧାନ ଦୁଇ | ନିଜସ୍ୱ |
| 96 | ଲୁଗେଲ୍ | 26 | 834 | 2.621 | 1.625 | ଧାନ ଏକ | ନିଜସ୍ୱ |
| 97 | ଲୁଗେଲ୍ | 26 | 313 | 1.230 | 0.206 | ଧାନ ଏକ | ନିଜସ୍ୱ |
| 98 | ଲୁଗେଲ୍ | 2 | 326 | 1.161 | 0.159 | ଶ୍ମଶାନ | ନିଜସ୍ୱ |
| 99 | ଲୁଗେଲ୍ | 12 | 327 | 1.801 | 0.167 | ଧାନ ଏକ | ନିଜସ୍ୱ |
| 100 | ଲୁଗେଲ୍ | 7 | 322 | 2.372 | 0.896 | ଧାନ ଏକ | ନିଜସ୍ୱ |
| 101 | ଲୁଗେଲ୍ | 7 | 321 | 0.160 | 0.088 | ଧାନ ଏକ | ନିଜସ୍ୱ |
| 102 | ଲୁଗେଲ୍ | 7 | 320 | 2.031 | 0.973 | ଧାନ ଏକ | ନିଜସ୍ୱ |
| 103 | ଲୁଗେଲ୍ | 13 | 339 | 2.280 | 1.078 | ଧାନ ଏକ | ନିଜସ୍ୱ |
| 104 | ଲୁଗେଲ୍ | 8 | 346 | 1.428 | 1.030 | ଧାନ ଏକ | ନିଜସ୍ୱ |
| 105 | ଲୁଗେଲ୍ | 13 | 350 | 2.480 | 1.096 | ଧାନ ଏକ | ନିଜସ୍ୱ |
| 106 | ଲୁଗେଲ୍ | 11 | 351 | 1.460 | 0.796 | ଧାନ ଏକ | ନିଜସ୍ୱ |
| 107 | ଲୁଗେଲ୍ | 7 | 341 | 1.630 | 0.885 | ଧାନ ଏକ | ନିଜସ୍ୱ |
| 108 | ଲୁଗେଲ୍ | 65 | 1576 | 1.883 | 0.402 | ଧାନ ଦୁଇ | ନିଜସ୍ୱ |
| 109 | ଲୁଗେଲ୍ | 271/ 91 | 847 | 0.544 | 0.010 | ଧାନ ଦୁଇ | ନିଜସ୍ୱ |
| 110 | ଲୁଗେଲ୍ | 154 | 1554 | 0.890 | 0.008 | ଡଙ୍ଗର ଦୁଇ | ନିଜସ୍ୱ |
| | | | **ମୋଟ** | **60.987** | **23.213** | | |
| 111 | ମାଙ୍ଗିପାଲୀ | 174 | 255 | 0.0189 | 0.280 | ଧାନ ଦୁଇ | ନିଜସ୍ୱ |
| 112 | ମାଙ୍ଗିପାଲୀ | 11 | 412 | 0.164 | 0.960 | ଧାନ ଦୁଇ | ନିଜସ୍ୱ |
| 113 | ମାଙ୍ଗିପାଲୀ | 11 | 422 | 0.504 | 0.240 | ଧାନ ଦୁଇ | ନିଜସ୍ୱ |
| 114 | ମାଙ୍ଗିପାଲୀ | 49 | 393 | 0.451 | 0.350 | ଧାନ ଏକ | ନିଜସ୍ୱ |
| 115 | ମାଙ୍ଗିପାଲୀ | 47 | 392 | 0.366 | 0.235 | ଧାନ ଏକ | ନିଜସ୍ୱ |
| 116 | ମାଙ୍ଗିପାଲୀ | 47 | 386 | 0.447 | 1.230 | ଧାନ ଏକ | ନିଜସ୍ୱ |
| 117 | ମାଙ୍ଗିପାଲୀ | 47 | 389 | 1.740 | 1.805 | ଧାନ ଏକ | ନିଜସ୍ୱ |
| 118 | ମାଙ୍ଗିପାଲୀ | 47 | 388 | 0.452 | 0.260 | ଧାନ ଏକ | ନିଜସ୍ୱ |
| 119 | ମାଙ୍ଗିପାଲୀ | 60 | 296 | 0.346 | 0.320 | ଧାନ ଦୁଇ | ନିଜସ୍ୱ |
| 120 | ମାଙ୍ଗିପାଲୀ | 60 | 295 | 0.135 | 0.055 | ଧାନ ଦୁଇ | ନିଜସ୍ୱ |
| 121 | ମାଙ୍ଗିପାଲୀ | 60 | 293 | 0.024 | 0.225 | ଧାନ ଦୁଇ | ନିଜସ୍ୱ |
| 122 | ମାଙ୍ଗିପାଲୀ | 60 | 276 | 0.033 | 0.095 | ଧାନ ଦୁଇ | ନିଜସ୍ୱ |
| 123 | ମାଙ୍ଗିପାଲୀ | 60 | 272 | 0.004 | 0.343 | ଧାନ ଦୁଇ | ନିଜସ୍ୱ |
| 124 | ମାଙ୍ଗିପାଲୀ | 60 | 283 | 0.194 | 0.130 | ଧାନ ଦୁଇ | ନିଜସ୍ୱ |
| 125 | ମାଙ୍ଗିପାଲୀ | 81 | 244 | 0.073 | 0.080 | ଧାନ ଦୁଇ | ନିଜସ୍ୱ |
| 126 | ମାଙ୍ଗିପାଲୀ | 81 | 245 | 0.731 | 0.335 | ଧାନ ଦୁଇ | ନିଜସ୍ୱ |
| 127 | ମାଙ୍ଗିପାଲୀ | 155 | 243 | 0.090 | 0.320 | ଧାନ ଦୁଇ | ନିଜସ୍ୱ |
| 128 | ମାଙ୍ଗିପାଲୀ | 214 | 246 | 0.681 | 0.340 | ଧାନ ଦୁଇ | ନିଜସ୍ୱ |
| 129 | ମାଙ୍ଗିପାଲୀ | 214 | 247 | 0.097 | 0.060 | ଧାନ ଦୁଇ | ନିଜସ୍ୱ |
| 130 | ମାଙ୍ଗିପାଲୀ | 129 | 248 | 0.441 | 0.380 | ଧାନ ଦୁଇ | ନିଜସ୍ୱ |
| 131 | ମାଙ୍ଗିପାଲୀ | 34 | 250 | 0.179 | 0.080 | ଧାନ ଦୁଇ | ନିଜସ୍ୱ |
| 132 | ମାଙ୍ଗିପାଲୀ | 120 | 251 | 0.186 | 0.100 | ଧାନ ଦୁଇ | ନିଜସ୍ୱ |
| 133 | ମାଙ୍ଗିପାଲୀ | 34 | 233 | 0.836 | 0.500 | ଧାନ ଦୁଇ | ନିଜସ୍ୱ |
| 134 | ମାଙ୍ଗିପାଲୀ | 34 | 232 | 0.378 | 0.390 | ଧାନ ଦୁଇ | ନିଜସ୍ୱ |
| 135 | ମାଙ୍ଗିପାଲୀ | 49 | 543 | 0.291 | 0.830 | ଧାନ ଏକ | ନିଜସ୍ୱ |
| 136 | ମାଙ୍ଗିପାଲୀ | 49 | 544 | 2.478 | 2.280 | ଧାନ ଏକ | ନିଜସ୍ୱ |
| 137 | ମାଙ୍ଗିପାଲୀ | 31 | 557/ 2801 | 0.454 | 0.355 | ଧାନ ଦୁଇ | ନିଜସ୍ୱ |
| 138 | ମାଙ୍ଗିପାଲୀ | 82 | 556 | 0.052 | 0.607 | ଧାନ ଦୁଇ | ନିଜସ୍ୱ |
| 139 | ମାଙ୍ଗିପାଲୀ | 82 | 557/ 2848 | 0.022 | 0.060 | ଧାନ ଦୁଇ | ନିଜସ୍ୱ |
| 140 | ମାଙ୍ଗିପାଲୀ | 121 | 557 | 0.671 | 0.960 | ଧାନ ଦୁଇ | ନିଜସ୍ୱ |
| 141 | ମାଙ୍ଗିପାଲୀ | 39 | 792 | 0.042 | 0.050 | ଘରବାରୀ | ନିଜସ୍ୱ |
| 142 | ମାଙ୍ଗିପାଲୀ | 84 | 796 | 0.574 | 0.830 | ଧାନ ଦୁଇ | ନିଜସ୍ୱ |
| 143 | ମାଙ୍ଗିପାଲୀ | 78 | 797 | 0.451 | 0.587 | ଧାନ ଦୁଇ | ନିଜସ୍ୱ |
| 144 | ମାଙ୍ଗିପାଲୀ | 150 | 798 | 0.496 | 0.405 | ଧାନ ଦୁଇ | ନିଜସ୍ୱ |
| 145 | ମାଙ୍ଗିପାଲୀ | 167 | 799 | 0.385 | 0.607 | ଧାନ ଦୁଇ | ନିଜସ୍ୱ |
| 146 | ମାଙ୍ଗିପାଲୀ | 49 | 1104 | 0.283 | 0.218 | ଧାନ ଏକ | ନିଜସ୍ୱ |
| 147 | ମାଙ୍ଗିପାଲୀ | 49 | 1103 | 0.057 | 0.430 | ଧାନ ଦୁଇ | ନିଜସ୍ୱ |
| 148 | ମାଙ୍ଗିପାଲୀ | 50 | 1099 | 2.177 | 3.699 | ଧାନ ଦୁଇ | ନିଜସ୍ୱ |
| 149 | ମାଙ୍ଗିପାଲୀ | 223 | 1091 | 0.034 | 0.418 | ଧାନ ଦୁଇ | ନିଜସ୍ୱ |
| 150 | ମାଙ୍ଗିପାଲୀ | 217 | 1090 | 0.411 | 0.523 | ଧାନ ଦୁଇ | ନିଜସ୍ୱ |
| 151 | ମାଙ୍ଗିପାଲୀ | 145 | 1089 | 0.059 | 0.024 | ଧାନ ଦୁଇ | ନିଜସ୍ୱ |
| 152 | ମାଙ୍ଗିପାଲୀ | 145 | 1088 | 0.781 | 0.441 | ଧାନ ଦୁଇ | ନିଜସ୍ୱ |
| 153 | ମାଙ୍ଗିପାଲୀ | 50 | 1095 | 0.104 | 1.100 | ଧାନ ଦୁଇ | ନିଜସ୍ୱ |
| 154 | ମାଙ୍ଗିପାଲୀ | 31 | 1086 | 0.085 | 1.250 | ଧାନ ଦୁଇ | ନିଜସ୍ୱ |
| 155 | ମାଙ୍ଗିପାଲୀ | 102 | 2247 | 0.142 | 0.320 | ଧାନ ଦୁଇ | ନିଜସ୍ୱ |
| 156 | ମାଙ୍ଗିପାଲୀ | 175 | 2228 | 0.418 | 0.178 | ଧାନ ଦୁଇ | ନିଜସ୍ୱ |
| 157 | ମାଙ୍ଗିପାଲୀ | 136 | 2229 | 0.008 | 0.148 | ଧାନ ଦୁଇ | ନିଜସ୍ୱ |
| 158 | ମାଙ୍ଗିପାଲୀ | 117 | 2230 | 0.218 | 0.362 | ଧାନ ଦୁଇ | ନିଜସ୍ୱ |
| 159 | ମାଙ୍ଗିପାଲୀ | 209 | 2239 | 0.576 | 0.344 | ଧାନ ଦୁଇ | ନିଜସ୍ୱ |
| 160 | ମାଙ୍ଗିପାଲୀ | 63 | 2231 | 0.368 | 0.190 | ଧାନ ଦୁଇ | ନିଜସ୍ୱ |
| 161 | ମାଙ୍ଗିପାଲୀ | 111 | 2238 | 0.029 | 0.090 | ଧାନ ଦୁଇ | ନିଜସ୍ୱ |
| 162 | ମାଙ୍ଗିପାଲୀ | 170 | 2233 | 0.347 | 0.168 | ଧାନ ଦୁଇ | ନିଜସ୍ୱ |
| 163 | ମାଙ୍ଗିପାଲୀ | 115 | 2234 | 0.297 | 0.130 | ଧାନ ଦୁଇ | ନିଜସ୍ୱ |
| 164 | ମାଙ୍ଗିପାଲୀ | 226 | 2235 | 0.376 | 0.348 | ଧାନ ଦୁଇ | ନିଜସ୍ୱ |
| 165 | ମାଙ୍ଗିପାଲୀ | 94 | 2135 | 0.731 | 0.345 | ଧାନ ଦୁଇ | ନିଜସ୍ୱ |
| 166 | ମାଙ୍ଗିପାଲୀ | 169 | 2134 | 0.136 | 0.213 | ଧାନ ଦୁଇ | ନିଜସ୍ୱ |
| 167 | ମାଙ୍ଗିପାଲୀ | 169 | 2157 | 0.494 | 0.300 | ଧାନ ଦୁଇ | ନିଜସ୍ୱ |
| 168 | ମାଙ୍ଗିପାଲୀ | 210 | 2158 | 0.368 | 0.185 | ଧାନ ଦୁଇ | ନିଜସ୍ୱ |
| 169 | ମାଙ୍ଗିପାଲୀ | 13 | 2159 | 0.003 | 0.060 | ଧାନ ଦୁଇ | ନିଜସ୍ୱ |
| 170 | ମାଙ୍ଗିପାଲୀ | 13 | 2162 | 0.987 | 0.860 | ଧାନ ଏକ | ନିଜସ୍ୱ |
| 171 | ମାଙ୍ଗିପାଲୀ | 13 | 2152 | 0.251 | 1.240 | ଧାନ ଏକ | ନିଜସ୍ୱ |
| 172 | ମାଙ୍ଗିପାଲୀ | 41 | 2164 | 0.128 | 0.142 | ଡଙ୍ଗର ଦୁଇ | ନିଜସ୍ୱ |
| 173 | ମାଙ୍ଗିପାଲୀ | 41 | 420 | 0.057 | 0.040 | ଡଙ୍ଗର ଦୁଇ | ନିଜସ୍ୱ |
| 174 | ମାଙ୍ଗିପାଲୀ | 90 | 2232 | 0.005 | 0.145 | ଧାନ ଦୁଇ | ନିଜସ୍ୱ |
| | | | **ମୋଟ** | **24.4199** | **30.595** | | |
| 175 | ଯବାନପାଲୀ | 70 | 582 | 2.121 | 0.174 | ଧାନ ଦୁଇ | ନିଜସ୍ୱ |
| 176 | ଯବାନପାଲୀ | 21 | 581 | 0.523 | 0.364 | ଧାନ ଦୁଇ | ନିଜସ୍ୱ |
| 177 | ଯବାନପାଲୀ | 118/ 11 | 580 | 0.086 | 0.086 | ଧାନ ଦୁଇ | ନିଜସ୍ୱ |
| 178 | ଯବାନପାଲୀ | 21 | 576 | 0.842 | 0.525 | ଧାନ ଏକ | ନିଜସ୍ୱ |
| 179 | ଯବାନପାଲୀ | 66 | 563 | 0.926 | 0.351 | ଧାନ ଦୁଇ | ନିଜସ୍ୱ |
| 180 | ଯବାନପାଲୀ | 77 | 564 | 2.679 | 1.271 | ଧାନ ଦୁଇ | ନିଜସ୍ୱ |
| 181 | ଯବାନପାଲୀ | 33 | 565 | 2.573 | 0.159 | ଧାନ ଦୁଇ | ନିଜସ୍ୱ |
| 182 | ଯବାନପାଲୀ | 33 | 559 | 0.629 | 0.225 | ଧାନ ଦୁଇ | ନିଜସ୍ୱ |
| 183 | ଯବାନପାଲୀ | 15 | 535 | 0.284 | 0.195 | ଡଙ୍ଗର ଦୁଇ | ନିଜସ୍ୱ |
| 184 | ଯବାନପାଲୀ | 15 | 534 | 1.514 | 0.654 | ଧାନ ଏକ | ନିଜସ୍ୱ |
| 185 | ଯବାନପାଲୀ | 15 | 537 | 2.050 | 1.097 | ଧାନ ଏକ | ନିଜସ୍ୱ |
| 186 | ଯବାନପାଲୀ | 90 | 512 | 0.721 | 0.073 | ଧାନ ଦୁଇ | ନିଜସ୍ୱ |
| 187 | ଯବାନପାଲୀ | 70 | 511 | 0.612 | 0.240 | ଧାନ ଦୁଇ | ନିଜସ୍ୱ |
| 188 | ଯବାନପାଲୀ | 92 | 510 | 0.676 | 0.477 | ଧାନ ଦୁଇ | ନିଜସ୍ୱ |
| 189 | ଯବାନପାଲୀ | 55 | 509 | 0.568 | 0.435 | ଧାନ ଦୁଇ | ନିଜସ୍ୱ |
| 190 | ଯବାନପାଲୀ | 29 | 507 | 3.181 | 0.467 | ଧାନ ଦୁଇ | ନିଜସ୍ୱ |
| 191 | ଯବାନପାଲୀ | 4 | 769 | 1.173 | 0.728 | ଧାନ ଏକ | ନିଜସ୍ୱ |
| 192 | ଯବାନପାଲୀ | 4 | 768 | 0.098 | 0.077 | ଧାନ ଏକ | ନିଜସ୍ୱ |
| 193 | ଯବାନପାଲୀ | 10 | 766 | 1.741 | 0.370 | ଧାନ ଏକ | ନିଜସ୍ୱ |
| 194 | ଯବାନପାଲୀ | 11 | 792 | 0.229 | 0.143 | ଧାନ ଦୁଇ | ନିଜସ୍ୱ |
| 195 | ଯବାନପାଲୀ | 11 | 790 | 0.330 | 0.293 | ଧାନ ଦୁଇ | ନିଜସ୍ୱ |
| 196 | ଯବାନପାଲୀ | 11 | 794 | 1.005 | 0.076 | ଧାନ ଦୁଇ | ନିଜସ୍ୱ |
| 197 | ଯବାନପାଲୀ | 11 | 834 | 0.795 | 0.688 | ଧାନ ଦୁଇ | ନିଜସ୍ୱ |
| 198 | ଯବାନପାଲୀ | 11 | 838 | 1.815 | 0.239 | ଧାନ ଦୁଇ | ନିଜସ୍ୱ |
| 199 | ଯବାନପାଲୀ | 21 | 938 | 1.200 | 0.196 | ଧାନ ଦୁଇ | ନିଜସ୍ୱ |
| 200 | ଯବାନପାଲୀ | 78 | 976 | 1.482 | 0.367 | ଧାନ ଦୁଇ | ନିଜସ୍ୱ |
| 201 | ଯବାନପାଲୀ | 61 | 977 | 1.482 | 0.316 | ଧାନ ଦୁଇ | ନିଜସ୍ୱ |
| 202 | ଯବାନପାଲୀ | 61 | 978 | 0.197 | 0.010 | ଧାନ ଦୁଇ | ନିଜସ୍ୱ |
| 203 | ଯବାନପାଲୀ | 118/ 6 | 998 | 1.347 | 0.114 | ଧାନ ଦୁଇ | ନିଜସ୍ୱ |
| 204 | ଯବାନପାଲୀ | 118/ 7 | 1001 | 0.301 | 0.225 | ଧାନ ଦୁଇ | ନିଜସ୍ୱ |
| 205 | ଯବାନପାଲୀ | 118/ 9 | 963 | 0.440 | 0.186 | ଡଙ୍ଗର ଦୁଇ | ନିଜସ୍ୱ |
| 206 | ଯବାନପାଲୀ | 53 | 1004 | 1.126 | 0.128 | ଧାନ ଦୁଇ | ନିଜସ୍ୱ |
| 207 | ଯବାନପାଲୀ | 89 | 1021 | 1.617 | 0.948 | ଧାନ ଦୁଇ | ନିଜସ୍ୱ |
| 208 | ଯବାନପାଲୀ | 89 | 1020 | 0.074 | 0.061 | ଧାନ ଦୁଇ | ନିଜସ୍ୱ |
| 209 | ଯବାନପାଲୀ | 75 | 1025 | 1.679 | 0.048 | ଧାନ ଦୁଇ | ନିଜସ୍ୱ |
| 210 | ଯବାନପାଲୀ | 80 | 1018 | 0.086 | 0.006 | ଧାନ ଦୁଇ | ନିଜସ୍ୱ |
| 211 | ଯବାନପାଲୀ | 80 | 1048 | 1.395 | 0.294 | ଧାନ ଦୁଇ | ନିଜସ୍ୱ |
| 212 | ଯବାନପାଲୀ | 91 | 1045 | 1.699 | 0.031 | ଧାନ ଦୁଇ | ନିଜସ୍ୱ |
| 213 | ଯବାନପାଲୀ | 17 | 1054 | 0.370 | 0.067 | ଧାନ ଦୁଇ | ନିଜସ୍ୱ |
| 214 | ଯବାନପାଲୀ | 18 | 1052 | 0.629 | 0.213 | ଧାନ ଦୁଇ | ନିଜସ୍ୱ |
| 215 | ଯବାନପାଲୀ | 26 | 1061 | 0.508 | 0.168 | ଧାନ ଏକ | ନିଜସ୍ୱ |
| 216 | ଯବାନପାଲୀ | 26 | 1060 | 2.267 | 0.319 | ଧାନ ଏକ | ନିଜସ୍ୱ |
| 217 | ଯବାନପାଲୀ | 118/ 11 | 1066 | 0.554 | 0.554 | ଧାନ ଦୁଇ | ନିଜସ୍ୱ |
| 218 | ଯବାନପାଲୀ | 21 | 1067 | 0.535 | 0.204 | ଧାନ ଦୁଇ | ନିଜସ୍ୱ |
| 219 | ଯବାନପାଲୀ | 18 | 1069 | 0.197 | 0.009 | ଡଙ୍ଗର ଦୁଇ | ନିଜସ୍ୱ |
| | | | **ମୋଟ** | **46.356** | **13.875** | | |
| 220 | କାଳିମେଲା | 278 | 364 | 0.506 | 0.011 | ଧାନ ଏକ | ନିଜସ୍ୱ |
| 221 | କାଳିମେଲା | 134 | 358 | 0.271 | 0.166 | ଧାନ ଦୁଇ | ନିଜସ୍ୱ |
| 222 | କାଳିମେଲା | 147 | 357 | 0.667 | 0.127 | ଧାନ ଦୁଇ | ନିଜସ୍ୱ |
| 223 | କାଳିମେଲା | 147 | 280 | 0.160 | 0.157 | ଧାନ ଦୁଇ | ନିଜସ୍ୱ |
| 224 | କାଳିମେଲା | 147 | 279 | 0.909 | 0.618 | ଧାନ ଦୁଇ | ନିଜସ୍ୱ |
| 225 | କାଳିମେଲା | 147 | 278 | 0.333 | 0.034 | ଧାନ ଦୁଇ | ନିଜସ୍ୱ |
| 226 | କାଳିମେଲା | 147 | 281 | 1.235 | 0.809 | ଧାନ ଦୁଇ | ନିଜସ୍ୱ |
| 227 | କାଳିମେଲା | 147 | 282 | 0.148 | 0.090 | ଧାନ ଦୁଇ | ନିଜସ୍ୱ |
| 228 | କାଳିମେଲା | 147 | 283 | 0.630 | 0.463 | ଧାନ ଦୁଇ | ନିଜସ୍ୱ |
| 229 | କାଳିମେଲା | 141 | 284 | 0.345 | 0.152 | ଧାନ ଦୁଇ | ନିଜସ୍ୱ |
| 230 | କାଳିମେଲା | 141 | 289 | 0.395 | 0.367 | ଧାନ ଦୁଇ | ନିଜସ୍ୱ |
| 231 | କାଳିମେଲା | 526 | 263 | 2.769 | 1.288 | ଧାନ ଦୁଇ | ନିଜସ୍ୱ |
| 232 | କାଳିମେଲା | 518 | 262 | 2.989 | 1.532 | ଧାନ ଦୁଇ | ନିଜସ୍ୱ |
| 233 | କାଳିମେଲା | 477 | 259 | 2.483 | 0.695 | ଧାନ ଦୁଇ | ନିଜସ୍ୱ |
| 234 | କାଳିମେଲା | 498 | 770 | 0.775 | 0.775 | ଧାନ ଦୁଇ | ନିଜସ୍ୱ |
| 235 | କାଳିମେଲା | 574 | 771 | 1.000 | 0.967 | ଧାନ ଦୁଇ | ନିଜସ୍ୱ |
| 236 | କାଳିମେଲା | 408 | 828 | 1.000 | 0.551 | ଧାନ ଦୁଇ | ନିଜସ୍ୱ |
| 237 | କାଳିମେଲା | 309 | 824 | 1.099 | 0.867 | ଧାନ ଦୁଇ | ନିଜସ୍ୱ |
| 238 | କାଳିମେଲା | 70 | 821 | 0.271 | 0.046 | ଧାନ ଦୁଇ | ନିଜସ୍ୱ |
| 239 | କାଳିମେଲା | 70 | 819 | 0.172 | 0.172 | ଧାନ ଦୁଇ | ନିଜସ୍ୱ |
| 240 | କାଳିମେଲା | 70 | 818 | 0.101 | 0.083 | ଧାନ ଦୁଇ | ନିଜସ୍ୱ |
| 241 | କାଳିମେଲା | 70 | 822 | 0.165 | 0.012 | ଧାନ ଦୁଇ | ନିଜସ୍ୱ |
| 242 | କାଳିମେଲା | 650/ 1783 | 809 | 2.419 | 2.419 | ଧାନ ଦୁଇ | ନିଜସ୍ୱ |
| 243 | କାଳିମେଲା | 543 | 815 | 2.458 | 1.862 | ଧାନ ଦୁଇ | ନିଜସ୍ୱ |
| 244 | କାଳିମେଲା | 161 | 814 | 0.433 | 0.433 | ଧାନ ଦୁଇ | ନିଜସ୍ୱ |
| 245 | କାଳିମେଲା | 440 | 813 | 0.741 | 0.705 | ଧାନ ଦୁଇ | ନିଜସ୍ୱ |
| 246 | କାଳିମେଲା | 79 | 793 | 1.964 | 0.631 | ଧାନ ଦୁଇ | ନିଜସ୍ୱ |
| 247 | କାଳିମେଲା | 172 | 794 | 1.680 | 1.506 | ଧାନ ଦୁଇ | ନିଜସ୍ୱ |
| 248 | କାଳିମେଲା | 440 | 796 | 1.581 | 0.010 | ଧାନ ଦୁଇ | ନିଜସ୍ୱ |
| 249 | କାଳିମେଲା | 21 | 621 | 0.642 | 0.605 | ଧାନ ଦୁଇ | ନିଜସ୍ୱ |
| 250 | କାଳିମେଲା | 172 | 548 | 0.617 | 0.606 | ଧାନ ଦୁଇ | ନିଜସ୍ୱ |
| 251 | କାଳିମେଲା | 172 | 619 | 2.372 | 0.166 | ଧାନ ଏକ | ନିଜସ୍ୱ |
| 252 | କାଳିମେଲା | 278 | 550 | 2.236 | 0.956 | ଧାନ ଏକ | ନିଜସ୍ୱ |
| 253 | କାଳିମେଲା | 215 | 551 | 0.148 | 0.089 | ଧାନ ଏକ | ନିଜସ୍ୱ |
| 254 | କାଳିମେଲା | 287 | 545 | 0.938 | 0.838 | ଧାନ ଏକ | ନିଜସ୍ୱ |
| 255 | କାଳିମେଲା | 287 | 543 | 0.543 | 0.003 | ଧାନ ଏକ | ନିଜସ୍ୱ |
| 256 | କାଳିମେଲା | 240 | 445 | 0.531 | 0.466 | ଧାନ ଏକ | ନିଜସ୍ୱ |
| 257 | କାଳିମେଲା | 240 | 447 | 0.728 | 0.728 | ଧାନ ଏକ | ନିଜସ୍ୱ |
| 258 | କାଳିମେଲା | 233 | 410 | 0.963 | 0.568 | ଧାନ ଏକ | ନିଜସ୍ୱ |
| 259 | କାଳିମେଲା | 27 | 453 | 0.741 | 0.067 | ଧାନ ଦୁଇ | ନିଜସ୍ୱ |
| 260 | କାଳିମେଲା | 105 | 408 | 0.494 | 0.492 | ଧାନ ଏକ | ନିଜସ୍ୱ |
| 261 | କାଳିମେଲା | 137 | 3850 | 0.926 | 0.761 | ଡଙ୍ଗର ଏକ | ନିଜସ୍ୱ |
| 262 | କାଳିମେଲା | 650/ 555 | 407 | 1.396 | 0.866 | ଡଙ୍ଗର ଦୁଇ | ନିଜସ୍ୱ |
| 263 | କାଳିମେଲା | 142 | 382 | 0.593 | 0.168 | ଧାନ ଏକ | ନିଜସ୍ୱ |
| 264 | କାଳିମେଲା | 278 | 367 | 0.271 | 0.129 | ଧାନ ଏକ | ନିଜସ୍ୱ |
| 265 | କାଳିମେଲା | 79 | 361 | 0.815 | 0.815 | ଧାନ ଏକ | ନିଜସ୍ୱ |
| 266 | କାଳିମେଲା | 79 | 1185 | 0.148 | 0.148 | ଧାନ ଏକ | ନିଜସ୍ୱ |
| 267 | କାଳିମେଲା | 147 | 1186 | 1.976 | 0.850 | ଧାନ ଦୁଇ | ନିଜସ୍ୱ |
| 268 | କାଳିମେଲା | 134 | 1187 | 0.370 | 0.077 | ଧାନ ଦୁଇ | ନିଜସ୍ୱ |
| | | | **ମୋଟ** | **47.147** | **26.945** | | |
| 269 | ମହାରାଜପାଲି | 5 | 20 | 1.359 | 0.563 | ଧାନ ଦୁଇ | ନିଜସ୍ୱ |
| 270 | ମହାରାଜପାଲି | 3 | 112 | 1.171 | 0.134 | ଧାନ ଏକ | ନିଜସ୍ୱ |
| 271 | ମହାରାଜପାଲି | 4 | 110 | 1.544 | 1.544 | ଧାନ ଦୁଇ | ନିଜସ୍ୱ |
| 272 | ମହାରାଜପାଲି | 48 | 109 | 1.977 | 1.492 | ଧାନ ଦୁଇ | ନିଜସ୍ୱ |
| 273 | ମହାରାଜପାଲି | 52 | 101 | 0.655 | 0.462 | ଧାନ ଦୁଇ | ନିଜସ୍ୱ |
| 274 | ମହାରାଜପାଲି | 51 | 125 | 0.84 | 0.84 | ଡଙ୍ଗର ଏକ | ନିଜସ୍ୱ |
| 275 | ମହାରାଜପାଲି | 51 | 124 | 0.222 | 0.194 | ଧାନ ଦୁଇ | ନିଜସ୍ୱ |
| 276 | ମହାରାଜପାଲି | 51 | 122 | 0.482 | 0.333 | ଧାନ ଦୁଇ | ନିଜସ୍ୱ |
| 277 | ମହାରାଜପାଲି | 51 | 127 | 1.594 | 1.594 | ଧାନ ଏକ | ନିଜସ୍ୱ |
| 278 | ମହାରାଜପାଲି | 15 | 1271 | 5.004 | 4.342 | ଡଙ୍ଗର ଏକ | ନିଜସ୍ୱ |
| 279 | ମହାରାଜପାଲି | NA | 1262 | NA | 0.601 | NA | ନିଜସ୍ୱ |
| | | | **ମୋଟ** | **14.848** | **12.099** | | |
| 280 | କୋୟାଗୁଡ଼ା | 21 | 148 | 0.503 | 1.340 | ଧାନ ଦୁଇ | ନିଜସ୍ୱ |
| | | | **ମୋଟ** | **0.503** | **1.340** | | |
| 281 | ପାନିମେଟ୍ଲା | 19 | 747 | 0.129 | 0.090 | ଡଙ୍ଗର ଦୁଇ | ନିଜସ୍ୱ |
| 282 | ପାନିମେଟ୍ଲା | 19 | 762 | 0.084 | 0.175 | ଧାନ ଦୁଇ | ନିଜସ୍ୱ |
| 283 | ପାନିମେଟ୍ଲା | 19 | 754 | 0.811 | 0.530 | ଧାନ ଦୁଇ | ନିଜସ୍ୱ |
| 284 | ପାନିମେଟ୍ଲା | 19 | 755 | 0.351 | 0.117 | ଧାନ ଦୁଇ | ନିଜସ୍ୱ |
| 285 | ପାନିମେଟ୍ଲା | 29 | 1147 | 0.138 | 0.142 | ଧାନ ଦୁଇ | ନିଜସ୍ୱ |
| 286 | ପାନିମେଟ୍ଲା | 29 | 1083 | 0.201 | 0.160 | ଧାନ ଦୁଇ | ନିଜସ୍ୱ |
| 287 | ପାନିମେଟ୍ଲା | 39 | 1141 | 0.265 | 0.324 | ଧାନ ଦୁଇ | ନିଜସ୍ୱ |
| 288 | ପାନିମେଟ୍ଲା | 39 | 1118 | 0.065 | 0.653 | ଧାନ ଦୁଇ | ନିଜସ୍ୱ |
| 289 | ପାନିମେଟ୍ଲା | 39 | 1115 | 0.150 | 0.065 | ଧାନ ଦୁଇ | ନିଜସ୍ୱ |
| 290 | ପାନିମେଟ୍ଲା | 39 | 1111 | 0.061 | 0.045 | ଧାନ ଦୁଇ | ନିଜସ୍ୱ |
| 291 | ପାନିମେଟ୍ଲା | 38 | 1135 | 0.051 | 0.511 | ଡଙ୍ଗର ଦୁଇ | ନିଜସ୍ୱ |
| 292 | ପାନିମେଟ୍ଲା | 16 | 1137 | 0.032 | 0.025 | ଧାନ ଦୁଇ | ନିଜସ୍ୱ |
| 293 | ପାନିମେଟ୍ଲା | 16 | 1138 | 0.083 | 0.080 | ଧାନ ଦୁଇ | ନିଜସ୍ୱ |
| 294 | ପାନିମେଟ୍ଲା | 43 | 1105 | 0.039 | 0.471 | ଧାନ ଦୁଇ | ନିଜସ୍ୱ |
| 295 | ପାନିମେଟ୍ଲା | 40 | 1109 | 0.817 | 0.415 | ଧାନ ଦୁଇ | ନିଜସ୍ୱ |
| 296 | ପାନିମେଟ୍ଲା | 8 | 1317 | 1.445 | 0.603 | ଧାନ ଏକ | ନିଜସ୍ୱ |
| 297 | ପାନିମେଟ୍ଲା | 8 | 1078 | 0.276 | 0.125 | ଧାନ ଦୁଇ | ନିଜସ୍ୱ |
| 298 | ପାନିମେଟ୍ଲା | 8 | 1314 | 0.745 | 0.620 | ଧାନ ଦୁଇ | ନିଜସ୍ୱ |
| 299 | ପାନିମେଟ୍ଲା | 8 | 1312 | 0.027 | 0.080 | ଧାନ ଦୁଇ | ନିଜସ୍ୱ |
| 300 | ପାନିମେଟ୍ଲା | 8 | 1311 | 0.025 | 0.010 | ଧାନ ଦୁଇ | ନିଜସ୍ୱ |
| 301 | ପାନିମେଟ୍ଲା | 8 | 1080 | 0.014 | 0.036 | ଧାନ ଦୁଇ | ନିଜସ୍ୱ |
| 302 | ପାନିମେଟ୍ଲା | 8 | 1079 | 0.082 | 0.090 | ଧାନ ଦୁଇ | ନିଜସ୍ୱ |
| 303 | ପାନିମେଟ୍ଲା | 8 | 1386 | 0.193 | 0.078 | ଧାନ ଦୁଇ | ନିଜସ୍ୱ |
| 304 | ପାନିମେଟ୍ଲା | 8 | 1316 | 0.062 | 0.025 | ଧାନ ଦୁଇ | ନିଜସ୍ୱ |
| 305 | ପାନିମେଟ୍ଲା | 8 | 1235 | 0.565 | 0.239 | ଧାନ ଦୁଇ | ନିଜସ୍ୱ |
| 306 | ପାନିମେଟ୍ଲା | 8 | 1238 | 0.068 | 0.603 | ଧାନ ଦୁଇ | ନିଜସ୍ୱ |
| 307 | ପାନିମେଟ୍ଲା | 8 | 1317 | 1.475 | 0.603 | ଧାନ ଦୁଇ | ନିଜସ୍ୱ |
| 308 | ପାନିମେଟ୍ଲା | 8 | 1230 | 0.111 | 0.174 | ଡଙ୍ଗର ଦୁଇ | ନିଜସ୍ୱ |
| 309 | ପାନିମେଟ୍ଲା | 8 | 1151 | 0.233 | 0.344 | ଡଙ୍ଗର ଦୁଇ | ନିଜସ୍ୱ |
| 310 | ପାନିମେଟ୍ଲା | 9 | 1475 | 0.565 | 0.348 | ଧାନ ଦୁଇ | ନିଜସ୍ୱ |
| 311 | ପାନିମେଟ୍ଲା | 9 | 1474 | 1.209 | 0.830 | ଧାନ ଦୁଇ | ନିଜସ୍ୱ |
| 312 | ପାନିମେଟ୍ଲା | 9 | 1454 | 0.105 | 0.040 | ଧାନ ଦୁଇ | ନିଜସ୍ୱ |
| 313 | ପାନିମେଟ୍ଲା | 9 | 1453 | 0.442 | 0.179 | ଧାନ ଦୁଇ | ନିଜସ୍ୱ |
| 314 | ପାନିମେଟ୍ଲା | 7 | 1448 | 0.525 | 0.372 | ଧାନ ଦୁଇ | ନିଜସ୍ୱ |
| 315 | ପାନିମେଟ୍ଲା | 7 | 1446 | 0.158 | 0.080 | ଧାନ ଦୁଇ | ନିଜସ୍ୱ |
| 316 | ପାନିମେଟ୍ଲା | 7 | 1444 | 0.139 | 0.194 | ଧାନ ଦୁଇ | ନିଜସ୍ୱ |
| 317 | ପାନିମେଟ୍ଲା | 7 | 1443 | 0.152 | 0.436 | ଧାନ ଦୁଇ | ନିଜସ୍ୱ |
| 318 | ପାନିମେଟ୍ଲା | 7 | 1423 | 0.173 | 0.115 | ଧାନ ଦୁଇ | ନିଜସ୍ୱ |
| 319 | ପାନିମେଟ୍ଲା | 7 | 1394 | 0.032 | 0.097 | ଧାନ ଦୁଇ | ନିଜସ୍ୱ |
| 320 | ପାନିମେଟ୍ଲା | 7 | 1310 | 0.018 | 0.010 | ଧାନ ଏକ | ନିଜସ୍ୱ |
| 321 | ପାନିମେଟ୍ଲା | 44 | 1388 | 0.573 | 1.022 | ଧାନ ଦୁଇ | ନିଜସ୍ୱ |
| 322 | ପାନିମେଟ୍ଲା | 44 | 1384 | 0.043 | 0.067 | ଧାନ ଏକ | ନିଜସ୍ୱ |
| 323 | ପାନିମେଟ୍ଲା | 10 | 1385 | 0.106 | 0.060 | ଧାନ ଏକ | ନିଜସ୍ୱ |
| 324 | ପାନିମେଟ୍ଲା | 10 | 1382 | 0.221 | 0.810 | ଧାନ ଏକ | ନିଜସ୍ୱ |
| 325 | ପାନିମେଟ୍ଲା | 10 | 1381 | 0.047 | 0.800 | ଧାନ ଏକ | ନିଜସ୍ୱ |
| 326 | ପାନିମେଟ୍ଲା | 37 | 1234 | 0.224 | 0.383 | ଧାନ ଦୁଇ | ନିଜସ୍ୱ |
| 327 | ପାନିମେଟ୍ଲା | 93/ 43 | 1065/ 1540 | 0.040 | 0.016 | ଘରବାରୀ | ନିଜସ୍ୱ |
| 328 | ପାନିମେଟ୍ଲା | 93/ 41 | 1065/ 1538 | 0.040 | 0.016 | ଘରବାରୀ | ନିଜସ୍ୱ |
| 329 | ପାନିମେଟ୍ଲା | 93/ 40 | 1065/ 1537 | 0.040 | 0.016 | ଘରବାରୀ | ନିଜସ୍ୱ |
| 330 | ପାନିମେଟ୍ଲା | 93/ 39 | 1065/ 1536 | 0.040 | 0.016 | ଘରବାରୀ | ନିଜସ୍ୱ |
| 331 | ପାନିମେଟ୍ଲା | 93/ 38 | 1065/ 1535 | 0.040 | 0.016 | ଘରବାରୀ | ନିଜସ୍ୱ |
| 332 | ପାନିମେଟ୍ଲା | 8 | 1235 | 0.572 | 0.239 | ଧାନ ଦୁଇ | ନିଜସ୍ୱ |
| 333 | ପାନିମେଟ୍ଲା | 8 | 1238 | 0.069 | 0.603 | ଧାନ ଦୁଇ | ନିଜସ୍ୱ |
| 334 | ପାନିମେଟ୍ଲା | 8 | 1386 | 0.193 | 0.078 | ଧାନ ଦୁଇ | ନିଜସ୍ୱ |
| 335 | ପାନିମେଟ୍ଲା | 8 | 1316 | 0.060 | 0.025 | ଧାନ ଦୁଇ | ନିଜସ୍ୱ |
| 336 | ପାନିମେଟ୍ଲା | 8 | 1230 | 0.043 | 0.174 | ଡଙ୍ଗର ଦୁଇ | ନିଜସ୍ୱ |
| | | | **ମୋଟ** | **14.470** | **14.475** | | |
| 337 | ଟିଗଲ | 73 | 1715 | 1.976 | 0.599 | ଧାନ ଦୁଇ | ନିଜସ୍ୱ |
| 338 | ଟିଗଲ | 34 | 1722 | 0.728 | 0.263 | ଧାନ ଦୁଇ | ନିଜସ୍ୱ |
| 339 | ଟିଗଲ | 35 | 1721 | 0.345 | 0.365 | ଧାନ ଦୁଇ | ନିଜସ୍ୱ |
| 340 | ଟିଗଲ | 34 | 1720 | 1.235 | 0.376 | ଧାନ ଦୁଇ | ନିଜସ୍ୱ |
| 341 | ଟିଗଲ | 367 | 1728 | 1.013 | 1.017 | ଧାନ ଦୁଇ | ନିଜସ୍ୱ |
| 342 | ଟିଗଲ | 103 | 1730 | 1.000 | 0.922 | ଧାନ ଦୁଇ | ନିଜସ୍ୱ |
| 343 | ଟିଗଲ | 121 | 1732 | 0.605 | 0.013 | ଧାନ ଦୁଇ | ନିଜସ୍ୱ |
| 344 | ଟିଗଲ | 102 | 1733 | 0.889 | 0.405 | ଧାନ ଦୁଇ | ନିଜସ୍ୱ |
| 345 | ଟିଗଲ | 432 | 1729 | 1.087 | 1.050 | ଧାନ ଦୁଇ | ନିଜସ୍ୱ |
| 346 | ଟିଗଲ | 62 | 1690 | 2.705 | 2.102 | ଧାନ ଦୁଇ | ନିଜସ୍ୱ |
| 347 | ଟିଗଲ | 4 | 1691 | 0.271 | 1.479 | ଡଙ୍ଗର ଏକ | ନିଜସ୍ୱ |
| 348 | ଟିଗଲ | 62 | 1688 | 0.741 | 0.713 | ଧାନ ଦୁଇ | ନିଜସ୍ୱ |
| 349 | ଟିଗଲ | 62 | 1759 | 2.372 | 1.940 | ଧାନ ଦୁଇ | ନିଜସ୍ୱ |
| 350 | ଟିଗଲ | 308 | 1762 | 1.111 | 0.796 | ଧାନ ଦୁଇ | ନିଜସ୍ୱ |
| 351 | ଟିଗଲ | 255 | 1760 | 0.407 | 0.388 | ଧାନ ଦୁଇ | ନିଜସ୍ୱ |
| 352 | ଟିଗଲ | 389 | 1755 | 1.260 | 0.882 | ଧାନ ଦୁଇ | ନିଜସ୍ୱ |
| 353 | ଟିଗଲ | 370 | 1754 | 0.617 | 0.625 | ଧାନ ଦୁଇ | ନିଜସ୍ୱ |
| 354 | ଟିଗଲ | 351 | 1752 | 1.346 | 0.323 | ଧାନ ଦୁଇ | ନିଜସ୍ୱ |
| 355 | ଟିଗଲ | 370 | 1489 | 1.037 | 0.046 | ଧାନ ଦୁଇ | ନିଜସ୍ୱ |
| 356 | ଟିଗଲ | 119 | 1488 | 1.630 | 0.843 | ଧାନ ଦୁଇ | ନିଜସ୍ୱ |
| 357 | ଟିଗଲ | 141 | 1498 | 1.704 | 1.299 | ଧାନ ଦୁଇ | ନିଜସ୍ୱ |
| 358 | ଟିଗଲ | 351 | 1496 | 0.061 | 0.055 | ଧାନ ଦୁଇ | ନିଜସ୍ୱ |
| 359 | ଟିଗଲ | 369 | 1497 | 1.013 | 0.122 | ଧାନ ଦୁଇ | ନିଜସ୍ୱ |
| 360 | ଟିଗଲ | 388 | 1499 | 1.704 | 1.527 | ଧାନ ଦୁଇ | ନିଜସ୍ୱ |
| 361 | ଟିଗଲ | 557/ 109 | 1500 | 0.561 | 1.112 | ଧାନ ଦୁଇ | ନିଜସ୍ୱ |
| 362 | ଟିଗଲ | 284 | 1484 | 0.988 | 0.696 | ଧାନ ଦୁଇ | ନିଜସ୍ୱ |
| 363 | ଟିଗଲ | 107 | 1501 | 1.000 | 0.904 | ଧାନ ଦୁଇ | ନିଜସ୍ୱ |
| 364 | ଟିଗଲ | 246 | 1502 | 1.000 | 0.646 | ଧାନ ଦୁଇ | ନିଜସ୍ୱ |
| 365 | ଟିଗଲ | 77 | 1461 | 0.210 | 0.188 | ଧାନ ଦୁଇ | ନିଜସ୍ୱ |

# ଇଡି ଅଭିଯୋଗଫର୍ଦ୍ଦ ଅସତ୍ୟ, ଭିତ୍ତିହୀନ: ଭୂପେଶ

## ମହାନଦୀ ଉତ୍ତର ମୁଖ୍ୟମନ୍ତ୍ରୀ ଦିଅନ୍ତୁ

ଭୁବନେଶ୍ୱର,୨୧।୪(ରବିନାରାୟଣ ଜେନା)

ମିଛ କଥାଟା ବଡ଼ପାଟିକରି କହିଲେ ତାହା ସତ୍ୟ ହୋଇପାରିବ ନାହିଁ ଓ ଅସତ୍ୟ କହିବା ଭାଜପାର ଏକ ଅଭ୍ୟାସଗତ ବ୍ୟାଧି ବୋଲି ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭୂପେଶ ବାଘେଲ କହିଛନ୍ତି। ସୋମବାର କଂଗ୍ରେସ ଭବନରେ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଭାରତରେ କଂଗ୍ରେସ ଗରିବ ଜନସାଧାରଣ ବିଶେଷକରି ପଛୁଆବର୍ଗ, ଅତି ପଛୁଆବର୍ଗ, ଆଦିବାସୀ ଓ ଅନୁସୂଚିତ ଜାତିର ଜନସାଧାରଣଙ୍କ ପାଇଁ ବାରମ୍ବାର ସ୍ୱର ଉତ୍ତୋଳନ କରିଆସିଛି। ଏହାସହିତ ଜାତି ଜନଗଣନା କରିବାପାଇଁ ଦାବି କରିବା ଏବଂ ବିଶେଷକରି ସଂସଦ ଭିତରେ ଓ ବାହାରେ ନରେନ୍ଦ୍ର ମୋଦି ଓ ଆଦାନୀଙ୍କ ମଧ୍ୟରେ କି ସମ୍ପର୍କ ରହିଛି ସେନେଇ ବାରମ୍ବାର ପ୍ରଶ୍ନ କରିବାରୁ ଭାଜପା ରାଜନୈତିକ ଆକ୍ରୋଶ ରଖି ଗାନ୍ଧୀ ପରିବାରଙ୍କୁ ନିନ୍ଦିତ କରିବାପାଇଁ 'ଇଡି' ମାଧ୍ୟମରେ ନ୍ୟାଶନାଲ ହେରାଲ୍ଡ ଭଳି ମିଥ୍ୟା ଓ ଭିତ୍ତିହୀନ ମାମଲା ଉଠାଇଛି ବୋଲି ବାଘେଲ କହିଛନ୍ତି।

ସବୁଠାରୁ ଆଶ୍ଚର୍ଯ୍ୟର କଥା ୨୦୧୨ରେ ଭାଜପା ଦଳର ନେତା ସୁବ୍ରମଣ୍ୟମ ସ୍ୱାମୀ ନିର୍ବାଚନ ଆୟୋଗଙ୍କ



କଂଗ୍ରେସ ଭବନଠାରେ ଖବରଦାତା ସମ୍ମିଳନୀରେ ସୋମବାର ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ଓ ଅନ୍ୟ ବରିଷ୍ଠ ନେତାମାନେ।

ପାଖରେ ଅଭିଯୋଗ ଦାଖଲ କରିବା ସହିତ ଏହି ମାମଲାକୁ ନେଇ କୋର୍ଟକୁ ଯାଇଥିଲେ। ୨୦୧୫ରେ କୋର୍ଟ ଏହି ମାମଲାକୁ ଅଗ୍ରାହ୍ୟ କରିବା ସହିତ କ୍ଲୋଜର ନୋଟିସ ଦେଇଛି ଓ ନିର୍ବାଚନ ଆୟୋଗ ମଧ୍ୟ ଏହି ଅଭିଯୋଗକୁ ଖାରଜ କରିଛନ୍ତି ବୋଲି ବାଘେଲ କହିଛନ୍ତି। ଦେଖିବାକୁ ଗଲେ ଜାତୀୟ କଂଗ୍ରେସ ନ୍ୟାଶନାଲ ହେରାଲ୍ଡକୁ ଆର୍ଥିକ ଦୁର୍ଗତିରୁ ରକ୍ଷା କରିବାପାଇଁ ୯୦.୨୫ କୋଟି ଟଙ୍କା ଋଣ ଆକାରରେ ପ୍ରଦାନ କରିଥିଲା। ଏ ସମ୍ପତ୍ତି ୟଙ୍ଗ ଇଣ୍ଡିଆ ନାମରେ ନାହିଁ। କିନ୍ତୁ ଆଶ୍ଚର୍ଯ୍ୟର କଥା ୟଙ୍ଗ ଇଣ୍ଡିଆ କମ୍ପାନୀର ନିର୍ଦ୍ଦେଶକମାନଙ୍କୁ କୌଣସି ଦରମା ବା ଲାଭାଂଶ ମିଳେନାହିଁ। ଯଦି କୌଣସି ଅର୍ଥ ଏ କମ୍ପାନୀରୁ ଉଠାଯାଇ ପାରିବ ନାହିଁ, ଜମିବାଡ଼ି କିଣାବିକା ମଧ୍ୟ କରାଯାଇପାରିବ ନାହିଁ। ତା'ହେଲେ ଏଥିରେ କିପରି ମନିଲଣ୍ଡରିଂ ହେଲା ଅର୍ଥାତ୍ କିଭଳି ଭାବରେ ଅର୍ଥ ହେରଫେର ହେଲା ବୋଲି ଭୂପେଶ ପ୍ରଶ୍ନ କରିଛନ୍ତି।

ସେ କହିଛନ୍ତି, ଏନେଇ ଇନ୍‌କମ୍ ଟ୍ୟାକ୍ସ ବିଭାଗରେ ଅଭିଯୋଗ କରାଯାଇ ସେଥିରେ ୪୦୦ କୋଟି ଟଙ୍କାର ସମ୍ପତ୍ତି ହେରଫେର କଥା କୁହାଯାଇଛି। କିନ୍ତୁ ପ୍ରକୃତରେ ଏହା ୩୬୯ କୋଟି ବୋଲି ଆୟକର ରିଟର୍ନ ଫାଇଲରେ ଦର୍ଶାଯାଇଛି। ସାରା ଦେଶରେ ଭାଜପାର ନେତୃବର୍ଗ ଓ ମୁଖପାତ୍ରମାନେ ୫,୦୦୦ କୋଟି ଟଙ୍କାର ସମ୍ପତ୍ତି ହେରଫେର କଥା କହୁଛନ୍ତି। କାହା କଥା ସତ। ମୋଦିଙ୍କ ଶାସନକାଳରେ ୧୬ ଲକ୍ଷ କୋଟି ଟଙ୍କା ବଡ଼ ବଡ଼ ପୁଞ୍ଜିପତିମାନେ ବ୍ୟାଙ୍କରୁ ଲୁଟ୍ କଲେ ଓ ସେମାନଙ୍କୁ ଋଣଛାଡ଼ କରିଦିଆଗଲା। ସେହିପରି ଆର୍ଥିକ ଅସମାନତାରେ ଦେଶ ଶୀର୍ଷସ୍ଥାନରେ ପହଞ୍ଚିଛି। ଏ ସବୁ ପ୍ରଶ୍ନର ଉତ୍ତର ରାହୁଲ ଗାନ୍ଧୀଙ୍କୁ ଦେବା ପରିବର୍ତ୍ତେ ମିଛ ମାମଲାରେ ବଦ୍‌ନାମ କରାଯାଉଛି। କଂଗ୍ରେସ ଡରିଯିବା ଦଳ ନୁହଁ। ଇଡି, ସିବିଆଇ ଓ ଆଇଟିର ଭୟ ଦେଖାଇ ବିରୋଧୀ ଦଳର ନେତାମାନଙ୍କୁ ଭୟଭୀତ କରାଯାଉଛି। ଯେଉଁମାନେ ଡରି ଯାଉଛନ୍ତି ତାଙ୍କ ଶରଣରେ ପଶୁଛନ୍ତି। କଂଗ୍ରେସ ଦଳର ନେତୃବର୍ଗ ତାଙ୍କୁ ଡରୁ ନାହିଁ ବୋଲି ବାଘେଲ କହିଛନ୍ତି।

ମହାନଦୀ ସମ୍ପର୍କିତ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ବାଘେଲ କହିଛନ୍ତି, ଏବେ ଟ୍ରିପଲ ଇଞ୍ଜିନ ସରକାର ଚାଲିଛି। ଛତିଶଗଡ଼, ଓଡ଼ିଶାରେ ଭାଜପାର ସରକାର ଥିବାବେଳେ କେନ୍ଦ୍ରରେ ବି ରହିଛି। ମହାନଦୀ ସମସ୍ୟାର ଶୀଘ୍ର ସମାଧାନ ହେବା କଥା। ହେଲେ କାହିଁକି ହେଉ ନାହିଁ, ଏ ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀ ଦିଅନ୍ତୁ। ସେହିପରି ନିର୍ବାଚନ ଆୟୋଗ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ସେ କହିଲେ, ନିର୍ବାଚନ ଆୟୋଗ ସମ୍ପୂର୍ଣ୍ଣ ରୂପେ ମୋଦି ଓ ଶାହାଙ୍କର ହାତବାରିସି ସାଜିଛି। ମହାରାଷ୍ଟ୍ର ନିର୍ବାଚନରେ ୫ ମାସ ମଧ୍ୟରେ ୫୯ ଲକ୍ଷ ନୂଆ ଭୋଟର କିପରି ସାମିଲ ହେଲେ, ଏହାର ଉତ୍ତର ନିର୍ବାଚନ ଆୟୋଗ କିମ୍ବା ମୋଦି ସରକାର ଦିଅନ୍ତୁ। ତାମିଲନାଡୁର ରାଜ୍ୟପାଳଙ୍କ ପ୍ରତିକ୍ରିୟା ଉପରେ ଉତ୍ତର ରଖି ସେ କହିଛନ୍ତି, ଏବେ ଭାଜପାର ସାଂସଦମାନେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କୁ ସିଧାସଳଖ ଧମକାଉଛନ୍ତି। ଏଭଳି ଆଚରଣ ଓ ଉଚ୍ଚାରଣ ଆମ ଗଣତନ୍ତ୍ର ପ୍ରତି ଅତ୍ୟନ୍ତ ବିପଦପୂର୍ଣ୍ଣ ବୋଲି ବାଘେଲ କହିଛନ୍ତି। ଏହି ସମ୍ମିଳନୀରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ ଅନ୍ୟ ନେତାମାନେ ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ଦ୍ଦିଷ୍ଟ ବରିଷ୍ଠ ନେତାଙ୍କୁ ଜାଣିକି ଦଳରୁ ଦୂରାଅନି

## ନବୀନଙ୍କୁ ପରାମର୍ଶ

ଭୁବନେଶ୍ୱର, ୨୧।୪(ସୁନିତ୍ ମିଶ୍ର)

ବିଜେଡି ସଭାପତି ଭାବେ ନବୀନ ପଟ୍ଟନାୟକ ୯ମ ଥର ଲାଗି ଦାୟିତ୍ୱ ନେବା ପରେ ଦଳର ରାଜ୍ୟ କମିଟିଗୁଡ଼ିକର ରୂପରେଖ କିପରି ହେବ ତାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। କିଛିଦିନ ହେବ ନବୀନଙ୍କୁ ଦଳର ଅନେକ ବରିଷ୍ଠ ନେତା ୱାକ୍‌ଫ ବିଲ୍ ପ୍ରସଙ୍ଗରେ ଟାର୍ଗେଟ କରିଆସୁଥିଲେ। ଗଣମାଧ୍ୟମରେ ବାରମ୍ବାର ବରିଷ୍ଠ ନେତାଙ୍କ ଖୋଲାଖୋଲି ଅଭିଯୋଗ ପରେ ନବୀନ ପରୋକ୍ଷରେ ସେମାନଙ୍କୁ ପାଟି ବନ୍ଦ ରଖିବାକୁ କହିଥିଲେ। ହେଲେ ଏ କଥାକୁ ଅନେକ ନେତା ଖାତିର ନ କରି ଅଧିକ ପ୍ରତିକ୍ରିୟାଶୀଳ ହୋଇଥିଲେ। ଏହାପରେ ନବୀନଙ୍କ ସଭାପତି ପଦ ଗ୍ରହଣ ସମୟରେ ବହୁ ବରିଷ୍ଠ ନେତା ଉକ୍ତ କାର୍ଯ୍ୟକ୍ରମରେ ଦେଖିବାକୁ ମିଳି ନ ଥିଲେ। ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଥିବା ନେତାଙ୍କୁ ଦଳଠାରୁ ଦୂରେଇ ରଖିବାକୁ ନବୀନ ନିବାସରୁ କୁଆଡେ ଯୋଜନା କରାଯାଇଥିଲା ବୋଲି ଶୁଣିବାକୁ ମିଳିଥିଲା। ହେଲେ ଏପରି ନ କରିବାକୁ ଦଳର କେତେଜଣ ବରିଷ୍ଠ ନେତା ସୋମବାର ନବୀନ ନିବାସରେ ପହଞ୍ଚି ଜଣାଇଥିବା ଜଣାପଡିଛି।

ୱାକ୍‌ଫ ବିଲ୍ ପ୍ରସଙ୍ଗରେ ଦଳର ବ୍ୟାପକ କ୍ଷତି ହୋଇଥିବା ବେଳେ ବହୁ କଷ୍ଟରେ ଏକଥା ବନ୍ଦ ହୋଇଛି। ଏହି ପ୍ରସଙ୍ଗରେ ମୁହଁ ଖୋଲିଥିବା ନେତାମାନଙ୍କୁ ବର୍ତ୍ତମାନ ସ୍ଥିତିରେ ଦଳ ଠାରୁ ଦୂରେଇ ରଖିଲେ ଅଧିକ କ୍ଷତି ହେବାର ସମ୍ଭାବନା ରହିଛି। ତେଣୁ ଦଳ ଯେଉଁ ରାଜ୍ୟ କମିଟି କରିବାକୁ ଯାଉଛି, ସେଥିରେ ସମସ୍ତଙ୍କୁ ସ୍ଥାନ ଦିଆଗଲେ ଭଲ ହେବ। ଏହାଦ୍ୱାରା ବହୁ ନେତାଙ୍କ ତୁଣ୍ଡ ବି ବନ୍ଦ ହୋଇଯିବ। ନଚେତ୍ ପ୍ରତ୍ୟେକ ଦିନ ବରିଷ୍ଠ ନେତାମାନେ ଗଣମାଧ୍ୟମ ଆଗରେ ଗପିବା ଯୋଗୁ ତଳସ୍ତରରେ କର୍ମୀମାନଙ୍କ ଭରସା ନବୀନଙ୍କ ଉପରୁ ଉଠିଯାଉଛି। ତେଣୁ ଏବକାର ସ୍ଥିତିରେ ନିର୍ଦ୍ଦିଷ୍ଟ ବରିଷ୍ଠ ନେତାମାନଙ୍କୁ ସାଙ୍ଗରେ ନେଇ ଯିବା ଲାଗି ସୋମବାର ବରିଷ୍ଠ ନେତା ତଥା ବିଧାୟକ ଅରୁଣ କୁମାର ସାହୁ, ପ୍ରତାପ ଦେବ, ପୂର୍ବତନ ବିଧାୟକ ସଞ୍ଜୟ କୁମାର ଦାସବର୍ମା, ଦେବୀ ମିଶ୍ର, ଅତନୁ ସବ୍ୟସାଚୀ ନାଏକ, ପ୍ରଣବ ପ୍ରକାଶ ଦାସ ପ୍ରମୁଖ ନବୀନ ନିବାସ ଯାଇ ଦଳର ସଭାପତିଙ୍କ ସହିତ ଆଲୋଚନା କରିଛନ୍ତି। ଗୋଷ୍ଠୀ ହୋଇ ନବୀନ ନିବାସ ଯାଇଥିବା ନେତାମାନଙ୍କ ମଧ୍ୟରୁ ଜଣେ ଏହି ସୂଚନା ଦେଇଛନ୍ତି।

ତେବେ ଆସନ୍ତା ୩୦ ଭିତରେ ବିଜେଡିର ରାଜ୍ୟ କମିଟି ଘୋଷଣା ହୋଇଯାଇପାରେ। ତେଣୁ ପର୍ଯ୍ୟାୟକ୍ରମେ ଏହାରି ଭିତରେ ଦଳର ଛାତ୍ର, ଯୁବ ଓ ମହିଳା ସଭାପତିଙ୍କ ନାଁ ମଧ୍ୟ ଦଳ ଘୋଷଣା କରିଦେଇପାରେ। କାରଣ ଦଳର ନିର୍ବାଚନ ପ୍ରକ୍ରିୟାର ରିପୋର୍ଟ ଆସନ୍ତା ୩୦ ତାରିଖ ସୁଦ୍ଧା ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରାଯିବ। ତେଣୁ ଏହା ପୂର୍ବରୁ ଦଳକୁ ନିହାତି କମିଟିଗୁଡ଼ିକ ଘୋଷଣା କରିବାକୁ ପଡ଼ିବ। ଯେପରି ଦଳର ନିର୍ବାଚନ ପ୍ରକ୍ରିୟା ଅନୁଯାୟୀ ରାଜ୍ୟ ସଭାପତି ପଦର ନିର୍ବାଚନ ପୂର୍ବରୁ ୧୭ଟି ଜିଲାର ସଭାପତି ନିହାତି ନିର୍ବାଚିତ ହୋଇସାରିଥିବା ଗୁରୁତ୍ୱପୂର୍ଣ୍ଣ। ସେଥିଲାଗି ଦଳ ପକ୍ଷରୁ ତରବରିଆ ଭାବେ ୧୮ ଜିଲାର ସଭାପତିଙ୍କ ନାଁ ଘୋଷଣା କରିଦିଆଗଲା। ଅନ୍ୟ ୧୫ ସାଙ୍ଗଠନିକ ଜିଲାରେ ସଭାପତି ଚୟନ ନେଇ ଭାଗ ଛିଣ୍ଡିପାରୁ ନ ଥିବାରୁ ଏପର୍ଯ୍ୟନ୍ତ ତାହା ଘୋଷଣା ହୋଇପାରୁ ନାହିଁ ବୋଲି ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି।

# ରାୟଗଡ଼ା: ବିଜେଡି ଜିଲା ସଭାପତି ଦୌଡ଼ରେ ୪



ଅମୀୟ ସ୍ୱାଇଁ



ଏସ୍.ବାବୁରାଓ ପଟ୍ଟନାୟକ



ଲାଲ ବିହାରୀ ହିମିରିକା



ଜଗନ୍ନାଥ ସାରକା

ରାୟଗଡ଼ା,୨୧।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ବିଜେଡି ଜିଲା ସଭାପତି ପଦକୁ ନେଇ ତତ୍ପରତା ଦେଖିବାକୁ ମିଳିଛି। ଏଥିପାଇଁ ୪ ଜଣ ଦାବିଦାର ରହିଥିବା ଆଲୋଚନା ହେଉଛି। ସେମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ରାଜ୍ୟ ସମ୍ପାଦକ ଅମୀୟ ସ୍ୱାଇଁ। ଏକଦା କଂଗ୍ରେସ ଦୁର୍ଗ ଭାବେ ପରିଚିତ ରାୟଗଡ଼ା ଜିଲାକୁ ପୂର୍ବତନ ଏମ୍‌ପି ଭାସ୍କର ରାଓ, ପୂର୍ବତନ ମନ୍ତ୍ରୀ ଲାଲ ବିହାରୀ ହିମିରିକାଙ୍କ ସହ ମିଶି ସେ ବିଜେଡି ଗଡ଼ରେ ପରିଣତ କରିଥିଲେ ବୋଲି କୁହାଯାଉଛି। ଏଭଳିକି ଜିଲାର ୩ ବିଧାନସଭା ଆସନର ଯୁବ ନେତା ଓ କର୍ମୀଙ୍କ ସମେତ ଦଳରେ ଅସନ୍ତୁଷ୍ଟ ରହିଥିବା ଗୋଷ୍ଠୀ ଅମୀୟ ଜିଲା ସଭାପତି ହେବା ନେଇ ଆଶା ପ୍ରକଟ କରିଛନ୍ତି। ସେହିପରି ଜିଲା ସଭାପତି ଦୌଡ଼ରେ ରହିଛନ୍ତି ବିଷମକଟକ ନିର୍ବାଚନମଣ୍ଡଳୀର ଅନ୍ୟତମ ଟାଣୁଆ ନେତା ତଥା ବରିଷ୍ଠ ଆଇନଜୀବୀ ଏସ୍.ବାବୁରାଓ ପଟ୍ଟନାୟକ। ବାବୁରାଓ ୧୯୯୦ରୁ ବିଜୁ ପଟ୍ଟନାୟକଙ୍କ ସହିତ ଜଡ଼ିତ ରହି ଢେର ଲୋକସମ୍ପର୍କ ବଜାୟ ରଖିଆସିଛନ୍ତି। ଜିଲା ସଭାପତି ଦୌଡ଼ରେ ପୂର୍ବତନ ମନ୍ତ୍ରୀ ଲାଲ ବିହାରୀ ହିମିରିକା ଓ ଜଗନ୍ନାଥ ସାରକା ମଧ୍ୟ ରହିଛନ୍ତି। ପୂର୍ବତନ ମନ୍ତ୍ରୀ ହିମିରିକା ୩ ଥର ବିଧାୟକ ରହିଥିବା ବେଳେ ଦୁଇ ଥର ମନ୍ତ୍ରୀ ଓ ଉପବାଚସ୍ପତି ରହିଥିଲେ। ୨୦୨୪ ନିର୍ବାଚନରେ ହିମିରିକାଙ୍କୁ ଦଳ ଟିକେଟ ଦେଇଥିଲେ ବିଜେଡି ପରାଜିତ ହୋଇ ନ ଥାନ୍ତା ବୋଲି କର୍ମୀ ମହଲରେ ଆଲୋଚନା ଜାରି ରହିଛି। ଅନୁରୂପ ଭାପେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା ମଧ୍ୟ ଜିଲା ସଭାପତି ଦୌଡ଼ରେ ଅଛନ୍ତି। ସେ ଦୁଇ ଥର ବିଧାୟକ ହେବା ସହିତ ମନ୍ତ୍ରୀ ରହିଥିଲେ। ତେବେ ଗତ ନିର୍ବାଚନରେ ବିଷମକଟକ ଆସନରୁ ପୁଣି ଥରେ ପ୍ରାର୍ଥୀ ହୋଇଥିଲେ ମଧ୍ୟ ଜନମତ କଂଗ୍ରେସ ସପକ୍ଷରେ ଯାଇଥିଲା। ବର୍ତ୍ତମାନ ନବମ ଥର ରାଜ୍ୟ ସଭାପତି ହୋଇଥିବା ନବୀନ ପଟ୍ଟନାୟକ ଜିଲାରେ କାହାକୁ ନେତୃତ୍ୱ ଦେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# ପୀଡ଼ିତାଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଲଢ଼ିବୁ: କଂଗ୍ରେସ

ଢେଙ୍କାନାଳ,୨୧।୪(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଜଣେ ୭ ବର୍ଷର ଶିଶୁକନ୍ୟାଙ୍କୁ ନିଶାସକ୍ତ ହୋଇ ଶିବ ସାହୁ (୩୨) ନାମକ ଯୁବକ ବଳାତ୍କାର କରିଥିଲେ। ପୋଲିସ ଅଭିଯୁକ୍ତ ଶିବ ସାହୁଙ୍କୁ ଗିରଫ କରିଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ସୋମବାର ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ବାରବାଟୀ ବିଧାୟିକା ସୋଫିଆ ଫିରଦୋଶ୍, ବରିଷ୍ଠ ନେତ୍ରୀ ସସ୍ମିତା ବେହେରା, ବିଶ୍ୱଜିତ ଦାସ, ଗିରିବାଳା ବେହେରା, ଜିଲା ସଭାପତି ସୁନୀଲ କୁମାର ଦାଶ, ବେଣୁଧର ସାହୁ, ହିନ୍ଦୋଳର କଂଗ୍ରେସ ନେତା ଗୋବର୍ଦ୍ଧନ ଶେଖର ନାୟକ, ଛବିରାଜ ବିଶ୍ୱାଳ, ରତିକାନ୍ତ ଗଡ଼ନାୟକ, ସୁବାସ ପାଳ, ପୂର୍ବତନ ବିଧାୟକ ମହେଶ୍ୱର ନାୟକ ପ୍ରମୁଖ ପୀଡିତାଙ୍କ ସମ୍ପର୍କୀୟମାନଙ୍କ ସହ ଆଲୋଚନା କରିଛନ୍ତି। ପରେ ସେମାନେ ପୋଲିସ ଓ ଢେଙ୍କାନାଳ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ସହ କଥାବାର୍ତ୍ତା କରି ପୀଡିତାଙ୍କ ପରିବାରକୁ ୧୫ଲକ୍ଷ ଟଙ୍କା କ୍ଷତିପୂରଣ ସପ୍ତାହକ ମଧ୍ୟରେ ଦେବା ଓ ଶିଶୁକନ୍ୟାଟି କିପରି ଭଲ ସ୍କୁଲରେ ପାଠ ପଢିବେ ଓ ସମ୍ମାନର ସହ ବଞ୍ଚିବେ ସେ ନେଇ ଜିଲାପାଳଙ୍କୁ କହିଥିବା କହିଛନ୍ତି। ପୀଡ଼ିତାଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ନେତାମାନେ କହିଛନ୍ତି।



କଂଗ୍ରେସ ପ୍ରତିନିଧି ଦଳର ସଦସ୍ୟମାନେ ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

| କ୍ରମିକ ନଂ | ଗାଁର ନାମ | ଖାତା ନଂ | ଖସରା / ପ୍ଲଟ୍ ନମ୍ବର | ମୋଟ କ୍ଷେତ୍ରଫଳ (ଏକରରେ) | ଅଧିଗ୍ରହଣିତ ଅଞ୍ଚଳ (ଏକରରେ) | ଜମିର କିସମ୍ | ଜମି ପ୍ରକାର |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 366 | ଟିଗଲ | 26 | 1463 | 1.297 | 0.281 | ଧାନ ଦୁଇ | ନିଜସ୍ୱ |
| 367 | ଟିଗଲ | 34 | 1473 | 1.643 | 1.497 | ଧାନ ଦୁଇ | ନିଜସ୍ୱ |
| 368 | ଟିଗଲ | 303 | 1467 | 1.000 | 0.226 | ଧାନ ଦୁଇ | ନିଜସ୍ୱ |
| 369 | ଟିଗଲ | 303 | 1468 | 0.790 | 0.682 | ଧାନ ଦୁଇ | ନିଜସ୍ୱ |
| 370 | ଟିଗଲ | 239 | 1466 | 0.889 | 0.107 | ଧାନ ଦୁଇ | ନିଜସ୍ୱ |
| 371 | ଟିଗଲ | 308 | 1469 | 1.309 | 0.469 | ଧାନ ଦୁଇ | ନିଜସ୍ୱ |
| 372 | ଟିଗଲ | 386 | 4339 | 0.790 | 0.042 | ଧାନ ଦୁଇ | ନିଜସ୍ୱ |
| 373 | ଟିଗଲ | 477 | 1840 | 0.170 | 0.170 | ଧାନ ଦୁଇ | ନିଜସ୍ୱ |
| 374 | ଟିଗଲ | 460 | 1819 | 0.864 | 0.092 | ଧାନ ଦୁଇ | ନିଜସ୍ୱ |
| 375 | ଟିଗଲ | 460 | 1814 | 0.370 | 0.357 | ଧାନ ଦୁଇ | ନିଜସ୍ୱ |
| 376 | ଟିଗଲ | 219 | 1813 | 1.704 | 1.651 | ଧାନ ଦୁଇ | ନିଜସ୍ୱ |
| 377 | ଟିଗଲ | 225 | 1812 | 1.729 | 1.767 | ଧାନ ଦୁଇ | ନିଜସ୍ୱ |
| 378 | ଟିଗଲ | 402 | 1811 | 1.000 | 0.667 | ଧାନ ଦୁଇ | ନିଜସ୍ୱ |
| 379 | ଟିଗଲ | 307 | 1806 | 0.148 | 0.029 | ଧାନ ଦୁଇ | ନିଜସ୍ୱ |
| 380 | ଟିଗଲ | 23 | 2533 | 0.716 | 0.561 | ଡଙ୍ଗର ଏକ | ନିଜସ୍ୱ |
| 381 | ଟିଗଲ | 230 | 2172 | 0.741 | 0.012 | ଧାନ ଦୁଇ | ନିଜସ୍ୱ |
| 382 | ଟିଗଲ | 338 | 2176 | 3.953 | 0.813 | ଧାନ ଦୁଇ | ନିଜସ୍ୱ |
| 383 | ଟିଗଲ | 287 | 2157 | 0.531 | 0.067 | ଧାନ ଦୁଇ | ନିଜସ୍ୱ |
| 384 | ଟିଗଲ | 133 | 2191 | 2.915 | 0.629 | ଧାନ ଦୁଇ | ନିଜସ୍ୱ |
| 385 | ଟିଗଲ | 287 | 2192 | 3.039 | 0.624 | ଧାନ ଦୁଇ | ନିଜସ୍ୱ |
| 386 | ଟିଗଲ | 189 | 2199 | 3.150 | 0.677 | ଧାନ ଦୁଇ | ନିଜସ୍ୱ |
| 387 | ଟିଗଲ | 426 | 2200 | 1.383 | 0.416 | ଧାନ ଦୁଇ | ନିଜସ୍ୱ |
| 388 | ଟିଗଲ | 400 | 2201 | 0.691 | 0.182 | ଧାନ ଦୁଇ | ନିଜସ୍ୱ |
| 389 | ଟିଗଲ | 403 | 2203 | 0.345 | 0.185 | ଧାନ ଦୁଇ | ନିଜସ୍ୱ |
| 390 | ଟିଗଲ | 403 | 2205 | 1.062 | 0.285 | ଧାନ ଦୁଇ | ନିଜସ୍ୱ |
| 391 | ଟିଗଲ | 247 | 2207 | 0.815 | 0.111 | ଧାନ ଦୁଇ | ନିଜସ୍ୱ |
| 392 | ଟିଗଲ | 206 | 2212 | 1.297 | 0.649 | ଧାନ ଦୁଇ | ନିଜସ୍ୱ |
| 393 | ଟିଗଲ | 185 | 2216 | 0.531 | 0.086 | ଧାନ ଦୁଇ | ନିଜସ୍ୱ |
| 394 | ଟିଗଲ | 386 | 4336 | 0.840 | 0.108 | ଡଙ୍ଗର ଏକ | ନିଜସ୍ୱ |
| 395 | ଟିଗଲ | 23 | 3945 | 3.051 | 1.379 | ଧାନ ଏକ | ନିଜସ୍ୱ |
| 396 | ଟିଗଲ | 161 | 3943 | 2.248 | 0.004 | ଧାନ ଦୁଇ | ନିଜସ୍ୱ |
| 397 | ଟିଗଲ | 161 | 3921 | 0.593 | 0.519 | ଧାନ ଦୁଇ | ନିଜସ୍ୱ |
| 398 | ଟିଗଲ | 161 | 3922 | 0.222 | 0.217 | ଧାନ ଦୁଇ | ନିଜସ୍ୱ |
| 399 | ଟିଗଲ | 221 | 3917 | 0.432 | 0.115 | ଧାନ ଦୁଇ | ନିଜସ୍ୱ |
| 400 | ଟିଗଲ | 379 | 3915 | 0.494 | 0.028 | ଧାନ ଦୁଇ | ନିଜସ୍ୱ |
| 401 | ଟିଗଲ | 161 | 3916 | 0.815 | 0.709 | ଧାନ ଦୁଇ | ନିଜସ୍ୱ |
| 402 | ଟିଗଲ | 143 | 3907 | 0.494 | 0.479 | ଧାନ ଦୁଇ | ନିଜସ୍ୱ |
| 403 | ଟିଗଲ | 557/ 154 | 3909 | 0.692 | 0.229 | ଧାନ ଦୁଇ | ନିଜସ୍ୱ |
| 404 | ଟିଗଲ | 358 | 3817 | 1.700 | 0.367 | ଧାନ ଦୁଇ | ନିଜସ୍ୱ |
| 405 | ଟିଗଲ | 382 | 3812 | 1.606 | 0.524 | ଧାନ ଦୁଇ | ନିଜସ୍ୱ |
| 406 | ଟିଗଲ | 105 | 3803 | 0.679 | 0.342 | ଧାନ ଦୁଇ | ନିଜସ୍ୱ |
| 407 | ଟିଗଲ | 105 | 3733 | 1.124 | 0.158 | ଧାନ ଦୁଇ | ନିଜସ୍ୱ |
| 408 | ଟିଗଲ | 415 | 3738 | 1.766 | 0.345 | ଧାନ ଦୁଇ | ନିଜସ୍ୱ |
| 409 | ଟିଗଲ | 293 | 4029 | 2.199 | 0.427 | ଧାନ ଦୁଇ | ନିଜସ୍ୱ |
| 410 | ଟିଗଲ | 463 | 4028 | 0.889 | 0.404 | ଧାନ ଦୁଇ | ନିଜସ୍ୱ |
| 411 | ଟିଗଲ | 169 | 4027 | 3.051 | 0.607 | ଧାନ ଦୁଇ | ନିଜସ୍ୱ |
| 412 | ଟିଗଲ | 463 | 4025 | 1.729 | 0.245 | ଧାନ ଦୁଇ | ନିଜସ୍ୱ |
| 413 | ଟିଗଲ | 455 | 4085 | 1.742 | 0.328 | ଧାନ ଦୁଇ | ନିଜସ୍ୱ |
| 414 | ଟିଗଲ | 252 | 4086 | 0.938 | 0.737 | ଧାନ ଦୁଇ | ନିଜସ୍ୱ |
| 415 | ଟିଗଲ | 11 | 4068 | 5.510 | 1.464 | ଧାନ ଏକ | ନିଜସ୍ୱ |
| 416 | ଟିଗଲ | 23 | 4322 | 1.532 | 0.696 | ଧାନ ଏକ | ନିଜସ୍ୱ |
| 417 | ଟିଗଲ | 298 | 1503 | NA | NA | NA | ନିଜସ୍ୱ |
| 418 | ଟିଗଲ | 561 | 1767 | NA | NA | NA | ନିଜସ୍ୱ |
| 419 | ଟିଗଲ | 35 | 1694 | 1.260 | 0.117 | ଧାନ ଦୁଇ | ନିଜସ୍ୱ |
| | | | **ମୋଟ** | **101.094** | **45.580** | | |
| 420 | ଓରମଗୁଡା | 30 | 36 | 1.457 | 0.208 | ଧାନ ଦୁଇ | ନିଜସ୍ୱ |
| | | | **ମୋଟ** | **1.457** | **0.208** | | |
| 421 | ପେଦାୱାରା | 40 | 9 | 1.700 | 0.966 | ଧାନ ଏକ | ନିଜସ୍ୱ |
| 422 | ପେଦାୱାରା | 40 | 10 | 0.163 | 0.097 | ଧାନ ଏକ | ନିଜସ୍ୱ |
| 423 | ପେଦାୱାରା | 89 | 14 | 1.700 | 0.023 | ଧାନ ଏକ | ନିଜସ୍ୱ |
| 424 | ପେଦାୱାରା | 67 | 21 | 0.375 | 0.294 | ଧାନ ଏକ | ନିଜସ୍ୱ |
| 425 | ପେଦାୱାରା | 67 | 20 | 0.444 | 0.161 | ଧାନ ଏକ | ନିଜସ୍ୱ |
| 426 | ପେଦାୱାରା | 10 | 23 | 0.499 | 0.362 | ଧାନ ଏକ | ନିଜସ୍ୱ |
| 427 | ପେଦାୱାରା | 63 | 8 | 0.753 | 0.034 | ଧାନ ଏକ | ନିଜସ୍ୱ |
| 428 | ପେଦାୱାରା | 89 | 25 | 1.000 | 0.664 | ଧାନ ଏକ | ନିଜସ୍ୱ |
| 429 | ପେଦାୱାରା | 63 | 26 | 1.000 | 0.535 | ଧାନ ଏକ | ନିଜସ୍ୱ |
| 430 | ପେଦାୱାରା | 111 | 27 | 0.963 | 0.265 | ଧାନ ଏକ | ନିଜସ୍ୱ |
| 431 | ପେଦାୱାରା | 25 | 45 | 1.166 | 1.013 | ଧାନ ଏକ | ନିଜସ୍ୱ |
| 432 | ପେଦାୱାରା | 25 | 43 | 0.024 | 0.024 | ଧାନ ଏକ | ନିଜସ୍ୱ |
| 433 | ପେଦାୱାରା | 96 | 42 | 1.013 | 0.815 | ଧାନ ଏକ | ନିଜସ୍ୱ |
| 434 | ପେଦାୱାରା | 25 | 31 | 4.250 | 0.037 | ଧାନ ଏକ | ନିଜସ୍ୱ |
| 435 | ପେଦାୱାରା | 106 | 41 | 0.716 | 0.063 | ଧାନ ଏକ | ନିଜସ୍ୱ |
| 436 | ପେଦାୱାରା | 25 | 37 | 0.331 | 0.316 | ଧାନ ଏକ | ନିଜସ୍ୱ |
| 437 | ପେଦାୱାରା | 6 | 295 | 2.515 | 0.051 | ଧାନ ଏକ | ନିଜସ୍ୱ |
| 438 | ପେଦାୱାରା | 25 | 34 | 3.459 | 1.918 | ଧାନ ଏକ | ନିଜସ୍ୱ |
| | | | **ମୋଟ** | **22.071** | **7.640** | | |
| 439 | କୋଇମେଟ୍ଲା | 19 | 1152 | 0.852 | 0.336 | ଧାନ ଦୁଇ | ନିଜସ୍ୱ |
| 440 | କୋଇମେଟ୍ଲା | 2 | 1150 | 0.988 | 0.920 | ଧାନ ଏକ | ନିଜସ୍ୱ |
| 441 | କୋଇମେଟ୍ଲା | 2 | 1148 | 1.922 | 0.359 | ଧାନ ଏକ | ନିଜସ୍ୱ |
| 442 | କୋଇମେଟ୍ଲା | 64 | 1190 | 1.700 | 0.045 | ଧାନ ଦୁଇ | ନିଜସ୍ୱ |
| 443 | କୋଇମେଟ୍ଲା | 178/ 41 | 1191 | 1.700 | 0.602 | ଧାନ ଦୁଇ | ନିଜସ୍ୱ |
| 444 | କୋଇମେଟ୍ଲା | 57 | 1192 | 1.697 | 1.015 | ଧାନ ଦୁଇ | ନିଜସ୍ୱ |
| 445 | କୋଇମେଟ୍ଲା | 51 | 1193 | 1.697 | 1.479 | ଧାନ ଦୁଇ | ନିଜସ୍ୱ |
| 446 | କୋଇମେଟ୍ଲା | 129 | 1197 | 1.695 | 0.450 | ଧାନ ଦୁଇ | ନିଜସ୍ୱ |
| 447 | କୋଇମେଟ୍ଲା | 28 | 1200 | 1.754 | 0.457 | ଧାନ ଏକ | ନିଜସ୍ୱ |
| 448 | କୋଇମେଟ୍ଲା | 28 | 1204 | 1.779 | 1.133 | ଧାନ ଏକ | ନିଜସ୍ୱ |
| 449 | କୋଇମେଟ୍ଲା | 4 | 1205 | 1.408 | 0.973 | ଧାନ ଏକ | ନିଜସ୍ୱ |
| 450 | କୋଇମେଟ୍ଲା | 2 | 1214 | 0.457 | 0.126 | ଧାନ ଏକ | ନିଜସ୍ୱ |
| 451 | କୋଇମେଟ୍ଲା | 2 | 1213 | 1.643 | 1.128 | ଧାନ ଏକ | ନିଜସ୍ୱ |
| 452 | କୋଇମେଟ୍ଲା | 4 | 1217 | 0.333 | 0.165 | ଧାନ ଦୁଇ | ନିଜସ୍ୱ |
| 453 | କୋଇମେଟ୍ଲା | 1 | 1026 | 1.235 | 0.415 | ଧାନ ଏକ | ନିଜସ୍ୱ |
| 454 | କୋଇମେଟ୍ଲା | 1 | 1025 | 0.790 | 0.287 | ଧାନ ଏକ | ନିଜସ୍ୱ |
| 455 | କୋଇମେଟ୍ଲା | 26 | 1022 | 2.013 | 0.593 | ଧାନ ଏକ | ନିଜସ୍ୱ |
| 456 | କୋଇମେଟ୍ଲା | 26 | 1021 | 1.025 | 0.676 | ଧାନ ଏକ | ନିଜସ୍ୱ |
| 457 | କୋଇମେଟ୍ଲା | 26 | 1023 | 0.103 | 0.100 | ଧାନ ଦୁଇ | ନିଜସ୍ୱ |
| 458 | କୋଇମେଟ୍ଲା | 26 | 993 | 2.433 | 2.277 | ଧାନ ଏକ | ନିଜସ୍ୱ |
| 459 | କୋଇମେଟ୍ଲା | 3 | 991 | 0.494 | 0.488 | ଧାନ ଏକ | ନିଜସ୍ୱ |
| 460 | କୋଇମେଟ୍ଲା | 3 | 990 | 1.742 | 1.462 | ଧାନ ଏକ | ନିଜସ୍ୱ |
| 461 | କୋଇମେଟ୍ଲା | 147 | 1239 | 0.175 | 0.341 | ଡଙ୍ଗର ଦୁଇ | ନିଜସ୍ୱ |
| 462 | କୋଇମେଟ୍ଲା | 4 | 981 | 2.718 | 0.853 | ଧାନ ଦୁଇ | ନିଜସ୍ୱ |
| 463 | କୋଇମେଟ୍ଲା | 6 | 1003 | 1.359 | 0.498 | ଧାନ ଏକ | ନିଜସ୍ୱ |
| 464 | କୋଇମେଟ୍ଲା | 9 | 1002 | 0.810 | 0.171 | ଧାନ ଏକ | ନିଜସ୍ୱ |
| 465 | କୋଇମେଟ୍ଲା | 116 | 978 | 1.158 | 1.172 | ଧାନ ଦୁଇ | ନିଜସ୍ୱ |
| 466 | କୋଇମେଟ୍ଲା | 116 | 977 | 1.959 | 1.836 | ଧାନ ଦୁଇ | ନିଜସ୍ୱ |
| 467 | କୋଇମେଟ୍ଲା | 106 | 976 | 0.427 | 0.238 | ଡଙ୍ଗର ଦୁଇ | ନିଜସ୍ୱ |
| 468 | କୋଇମେଟ୍ଲା | 106 | 965 | 1.606 | 0.278 | ଧାନ ଦୁଇ | ନିଜସ୍ୱ |
| 469 | କୋଇମେଟ୍ଲା | 9 | 958 | 0.877 | 0.677 | ଧାନ ଦୁଇ | ନିଜସ୍ୱ |
| 470 | କୋଇମେଟ୍ଲା | 9 | 959 | 0.803 | 0.835 | ଧାନ ଦୁଇ | ନିଜସ୍ୱ |
| 471 | କୋଇମେଟ୍ଲା | 110 | 962 | 0.654 | 0.625 | ଧାନ ଦୁଇ | ନିଜସ୍ୱ |
| 472 | କୋଇମେଟ୍ଲା | 46 | 963 | 2.194 | 1.703 | ଧାନ ଦୁଇ | ନିଜସ୍ୱ |
| 473 | କୋଇମେଟ୍ଲା | 94 | 954 | 1.037 | 0.121 | ଧାନ ଦୁଇ | ନିଜସ୍ୱ |
| 474 | କୋଇମେଟ୍ଲା | 58 | 952 | 0.474 | 0.325 | ଧାନ ଦୁଇ | ନିଜସ୍ୱ |
| 475 | କୋଇମେଟ୍ଲା | 58 | 950 | 0.543 | 0.519 | ଧାନ ଦୁଇ | ନିଜସ୍ୱ |
| | | | **ମୋଟ** | **46.254** | **25.674** | | |

| କ୍ରମିକ ନଂ | ଗାଁର ନାମ | କ୍ଷେତ୍ରଫଳ (ଏକରରେ) |
|---|---|---|
| 1 | ଚିତ୍ରାଙ୍ଗପାଲି | 15.151 |
| 2 | ବିଲିଗୁରା | 3.795 |
| 3 | ଲୁଟେଲ | 23.213 |
| 4 | ମଙ୍ଗୀପଲ୍ଲି | 30.835 |
| 5 | ଜବନପାଲି | 13.875 |
| 6 | କଲିମେଲା | 26.945 |
| 7 | ମହାରାଜପଲ୍ଲି | 12.099 |
| 8 | କୋୟାଗୁଡା | 1.340 |
| 9 | ପାନିମେଟ୍ଲା | 14.475 |
| 10 | ଟିଗାଲ | 45.58 |
| 11 | ଓରମଗୁଡା | 0.208 |
| 12 | ପେଦାୱାରା | 7.640 |
| 13 | କୋଇମେଟ୍ଲା | 25.674 |
| **ମୋଟ** | | **220.83** |

ସ୍ୱା./- ତହସିଲଦାର ଓ
ସ୍ୱତନ୍ତ୍ର ଭୂ ଅର୍ଜନ ଅଧିକାରୀ, କାଳିମେଲା

OIPR-24289/14/0001/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭୁବନେଶ୍ୱରରେ ଲକ୍ଷେ ପାଖାପାଖି ସୁନା ଦର

**ଭୁବନେଶ୍ୱର,୨୧।୪: (ଅଭୟ ଦାଶ)**



କ୍ରମାଗତ ଭାବେ ସୁନା ଓ ରୁପା ଦର ବୃଦ୍ଧି ପାଇ ଚାଲିଛି। ଏପରିକି ଭୁବନେଶ୍ୱର ବଜାରରେ ସୁନା ଦର ଲକ୍ଷେ ପାଖାପାଖି ହୋଇଥିଲାବେଳେ ରୁପା ମୂଲ୍ୟ ୧,୧୧,୦୦୦ ଟଙ୍କାରେ ପହଞ୍ଚିଛି/କାରବାର ହେଉଛି। ଗୋଟିଏ ପଟରେ ଆମେରିକାର ରାଷ୍ଟ୍ରପତିଙ୍କ ନୂଆ ବାଣିଜ୍ୟ ନୀତି ଓ ଟାରିଫ ଦରର ପ୍ରଭାବ ବଜାରରେ ଅସ୍ଥିରତା ସୃଷ୍ଟି କରୁଥିବାବେଳେ ଅପରପକ୍ଷରେ ଉତ୍ପାଦନ ଓ ବୈଶ୍ୱିକସ୍ତରରେ ଭୂ- ରାଜନୈତିକ ଏବଂ ଯୁଦ୍ଧର ବାତାବରଣ ଭାରତୀୟ ବଜାରର କାରବାର ଉପରେ ପଡୁଛି। ସେହିଭଳି ଭାରତୀୟ ବଜାରରେ ଶୁଭକାର୍ଯ୍ୟ ଓ ବିବାହ ଋତୁ ଆରମ୍ଭ ହୋଇଯାଇଥିଲାବେଳେ ସୁନା ଦର ଉଭୟ ବ୍ୟବସାୟ ଓ ଗ୍ରାହକଙ୍କୁ ଅତିରିକ୍ତ ଖର୍ଚ୍ଚନ୍ତା କରୁଥିବା ବଜାର ବିଶେଷଜ୍ଞମାନେ କହିଛନ୍ତି। ଏପରିକି ଦର ବୃଦ୍ଧି ଯୋଗୁ ଗ୍ରାହକ ଆଶାଠାରୁ କମ କ୍ରୟ କରିଥିବାବେଳେ ବ୍ୟବସାୟୀମାନେ ମଧ୍ୟ ଆଶାଜନକ କାରବାର ବିବାହ ସିଜନରେ କରିପାରୁନାହାନ୍ତି ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ସୋମବାର ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନାର ଦର ପ୍ରତି ୧୦ ଗ୍ରାମ ପିଛା ୯୮,୨୫୦ ଟଙ୍କା ଥିଲାବେଳେବେଳେ ୨୨ କ୍ୟାରେଟ ସୁନାର ଦର ପ୍ରତି ୧୦ ଗ୍ରାମ ପିଛା ୯୦,୧୫୦ ଟଙ୍କାରେ ପହଞ୍ଚିଛି। ସେହିପରି ୧୮ କ୍ୟାରେଟ ସୁନାର ଦର ପ୍ରତି ୧୦ ଗ୍ରାମ ପିଛା ୭୩, ୭୬୦ ଟଙ୍କାରେ କାରବାର ହେଉଥିଲାବେଳେ ଘରୋଇ ବଜାରରେ ରୁପା ମୂଲ୍ୟ ପ୍ରତି କିଲୋଗ୍ରାମ (କେ.ଜି) ପିଛା ୧,୧୧,୦୦୦ ଟଙ୍କା ରହିଛି। ଏପରିକି ଓଡିଶାର ପ୍ରମୁଖ କଟକ, ବାଲେଶ୍ୱର, ଝାରସୁଗୁଡା, କେନ୍ଦୁଝର, ରାଉରକେଲା, ସମ୍ବଲପୁର, ଅନୁଗୋଳ, ବ୍ରହ୍ମପୁର, ପୁରୀ, ଭଦ୍ରକ, ଢେଙ୍କାନାଳ, କୋରାପୁଟ ଓ ବଲାଙ୍ଗୀର ଭଳି ବଜାରରେ ସୁନା ଦର ୭୫୦୦୦ରୁ ୯୮,୫୦୦ ଟଙ୍କା ଥିଲାବେଳେ ରୁପା ମୂଲ୍ୟ ୧,୧୧,୦୦୦ରୁ ୧,୧୨,୦୦୦ ଟଙ୍କାରେ କାରବାର ହେଉଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ସୁନାର ଦର ପ୍ରତି ୧୦ ଗ୍ରାମ ପିଛା ୯୬,୮୫୦ ଟଙ୍କା ଥିଲାବେଳେବେଳେ ୨୨ କ୍ୟାରେଟ ସୁନାର ଦର ପ୍ରତି ୧୦ ଗ୍ରାମ ପିଛା ୮୮,୭୭୯ ଟଙ୍କାରେ ପହଞ୍ଚିଛି। ସେହିପରି ୧୮ କ୍ୟାରେଟ ସୁନାର ଦର ପ୍ରତି ୧୦ ଗ୍ରାମ ପିଛା ୭୧, ୭୫୦ ଟଙ୍କାରେ କାରବାର ହେଉଥିଲାବେଳେ ଘରୋଇ ବଜାରରେ ରୁପା ମୂଲ୍ୟ ପ୍ରତି କିଲୋଗ୍ରାମ (କେ.ଜି) ପିଛା ୯୬,୫୦୦ ଟଙ୍କା ରହିଛି।

# ବିଓବିର ଜୋନାଲ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଭୁବନେଶ୍ୱର,୨୧।୪**

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ନୂତନ ଜୋନାଲ କାର୍ଯ୍ୟାଳୟ (ଅଫିସ ପରିସର) ଭୁବନେଶ୍ୱରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ସେବା ବିଭାଗ ସଚିବ ଏମ୍. ନାଗାରାଜୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଓବିର ଏମ୍‌ଡି ତଥା ସିଇଓ ଦେବଦତ୍ତ ଚାନ୍ଦ ଏବଂ ନିର୍ଦ୍ଦେଶକ (ଆର୍‌ବିଆଇ ନୋମିନି) ମନୋରଞ୍ଜନ ମିଶ୍ରଙ୍କ ସମେତ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ମୂଲ୍ୟବାନ ଗ୍ରାହକ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ବିଓବିର ଏମ୍‌ଡି ତଥା ସିଇଓ ଦେବଦତ୍ତ ଚାନ୍ଦ କହିଛନ୍ତି, ଆମେ ସମଗ୍ର ଦେଶରେ ଉଦୀୟମାନ ଅଞ୍ଚଳ ଏବଂ ଉଚ୍ଚ ସମ୍ଭାବ୍ୟ ଭୌଗୋଳିକ କ୍ଷେତ୍ରରେ ବ୍ୟାଙ୍କିଙ୍ଗ୍ ସେବାର ସମ୍ପ୍ରସାରଣ ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ। ଭୁବନେଶ୍ୱର ଜୋନ୍‌ରେ ନୂତନ ଜୋନାଲ କାର୍ଯ୍ୟାଳୟର ଶୁଭାରମ୍ଭ ବ୍ୟାଙ୍କ ପାଇଁ ଓଡ଼ିଶା ଓ ଝାଡ଼ଖଣ୍ଡର ରଣନୈତିକ ଗୁରୁତ୍ୱକୁ ପ୍ରତିଫଳିତ କରୁଛି। ଏହା ଏହି ପ୍ରମୁଖ ବଜାରଗୁଡ଼ିକରେ ଆମର ଉପସ୍ଥିତିକୁ ସୁଦୃଢ଼ କରିବ ଏବଂ ଅନ୍ତର୍ଭୁକ୍ତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହିତ ବ୍ୟାଙ୍କିଙ୍ଗ୍ ସମାଧାନକୁ ଅଧିକ ଦକ୍ଷତାର ସହ ପ୍ରଦାନ କରିବାର ଆମର ଦକ୍ଷତା ବୃଦ୍ଧି କରିବ।

ସେହିଭଳି ଏହି ଅଞ୍ଚଳରେ ବ୍ୟାଙ୍କର ପରିଚାଳନା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ କାର୍ଯ୍ୟ କରିବ। ଏପରିକି ଭୁବନେଶ୍ୱର ଜୋନ୍‌ରେ ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟକୁ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ନୂତନ ଜୋନାଲ କାର୍ଯ୍ୟାଳୟ ପୂର୍ବ ଭାରତରେ ବ୍ୟାଙ୍କର ଉପସ୍ଥିତିକୁ ସୁଦୃଢ଼ କରିବା ଏବଂ ଗ୍ରାହକଙ୍କ ପାଖରେ ପହଞ୍ଚିବା ପାଇଁ ବ୍ୟାଙ୍କର ପ୍ରୟାସରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସୃଷ୍ଟି କରିବ।

ସେହିପରି ଏହି ନୂଆ ଜୋନାଲ ଅଫିସ ଅଧୀନରେ ରାଞ୍ଚି, ଜାମସେଦପୁର, ସମ୍ବଲପୁର, କଟକ ଓ ଭୁବନେଶ୍ୱରର ୫ ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ୩୩୭ ଶାଖା ସାମିଲ ରହିଛି। ଏହି ଶାଖାଗୁଡ଼ିକ ମଧ୍ୟରୁ ପ୍ରାୟ ୬୭% ଗ୍ରାମାଞ୍ଚଳ ଓ ଅର୍ଦ୍ଧସହରାଞ୍ଚଳରେ ଥିବାରୁ ଭୁବନେଶ୍ୱର ଜୋନ୍ ବ୍ୟାଙ୍କିଙ୍ଗ୍ ସେବାରେ ପ୍ରବେଶ କରିବା ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ଭଲ ସ୍ଥିତିରେ ରହିଛି।


ଭୁବନେଶ୍ୱରରେ ବିଓବିର ନୂତନ ଜୋନାଲ କାର୍ଯ୍ୟାଳୟକୁ କେନ୍ଦ୍ର ଅର୍ଥ ସଚିବ ଏମ୍. ନାଗାରାଜୁ ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ବିଓବିର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଗ୍ରେଟ୍ ଇଷ୍ଟର୍ନ ରିଟେଲର ଏକ୍ସକ୍ଲୁସିଭ ଆଉଟ୍‌ଲେଟ

## ଭୁବନେଶ୍ୱରରେ ବ୍ରାଣ୍ଡର ୯ମ ଷ୍ଟୋର

**ଭୁବନେଶ୍ୱର, ୨୧।୪**


ଭୁବନେଶ୍ୱରର ଟଙ୍କପାଣି ରୋଡରେ ନବନିର୍ମିତ ଗ୍ରେଟ ଇଷ୍ଟର୍ନ ରିଟେଲର ଏକ୍ସକ୍ଲୁସିଭ ଆଉଟଲେଟକୁ ଗ୍ରେଟ ଇଷ୍ଟର୍ନ ରିଟେଲ ପ୍ରାଇଭେଟ ଲିମିଟେଡର ଏମଡି ନିର୍ମଳ କୁମାର ବୈଦ ଫିତା କାଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ଗ୍ରେଟ ଇଷ୍ଟର୍ନ ରିଟେଲର କ୍ଲଷ୍ଟର ହେଡ ସେଖ୍ ରିଆଜ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଦେଶର ପ୍ରମୁଖ ରିଟେଲ ବ୍ରାଣ୍ଡ ତଥା ଗ୍ରେଟ୍ ଇଷ୍ଟର୍ନ ରିଟେଲ ପ୍ରାଇଭେଟ ଲିମିଟେଡ (ଗ୍ରେଟ୍ ଇଷ୍ଟର୍ନ ରିଟେଲ)ର ଏକ୍ସକ୍ଲୁସିଭ ଆଉଟଲେଟ ରବିବାର ଭୁବନେଶ୍ୱରର ଟଙ୍କପାଣି ରୋଡରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଓଡ଼ିଶା ବଜାରରେ ବ୍ରାଣ୍ଡର ଏହା ୯ମ ଏବଂ ଭୁବନେଶ୍ୱର ଅଞ୍ଚଳର ୩ୟ ସର୍ବବୃହତ ଷ୍ଟୋରର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଗ୍ରେଟ୍ ଇଷ୍ଟର୍ନ ରିଟେଲ ପ୍ରାଇଭେଟ ଲିମିଟେଡର ଏମ୍‌ଡି ନିର୍ମଳ କୁମାର ବୈଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରେଟ୍ ଇଷ୍ଟର୍ନ ରିଟେଲ ପ୍ରାଇଭେଟ ଲିମିଟେଡର ଅଞ୍ଚଳ ମୁଖ୍ୟ (କ୍ଲଷ୍ଟର ହେଡ୍) ସେଖ୍ ରିଆଜ ଏବଂ ଶାଖା ମୁଖ୍ୟ (ବିଏମ୍) ରାଜେଶ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୪୦୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଗଢ଼ିଉଠିଥିବା ଏହି ନୂତନ ଷ୍ଟୋରରେ ଏଲ୍‌ଜି, ଭୋଲଟାସ୍, ପାନାସୋନିକ, ସାମ୍‌ସଙ୍ଗ, ଲଏଡ, ଗୋଦରେଜ, ଡାଇକିନ, ଆଇଏଫବି, ହାଏର, ହୁଇଲପୁଲ ଭଳି ପ୍ରମୁଖ ବ୍ରାଣ୍ଡର ଅତ୍ୟାଧୁନିକ ଏୟାରକଣ୍ଡିଶନର (ଏସି), ରେଫ୍ରିଜରେଟର, ୱାଶିଂ ମେଶିନ, ଟେଲିଭିଜନ (ଟିଭି),ଏୟାରକୁଲର (କୁଲର), ଡିଫ୍ରିଜର, ମାଇକ୍ରୋଓଭନ, ୱାଟର ପ୍ୟୁରିଫାୟାର ଭଳି ସମସ୍ତ ପ୍ରକାର ଗୃହୋପଯୋଗୀ ସାମଗ୍ରୀ ଉପଲବ୍ଧ। ଗ୍ରେଟ୍ ଇଷ୍ଟର୍ନ ରିଟେଲ ପ୍ରାଇଭେଟ ଲିମିଟେଡର ଏମ୍‌ଡି ନିର୍ମଳ କୁମାର ବୈଦ କହିଥିଲେ, ଆମେ ଆମର ନୂତନ ଷ୍ଟୋରକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆଗାମୀ ଦିନରେ ଆହୁରି ଅନେକ ନୂତନ ଷ୍ଟୋରର ଶୁଭାରମ୍ଭ ସହିତ ଗୁଣାତ୍ମକ ସେବା ଓ ସୁବିଧା ଗ୍ରାହକଙ୍କୁ ଯୋଗାଇ ଦିଆଯିବ। ୨୦୨୫-୨୬ ଆର୍ଥିକ ବର୍ଷରେ ଆଉ ୧୦ଟି ନୂତନ ଷ୍ଟୋରର ଶୁଭାରମ୍ଭ ପାଇଁ ଯୋଜନା କରାଯାଇଛି ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

# ଇଡିଆଇଆଇର ୪୩ତମ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୨୧।୪**

ଭାରତୀୟ ଉଦ୍ୟୋଗିତା ବିକାଶ ପ୍ରତିଷ୍ଠାନ (ଏଣ୍ଟରପ୍ରେନ୍ୟୁରଶିପ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ ବା ଇଡିଆଇଆଇ)ର ୪୩ ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ଅବସରରେ ଗୋଆ ମୁଖ୍ୟମନ୍ତ୍ରୀ ଡ. ପ୍ରମୋଦ ସାୱନ୍ତ ସମ୍ମାନିତ ଅତିଥି ଭାବେ (ଭର୍ଚୁଆଲ) ଯୋଗଦେଇ ସଭାକୁ ସମ୍ବୋଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କନସଲ ଜେନେରାଲ ଦକ୍ଷିଣ କୋରିଆ (ଗୁଜରାଟ) ଏବଂ ରସନା ଗ୍ରୁପର ଅଧ୍ୟକ୍ଷ ପିରୁଜ ଖାମ୍ବାଟା, ଗୋଆର ଶିଳ୍ପ ସଚିବ ସୁନୀଲ ଆଞ୍ଚିପାକା, ଇଡିସି ଲିଃ.ର ଏମ୍‌ଡିବି.ଏସ ପାଇ ଆଙ୍ଗେଲ, ଆଇଡିବିଆଇ ବ୍ୟାଙ୍କ ଲିଃ.ର ମୁଖ୍ୟ ମହାପ୍ରବନ୍ଧକ ଓ ଜେନେରାଲ ମୁଖ୍ୟ (ଅହମଦାବାଦ ଜୋନ) ଦୀନେଶ ସିଂହ ରାୱତ ପ୍ରମୁଖ ଯୋଗ ଦେଇ ଷ୍ଟାର୍ଟଅପ ଓ ନବସୃଜନ ଦେଶର ଅଭିବୃଦ୍ଧି ଉପରେ କିପରି ପ୍ରଭାବ ପକାଉଛି ତାହା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଡ. ପ୍ରମୋଦ ସାୱନ୍ତ ଭର୍ଚୁଆଲ ମୋଡରେ ସମ୍ବୋଧିତ କରି ଗୁଜରାଟର ଅନନ୍ୟ ଅଭିବୃଦ୍ଧି ମଡେଲକୁ ପ୍ରଶଂସା କରିଥିଲେ ଓ ଦେଶରେ ଉଦ୍ୟୋଗ ଲାଗି ପ୍ରଚାର ପାଇଁ ଇଡିଆଇଆଇକୁ ଶ୍ରେୟ ଦେଇଥିଲେ। ଏହି ଅବସରରେ ଡ. ପିରୁଜ ଖମ୍ବାଟା ସୈଦ କହିଥିଲେ, ଆଜି ଦେଶରେ ଉଦ୍ୟୋଗିତା ବହୁତ ଆଗକୁ ବଢ଼ିଛି। ସାମାଜିକ-ଆର୍ଥିକ ବିକାଶରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦକ୍ଷିଣ ଭାରତର ଦୃଷ୍ଟିକୋଣ ଉଦ୍ୟୋଗିତା, ଦକ୍ଷତା ବିକାଶ, ପ୍ରଯୁକ୍ତିବିଦ୍ୟା, ନବସୃଜନ ଓ ବିସ୍ତୃତ ବଜାର ସ୍ତମ୍ଭ ଉପରେ ଆଧାରିତ। ବିଭିନ୍ନ ବର୍ଗର ଲୋକଙ୍କୁ ଉଦ୍ୟୋଗୀ ହେବା ଲାଗି ପ୍ରୋତ୍ସାହନ ସୃଷ୍ଟି କରିବାରେ ସହାୟତା ଲାଗି ଇଡିଆଇଆଇକୁ ମୁଁ ଆନ୍ତରିକ ଧନ୍ୟବାଦ ଜଣାଉଛି।

ଦିନେଶ ସିଂ ରାୱତ କହିଛନ୍ତି, ସବୁ ବର୍ଗର ଲୋକଙ୍କ ଉନ୍ନତି ପାଇଁ ଉଦ୍ୟୋଗିତାକୁ ନିଯୁକ୍ତି ଦେବାରେ ଇଡିଆଇଆଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି।

ଡ. ସୁନୀଲ ଶୁକ୍ଳା ଇଡିଆଇଆଇର ଉତ୍ପତ୍ତି ବିଷୟରେ ସୂଚନା ଦେଇଥିଲେ ଓ ଉଦ୍ୟୋଗ ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଇଡିଆଇଆଇ ଉଦ୍ୟୋଗୀ ମନୋଭାବକୁ ଉତ୍ସାହିତ କରିବାର ୪୩ବର୍ଷ ପୂରଣ କରୁଥିବାରୁ ଆମେ ଖୁସି ଅନୁଭବ କରୁଛୁ। ଇଡିଆଇଆଇ ସର୍ବଦା ଉଦ୍ୟୋଗିତା ଉପରେ ଧ୍ୟାନ ଦେଇ ଚାଲୁ। ଆମେ ଆମର ଯାତ୍ରାରେ ସରକାର ଓ କର୍ପୋରେଟରଗୁଡ଼ିକର ସମର୍ଥନକୁ ସ୍ୱୀକାର ମଧ୍ୟ କରୁଛୁ।

# ଶେୟାର ବଜାରରେ ଉତ୍ସାହ

**ମୁମ୍ବାଇ,୨୧।୪**

କ୍ରମାଗତ ପଞ୍ଚମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନସେକ୍ସ ୮୫୫(୮୫୫.୩୦) ପଏଣ୍ଟ ବୃଦ୍ଧି ଘଟି୭୯,୪୦୮(୭୯,୪୦୮.୫୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୭୪ (୨୭୩.୯୦) ପଏଣ୍ଟ ବଢ଼ି ୨୪,୧୨୫ (୨୪,୧୨୫.୫୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଗ୍ରୀଷ୍ମକାଳୀନ ସାମଗ୍ରୀର ବ୍ୟାପକ କଲେକ୍ସନ

**ନୂଆଦିଲ୍ଲୀ, ୨୧।୪**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆମାଜନର ବହୁ ପ୍ରତୀକ୍ଷିତ ତଥା ଗ୍ରୀଷ୍ମକାଳୀନ ସାମଗ୍ରୀର ବ୍ୟାପକ କଲେକ୍ସନକୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି ଗ୍ରାହକଙ୍କୁ ଥଣ୍ଡା ଓ ଆରାମଦାୟକ ରହିବାରେ ସାହାଯ୍ୟ କରିବା ପାଇଁ ସତେଜ ପାନୀୟଠାରୁ ଆରମ୍ଭ କରି ଶକ୍ତି ବୁଷ୍ଟର, ଗୃହପାଳିତ ପଶୁ ଗ୍ରୁମିଂ ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ଶିଶୁ ଯତ୍ନ ଉତ୍ପାଦ ସାମିଲ ରହିଛି। ଏହି ୱାନ୍ ଷ୍ଟପ୍ ଗନ୍ତବ୍ୟସ୍ଥଳରେ ଦ୍ରୁତ ଏବଂ ବିଶ୍ୱସନୀୟ ଡେଲିଭରି ସୁବିଧା ସହିତ ଅନେକ ପ୍ରକାରର ଗ୍ରୀଷ୍ମକାଳୀନ ଅତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧ ରହିଛି। ସେହିଭଳି ଗ୍ରାହକମାନେ ଆମାଜନ ପେ ବ୍ୟବହାର କରି ଅତିରିକ୍ତ ସଞ୍ଚୟ ଏବଂ ସୁବିଧା ମଧ୍ୟ ଉପଭୋଗ କରିପାରିବେ। ପ୍ରାଇମ ମେମ୍ବରମାନେ ୧୦ଲକ୍ଷରୁ ଅଧିକ ପ୍ରଡକ୍ଟ ଉପରେ ସମାନ ଦିନର ଡେଲିଭରି ଉପଭୋଗ କରୁଛନ୍ତି। ଲିକ୍ୱିଡ୍ ଆଇ.ଭି. ଦ୍ୱାରା ପରିଚାଳିତ ହେଉଥିବା ଏହି ସେଲରେ ଗ୍ରାହକମାନେ ସ୍ଲିପି ଆଉଲ, ଗ୍ଲୁକନ୍-ଡି, ହିମାଲୟା, ବାମ୍ବୋ ନେଚର, ପେଟଭିଟ୍ ଏବଂ ଗୁଫି ଟେଲ୍ସ ଭଳି ଶୀର୍ଷ ବ୍ରାଣ୍ଡରେ ଗ୍ରୀଷ୍ମକାଳୀନ ଅତ୍ୟାବଶ୍ୟକ ସାମଗ୍ରୀର ବ୍ୟାପକ ଚୟନ ଉପରେ ଅତୁଳନୀୟ ମୂଲ୍ୟ ଉପଭୋଗ କରିପାରିବେ।


# Classified Everyday
0674-2580101, 9692975378

ମନେ ପଡ଼ନ୍ତି


REAL ESTATE

**SALE**

Duplex sale with gated Society near Aiims Hospital, Bhubaneswar. 9777433701. D-76256

Book 3BHK, 4BHK flat Jharapada, near Jagannath Avenue, Canal Road, Bhubaneswar with amenities. Contact: 7978584549. D-76811


ଭୁବନେଶ୍ୱର- ପିପିଲି Toll Gate Puri road ନିକଟରେ Gharabari Plot ଏବଂ ନଖରାରେ 3/4 BHK Duplex ବିକ୍ରିହେବ। 8327785834. D-76261

13720sqft Commercial Land with boundary wall sale at NH- 57, Pitapalli Square, Bhubaneswar. 7008634668. D-76259

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492. D-200

Bhubaneswar ତ୍ରିନାଥବଜାର, ଫୁଲନଖରା, ସମ୍ ହସ୍ପିଟାଲ୍-୨ ନିକଟରେ ଘରବାରୀ ପ୍ଲଟ୍ 1250/sqft. ରେ ବିକ୍ରୟ କରାଯାଉଛି। Whatsapp: 9437011506, 6371462496. D-238


FOR RENT

2 Office space- 1000sqft. in 3rd floor & 750sqft. in 2nd floor fully furnished office at 5- Janpath, Unit- 3, Kharvelnagar behind Kalsi Petrol Pump, Bhubaneswar, Odisha- 751001. Readily available to operate. Contact: 9437001845, 7504050186. D-76813

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


Healthcare

Full body massage by odia therapist in homely Atmosphere. 9556498382. D-75380

Full body massage by experience therapist with homely atmosphere. 9114559860. D-76910

Positively health benefited SPA by expert female therapist, Bapujinagar. 8328803811. D-76909

**AFFIDAVIT**

By virtue of an affidavit before Executive Magistrate, Bhubaneswar, dated- 21.04.2025, I, Hemant Nayak, Address: At- Jitikarsualo, P.O.- Bhatapatna, Bhingarpur, Khordha, Odisha- 752115 declare that I have changed my son's name from Ankity Nayak to Ankit Nayak. Henceforth, he shall be known as Ankit Nayak for all purposes.
Hemanta Nayak
D-247

ମୁଁ, ଯୁଗେ ବେଟକାର, ପି- ଚମାର ବେଟକାର, ନି- କଳାପାଣି (ବୁଦେଲପାଲି), ଥା/ତ/ଜିଲ୍ଲା- ବରଗଡ଼ର ବାସିନ୍ଦା ଅଟେ । ବରଗଡ଼ ସଦରମହକୁମା ସ୍ଥିତ ନୋଟାରି ଶ୍ରୀ ପି.ସି. ଦାଶଙ୍କ ନିକଟରେ ସତ୍ୟପାଠ କ୍ରମିକ ସଂଖ୍ୟା ୧୦୧ ତା ୦୮।୦୪।୨୦୨୫ରେ ସତ୍ୟାପନ କରିଅଛୁ ଯେ, ମୋର ସ୍ୱର୍ଗତ ପତ୍ନୀ ତପ ବେଟକାରଙ୍କ ଗତ ୦୧।୦୩।୨୦୨୫ରେ ପରଲୋକ ହୋଇଛି। ତାଙ୍କର ଆଧାର କାର୍ଡରେ ତପ ବେଟକାର ଭାବେ ଉଲ୍ଲେଖ ଅଛି, ବ୍ୟାଙ୍କ ପାସ୍‌ବୁକ୍‌ରେ ତପସ୍ୱିନୀ ବେଣ୍ଟକାର ଭାବେ ନାମରେ ଅଛି। ଏଣୁ ଏହି ସତ୍ୟପାଠ ଜରିଆରେ ଘୋଷଣା କରୁଅଛି ଯେ ତପ ବେଟକାର ଓ ତପସ୍ୱନୀ ବେଣ୍ଟକାର ସମାନ ଅଟନ୍ତି। ସତ୍ୟପାଠକାରୀ ଯୁଗେ ବେଟକାର। ଧ-୨୪୮

I, Manishabala Pradhan, D/o- Biswambar Pradhan, resident of Chandmari Padia, Sahadev Khunta, Dist.- Baleswar, PIN- 756001, declare by this affidavit No.- 15334, dtd- 16.04.2025. That now onwards I shall be known as MANISHA MOHANTY for all future purposes. D-245

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before The Executive Magistrate, Dharmasala, dated- 19.04.2025, I, Duryodhan Das, At- Jaleswarpur, P.O.- Kundapatna, P.S.- Dharmasala, Dist.- Jajpur, Odisha- 755008, declare that I have changed my son's name from SERKANTA DAS to SRIKANTA DAS. Henceforth, he shall be known as SRIKANTA DAS for all future purposes. D-246

By affidavit No.- 01/ date- 05.04.2024, before Executive Magistrate, Jatni, I, Madhusmita Nayak, W/o- Priya Madhab Swain, At- Ogarsuan, P.O.- Janla, P.S.- Jatni, Khordha declare that my son's name in Aadhaar recorded as Puspa Vanu Swain instead of Sai Swaroop Swain. Henceforth, he will be known as Sai Swaroop Swain for all purposes. D-250

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଶ୍ରୁପୂର୍ଣ୍ଣ ଭକ୍ତିଭରା ଶ୍ରଦ୍ଧାଞ୍ଜଳି



ଦ୍ୱାରିକାନାଥ ଦାସ
ନେଳିଆ ଶାସନ, ଛତିଆ, ଯାଜପୁର
ଆବିର୍ଭାବ: ୦୨।୦୨।୧୯୩୪
ତିରୋଧାନ: ୦୨।୦୫।୨୦୨୪

"ମୃତ୍ୟୁ ନାମକ ସେ ଧ୍ରୁବ ସତ୍ୟକୁ ମାନି ନ ପାରଇ କେହି, ତଥାପି ସେ ସତ୍ୟ ସେ ହିଁ ବାସ୍ତବ ଚିରନ୍ତନ କଥା ଏହି"।
ପ୍ରଭୁ ଜଗନ୍ନାଥ ଆପଣଙ୍କ ଅମର ଆତ୍ମାକୁ ସଦା ସର୍ବଦା ଶାନ୍ତି ପ୍ରଦାନ କରନ୍ତୁ ।
ଶୋକସନ୍ତପ୍ତ:- ପୁତ୍ର ଗୁରୁ ପ୍ରସାଦ ଦାସ, ବନ୍ଧୁ ଓ ପରିବାରବର୍ଗ ।
ଧ-୨୪୯

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ଘର ଦିଶିବ ସୁନ୍ଦର

**ଘରକୁ ସୁନ୍ଦର କରି ସଜାଇବା ହେଉଛି ଏକ କଳା। ତେବେ ୟୁନିକ୍ ଷ୍ଟାଇଲରେ ଘର ସଜାଇ ନିଜର ଏହି କଳା ପ୍ରଦର୍ଶନ କରିବାକୁ ଚାହୁଁଥିଲେ ଜାଣିରଖନ୍ତୁ କିଛି କଥା...**

■ ଘରକୁ ଯଦି ଏକ ୟୁନିକ୍ ଲୁକ୍ ଦେବାକୁ ଚାହୁଁଛନ୍ତି ତେବେ ସର୍ବପ୍ରଥମେ ଘରେ କେଉଁ କେଉଁ କଲର ଦେବେ ତାହା ସ୍ଥିର କରନ୍ତୁ।

■ ଘର କାନ୍ଥର ରଙ୍ଗ ଓ ଘରେ ଥିବା ଫର୍ନିଚରର ରଙ୍ଗ ଆକର୍ଷଣୀୟ ହେବା ଦରକାର। ଏହା ସହ ଘରକୁ ଯାହା ବି ଡେକୋରେଟିଭ୍ ସାମଗ୍ରୀ ଆଣୁଛନ୍ତି ସେସବୁର ରଙ୍ଗ ଦେଖି ଆଣନ୍ତୁ। ସୁନ୍ଦର ଓ ୟୁନିକ୍ କଲର କମ୍ବିନେଶନ ଉପରେ ଅଧିକ ଧ୍ୟାନ ଦିଅନ୍ତୁ।

■ ଘରର ପରଦା, ବେଡ୍‌ସିଟ୍ ଆପଣଙ୍କ ବେଡ୍‌ରୁମ୍ କଲର ସହ ମ୍ୟାଚ୍ କରି କିମ୍ବା କଣ୍ଟ୍ରାଷ୍ଟ କରିବେ ପ୍ରଥମେ ସ୍ଥିର କରିଦିଅନ୍ତୁ।

■ ଘରକୁ ସଫାସୁତରା ବି ରଖିବା ଦରକାର। ନଚେତ୍ ସାଜସଜ୍ଜା ଯେତେ ଅଧିକ ହୋଇଥିଲେ ବି ଘର ଅପରିଷ୍କାର ଲାଗିବ।

■ ଘରେ ସବୁ ଜିନିଷକୁ ଠିକ୍ ସ୍ଥାନରେ ରଖିବା ଓ ଖାଲି ସ୍ଥାନର ଠିକ୍ ବ୍ୟବହାର କରିବା ବି ଏକ ସୁନ୍ଦର କଳା।

■ ଘରେ ରୁମ୍ ସବୁ ଛୋଟ ହୋଇଥିଲେ ଛୋଟ ଫର୍ନିଚର ରଖନ୍ତୁ। ଘରେ ଡେକୋରେଟିଭ୍ ସାମଗ୍ରୀ ଅଧିକ ରଖନ୍ତୁ ନାହିଁ।

■ ବାଲ୍‌କୋନିରେ ବିଭିନ୍ନ ପ୍ରକାର ଇନଡୋର ପ୍ଲାଣ୍ଟ ଲଗାଇ ଘରକୁ ଗ୍ରୀନ୍ ଲୁକ୍ ଦେଇପାରିବେ।



# ପିଲା ମିଛ କହୁଥିଲେ...

**ଭୟରେ ହେଉ ଅବା ଅନ୍ୟ କିଛି କାରଣ ପାଇଁ ପିଲାମାନେ ବେଳେବେଳେ ମିଛ କହି ଦିଅନ୍ତି। ତେବେ ଛୋଟବେଳରୁ ସେମାନଙ୍କର ଏହି ଅଭ୍ୟାସ ବଦଳାଇବା ଦରକାର। ଏଥିପାଇଁ ଅଭିଭାବକଙ୍କ ପ୍ରୟାସ ଜରୁରୀ...**

ରାଗରେ କିମ୍ବା ମାଡ଼ ମାରି କହିଲେ ପିଲା ଅଧିକ ଜିଦିଆ ହୋଇଯାନ୍ତି। ତେଣୁ ସେମାନଙ୍କୁ ବୁଝାଇ କହିଲେ ହୁଏତ ମନକଥା କହିବା ପାଇଁ ସେମାନେ ପ୍ରସ୍ତୁତ ହୋଇପାରନ୍ତି।

**ଖରାପ ପ୍ରଭାବ କୁହନ୍ତୁ:** ପିଲାମାନେ ଯଦି ଭୁଲ୍ କାମ କରୁଛନ୍ତି କିମ୍ବା ମିଛ କହୁଛନ୍ତି ତା'ର ପରିମାଣ କିପରି ଭବିଷ୍ୟତକୁ ନଷ୍ଟ କରିପାରେ ସେ ସମ୍ପର୍କରେ କୁହନ୍ତୁ। ଏଥିପାଇଁ ବିଭିନ୍ନ ପ୍ରକାର ଗପ କିମ୍ବା ଉଦାହରଣକୁ ମାଧ୍ୟମ କରିପାରନ୍ତି।



**ଖୋଲା ପରିବେଶ:** ପିଲାମାନେ ଗୁରୁଜନଙ୍କ ସ୍ନେହ ପାଇବା ପାଇଁ ବେଳେବେଳେ ମିଛ କଥା କହିଦିଅନ୍ତି। ଏଭଳି କ୍ଷେତ୍ରରେ ଅଭିଭାବକମାନେ ପିଲାଙ୍କୁ ଅନୁଭବ କରିବାକୁ ଦିଅନ୍ତୁ କି ସେମାନଙ୍କ ପାଇଁ ନିଃସର୍ତ୍ତ ଭଲପାଇବା ରହିଛି। କିନ୍ତୁ ମିଛ କହିଲେ ଆପଣଙ୍କ ଅନୁଭବ କେତେ କଷ୍ଟଦାୟକ ସେ ସମ୍ପର୍କରେ ପିଲାଙ୍କ ସହ ଖୋଲାଖୋଲି କଥା ହୁଅନ୍ତୁ।

**ରାଗରେ ନୁହେଁ:** ପିଲାଙ୍କୁ ସବୁବେଳେ ସ୍ନେହ ପ୍ରେମରେ ଭଲ କଥା କହି ବୁଝାନ୍ତୁ।

**ନିଜେ ସବୁବେଳେ ସତ କୁହନ୍ତୁ:** ପିଲାମାନେ ପ୍ରଥମେ ଘର ପରିବେଶରୁ ହିଁ ବ୍ୟବହାର ଶିଖନ୍ତି। ତେଣୁ ଅଭିଭାବକମାନେ ନିଜେ ପ୍ରଥମେ ସତ କହିବା ଓ ଭଲ ବ୍ୟବହାର କରନ୍ତୁ। ଫଳରେ ପିଲାମାନେ ସେମାନଙ୍କ କାର୍ଯ୍ୟକଳାପ ଦେଖି ପ୍ରଭାବିତ ହୋଇପାରିବେ।

# ସ୍ଲୋ ମର୍ନିଂ





**ଉଠିବା ମାତ୍ରେ କାମ । କାହା ପରେ କ'ଣ କରିବାକୁ ହେବା ସେହି ଅନୁସାରେ ଗୋଟିଏ ପରେ ଗୋଟିଏ କାମରେ ଲାଗିପଡ଼ନ୍ତି ଗୃହିଣୀମାନେ। ଏଥିପାଇଁ ଅନେକଙ୍କୁ ରାତିରେ ଭଲ ନିଦ ବି ହୁଏ ନାହିଁ। ତେବେ କିଛିଦିନ ଏପରି କଟିବା ଫଳରେ ଦେଖାଯାଏ ଅନେକ ସମସ୍ୟା। ଉଭୟ ମନ ଓ ଶରୀର ଉପରେ ପ୍ରଭାବ ପଡ଼େ। ଏଥିରୁ ମୁକୁଳିବାକୁ ହେଲେ ସ୍ଲୋ ମର୍ନିଂ ଲାଇଫ୍ ଷ୍ଟାଇଲ୍ ଆପଣାଇନେବା ଦରକାର।**

କଥାରେ ଅଛି ମର୍ନିଂ ସୋଜ୍ ଦି ଡେ। ଅର୍ଥାତ୍ କୌଣସି କାମ ଆରମ୍ଭରୁ ହିଁ ଜଣାପଡ଼ିଥାଏ ଏହାର ଭବିଷ୍ୟତ। ଠିକ୍ ସେହିପରି ଆମ ଜୀବନଶୈଳୀ। ପ୍ରତି ସକାଳ ହିଁ କହିଥାଏ ଆମର ଭବିଷ୍ୟତ ଜୀବନ କିଭଳି ହେବ। ହେଲେ ଏଥିପ୍ରତି ଦୃଷ୍ଟି ନ ଥାଏ ମହିଳାଙ୍କର। କିନ୍ତୁ ଏକ ସମୟରେ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଭଲ ରଖିବାକୁ ହେଲେ ସକାଳର ଜୀବନଶୈଳୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସକାଳୁ ଉଠିବା ମାତ୍ରେ ଯେଉଁମାନେ କାମର ଚାପକୁ ଅନୁଭବକରି ଦିନ ଆରମ୍ଭ କରନ୍ତି ସେମାନେ ନିଜ ପାଇଁ କିଛି ଭିନ୍ନ କାମ କରିବାକୁ ସମୟ ପାଆନ୍ତି ନାହିଁ।

## ପୂରା ଦିନ ଶକ୍ତି ମିଳିବ



ସକାଳୁ ଉଠି ପୂରା ଦିନ ଆମକୁ କାମ କରିବାକୁ ହେବ। ତେଣୁ ସେହି ଅନୁସାରେ ଆମେ ନିଜକୁ ପ୍ରସ୍ତୁତ କରିବା ପାଇଁ ହେଲେ ସ୍ଲୋ ମର୍ନିଂ ଲାଇଫ୍ ଷ୍ଟାଇଲ୍ ଆପଣାଇବା ଦରକାର। କାରଣ ବ୍ରାହ୍ମମୁହୂର୍ତ୍ତରୁ ଉଠି ଧୀର ମନରେ ଚାପ ବିନା କୌଣସି କାମ ଆରମ୍ଭ କଲେ ଏହା ଆମ ମନ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ଫଳରେ ପୂରା ଦିନ ଉର୍ଜାର ସହ କାମ କରିବା ପାଇଁ ଆମକୁ ପ୍ରେରଣା ମିଳିପାରିବ। ସକାଳୁ ଉଠି ସ୍ଥିର ଚିତ୍ତରେ ଧ୍ୟାନ, ଯୋଗ ମାଧ୍ୟମରେ ମନକୁ ନିୟନ୍ତ୍ରଣ କରାଯାଇପାରେ। କିଛି ସମୟ ନିଜର ସ୍ୱାସ୍ଥ୍ୟ ପାଇଁ ଚିନ୍ତାକରି ଯୋଗ ଧ୍ୟାନ ଆଦି କରିବା ଭଲ ଅଭ୍ୟାସ। ବିପରୀତରେ ଆମେ ଯଦି ଉଠିବା ମାତ୍ରେ ଅତ୍ୟଧିକ ବ୍ୟସ୍ତ ହୋଇ ତରବରରେ କାମ ଆରମ୍ଭ କରିବା ତା'ର ନକାରାତ୍ମକ ପ୍ରଭାବ ପଡ଼ିବ ଆମ ମନ ଓ ଶରୀର ଉପରେ। କିଛିଦିନ ଏଭଳି ଲାଇଫ୍ ଷ୍ଟାଇଲ ଆପଣାଇଲେ ଷ୍ଟ୍ରେସ୍ ଲେଭଲ ବହୁ ଅଧିକ ହୋଇଯିବ। କିଛି ଘଣ୍ଟା ପରେ କାମ କରିବାକୁ ଆଦୌ ଇଚ୍ଛା ହେବ ନାହିଁ। ଆଙ୍ଗ୍‌ଜାଇଟି ବଢ଼ିବା ସହ ଡିପ୍ରେସନ ଓ ସାଇକୋସୋମାଟିକ୍ ଡିଜଅର୍ଡର ଭଳି ସମସ୍ୟା ମଧ୍ୟ ଦେଖାଦେବ। ଫଳରେ ଚିଡ଼ିଚିଡ଼ାପଣ, ବିରକ୍ତିଭାବ ଭଳି ବିଭିନ୍ନ ଲକ୍ଷଣ ଦେଖାଦେବ। ଏହା ପରେ ଧୀରେ ଧୀରେ କାର୍ଯ୍ୟଦକ୍ଷତା ବି କମ୍ ହୋଇଯିବ। ତେଣୁ ଦୀର୍ଘକାଳୀନ ଭାବେ ବିଚାର କଲେ ସକାଳୁ ଶାନ୍ତ ମନରେ କାମ ଆରମ୍ଭ କରିବା ଉଚିତ।

*– **ଡା. ସତ୍ୟସ୍ମିତା ଜେନା***
*ଆସୋସିଏଟ୍ ପ୍ରଫେସର, ପ୍ରସୂତି ତନ୍ତ୍ର ଏବଂ ସ୍ତ୍ରୀରୋଗ ବିଶେଷଜ୍ଞ*
*ଶ୍ରୀ ଶ୍ରୀ ୟୁନିଭର୍ସିଟି, ତ୍ରିଶୂଳିଆ, ଭୁବନେଶ୍ୱର*

## ଏମାନେ କ'ଣ କରନ୍ତି

### ଆରାମରେ କାମ କରେ



ସକାଳୁ ଉଠିଲେ କାମ କରିବା ପାଇଁ ଏବେ ଆଦୌ ବ୍ୟସ୍ତ ହେଉନି। କାହିଁକିନା ପୁଅ ବଡ଼ ହୋଇଗଲାଣି। ସେ ନିଜେ ତା' କାମ ସବୁ କରୁଛି। ତେଣୁ ନିଜ ପାଇଁ କିଛି ସମୟ ବାହାରକରି ମେଡିଟେଶନ ଓ ଯୋଗ କରୁଛି। ତା'ପରେ ନିତ୍ୟକର୍ମ ସାରି ନିଜ ଇଚ୍ଛାରେ ଆରାମରେ ରୋଷେଇ ଓ ଘରକାମ ସବୁ କରୁଛି। ବାକି ଘରକାମରେ ସହଯୋଗ କରିବା ପାଇଁ ମେଡ୍ ବି ଅଛି। ତେଣୁ ପ୍ରଥମେ ନିଜ ସ୍ୱାସ୍ଥ୍ୟ ପାଇଁ କିଛି ସମୟ ଦେବା ପରେ ହିଁ ଅନ୍ୟ କାମ କରେ। ଘରେ କିଏ କ'ଣ ଖାଇବେ, ସଫାସୁତୁରା କାମ ଓ ମେଡ୍ କ'ଣ କରିବ ସେସବୁ ଦେଖିବା ପରେ ଅଫିସ୍ ଯାଏ।

– **ମହାଶ୍ୱେତା ତ୍ରିପାଠୀ**, କର୍ମଜୀବୀ, କିଟ୍ ୟୁନିଭର୍ସିଟି, ଭୁବନେଶ୍ୱର

### ଖରାବେଳେ ରେଷ୍ଟ



ସକାଳୁ ତ ସବୁ କାମ। ସେଥିପାଇଁ ଉଠିବା ମାତ୍ରେ କାମରେ ଲାଗିଯାଏ। ଘରର କାମ, ପିଲାମାନେ ସ୍କୁଲ ଯିବେ, ଜଳଖିଆ, ରୋଷେଇ ଇତ୍ୟାଦି ଏମିତି ସବୁ ସବୁ ଭାବି ତରବରରେ କାମ ଆରମ୍ଭ କରେ। ତେଣୁ ଶୀଘ୍ର ଉଠି ସବୁ କାମ କରେ। ଯଦି ଉଠିବା ଡେରି ହୁଏ ତା'ହେଲେ ବିଭିନ୍ନ ସମସ୍ୟା ଦେଖାଦିଏ। ଅବଶ୍ୟ ଖରାବେଳକୁ ମୋର କାମ ପ୍ରାୟ ସରିଯାଏ। ତେଣୁ ସେତେବେଳକୁ ରେଷ୍ଟ ନିଏ।

– **ସ୍ମିତାଞ୍ଜଳି ବେହେରା**, ଗୃହିଣୀ, ନଖରା, କଟକ



ବରଂ ଘରର ସବୁ କାମ ସମସ୍ତଙ୍କ ପାଇଁ କ'ଣ ସବୁ କରିବାକୁ ହେବ ଏଥିପାଇଁ ମେଶିନ ଭଳି ଲାଗିପଡ଼ନ୍ତି। ଅନ୍ୟପଟେ ଯେଉଁମାନେ ସ୍ଲୋ ମର୍ନିଂ ଷ୍ଟାଇଲ୍ ଫଲୋ କରନ୍ତି ସେମାନେ ସକାଳୁ ପ୍ରଥମେ ନିଜ ପାଇଁ କିଛି ସମୟ ବାହାର କରନ୍ତି ଓ ଘରର କାମ ଲାଗି ଅତ୍ୟଧିକ ବ୍ୟସ୍ତ ହୁଅନ୍ତି ନାହିଁ। ଫଳରେ ସେମାନେ ପ୍ରଥମେ ଯୋଗ, ଧ୍ୟାନ କିମ୍ବା ତ୍ୱଚାର ଯତ୍ନ ଭଳି ବିଭିନ୍ନ କାମ କରିଥାନ୍ତି।

**ମାଧ୍ୟମ:** ସ୍ଲୋ ମର୍ନିଂ ଲାଇଫଷ୍ଟାଇଲ୍ ଆପଣାଉଥିବା ମହିଳା ସକାଳୁ ଉଠି କାମ ଆରମ୍ଭ କରନ୍ତି କିନ୍ତୁ ବାଧ୍ୟବାଧକତା କିମ୍ବା ଅତ୍ୟଧିକ ବ୍ୟସ୍ତ ବିବ୍ରତ ହୋଇ କିଛି କରନ୍ତି ନାହିଁ। ବରଂ ସେମାନେ ଧୀରେ ଧୀରେ ନିଜ ଲାଗି ଆବଶ୍ୟକ କାମ ସାରିବା ପରେ ଅନ୍ୟ ସବୁ କାମ ଆରମ୍ଭ କରନ୍ତି। ତେଣୁ ନିଜ ନିଜର ଆବଶ୍ୟକତା ଅନୁସାରେ ସେମାନେ ଯୋଗ, ଧ୍ୟାନ କିମ୍ବା ଏକ୍ସରସାଇଜ୍ ଆଦି କରନ୍ତି। କିଛି ସମୟ ପରେ ଘରକାମ ଆରମ୍ଭ କରନ୍ତି।

**ଆଡ୍‌ଜଷ୍ଟ:** ଘରର କାମ କରିବା ଲାଗି ଏକ ଠିକ୍ ପ୍ଲାନିଂ କରିପାରିଲେ ସ୍ଲୋ ମର୍ନିଂ ଲାଇଫଷ୍ଟାଇଲ୍‌କୁ ମହିଳାମାନେ ଆପଣାଇ ପାରିବେ। ଅର୍ଥାତ୍ ସକାଳୁ ତରବର ହୋଇ କିଛି କରିବା ବଦଳରେ ପୂର୍ବ ରାତିରୁ କିଛି କାମ ସାରିଦେବା, ଜଳଖିଆ ସବୁଦିନ ନିଜେ କରିବା ବଦଳରେ କେବେକେବେ ବିକଳ୍ପ ବ୍ୟବସ୍ଥା କରିହେବ। ଏଥିପାଇଁ ସ୍ପ୍ରାଉଟ୍, ଛତୁଆ, ଫଳ ଆଦି ରେଡିମେଡ୍ ଖାଦ୍ୟକୁ ମଧ୍ୟ ବିକଳ୍ପଭାବେ ନେଇପାରିବେ। ଏହା ସ୍ୱାସ୍ଥ୍ୟକର ହେବା ସହ ସମୟ ବଞ୍ଚାଇଥାଏ। ତେଣୁ ସକାଳୁ ଏସବୁ କାମ ପାଇଁ ତରବର ହେବାକୁ ପଡି ନ ଥାଏ।

**କମ୍ କରିବା:** ସବୁ କାମର ଦାୟିତ୍ୱ ନିଜେ ନେବା ଫଳରେ ଚାପ ଅଧିକ ରହିବ। ତେଣୁ ଘରର କିଛି କାମ ସାମର୍ଥ୍ୟ ଅନୁସାରେ ଅନ୍ୟମାନଙ୍କ ସହ ବାଣ୍ଟିବା ଦରକାର। ଏପରି କଲେ ନିଜେ କିଛି ପରିମାଣରେ ଚାପମୁକ୍ତ ହେବା ସହ ଘରର ଅନ୍ୟମାନେ ବି ଦାୟିତ୍ୱସମ୍ପନ୍ନ ହୋଇପାରିବେ। ବିଶେଷକରି କର୍ମଜୀବୀମାନେ ଏଭଳି ମ୍ୟାନେଜମେଣ୍ଟ ଶୈଳୀ ଉପରେ ଅଧିକ ଗୁରୁତ୍ୱଦେବା ଦରକାର। ଏହା ଫଳରେ ସେମାନଙ୍କ ଉପରେ କାମର ବୋଝ ମଧ୍ୟ କମ୍ ରହିବ।

## ସୌନ୍ଦର୍ଯ୍ୟ

# ସୁନ୍ଦର କରିବ କିସ୍‌ମିସ୍

**ଡ୍ରାଏଫ୍ରୁଟ୍‌ଭାବେ କିସ୍‌ମିସ୍ ବ୍ୟବହାର କରାଯାଏ। କିନ୍ତୁ ତ୍ୱଚାକୁ ସୁନ୍ଦର ଓ ଅଧିକ ଗ୍ଲୋ କରିବା ପାଇଁ ମଧ୍ୟ ଏହାକୁ ବ୍ୟବହାର କରିହେବ। ଏଥିପାଇଁ ଜାଣିରଖନ୍ତୁ ଉପାୟ....**



⏭ ପ୍ରଥମେ ରାତିରେ ୧ କପ୍ କିସ୍‌ମିସ୍‌କୁ ୧ ଗ୍ଲାସ୍ ପାଣିରେ ଭିଜାଇ ଦିଅନ୍ତୁ। ରାତି ସାରା ଭିଜିବା ପରେ ସକାଳେ ସେଥିରୁ କିସ୍‌ମିସ୍ ସବୁ ବାହାରକରି ଦିଅନ୍ତୁ।

⏭ କିସ୍‌ମିସ୍ ପାଣିରେ ୧ଚାମଚ ଚାଉଳଗୁଣ୍ଡ ସହ ୧ ଚାମଚ ମହୁ ମିଶାନ୍ତୁ। ଏହାକୁ ଭଲଭାବେ ଗୋଳାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ରୁ ୨୦ ମିନିଟ୍ ରଖି ଉଷୁମ ପାଣିରେ ଧୋଇଦିଅନ୍ତୁ।

⏭ ଅଧା ଗ୍ଲାସ୍ କିସ୍‌ମିସ୍ ପାଣିରେ ଅଧା ଭାଗ ଗୋଲାପ ଜଳ ମିଶାନ୍ତୁ। ଏଥିରେ କିଛି ଲେମ୍ବୁରସ ମିଶାନ୍ତୁ। ଏବେ ଏହି ମିଶ୍ରଣରେ ଅଳ୍ପ ଲେମ୍ବୁରସ ମିଶାଇ ଟୋନର ଭଳି ଲଗାନ୍ତୁ। କିଛିଦିନ ପରେ ତ୍ୱଚା ବହୁତ ସୁନ୍ଦର ଦେଖାଯିବ।

⏭ କିସ୍‌ମିସ୍‌ରେ ସ୍କ୍ରବ୍ ତିଆରିକରି ଲଗାନ୍ତୁ। ଏଥିପାଇଁ କସ୍‌ମିସ୍‌କୁ ଗ୍ରାଇଣ୍ଡିଂ କରି ଏଥିରେ କିଛି ଅଲିଭ୍ ଅଏଲ ମିଶାଇ ସ୍କ୍ରବ୍ ଭଳି ସପ୍ତାହକୁ ଥରେ ଲଗାନ୍ତୁ। କିଛିଦିନ ପରେ ତ୍ୱଚା ଅଧିକ ଉଜ୍ଜ୍ୱଳ ଦେଖାଯିବ।

⏭ କିସ୍‌ମିସ୍ ପାଣିରେ ଆଇରନ, ଭିଟାମିନ୍ ଓ ମିନେରାଲ ରହିଛି। ତେଣୁ ଏହାର ପାଣିକୁ କେଶ ମୂଳରେ ଲଗାଇଲେ କେଶ ଝଡ଼ିବା ବନ୍ଦ ହେବା ସହ ଉଜ୍ଜ୍ୱଳତା ବଢ଼ିପାରିବ ଓ ଏହା ଶୀଘ୍ର ଧଳା ହେବ ନାହିଁ।

⏭ ସ୍କିନ୍ ସୁନ୍ଦର କରିବା ପାଇଁ ଏଥିରେ ଆପଣ ଫେସ୍‌ପ୍ୟାକ୍ ବି ତିଆରି କରିପାରିବେ। ଏଥିପାଇଁ ୪ ଚାମଚ କିସ୍‌ମିସ୍ ରାତିରେ ପାଣିରେ ଭିଜାଇ ଦିଅନ୍ତୁ। ସକାଳୁ ଏହାକୁ ଗ୍ରାଇଣ୍ଡିଂ କରି ପେଷ୍ଟ ତିଆରି କରନ୍ତୁ। ଏଥିରେ ମହୁ ଓ ଅଳ୍ପ କିସ୍‌ମିସ୍ ପାଣି ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ୨୦ ମିନିଟ୍ ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଏହାପରେ ମୁହଁକୁ ଧୋଇ ଦିଅନ୍ତୁ। ଏହି ପ୍ୟାକ୍ ଲଗାଇଲେ ମୁହଁରେ ବ୍ରଣ ସମସ୍ୟା ଦେଖାଦେଇ ନ ଥାଏ।

⏭ ସ୍କିନ୍‌ର ସବୁ ସମସ୍ୟା ଓ ଇନ୍‌ଫେକ୍‌ଶନ ଦୂରକରିବା ପାଇଁ ଏଥିରୁ ଜେଲ୍ ପ୍ରସ୍ତୁତ କରିପାରିବେ। ଏଥିପାଇଁ ୬ ଚାମଚ କିସମିସ୍‌କୁ ରାତିରୁ ପାଣିରେ ଭିଜାଇ ଦିଅନ୍ତୁ। ସକାଳୁ ଏହାକୁ ଛାଣି ପେଷ୍ଟ ତିଆରି କରନ୍ତୁ। ଏବେ ଏଥିରେ ଆଲୋଭେରା ଜେଲ୍ ଓ ଭିଟାମିନ୍-ଇ କ୍ୟାପ୍‌ସୁଲ ମିଶାନ୍ତୁ। ମିଶ୍ରଣକୁ ପତଳା କରିବା ପାଇଁ ଭିଜା ହୋଇଥିବା କିସ୍‌ମିସ୍ ପାଣି ମଧ୍ୟ ବ୍ୟବହାର କରିପାରିବେ। ଏସବୁକୁ ଭଲଭାବେ ମିଶାଇ ଡବାରେ ଭର୍ତ୍ତିକରି ରଖନ୍ତୁ। ପ୍ରତିଦିନ ଏହି ଜେଲ୍ ଲଗାଇବା ଫଳରେ ସ୍କିନ୍‌ରେ ଥିବା ଇନ୍‌ଫେକଶନ ଦୂରହୋଇଥାଏ ଓ ସ୍କିନ୍ ସୁନ୍ଦର ହୋଇଥାଏ।



## ଖାଦ୍ୟରୁଚି // ମ୍ୟାଙ୍ଗୋ କୁଲ୍‌ଫି

**ଆବଶ୍ୟକ ସାମଗ୍ରୀ:** ପାଚିଲା ଆମ୍ବ-୨ଟି, କ୍ଷୀର- ୧ ଲିଟର, ଚିନି- ଅଧା କପ୍, କଣ୍ଡେନ୍‌ସଡ୍ ମିଲ୍କ- ଅଧା କପ୍, କାଜୁ ଓ ପିସ୍ତା ବାଦାମ- ୪ ବଡ଼ ଚାମଚ, ଗୁଜୁରାତି ଗୁଣ୍ଡ- ୧ଛୋଟ ଚାମଚ।



**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଆମ୍ବରୁ ରସ ବାହାରକରି ଗ୍ରାଇଣ୍ଡିଂକରି ରଖନ୍ତୁ। ଏହାପରେ କ୍ଷୀରକୁ ଚୁଲିରେ ବସାଇ ସିଝାନ୍ତୁ। କୁଲ୍‌ଫି ତିଆରି ପାଇଁ ସବୁବେଳେ କ୍ଷୀରକୁ ଅଧିକ ସମୟ ସିଝାଇ ଗାଢ଼ା କରିବେ। ସିଝିବାବେଳେ କ୍ଷୀର ଯେତେବେଳେ ଅଧା ହୋଇଆସିବ ସେଥିରେ ଚିନି ଓ କଣ୍ଡେନ୍‌ସଡ୍ ମିଲ୍କ ମିଶାନ୍ତୁ। ଏହାକୁ ଲଗାତର କିଛି ସମୟ ଗୋଳାନ୍ତୁ। ବହଳିଆ ହୋଇ ଆସିଲେ ସେଥିରେ ଗ୍ରାଇଣ୍ଡିଂ ହୋଇଥିବା ଆମ୍ବରସ ମିଶାନ୍ତୁ। ଏହା ପରେ ଗୁଜୁରାତି ଗୁଣ୍ଡ ପକାନ୍ତୁ। ଶେଷରେ ଏଥିରେ କାଜୁ ଓ ପିସ୍ତା ବାଦାମକୁ ଛୋଟ ଛୋଟ କରି କାଟି ପକାନ୍ତୁ। କିଛି ସମୟ ଗୋଳାଇବା ପରେ ଗ୍ୟାସ୍ ବନ୍ଦ କରିଦେଇ ମିଶ୍ରଣକୁ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ। ଥଣ୍ଡା ହୋଇଗଲେ ଏହି ମିଶ୍ରଣକୁ କୁଲ୍‌ଫି ମୋଲ୍‌ଡ କିମ୍ବା ଛୋଟ ପାତ୍ରରେ ଭର୍ତ୍ତିକରି ଫ୍ରିଜରରେ ରଖିଦିଅନ୍ତୁ। ପ୍ରାୟ ୮-୯ ଘଣ୍ଟା ପରେ ଏହା ବରଫ ହୋଇଯାଇଥିବ। ତେଣୁ ଫ୍ରିଜରରୁ ବାହାରକରି ଖାଇବାକୁ ଦିଅନ୍ତୁ ପ୍ରସ୍ତୁତ ହୋଇଥିବା କୁଲ୍‌ଫି। ଖରାଦିନେ ଏହା ବେଶ୍ ସ୍ୱାଦିଷ୍ଟ ଲାଗିବ।

## ପିଆଷ୍ଟ୍ରି ଜିତିଲେ ସାଉଦି ଆରବିଆନ ଗ୍ରାଁ ପ୍ରି

ଜେଦ୍ଦାହ, ୨୧।୪ (ଏପି): ଓ୍ୱାର ପିଆଷ୍ଟ୍ରି ସାଉଦି ଆରବିଆନ ଫର୍ମୁଲା ୱାନ ମୋଟର ରେସ୍ ଜିତିଛନ୍ତି। ଏଥିସହିତ ସେ ଓଭରଅଲ ଅଗ୍ରଣୀ ଲାଭ କରିଛନ୍ତି। ବର୍ଷରେ ଏହା ହେଉଛି ତାଙ୍କର ତୃତୀୟ ବିଜୟ। ରେଡ୍‌ବୁଲର ମାକ୍ସ ଭର୍ଷ୍ଟାପେନ୍‌ଙ୍କୁ ଏକ ପେନାଲ୍ଟି ହେବାରୁ ପିଆଷ୍ଟ୍ରିଙ୍କୁ ଏଥିରୁ ଫାଇଦା ମିଳିଥିଲା। ଭର୍ଷ୍ଟାପେନ ପ୍ରଥମ କର୍ଣ୍ଣରେ ଟ୍ରାକ୍ ବାହାରକୁ ଯାଇ ବେଆଇନ ଭାବେ ପିଆଷ୍ଟ୍ରିଙ୍କୁ ଅତିକ୍ରମ କରି ଅଗ୍ରଣୀ ହେବାକୁ ଉଦ୍ୟମ କରିଥିବାରୁ ତାଙ୍କୁ ୫ସେକେଣ୍ଡ ପେନାଲ୍ଟି ହୋଇଥିଲା। କ୍ୱାଲିଫାଇଂରେ ଦୁର୍ଘଟଣା ପରେ ୧୦ମ ସ୍ଥାନରୁ ରେସ୍ ଆରମ୍ଭ କରିଥିବା ମ୍ୟାକ୍‌ଲରେନର ଲାଣ୍ଡୋ ନୋରିସ ଫେରାରିର ଚାର୍ଲ୍ସ ଲେକ୍‌ଲେର୍କଙ୍କ ପଛରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଚଳିତ ସିଜନରେ ଏପର୍ଯ୍ୟନ୍ତ ଶେଷ ହୋଇଥିବା ୫ଟି ରେସ୍ ମଧ୍ୟରୁ ପିଆଷ୍ଟ୍ରି ୩ଟିରେ ବିଜୟ ଲାଭ କରିପାରିଛନ୍ତି। ଫଳରେ ଏହି ଅଷ୍ଟ୍ରେଲୀୟ ଡ୍ରାଇଭର ଚାମ୍ପିୟନଶିପ୍ ଟେବୁଲରେ ନୋରିସଙ୍କଠାରୁ ୧୦ ପଏଣ୍ଟ ଆଗରେ ପ୍ରଥମ ସ୍ଥାନରେ ରହିଛନ୍ତି।

**ଆଇପିଏଲ୍ କାର୍ଯ୍ୟସୂଚୀ**

**(ଆଜିର ମ୍ୟାଚ)**

**ଲକ୍ଷ୍ନୌ ବନାମ ଦିଲ୍ଲୀ**

**ସ୍ଥାନ: ଲକ୍ଷ୍ନୌ**

**ସମୟ: ସନ୍ଧ୍ୟା ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ଗୋଆ-ପଞ୍ଜାବ କ୍ୱାର୍ଟର ଫାଇନାଲ



ଓଡ଼ିଶା ଏଫ୍‌ସି ଓ ପଞ୍ଜାବ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ସୁପର କପ୍ ଫୁଟବଲ ମ୍ୟାଚ। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର, ୨୧।୪ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍‌ରୁ ଓଡ଼ିଶା ଏଫ୍‌ସି ଅଭିଯାନ ଶେଷ ହୋଇଛି। ସୋମବାର ରାତି ୮ଟାରେ ଅନୁଷ୍ଠିତ ପ୍ରି-କ୍ୱାର୍ଟର ଫାଇନାଲରେ ଘରୋଇ ଦଳ ୦-୩ ଗୋଲରେ ପଞ୍ଜାବ ଏଫ୍‌ସି ନିକଟରେ ହାରି ଯାଇଛି। ଆରମ୍ଭରୁ ଆଧିପତ୍ୟ ବିସ୍ତାର କରି ଖେଳିଥିବା ପଞ୍ଜାବ ଏଫ୍‌ସି ପକ୍ଷରୁ ଅସ୍ମିର ସୁଲିଜିକ୍ ୧୪ଶ ମିନିଟରେ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳକୁ ୧-୦ରେ ଅଗ୍ରଣୀ କରିଥିଲେ। ପରେ ୬୮ତମ ମିନିଟରେ ପୁଲ୍ଗା ଭିଡାଲ ଓ ୯୦ତମ ମିନିଟରେ ନିହାଲ ସୁଦେଶ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପଞ୍ଜାବ ଏଫ୍‌ସି ଆସନ୍ତା ୨୬ରେ କ୍ୱାର୍ଟର ଫାଇନାଲରେ ଏଫ୍‌ସି ଗୋଆକୁ ଭେଟିବ। ପୂର୍ବରୁ ଅପରାହ୍ଣରେ ଅନୁଷ୍ଠିତ ମ୍ୟାଚରେ ଗୋଆ ଦଳ ୩-୦ ଗୋଲରେ ଗୋକୁଲମ୍ କେରଳ ଏଫ୍‌ସିକୁ ପରାସ୍ତ କରିଛି। ଇକର ଗୁଆରୋତ୍ସେନା ଭାଲେଲୋ ହ୍ୟାଟ୍ରିକ ଗୋଲ ଦେଇ ଗୋଆକୁ କ୍ୱାର୍ଟର ଫାଇନାଲକୁ ନେଇଛନ୍ତି। ମ୍ୟାଚରେ ଭାଲେଲୋ ଫଳାଫଳରେ ଫରକ ଆଣିଥିଲେ। ସେ ମ୍ୟାଚର ୨୩

**କଳିଙ୍ଗ ସୁପର କପ୍‌ରୁ ଓଡ଼ିଶା ଏଫ୍‌ସି ଅଭିଯାନ ଶେଷ**

ଓ ୪୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳକୁ ୨-୦ରେ ଅଗ୍ରଣୀ କରିଥିଲେ। ପରେ ଦ୍ୱିତୀୟାର୍ଦ୍ଧରେ ଅର୍ଥାତ୍ ୭୧ତମ ମିନିଟରେ ଆଉ ଏକ ଗୋଲ ଦେଇ ହ୍ୟାଟ୍ରିକ ପୂରଣ କରିଥିଲେ। ୫୧ତମ ମିନିଟରେ ଗୋକୁଲମ୍‌ର ମାର୍ଟିନ ନିକୋଲାସ ଚାଭେସ ଗାର୍ସିଆ ବିପଜ୍ଜନକ ପ୍ରଦର୍ଶନ ପାଇଁ ରେଡ କାର୍ଡ ପାଇବା ଥିଲା ମ୍ୟାଚର ଅନ୍ୟତମ ଉଲ୍ଲେଖନୀୟ ଘଟଣା। ମ୍ୟାଚ ବିଜୟୀ ପ୍ରଦର୍ଶନ ପାଇଁ ଭାଲେଲୋଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷରେ ଅନ୍ୟପକ୍ଷରେ ପରାଜୟ ସହ ଆଇ-ଲିଗ୍ ଟିମ୍ ଗୋକୁଲମ୍‌ର ଅଭିଯାନ ଶେଷ ହୋଇଛି। କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।

# ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ



ପୁରସ୍କାର ସହ ଖେଳାଳିମାନେ ଅତିଥିଙ୍କ ଗହଣରେ।

ଝାରସୁଗୁଡ଼ା,୨୧।୪ (ଅଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲ୍ଲା ହକି ସଂଘ ଆନୁକୂଲ୍ୟରେ ଗତ ୩ ଦିନ ଧରି ଚାଲିଥିବା ୧୭ ବର୍ଷରୁ କମ୍ ଆନ୍ତଃ ରାଜ୍ୟ ବାଳିକା ୫-ଏ ସାଇଡ୍ ହକି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲ ୫-୩ ଗୋଲରେ ସାଇ ହଷ୍ଟେଲ ସୁନ୍ଦରଗଡ଼କୁ ହରାଇ ଚାମ୍ପିଅନ ହୋଇଛି। ପ୍ରତିଦ୍ୱନ୍ଦ୍ୱିତାମୂଳକ ଦ୍ୱିତୀୟ ମ୍ୟାଚରେ ଝାରସୁଗୁଡ଼ା ଦିଲୀପ ତିର୍କି ସ୍ପୋର୍ଟ୍ସ ଏକାଡେମୀ ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲକୁ ୫-୪ ଗୋଲରେ ହରାଇ ତୃତୀୟ ସ୍ଥାନ ଅଧିକାର କରିଛି। ଚାମ୍ପିୟନ ଦଳକୁ ମୁଖ୍ୟଅତିଥି ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଟ୍ରଫି ସହ ୫୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ରନର ଅପ୍ ସାଇ ହଷ୍ଟେଲ ସୁନ୍ଦରଗଡ଼କୁ ଟ୍ରଫି ସହ ୩୦ ହଜାର ଟଙ୍କା ପୁରସ୍କାର ରାଶି ବେଦାନ୍ତ ପାୱାର ପ୍ଲାଣ୍ଟ ମୁଖ୍ୟ ଅଜୟ ପାଣ୍ଡେ ପ୍ରଦାନ କରିଥିଲେ। ତୃତୀୟ ସ୍ଥାନ ଅଧିକାର କରିଥିବା ଦିଲୀପ ତିର୍କି ସ୍ପୋର୍ଟ୍ସ ଏକାଡେମୀ ଏବଂ ଚତୁର୍ଥ ସ୍ଥାନ ଅଧିକାର କରିଥିବା ପାନପୋଷ ହଷ୍ଟେଲ ଉଭୟଙ୍କୁ ୧୦ ହଜାର ଟଙ୍କା ଏମ୍‌ସି ଏଲଇଭ ଭେଲିର ମ୍ୟାନେଜର ଆଶିଷ କୁମାର ପାଣ୍ଡେ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତା ସଫଳ ପାଇଁ ଝାରସୁଗୁଡା ବେଦାନ୍ତ ଆଲୁମିନିୟମ ପକ୍ଷରୁ ସମସ୍ତ ପ୍ରକାର ସାହାଯ୍ୟ ଏବଂ ସହଯୋଗ ପ୍ରଦାନ କରାଯାଇଥିଲା।

# କଳିଙ୍ଗରେ ଟେନିସ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର, ୨୧।୪ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ସୋମବାର ୧୪ ଓ ୧୬ ବର୍ଷରୁ କମ୍ ଏଆଇଟିଏ-ଓଟିଏ ଚାମ୍ପିୟନଶିପ୍ ସିରିଜ (ସିଏସ୭) ଟେନିସ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ୧୦ ରାଜ୍ୟରୁ ମୋଟ ୯୫ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାରୁ ଅଂଶୁମାନ ଆଚାର୍ଯ୍ୟ ଓ ଆହାନ ଯଥାକ୍ରମେ ୧୬ ବର୍ଷରୁ କମ୍ ବର୍ଗରେ ବାଳକ ଓ ବାଳିକା ବର୍ଗରେ ଟପ୍‌ସିଡ୍ ମାନ୍ୟତା ପାଇଛନ୍ତି। ସେହିପରି ୧୪ ବର୍ଷରୁ କମ୍ ବର୍ଗରେ ଓଡ଼ିଶାର ସୂର୍ଯ୍ୟାଶ ପଟ୍ଟନାୟକ ଓ ଶୋଜଫା ସେକ୍ ଟପ୍ ସିଡ୍ ହୋଇଛନ୍ତି। ଓଟିଏ ସମ୍ପାଦକ ସତ୍ୟଜିତ ମହାନ୍ତି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଯୁଗ୍ମ ସମ୍ପାଦକ ସଞ୍ଜୀବ ପଣ୍ଡା, ପ୍ରଶାସନିକ ଅଧିକାରୀ ସମ୍ବିତ ପଟ୍ଟନାୟକ ଓ ଟୁର୍ନାମେଣ୍ଟ ରେଫରି ଜତୀନ ବୈଶ୍ୟ ଉପସ୍ଥିତ ଥିଲେ।

# ଗୁଜରାଟର ସହଜ ବିଜୟ

କୋଲକାତା,୨୧।୪

ଶୁବମନ ଗିଲ ଓ ସାଇ ସୁଦର୍ଶନଙ୍କ ଅର୍ଦ୍ଧଶତକ ପାଳି ବଳରେ ଗୁଜରାଟ ଟାଇଟାନ୍ସ (ଜିଟି) ୩୯ ରନରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର)କୁ ପରାସ୍ତ କରିଛି। ଏହା ଗୁଜରାଟର ଷଷ୍ଠ ବିଜୟ ହୋଇଥିବା ବେଳେ କୋଲକାତା ଲାଗି ପଞ୍ଚମ ପରାଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ ହରାଇ ୧୯୮ ରନ କରିଥିଲା। ଦଳ ପାଇଁ ଅଧିନାୟକ ଶୁବମନ ଗିଲ ଓ ସାଇ ସୁଦର୍ଶନଙ୍କ ଓପନିଂ ଯୋଡ଼ି ୧୧୪ ରନ କରିଥିଲା। ସୁଦର୍ଶନ ୩୬ ବଲରେ ୫୨(୬ଟି ଚୌକା ଓ ଗୋଟିଏ ଛକା) ଓ ଗିଲ ୫୫ ବଲରେ ୯୦ (୧୦ ଚୌକା ଓ ୩ ଛକା) ରନ କରି ପାଭିଲିଅନ ଫେରିଥିଲେ। ଶେଷ ଆଡ଼କୁ ବଟଲର ୨୩ ବଲରେ ଅପରାଜିତ ୪୧ (୮ ଚୌକା) ରନ କରିଥିଲେ। ଜବାବରେ ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିବା କେକେଆର୍ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୫୯ ରନ କରିବାକୁ ସକ୍ଷମ ହୋଇଥିଲା। ଅଧିନାୟକ ଅଜିଙ୍କ୍ୟ ରାହାନେ ୩୬ ବଲରେ ୫୦ (୫ ଚୌକା ଓ ୧ ଛକା), ଅଙ୍ଗକ୍ରିଶ ରଘୁବଂଶୀ ୧୩ ବଲରେ ୨୭ ଓ ଆନ୍ଦ୍ରେ ରସେଲ ୨୧ ରନ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ଗୁଜରାଟ ପକ୍ଷରୁ ରଶିଦ ଖାନ ଓ ପ୍ରସିଦ୍ଧ କ୍ରୀଷ୍ଣା ଦୁଇଟି ଲେଖାଏ ଉଇକେଟ ନେଇଥିଲେ।



ଶଟ୍ ଖେଳିବା ଅବସରରେ ଶୁବମନ ଗିଲ୍।

**ସଂକ୍ଷିପ୍ତ ସ୍କୋର**

ଗୁରାଜଟ ଟାଇଟାନ୍ସ: ୨୦ ଓଭରରେ ୧୯୮/୩ (ଶୁବମନ ଗିଲ-୯୦, ସାଇ ସୁଦର୍ଶନ-୫୨, ଜୋସ ବଟଲର-୪୧*, ଆନ୍ଦ୍ରେ ରସେଲ-୧/୧୩)। କୋଲକାତା ନାଇଟ୍ ରାଇଡର୍ସ: ୨୦ ଓଭରରେ ୧୫୯/୮ (ଅଜିଙ୍କ୍ୟ ରାହାନେ-୫୦, ଅଙ୍ଗକ୍ରିଶ ରଘୁବଂଶୀ-୨୭*, ଆନ୍ଦ୍ରେ ରସେଲ-୨୧, ରଶିଦ ଖାନ-୨/୨୫, ପ୍ରସିଦ୍ଧ କ୍ରିଷ୍ଣା-୨/୨୫)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୮ | ୬ | ୨ | ୧୨ | +୧.୧୦୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୫ | ୨ | ୧୦ | +୦.୫୮୯ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୮ | ୫ | ୩ | ୧୦ | +୦.୪୭୨ |
| ପଞ୍ଜାବ କିଙ୍ଗ୍ସ | ୮ | ୫ | ୩ | ୧୦ | +୦.୧୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୫ | ୩ | ୧୦ | +୦.୦୮୮ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୪ | ୪ | ୮ | +୦.୪୮୩ |
| କୋଲକାତା ନାଇଟ ରାଇଡର୍ସ | ୮ | ୩ | ୫ | ୬ | +୦.୨୧୨ |
| ରାଜସ୍ଥାନ ରୟାଲ୍ସ | ୮ | ୨ | ୬ | ୪ | -୦.୬୩୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୨ | ୫ | ୪ | -୧.୨୧୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୨ | ୬ | ୪ | -୧.୩୯୨ |

**ଏସିଆନ କପ୍ ଯୋଗ୍ୟତା**

# ଭାରତୀୟ ଦଳରେ କିସ୍‌ର ୨ ଖେଳାଳି

ଭୁବନେଶ୍ୱର, ୨୧।୪ (ତପନ ସ୍ୱାଇଁ)

ଥାଇଲାଣ୍ଡର ବ୍ୟାଙ୍କକ୍‌ଠାରେ ମହିଳା ବେସ୍‌ବଲ ଏସିଆନ କପ୍ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଚଳିତ ମାସ ୨୩ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ମନୋନୀତ ଭାରତୀୟ ଦଳରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ର ୨ ଖେଳାଳି ସାମିଲ ହୋଇଛନ୍ତି। ସେମାନେ ହେଲେ ଦୀପା ମାଝି ଓ ଧରିତ୍ରୀ ସିଂ। ପଞ୍ଜାବର ସଙ୍ଗ୍ରୁରଠାରେ ଗତ ୨ରୁ ୨୦ ପର୍ଯ୍ୟନ୍ତ କୋଚିଂ କ୍ୟାମ୍ପ ପରେ ଭାରତୀୟ ଦଳ ଚୟନ ହୋଇଛି। ଗ୍ରୁପ୍ ପର୍ଯ୍ୟାୟରେ ଭାରତ ୨୩ରେ ପାକିସ୍ତାନ, ୨୪ରେ ଶ୍ରୀଲଙ୍କା ଓ ୨୫ରେ ଇରାନକୁ ଭେଟିବ। ଗ୍ରୁପ୍ 'ବି'ରେ କାମ୍ବୋଡ଼ିଆ, ଇଣ୍ଡୋନେସିଆ, ମାଲେସିଆ ଓ ଥାଇଲାଣ୍ଡ ସ୍ଥାନ ପାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଓଡ଼ିଶା ବେସ୍‌ବଲ ଆସୋସିଏଶନ ସମ୍ପାଦକ ଶିବାନନ୍ଦ ପ୍ରଧାନ, ପୂର୍ବତନ ସଭାପତି ପଙ୍କଜ ଲୋଚନ ମହାନ୍ତି ପ୍ରମୁଖ ଉଭୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଅନିମେଶଙ୍କୁ ରୌପ୍ୟ ପଦକ

**ନ୍ୟାଶନାଲ ଫେଡେରେଶନ ଆଥ୍‌ଲେଟିକ୍ସ**

ଭୁବନେଶ୍ୱର, ୨୧।୪ (ତପନ ସ୍ୱାଇଁ)

କେରଳର କୋଚିଠାରେ ୨୮ତମ ନ୍ୟାଶନାଲ ଫେଡେରେଶନ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶାରୁ ମୋଟ ୧୬ ଆଥ୍‌ଲେଟ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଟପ୍ ଆଥ୍‌ଲେଟଙ୍କ ମଧ୍ୟରେ ଏଟ୍‌ପିସିର ଅନିମେଶ କୁଜୁର ପୁରୁଷ ୧୦୦ ମିଟର ରେସ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେ ୧୦.୩୨ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ରେଲୱେର ପ୍ରଣବ ପ୍ରମୋଦ ଗୌରବ ୧୦.୨୭ ସେକେଣ୍ଡ ସହ ପ୍ରଥମ ଏବଂ କର୍ଣ୍ଣାଟକର ମଣିକାନ୍ତ ହୋବ୍ଲିଧର ୧୦.୩୫ ସେକେଣ୍ଡ ସହିତ ତୃତୀୟ ସ୍ଥାନ ପାଇଛନ୍ତି। ୧୦୦ ମିଟର ମହିଳା ଇଭେଣ୍ଟରେ କିନ୍ତୁ ଓଡ଼ିଶାର ତାରକା ସ୍ପ୍ରିଣ୍ଟର ଶ୍ରାବଣୀ ନନ୍ଦଙ୍କୁ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସେ ୧୧.୭୭ ସେକେଣ୍ଡ ସମୟ ନେଇଛନ୍ତି। ସେହିପରି ଜାଭେଲିନ୍ ଥ୍ରୋରେ ଓଡ଼ିଶାର ତାରକା ଆଥଲେଟ୍ କିଶୋର କୁମାର ଜେନାଙ୍କୁ ମଧ୍ୟ ୪ର୍ଥ ସ୍ଥାନ ମିଳିଛି। ସେ ୭୭.୮୨



ମିଟର ଥ୍ରୋ କରି ନିରାଶ ହୋଇଛନ୍ତି। ୧୫୦୦ ମିଟରରେ ଅଶୋକ ଦଣ୍ଡସେନା ରେସ୍ ଆରମ୍ଭ କରିପାରି ନାହାନ୍ତି। ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅନ୍ୟ ଆଥ୍‌ଲେଟମାନେ ହେଲେ ଲକ୍ଷ୍ମୀପ୍ରିୟା କିଶାନ, ପ୍ରଜ୍ଞା ପ୍ରଶାନ୍ତି, ନିଖିଲ ଦାସ, ସ୍ୱାଧୀନ କୁମାର ମାଝି, ଅମିୟ କୁମାର ମଲିକ, ଅବ୍ୟକ୍ତ ମିର୍ଦ୍ଧା, ଡି. ଜୟରାମ, ଯଶବୀର ନାୟକ, ସରୁନ ପାୟାସିଂ, ଅସ୍ତିକ ପ୍ରଧାନ, ଲାଲୁ ପ୍ରସାଦ ଭୋଇ ଓ ଅଭିନାଂଶୁ ସାହୁ।

# ମନୀଷ ଚାମ୍ପିୟନ, ଆୟୁଷ ଆର୍ଯ୍ୟନ ରନରଅପ୍

**ଅଲ୍ ଓଡିଶା ସ୍କୁଲ ଚେସ୍**

ଭୁବନେଶ୍ୱର, ୨୧।୪ (ତପନ ସ୍ୱାଇଁ)

ପଟିଆସ୍ଥିତ ଟ୍ରାଇଡେଣ୍ଟ ଏକାଡେମୀ ଅଫ ଟେକ୍ନୋଲୋଜି ପରିସରରେ ୩୪ ତମ କିଙ୍ଗ୍ ରାଜ୍ୟସ୍ତରୀୟ ସ୍କୁଲ ଚେସ ଅନୁଷ୍ଠିତ ହୋଇଛି। ଏଥିରେ ରେକର୍ଡ ୨୦୦ ଖେଳାଳିଙ୍କ ମଧ୍ୟରେ ୪୫ ଜଣ ଅର୍ନ୍ତଜାତୀୟ ରେଟେଡ ଖେଳାଳି ଭାଗନେଇଥିଲେ। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ମନୀଷ ମିଶ୍ର ୬.୫ ପଏଣ୍ଟ ପାଇ ବୁକୋଲୋଜ ଭିତ୍ତିରେ ଚାମ୍ପିୟନ ଓ ଆୟୁଷ ଆର୍ଯ୍ୟନ୍ ମହାପାତ୍ର ରନରଅପ୍ ହୋଇଛନ୍ତି। ୩ୟ ସ୍ଥାନରେ ରହି ଉଦୟକାନ୍ତ ନାୟକ ପୁରସ୍କୃତ ହୋଇଥିଲେ। ସେହିଭଳି ଆଦର୍ଶ କୁମାର ବେରିହା ୪ର୍ଥ, ଇସାନି ଦାସ ୫ମ, ସାୟଂଶ ଦାସ ୬ଷ୍ଠ, ରୋହିତ ମଲ୍ଲିକ ୭ମ, ଶ୍ରଦ୍ଧା ସ୍ମରଣିକା ନନ୍ଦ ୮ମ, ଶୁଭାଶିଷ ବାରିକ ୯ମ ଏବଂ ଗୁରୁପ୍ରସାଦ ଦାସ ପ୍ରଭୃତି ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ରହି ପୁରସ୍କୃତ ହୋଇଥିଲେ। ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କିଙ୍ଗ ଚେସ ସେଣ୍ଟର୍ ଦ୍ୱାରା ଏହି ପ୍ରତିଯୋଗିତା ଆୟୋଜନ ହୋଇଥିଲା। କିଙ୍ଗ ଚେସ ସେଣ୍ଟର୍‌ର ପ୍ରତିଷ୍ଠାତା ତଥା ବରିଷ୍ଠ କୋଚ୍ ବିଶ୍ୱଜିତ ରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅଲ୍ ଓଡ଼ିଶା ଚେସ ଆସୋସିଏଶନ୍ ସମ୍ପାଦକ ଦେବବ୍ରତ ଭଞ୍ଜ ମୁଖ୍ୟ ଅତିଥି, ଟ୍ରିପଲ ସି' ଚେସ କ୍ଲବ୍‌ର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ ସମ୍ମାନିତ ଅତିଥି ଏବଂ ଟ୍ରାଇଡେଣ୍ଟ କଲେଜର ସ୍ପୋର୍ଟ୍ସ ଅଫିସର ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ଅନ୍ୟତମ ଅତିଥିଭାବେ ଯୋଗ ଦେଇ ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ। କୋଚ୍ ପ୍ରଶାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

# ଟପ୍ ଗ୍ରେଡ୍ ବଜାୟ ରଖିଲେ ରୋହିତ ଓ ବିରାଟ

ନୂଆଦିଲ୍ଲୀ, ୨୧।୪ (ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ସୋମବାର ବାର୍ଷିକ ଖେଳାଳି ଚୁକ୍ତିତାଲିକା ଘୋଷଣା କରାଯାଇଛି। ଏଥିରେ ମେଗାଷ୍ଟାର ରୋହିତ ଶର୍ମା ଓ ବିରାଟ କୋହଲି ଟପ୍ ଗ୍ରେଡ୍‌ରେ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ୩୪ ଜଣିଆ କେନ୍ଦ୍ରୀୟ ଚୁକ୍ତିତାଲିକାକୁ ଶ୍ରେୟସ ଆୟର ଓ ଇଶନ କିଶନ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅବଶ୍ୟ ସେମାନଙ୍କୁ ଲୋୟର ବ୍ରାକେଟରେ ସ୍ଥାନ ମିଳିଛି। ସର୍ବାଧିକ ଫି' ପ୍ରାପ୍ୟ ଏ+ କାଟେଗୋରିରେ ଯଶପ୍ରୀତ ବୁମ୍‌ରା ଓ ରବୀନ୍ଦ୍ର ଜାଡେଜାଙ୍କୁ ମଧ୍ୟ ସ୍ଥାନ ମିଳିଛି। ଘରୋଇ କ୍ରିକେଟକୁ ଉପେକ୍ଷା କରିଥିବା ଅଭିଯୋଗରେ ଆୟର ଓ କିପର-ବ୍ୟାଟର ଇଶନ କିଶନ ଗତବର୍ଷ ତାଲିକାରୁ ବାଦ୍ ପଡ଼ିଥିଲେ। ଉଭୟ ରୋହିତ ଓ କୋହଲି ଏ+ କାଟେଗୋରିରେ ସ୍ଥାନ ପାଇଛନ୍ତି। କିନ୍ତୁ ଆସନ୍ତା ଇଂଲଣ୍ଡ ବିପକ୍ଷ ୫ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ମୁମ୍ବାଇ ବ୍ୟାଟରଙ୍କୁ ଦଳର ନେତୃତ୍ୱ ନେବା ପାଇଁ କୁହାଯାଉଛି କି ନା ତାହା ଦେଖିବାକୁ ବାକି ଅଛି। କାରଣ ରେଡ୍ ବଲ୍‌ରେ ରୋହିତ ଏବେ ଭଲ ଫର୍ମରେ ନାହାନ୍ତି। ବିସିସିଆଇ କର୍ମକର୍ତ୍ତାଗଣ ଏହି ପ୍ରସଙ୍ଗରେ ଚୁପ୍ ରହିଛନ୍ତି, କାରଣ ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଯାହା ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ବିସିସିଆଇ କେନ୍ଦ୍ରୀୟ ଚୁକ୍ତିକୁ ୪ଟି ବିଭାଗରେ ବିଭକ୍ତ କରିଛି। ସେଗୁଡ଼ିକ ହେଲା ଏ+, 'ଏ', 'ବି' ଓ 'ସି'। ଏହି କାଟେଗୋରିଗୁଡ଼ିକରେ ସ୍ଥାନ ପାଇଥିବା ଖେଳାଳିମାନେ ଯଥାକ୍ରମେ ୭ କୋଟି, ୫ କୋଟି, ୩ କୋଟି ଓ ୧ କୋଟି ଟଙ୍କା ଲେଖାଏ ପାଇବେ। ଖବର ଅନୁସାରେ ଜାତୀୟ ଚୟନକର୍ତ୍ତାମାନେ ମୁଖ୍ୟ କୋଚ୍ ଗମ୍ଭୀର ଏବଂ ସମ୍ପାଦକ ଦେବଜିତ ସାଇକିଆ ସହିତ ଆଲୋଚନା ପରେ ଖେଳାଳି ଚୁକ୍ତି ତାଲିକା ୨ ସପ୍ତାହ ପୂର୍ବରୁ ପ୍ରସ୍ତୁତ କରାଯାଇଛି, ମାତ୍ର ତାହା ସୋମବାର ଘୋଷଣା କରାଯାଇଛି। କୌତୂହଳର କଥା ଯେ ଉଭୟ ଭେଟେରାନ ଖେଳାଳି ରୋହିତ ଓ କୋହଲି ଆଇପିଏଲ୍‌ରେ ଆକର୍ଷଣୀୟ ଇନିଂସ ଖେଳିବା ପରେ ଏହି ତାଲିକା ଘୋଷଣା କରାଯାଇଛି। ବିଶେଷ କରି ରୋହିତ ଖରାପ ସମୟ ଦେଇ ଗତି କରୁଥିବା ବେଳେ କୋହଲି ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ଅପରାଜିତ ୭୩ ରନ କରିଥିଲେ। ରୋହିତ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ୭୬ ରନ କରି ଅପରାଜିତ ରହିଥିଲେ। ଆୟରଙ୍କୁ 'ବି' କାଟେଗୋରିରେ ନିଆଯାଇଥିବା ବେଳେ ଇଶନ କିଶନ ତାଙ୍କ ପ୍ରତ୍ୟାବର୍ତ୍ତନରେ କାଟେଗୋରି 'ସି'ରେ ସ୍ଥାନ ପାଇଛନ୍ତି। ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨୦୨୩-୨୪



ବିରାଟ କୋହଲି ଓ ରୋହିତ ଶର୍ମା।

**ବିସିସିଆଇ କେନ୍ଦ୍ରୀୟ ଚୁକ୍ତି**

**ଆୟର, କିଶନ ଫେରିଲେ**

ସିଜନରେ ଖେଳି ନ ଥିବାରୁ କାଟେଗୋରି 'ବି'କୁ ଖସି ଆସିଥିବା ରିଷଭ ପନ୍ତ ନିକଟରେ ଅବସର ନେଇଥିବା ରବିଚନ୍ଦ୍ରନ ଅଶ୍ୱିନୀଙ୍କ ସ୍ଥାନରେ 'ଏ' କାଟେଗୋରିକୁ ଫେରିଛନ୍ତି।

**ବିସିସିଆଇ ସେଣ୍ଟ୍ରାଲ କଣ୍ଟ୍ରାକ୍ଟ ତାଲିକା:** ଏ+ କାଟେଗୋରି: ରୋହିତ ଶର୍ମା, ବିରାଟ କୋହଲି, ଯଶପ୍ରୀତ ବୁମ୍‌ରା, ରବୀନ୍ଦ୍ର ଜାଡେଜା। 'ଏ' କାଟେଗୋରି: ମହମ୍ମଦ ସିରାଜ, କେ.ଏଲ୍. ରାହୁଲ, ଶବମନ ଗିଲ୍, ହାର୍ଦ୍ଦିକ ପାଣ୍ଡ୍ୟା, ମହମ୍ମଦ ଶାମି ଓ ରିଷଭ ପନ୍ତ।

**'ବି' କାଟେଗୋରି:** ସୂର୍ଯ୍ୟକୁମାର ଯାଦବ, କୁଲଦୀପ ଯାଦବ, ଅକ୍ଷର ପଟେଲ, ଯଶସ୍ୱୀ ଜୟସ୍ୱାଲ, ଶ୍ରେୟସ ଆୟର।

**'ସି' କାଟେଗୋରି:** ରିଙ୍କୁ ସିଂ, ତିଳକ ବର୍ମା, ଋତୁରାଜ ଗାଏକ୍ୱାଡ, ଶିବମ ଦୁବେ, ରବି ବିଷ୍ଣୋଇ, ୱାଶିଂଟନ ସୁନ୍ଦର, ମୁକେଶ କୁମାର, ସଞ୍ଜୁ ସାମସନ, ଅର୍ଶଦୀପ ସିଂ, ପ୍ରସିଦ୍ଧ କ୍ରିଷ୍ଣା, ରଜତ ପଟିଦାର, ଧ୍ରୁବ ଜୁରେଲ, ସର୍ଫରାଜ ଖାନ୍, ନୀତିଶ କୁମାର ରେଡ୍ଡୀ, ଇଶାନ କିଶନ, ଅଭିଷେକ ଶର୍ମା, ଆକାଶ ଦୀପ, ବରୁଣ ଚକ୍ରବର୍ତ୍ତୀ ଓ ହର୍ଷିତ ରାଣା।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ